


ପବିତ୍ର ମହାବିଷୁବ ସଂକ୍ରାନ୍ତି
ଏବଂ ଓଡ଼ିଆ ନୂଆବର୍ଷ ଉପଲକ୍ଷେ
ରାଜ୍ୟବାସୀଙ୍କୁ 'ସକାଳ' ପରିବାର ପକ୍ଷରୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-288 ◆BHUBANESWAR ◆SUNDAY ◆14 APRIL 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୮୮ ◆ଭୁବନେଶ୍ୱର ◆ରବିବାର ◆୧୪ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)


## ସମ୍ବଳ ଥିବା ବ୍ୟକ୍ତି ନ୍ୟାୟର ଅପବ୍ୟବହାର କରୁଛନ୍ତି: ସିଜେଆଇ



■ **ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି):** ଯେଉଁ ଲୋକଙ୍କ ପାଖରେ ସମ୍ବଳ ଅଛି, ସେମାନେ ନ୍ୟାୟର ଅପବ୍ୟବହାର କରୁଛନ୍ତି। ପ୍ରତିଦିନ ଏପରି ଘଟଣା ଦେଖିବାକୁ ମିଳୁଛି। ଏହା ବିଚାରପତିଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି। ସୁପ୍ରିମକୋର୍ଟ ଏବଂ ସିଙ୍ଗାପୁରର ଶୀର୍ଷ ଅଦାଲତଙ୍କ ମଧ୍ୟରେ ଆୟୋଜିତ ୨ ଦିନିଆ ସମ୍ମିଳନୀରେ ସାମିଲ ହୋଇ ସିଜେଆଇ ଶନିବାର ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଲୋକମାନଙ୍କ ମଧ୍ୟରେ ଦୂରତା ବଢ଼ାଇପାରେ, ମାତ୍ର ଏହା କିଛି ଲୋକଙ୍କ ପାଇଁ ନୂଆ ସୁଯୋଗ ଆଣିଦେବ। ଏଆଇ ଅନେକ କ୍ଷେତ୍ରରେ ମଧ୍ୟ ସହାୟତା କରୁଛି। ଏହା 'ଲିଗାଲ ରିସର୍ଚ୍ଚ'କୁ ନୂଆ ରୂପ ପ୍ରଦାନ କରିବାରେ ସହଯୋଗ କରୁଛି। ଚାଟ୍ ଜିପିଟି ଆସିବା ସହିତ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ଏଆଇକୁ ଭରସା କରିବା ଉଚିତ କି ଅନୁଚିତ ତାହା ସାମ୍ନାକୁ ଆସିଯାଇଛି। ଏଆଇକୁ ନେଇ ଲୋକେ ଉତ୍ସାହୀ ଅଛନ୍ତି। କିନ୍ତୁ ଏଥିରେ ହେଉଥିବା ତ୍ରୁଟିକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ ଅଛନ୍ତି। ମଜବୁତ ଏଡିଟିଂ ସିଷ୍ଟମ ବିନା ଏଆଇ ଉପରେ ନିର୍ଭର କରାଯାଇପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି। ଫେସ୍ ରିକଗନେସନ ଟେକ୍ନୋଲୋଜି 'ଏଆଇ' ରେ ଥିବା ସବୁଠାରୁ ବଡ଼ ବିପଦର ଉଦାହରଣ। ଏଆଇକୁ ଆପଣାଇଲେ ଦ୍ୱୈତ ବ୍ୟବସ୍ଥା ବିକଶିତ ହେବାର ବିପଦ ରହିଛି ବୋଲି ସିଜେଆଇ କହିଛନ୍ତି।

## ଇସ୍ପାତ ମନ୍ତ୍ରାଳୟର ୮ ଅଧିକାରୀଙ୍କ ନାମରେ ସିବିଆଇର ଏତଲା

**୩୧୫ କୋଟିର ପ୍ରକଳ୍ପରେ ଦୁର୍ନୀତି**

**୯୬୬ କୋଟିର ନିର୍ବାଚନୀ ବଣ୍ଡ କିଣିଥିଲା ମେଘା ଇଞ୍ଜିନିୟରିଂ**

■ **ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି):** ଦ୍ୱିତୀୟ ସର୍ବାଧିକ ଇଲେକ୍ଟୋରାଲ ବଣ୍ଡ କିଣିଥିବା ହାଇଦରାବାଦ କମ୍ପାନୀ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ, ଇସ୍ପାତ ମନ୍ତ୍ରାଳୟର ୮ ଅଧିକାରୀ ଏବଂ ମିକନ୍‌ର ୨ ଜଣଙ୍କ ବିରୋଧରେ ସିବିଆଇ ଏତଲା ରୁଜୁ କରିଛି। ମେଘା କମ୍ପାନୀ ୯୬୬ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ କ୍ରୟ କରି ଦ୍ୱିତୀୟ ସ୍ଥାନରେ ଥିଲା। ସିବିଆଇ ସୂଚନା ଅନୁଯାୟୀ ଜଗଦଲପୁର ଇଣ୍ଟିଗ୍ରେଟେଡ ଷ୍ଟିଲ୍ ପ୍ଲାଣ୍ଟରେ ହୋଇଥିବା ୧୭୪ କୋଟି ଟଙ୍କା କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ମେଘା ଇଞ୍ଜିନିୟରିଂ ଏହି ଅଧିକାରୀଙ୍କୁ ୭୮ ଲକ୍ଷ ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଥିଲା। ଏତଲାରେ କୁହାଯାଇଛି ଯେ ଜଗଦଲପୁର ଇଣ୍ଟିଗ୍ରେଟେଡ ଷ୍ଟିଲ୍ ପ୍ଲାଣ୍ଟରେ ଇନ୍‌ଟେକ୍ ୱେଲ, ପମ୍ପ ହାଉସ ଏବଂ କ୍ରସ୍-କଣ୍ଟ୍ରି ପାଇପଲାଇନ କାମର ୩୧୫ କୋଟି ଟଙ୍କାର ପ୍ରକଳ୍ପରେ ଲାଞ୍ଚ କାରବାର ହୋଇଥିଲା। ଏଜେନ୍ସି ୨୦୨୩ ଅଗଷ୍ଟ ୧୦ରେ ମାମଲାର ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଥିଲା। ଏହି ପ୍ରକଳ୍ପ ମେଘା କମ୍ପାନୀ ପାଖରେ ଥିଲା। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଏହି କମ୍ପାନୀ କିଣିଥିବା ବଣ୍ଡରୁ ସର୍ବାଧିକ ୫୮୬ କୋଟିରୁ ଅଧିକ ଟଙ୍କା ବିଜେପିକୁ ଦାନ କରିଥିଲା। ସେହିପରି ବିଆରଏସକୁ ୧୯୫ କୋଟି, ଡିଏମକେକୁ ୮୯ କୋଟି, ୱାଇଏସଆରସିପିକୁ ୩୭ କୋଟି, ଟିଡିପିକୁ ୨୫ କୋଟି, କଂଗ୍ରେସକୁ ୧୭ କୋଟି, ଜେଡିଏସ, ଜନ ସେନା ପାର୍ଟି ଏବଂ ଜେଡିୟୁକୁ ୫ କୋଟିରୁ ନେଇ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଦେଇଥିଲା।

### ଉଗ୍ର ହେଉଛି ବିଜେପିର ଟିକଟ ବିବାଦ

# ଅସନ୍ତୁଷ୍ଟ ରକ୍ତମୁଖା

## ରଣକ୍ଷେତ୍ର ପାଲଟିଲା ଧର୍ମେନ୍ଦ୍ରଙ୍କ ସଭା



■ **କଟକ, ୧୩।୪(ସମିସ):** ବିଜେପିରେ ଟିକଟ ବିବାଦର ଉଗ୍ରରୂପର ପ୍ରତିଫଳନ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି। ଆଜି ସନ୍ଧ୍ୟାରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖସ୍ଥ ନେତାଜୀଙ୍କ ଷ୍ଟାଚ୍ୟୁ ନିକଟରେ ହୋଇଥିବା ବିଜେପି ମିଶ୍ରଣ ପର୍ବ ରଣକ୍ଷେତ୍ର ପାଲଟିଛି। ଚୌଦ୍ୱାର-କଟକ ବିଜେପି ବିଧାୟକ ପ୍ରାର୍ଥୀ ନୟନ ମହାନ୍ତିଙ୍କୁ ଟିକଟ ଦିଆଯିବାକୁ ନେଇ ଏହି ବିଦ୍ରୋହ ମୁଣ୍ଡ ଟେକିଛି। ନୟନ ଗୋଷ୍ଠୀ ଓ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହା ପୁଣି ଦେଖିବାକୁ ମିଳିଛି ଖୋଦ୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ। ବିଜେପିର ଏକ ମିଶ୍ରଣ ସଭାରେ ଯୋଗଦେବାକୁ ଆସିଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ହଟହଟା ହୋଇଛନ୍ତି। ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା, ଯୁକ୍ତିତର୍କ, କାଠ-ବାଡିରେ ଆକ୍ରମଣ ଏବଂ ଶେଷରେ ଢେଲା ପଥର ମାଡ଼ ହୋଇଥିଲା।

- ୨ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ଓ ଢେଲାପଥର ମାଡ଼
- ୫ରୁ ଅଧିକ ଗୁରୁତର, ଥାନାକୁ ଗଲା ବିଜେପି କଳି
- ୫ ଥର ହାରିଥିବା ନୟନଙ୍କ ପ୍ରାର୍ଥିତ୍ୱକୁ ଦୃଢ଼ ବିରୋଧ
- ଟିକଟ ନିଷ୍ପତ୍ତି ନ ବଦଳିଲେ ସାମୂହିକ ଇସ୍ତଫା ଧମକ

ଏହି ଗଣ୍ଡଗୋଳରେ ଗୋଟିଏ ଗୋଷ୍ଠୀର ୫ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ଗଣ୍ଡଗୋଳ ଯୋଗୁଁ ଉକ୍ତ ରାସ୍ତାରେ ବହୁ ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ହୋଇଯିବା ସାଙ୍ଗକୁ ଜନସାଧାରଣ ଆତଙ୍କିତ ହୋଇପଡ଼ିଥିଲେ। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ମାଲଗୋଦାମ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ କର୍ମୀଙ୍କୁ ବୁଝାସୁଝା କରିଥିଲା। ମଞ୍ଚ ଉପରୁ ଧର୍ମେନ୍ଦ୍ର ଓ ବିଜେପି ସାଂସଦ ଭର୍ତ୍ତୃହରିଙ୍କୁ କମିସନରେଟ୍ ପୁଲିସ ସଭାସ୍ଥଳରୁ ବାହାରକୁ ନେଇଥିଲେ। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଲଗାତାର ଭାବେ ୫ଥର ହାରିଥିବା ନୟନ ମହାନ୍ତିଙ୍କ ଟିକଟ ପାର୍ଟି ତୁରନ୍ତ ପ୍ରତ୍ୟାହାର କରୁ ବୋଲି ଗଣ୍ଡଗୋଳ ସ୍ଥଳରେ ଅସନ୍ତୁଷ୍ଟ ବିଜେପି କର୍ମୀ ନାରାବାଜି କରିଥିଲେ। ▶ପୃଷ୍ଠା-୮

## ତୋମାରଙ୍କ ସମ୍ମୁଖରେ କର୍ମୀଙ୍କ ବିଷୋଦ୍‌ଗାର

### ବଲାଙ୍ଗିର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଘେରିଲେ

■ **ବଲାଙ୍ଗିର, ୧୩।୪ (ସମିସ):** ଟିକଟ ବଣ୍ଟନକୁ ନେଇ ରାଜ୍ୟ ବିଜେପିରେ ଲାଗିଥିବା ଅସନ୍ତୋଷର ନିଆଁ ପ୍ରତିଦିନ କେଉଁଠୁ ନା କେଉଁଠୁ ସାମ୍ନାକୁ ଆସୁଛି। କେଉଁଠି ପ୍ରାର୍ଥୀଙ୍କୁ କର୍ମୀ ପ୍ରଚାର ମଇଦାନରୁ ଫେରାଇ ଦେଉଛନ୍ତି ତ ପୁଣି କେଉଁଠି ପ୍ରାର୍ଥୀ ବଦଳାଇବା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ହଙ୍ଗାମା କରୁଛନ୍ତି। ବଲାଙ୍ଗିର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବି ଆଜି ବିଜେପିର ଏହି ପୁରୁଣା ବେମାରୀ ଦେଖିବାକୁ ମିଳିଛି। ଶନିବାର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ସାମ୍ନାରେ ସୋନପୁର ଜିଲ୍ଲା



- ବୀରମହାରାଜପୁରରେ ଆନନ୍ଦ ବାରିକଙ୍କୁ ପ୍ରାର୍ଥୀ ଦାବି
- ଟଙ୍କା ନେଇ ଦଳ ରଘୁଙ୍କୁ ପ୍ରାର୍ଥୀ କରିଛି: ଆନନ୍ଦ ବାରିକ
- ଘଣ୍ଟାଏ ଧରି ଅସନ୍ତୁଷ୍ଟଙ୍କ ସହ ତୋମାରଙ୍କ ଆଲୋଚନା
- ପୁନର୍ବିଚାର ନ କଲେ ଦଳ ବିରୋଧରେ ଯିବେ ସମର୍ଥକ

ବୀରମହାରାଜପୁରର ଅସନ୍ତୁଷ୍ଟ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଚେତାବନୀ ଦେଇଛନ୍ତି। ବୀରମହାରାଜପୁର ଆସନରେ ଆନନ୍ଦ ବାରିକଙ୍କୁ ପ୍ରାର୍ଥୀ କରିବା ପାଇଁ ଦାବି କରିବା ସହ ଶତାଧିକ ବିଜେପି କର୍ମୀ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏପରିକି ତାଙ୍କୁ ପ୍ରାର୍ଥୀ କରା ନ ଗଲେ ତାଙ୍କ ସମର୍ଥକ ବିଜେପି ପ୍ରାର୍ଥୀଙ୍କୁ ହରାଇବାକୁ ପଛାଇବେ ନାହିଁ ବୋଲି ମଧ୍ୟ ଶ୍ରୀ ବାରିକ ଚେତାବନୀ ଦେଇଛନ୍ତି। ▶ପୃଷ୍ଠା-୮

## ବିଏସ୍‌କେୱାଇ ବନ୍ଦ ପାଇଁ ରୀତିମତ ଷଡ଼ଯନ୍ତ୍ର କରୁଛନ୍ତି ଧର୍ମେନ୍ଦ୍ର

### ୧୦ ବର୍ଷ ଧରି କେନ୍ଦ୍ର ମନ୍ତ୍ରୀ ଥାଇ ସୁଦ୍ଧା ଓଡ଼ିଶା ବିକାଶରେ ଅବଦାନ ଶୂନ



**ଏବେ ଅପାରଗତା ଲୁଚାଇବାକୁ ଡାହା ମିଛ କହୁଛନ୍ତି**

**ସାମାନ୍ୟ ଏନ୍‌ଏଚ୍ ମରାମତି କାମ ସାରିପାରିଲେ ନାହିଁ**

**ସତ୍‌ସାହସ ଥିଲେ ବିଏସ୍‌କେୱାଇ ବନ୍ଦ ପାଇଁ ଇସ୍ତାହାର ଦିଅନ୍ତୁ**

■ **ଭୁବନେଶ୍ୱର, ୧୩।୪(ସମିସ):** ଦଶବର୍ଷ କେନ୍ଦ୍ର ସରକାରରେ ମନ୍ତ୍ରୀ ରହିଲେ। କିନ୍ତୁ ରାଜ୍ୟବାସୀଙ୍କ କଲ୍ୟାଣ କଥା ଦୂରରେ ଥାଉ; ନିଜ ଅଞ୍ଚଳର ବିକାଶରେ ତାଙ୍କର ଅବଦାନ ଶୂନ। ଯିଏ ସାମାନ୍ୟ ରାସ୍ତା ମରାମତି କାମଟିଏ ସାରିପାରିଲେ ନାହିଁ, ସେ ଏବେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ତୁଚ୍ଛା ଭାଷଣ ମାରୁଛନ୍ତି। ନିର୍ବାଚନ ଥିବାରୁ ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ଡାହା ମିଛ କହୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଭଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ବନ୍ଦ କରିବା ପାଇଁ ରୀତିମତ ଷଡ଼ଯନ୍ତ୍ର ଚଳାଇଛନ୍ତି। ଏପରି ମନ୍ତବ୍ୟ ଦେଇ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଟାକ୍ଷ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ଡଃ ସସ୍ମିତ ପାତ୍ର। ଓଡ଼ିଶାର ସାଧାରଣ ଗରିବ ଲୋକଟିଏ ମାଗଣାରେ ଚିକିତ୍ସା ପାଇଲେ ଶ୍ରୀ ପ୍ରଧାନଙ୍କୁ କାହିଁକି କଷ୍ଟ ହେଉଛି ବୋଲି ଡଃ ପାତ୍ର ପ୍ରଶ୍ନ କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଡଃ ପାତ୍ର କହିଥିଲେ ଯେ ଦୀର୍ଘ ଦିନ ଧରି କ୍ଷମତାରେ ରହିବା ସତ୍ତ୍ୱେ ଓଡ଼ିଶା ପାଇଁ ଶ୍ରୀ ପ୍ରଧାନଙ୍କ ଅବଦାନ ଶୂନ। ସାରା ରାଜ୍ୟ କଥା ଛାଡ଼ନ୍ତୁ, ନିଜ ଅଞ୍ଚଳ ପାଇଁ କ'ଣ କରିଛନ୍ତି, ତା'ର ହିସାବ ଦେବାକୁ ସେ ପଛଘୁଞ୍ଚା ଦିଅନ୍ତି। ଆଉ ଏବେ ନିଜର ବିଫଳତାକୁ ଲୁଚାଇବାକୁ ଶ୍ରୀ ପ୍ରଧାନ ମିଛ କହିବା ଆରମ୍ଭ କରିଛନ୍ତି, ଯାହା ତାଙ୍କ ମୁହଁରେ ଆଦୌ ଶୋଭା ପାଉନାହିଁ ବୋଲି ଡଃ ପାତ୍ର କହିଛନ୍ତି।

ଡଃ ପାତ୍ର କହିଛନ୍ତି ଯେ ସାରା ଦେଶରେ ବିଏସ୍‌କେୱାଇ ଏକ ଶ୍ରେଷ୍ଠ ଯୋଜନା। ଏଥିରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଛି। ▶ପୃଷ୍ଠା-୮

### ନିର୍ଣ୍ଣାୟକ ହେବ କଟକ-ସମ୍ବଲପୁର ରାଜପଥ ସମ୍ପ୍ରସାରଣ ପ୍ରସଙ୍ଗ

## ମୁଣ୍ଡ ଉପରେ ନିର୍ବାଚନ, ଜଗିଛନ୍ତି ଜନତା



**୭ବର୍ଷ ହେଲା କାମ ଚାଲିଛି; ଦୁର୍ଘଟଣାରେ ଗଲାଣି ୪୫୦ ଜୀବନ**

**ଏକାଧିକ ପ୍ରତିଶ୍ରୁତି ଦେଇ କାମ ସାରିପାରୁନାହାନ୍ତି କେନ୍ଦ୍ର ସରକାର**

**ବିରୋଧୀଙ୍କ ସଣ୍ଟୁଆଶି ଆକ୍ରମଣରେ ବିଜେପି ଘାଇଲା**

■ **ଭୁବନେଶ୍ୱର,୧୩।୪(ସମିସ):** ବିଭିନ୍ନ ସ୍ଥାନୀୟ ସମସ୍ୟାକୁ ନେଇ ନିର୍ବାଚନ ଲଢୁଥିବା ରାଜନୈତିକ ଦଳଗୁଡ଼ିକ ପାଇଁ ଅନୁଗୋଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ଏବେ ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି। କେନ୍ଦ୍ର ସରକାର ଏବଂ ଏନ୍‌ଏଚ୍‌ଆଇର ଅପାରଗତାକୁ ନେଇ ଉଭୟ ଶାସକ ବିଜେଡି ଏବଂ କଂଗ୍ରେସ ବିଜେପିକୁ ଲଗାତାର ସଣ୍ଟୁଆଶି ଆକ୍ରମଣ କରୁଛନ୍ତି। ଅପରପକ୍ଷେ ବିଜେପି ରାଜପଥ ନିର୍ମାଣ ଖୁବଶୀଘ୍ର ସରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ନିର୍ବାଚନରେ ୩ ଲୋକସଭା କ୍ଷେତ୍ର ଯଥା କଟକ, ଢେଙ୍କାନାଳ ଓ ସମ୍ବଲପୁର ଏବଂ ଏହା ଅଧୀନରେ ଆସୁଥିବା ଏକାଧିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ପ୍ରସଙ୍ଗ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ରାଜନୀତିକ ସମୀକ୍ଷକମାନେ ଅନୁମାନ କରୁଛନ୍ତି।

ପଶ୍ଚିମ ଓଡ଼ିଶାର ଜୀବନରେଖା କୁହାଯାଉଥିବା ଏହି ୫୫ ନମ୍ବର ଜାତୀୟ ରାଜପଥ ଉପରେ କଟକ, ଅନୁଗୋଳ, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାର ଲକ୍ଷାଧିକ ଜନସାଧାରଣ ପ୍ରତ୍ୟକ୍ଷ ଭାବେ ନିର୍ଭର କରନ୍ତି। ୨୦୧୭ରେ କେନ୍ଦ୍ର ସରକାର ଏହି ରାଜପଥର ସମ୍ପ୍ରସାରଣ କାମ ଆରମ୍ଭ କଲେ। ଇତିମଧ୍ୟରେ କାର୍ଯ୍ୟଶେଷର ▶ପୃଷ୍ଠା-୮

## ଲୋକକଥା



ପ୍ରାର୍ଥିତ୍ୱକୁ କର୍ମୀ ବିରୋଧ କଲେଣି
କେ କରିବ ଭୋଟ ଅମଳ,
ଘରେ ନ ପଶୁଣୁ ଚାଳ ବାଜିଲାଣି
ହୁଲୁସ୍ଥୁଲୁ କରେ କନ୍ଦଳ !
ଗ୍ରୀଷ୍ମ ପ୍ରବାହିତ ପ୍ରବଳ,
ପୋଖରୀରୁ ପାଣି ଶୁଖିଶୁଖି ଯାଏ
କେମିତି ଫୁଟିବ କମଳ !!

### ତ୍ରାହି ତ୍ରାହି ଡାକିଲେଣି ଖାଉଟି

# ଗ୍ରୀଷ୍ମକୁ ବଳିଗଲାଣି ଦରଦାମ୍ ତାତି

**ଖାଇବା ତେଲ, ଚିନି, ଡାଲି ଦର ପୁଣି ଉପରମୁହାଁ**

- ଖାଦ୍ୟ ସାମଗ୍ରୀରେ ମୁଦ୍ରାସ୍ଫୀତି ହାର ସର୍ବାଧିକ ୮.୫%
- ପୁଣି ବଢ଼ିଲା ଆଳୁ ଦର; କିଲୋ ୨୮ ଟଙ୍କା ଛୁଇଁଲା
- ଉଚ୍ଚ ମୁଦ୍ରାସ୍ଫୀତି ନିର୍ବାଚନରେ ହୋଇପାରେ ବଡ଼ ପ୍ରସଙ୍ଗ



■ **ଭୁବନେଶ୍ୱର, ୧୩।୪ (ସମିସ):** ବୈଶାଖରେ ଆରମ୍ଭ ହୋଇଛି ମୁଣ୍ଡଫଟା ଖରା। ଏହା ମଧ୍ୟରେ ଆଗକୁ ସାଧାରଣ ନିର୍ବାଚନ। ହେଲେ ଏହି ନିର୍ବାଚନୀ ମାହୋଲରେ ସାଧାରଣ ଖାଉଟିଙ୍କୁ କୌଣସି ପ୍ରକାର ଆଶ୍ୱସ୍ତି ମିଳୁନାହିଁ। ମହଙ୍ଗା ବଜାର ଦର ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ହୁ ହୁ ହୋଇ ବଢ଼ିଚାଲିଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର। ଖାଇବା ତେଲଠାରୁ ଆରମ୍ଭ କରି ଚିନି ଆଉ ଡାଲି ସବୁର ଦର ଉପରମୁହାଁ। ମାର୍ଚ୍ଚ ମାସର ଖୁଚୁରା ମୁଦ୍ରାସ୍ଫୀତିରେ ସାମାନ୍ୟ ହ୍ରାସ ଘଟିଛି; ହେଲେ ଏଥିରୁ ସାଧାରଣ ଖାଉଟିଙ୍କୁ କୌଣସି ଲାଭ ମିଳିପାରିନାହିଁ। କାରଣ ଖୁଚୁରା ବଜାରରେ ଡାଲି ଆଉ ତେଲ ବ୍ୟତୀତ ଚାଉଳ, ଅଟା, ମସଲା ସାମଗ୍ରୀ ଓ ପନିପରିବା ଦର ଏବେ ବି ଖୁବ୍ ଉଚ୍ଚରେ ରହିଛି। ଖାଦ୍ୟ ସାମଗ୍ରୀରେ ମୁଦ୍ରାସ୍ଫୀତି ହାର ସର୍ବାଧିକ ୮.୫% ରହିଛି। ନିକଟରେ ଖାଇବା ତେଲ, ଡାଲି ଏବଂ ଚିନି ଦର ପ୍ରାୟ ୫-୮ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି। ଏହାଫଳରେ ଦୀର୍ଘଦିନ ହେବ ଉଚ୍ଚ ଦରଦାମ୍ ସ୍ଥିତି ସହ ସଂଘର୍ଷ କରୁଥିବା ସାଧାରଣ ଖାଉଟି ଏବେ ହତାଶ ହୋଇ କେବଳ ତ୍ରାହିତ୍ରାହି ଡାକ ଛାଡୁଛନ୍ତି।

ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ଅନେକ ସାମଗ୍ରୀ ଦର ବେଶ୍ ଉଚ୍ଚ ରହିଛି। ଶେଷ ହେଉନି ଖାଉଟିଙ୍କ ଚିନ୍ତା। ଗ୍ରୀଷ୍ମ ତାତିକୁ ବଳିଗଲାଣି ଦରଦାମ୍ ତାତି। ଏଭଳି ସମୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଏଭଳି ଦରଦାମ୍ ବୃଦ୍ଧି ଚଳିତଥର ନିର୍ବାଚନରେ ଏକ ବଡ଼ ପ୍ରସଙ୍ଗ ହେବ ବୋଲି ନିକଟରେ ପ୍ରକାଶିତ ଏକ ପ୍ରାକ୍ ନିର୍ବାଚନୀ ସର୍ଭେରେ କୁହାଯାଇଛି। ▶ପୃଷ୍ଠା-୮

### କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

## ୯ ଲୋକସଭା ପ୍ରାର୍ଥୀ ଘୋଷଣା

**ବାଲେଶ୍ୱରରୁ ଲଢ଼ିବେ ଶ୍ରୀକାନ୍ତ, ଭୁବନେଶ୍ୱରରୁ ୟାସିର୍**

**ଏଯାବତ୍ ୧୭ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷିତ**

■ **ଭୁବନେଶ୍ୱର, ୧୩।୪ (ସମିସ):** କଂଗ୍ରେସ ପକ୍ଷରୁ ଶନିବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୯ ଲୋକସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟକୁ ମିଶାଇ କଂଗ୍ରେସ ଏଯାବତ୍ ମୋଟ ୧୭ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଘୋଷିତ ତାଲିକା ଅନୁଯାୟୀ, ବାଲେଶ୍ୱର ଲୋକସଭା ଆସନରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ସେହିପରି ଭୁବନେଶ୍ୱର ଲୋକସଭା ଆସନରୁ ଦଳ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜଙ୍କୁ ଟିକଟ ଦେଇଥିବା ବେଳେ ପୁରୀରୁ ସୁଚରିତା ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। କେନ୍ଦୁଝରରୁ ଦଳ ମୋହନ ହେମ୍ବ୍ରମ୍‌ଙ୍କୁ ପ୍ରାର୍ଥୀ କରିଥିବା ବେଳେ ଭଦ୍ରକରୁ ଅନନ୍ତ ପ୍ରସାଦ ସେଠୀ, ଯାଜପୁରରୁ ଅଞ୍ଚଳ ଦାସଙ୍କୁ ମଇଦାନକୁ ଓହ୍ଲାଇଛି। ସେହିପରି ▶ପୃଷ୍ଠା-୮

## ବଲୁଚିସ୍ତାନରେ ୧୧ ଜଣଙ୍କୁ ହତ୍ୟାକଲେ ଆତଙ୍କବାଦୀ



ଇସଲାମାବାଦ, ୧୩।୪ (ଏଜେନ୍ସି): ପାକିସ୍ତାନ ବଲୁଚିସ୍ତାନ ପ୍ରଦେଶରେ ଆତଙ୍କବାଦୀ ୯ ଜଣ ବସ୍ ଯାତ୍ରୀଙ୍କ ସମେତ ୧୧ ଜଣଙ୍କୁ ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ଶନିବାର ନୋସ୍କି ଜିଲ୍ଲାର ହାଇୱେ ଦେଇ ଯାଉଥିବା ଏକ ବସ୍‌କୁ ଆତଙ୍କବାଦୀ ଅଟକାଇ ବନ୍ଧୁକ ମୁନରେ ୯ ଜଣଙ୍କୁ ଅପହରଣ କରି ନେଇଥିଲେ। ପରେ ଏକ ପାହାଡ଼ିଆ ଅଞ୍ଚଳରୁ ଏହି ୯ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏମାନଙ୍କ ଶରୀରରେ ଗୁଳିର ଚିହ୍ନ ରହିଛି। ସେହପରି ଏହି ହାଇୱେ ଦେଇ ଯାଉଥିବା ଏକ କାର୍ ଉପରେ ଆତଙ୍କବାଦୀ ଗୁଳିମାଡ଼ କରିଛନ୍ତି। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ବଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସର୍ଫରାଜ ବୁଗତି ଏହି ଆକ୍ରମଣକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି।

## ୭ ମହଲାରୁ ଡେଇଁ ୟୁଟ୍ୟୁବର ଯୋଡ଼ିଙ୍କ ଆତ୍ମହତ୍ୟା !



ଚଣ୍ଡିଗଡ଼, ୧୩।୪ (ଏଜେନ୍ସି): ହରିୟାଣା ବହାଦୁରଗଡ଼ର ଏକ ସୋସାଇଟିରେ ରହୁଥିବା ଚର୍ଚ୍ଚିତ ୟୁଟ୍ୟୁବର୍ ଯୋଡ଼ି ଶନିବାର ସକାଳେ ୭ ମହଲାରୁ ଡେଇଁ ପ୍ରାଣ ହରାଇଛନ୍ତି। ସନ୍ଦେହଜନକ ପରିସ୍ଥିତିରେ ଉଭୟଙ୍କ ମୃତ୍ୟୁ ହୋଇଛି। ଉଭୟେ ଲିଭ୍-ଇନ୍‌ରେ ରହୁଥିଲେ। ପ୍ରାରମ୍ଭିକ ତଦନ୍ତ ପରେ ଦୁହେଁ ଆତ୍ମହତ୍ୟା କରୁଥିବା ପୁଲିସ ଆଶଙ୍କା କରୁଛି। ଏହା ପୂର୍ବରୁ ଉଭୟଙ୍କ ମଧ୍ୟରେ କୌଣସି ଏକ ଘଟଣାକୁ ନେଇ ଝଗଡ଼ା ହୋଇଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ମୃତକ ଗର୍ବିତ (୨୫) ଏବଂ ନନ୍ଦିନୀ (୨୨) କିଛି ଦିନ ତଳେ ଡେରାଡୁନରୁ ନିଜ ଟିମ୍ ସହ ବହାଦୁରଗଡ଼ ଆସିଥିଲେ। ଉଭୟେ ଭିଡିଓ ବନାଇ ଫେସବୁକ ଏବଂ ୟୁଟ୍ୟୁବରେ ପୋଷ୍ଟ କରୁଥିଲେ। ଉଭୟେ ରୁହିଲ ରେସିଡେନ୍ସି ସୋସାଇଟିର ୭୦୧ ନଂ ଫ୍ଲାଟରେ ରହୁଥିଲେ।

## ୫ ଭାରତୀୟ ବଂଶୋଦ୍ଭବଙ୍କୁ ୧୨୨ ବର୍ଷ ଜେଲ୍‌ଦଣ୍ଡ



ଲଣ୍ଡନ, ୧୩।୪ (ଏଜେନ୍ସି): ବ୍ରିଟେନ ଶୁକ୍ରବାର ୫ ଜଣ ଭାରତୀୟ ବଂଶୋଦ୍ଭବଙ୍କୁ ୧୨୨ ବର୍ଷ ଜେଲ୍ ଦଣ୍ଡ ହୋଇଛି। ୨୩ ବର୍ଷୀୟ ଭାରତୀୟ ବଂଶୋଦ୍ଭବଙ୍କୁ ହତ୍ୟା ମାମଲାରେ ସମସ୍ତେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଅର୍ଶଦୀପ ସିଂହ, ଜଗଦୀପ ସିଂହ, ଶିବଦୀପ ସିଂହ ଏବଂ ମନଜୋତ ସିଂହଙ୍କୁ ହତ୍ୟା ପାଇଁ ୨୮ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି। ସେହିପରି ହତ୍ୟାରେ ସହାୟତା ପାଇଁ ସୁଖମନଦୀପ ସିଂହକୁ ୧୦ ବର୍ଷ ଜେଲ୍ ଦଣ୍ଡ ହୋଇଛି। ଗତ ବର୍ଷ ଅଗଷ୍ଟରେ ପଶ୍ଚିମ ଇଂଲଣ୍ଡର ଶ୍ରୁସବରୀ ସହରରେ ଏହି ହତ୍ୟାକାଣ୍ଡ ହୋଇଥିଲା। ଏହି ୫ ଜଣ ମୁଖା ପିନ୍ଧି ଡ୍ରାଇଭର ଅରମାନ ସିଂହଙ୍କୁ କୁରାଢ଼ୀ, ହକି ଷ୍ଟିକ୍, ଲୁହା ରଡ୍, ଫାଉଡ଼ା, ଛୁରି, ବ୍ୟାଟରେ ପିଟି ପିଟି ଅତି ନୃଶଂସ ଭାବେ ହତ୍ୟା କରିଥିଲେ।

### ଇରାନ-ଇସ୍ରାଏଲ ଉତ୍ତେଜନା ତୀବ୍ର; ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା

# ଇରାନ କବ୍‌ଜାରେ ଇସ୍ରାଏଲୀ ଜାହାଜ



ତେହରାନ୍,୧୩।୪(ଏଜେନ୍ସି)

**ଇରାନକୁ ଇସ୍ରାଏଲର ଚେତାବନୀ : ଭୟଙ୍କର ପରିଣାମ ଭୋଗିବ**

**ଜାହାଜରେ ରହିଛନ୍ତି ୧୭ ଭାରତୀୟ କର୍ମଚାରୀ**

**ସୁରକ୍ଷା ସହିତ ମୁକ୍ତ କରିବାକୁ କହିଲା ଭାରତ**

ଇସ୍ରାଏଲ ବିରୋଧରେ ଇରାନ ଯୁଦ୍ଧ ହୁଙ୍କାର ଦେଇଥିବା ବେଳେ ଶନିବାର ଏକ ଘଟଣା ଉଭୟ ରାଷ୍ଟ୍ରଙ୍କ ମଧ୍ୟରେ ଆହୁରି ଉତ୍ତେଜନା ବଢାଇଛି। ଇରାନ ଉପକୂଳରେ ହର୍ମୁଜ୍ ପ୍ରଣାଳୀ ଦେଇ ଦୁବାଇରୁ ଭାରତ ଅଭିମୁଖେ ଆସୁଥିବା ଏକ ପଣ୍ୟବାହୀ ଜାହାଜକୁ ଇରାନର ରିଭୋଲ୍ୟୁସନାରୀ ଗାର୍ଡ କବଜା କରିନେବା ପରେ ସ୍ଥିତି ଆହୁରି ଜଟିଳ ହୋଇଛି। ମିଳିଥିବା ଖବର ଅନୁସାରେ ମିଳିତ ଆରବ ଆମିରାତ୍‌ର ଫୁଜେରାହ ବନ୍ଦର ନିକଟରୁ ଇରାନ ସେନା ଏହି ଜାହାଜକୁ ନିଜ କବଜାକୁ ନେଇଛି। ଇରାନ ରିଭୋଲ୍ୟୁସନାରୀ ଗାର୍ଡର କମାଣ୍ଡୋମାନେ ହେଲିକପ୍ଟରରେ ଆସି ଏହି ଜାହାଜ ଉପରେ ଓହ୍ଲାଇବା ସହ ଜାହାଜ କର୍ମଚାରୀମାନଙ୍କୁ ନିଜ କବଜାକୁ ନେଉଥିବାର ଭିଡିଓ ବିଭିନ୍ନ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଏମଏସସି ଏରିଜ୍ ନାମକ ଏହି ଜାହାଜ ଇସ୍ରାଏଲ ବ୍ୟବସାୟୀ ଇୟାଲ ଓଫେରଙ୍କ ହୋଇଥିଲା ବେଳେ ଲଣ୍ଡନସ୍ଥିତ ଜୋଡିଆକ୍ ମେରିଟାଇମ କମ୍ପାନୀ ଅଧୀନରେ ଏହା କାର୍ଯ୍ୟ କରୁଥିଲା ବୋଲି ଜଣାପଡ଼ିଛି। ତେବେ ଏହି ଜାହାଜରେ ୧୭ ଭାରତୀୟ କର୍ମଚାରୀ ଥିବା ଜଣାପଡ଼ିବା ପରେ ଭାରତ ସରକାରଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ସମସ୍ତ ଭାରତୀୟଙ୍କୁ ସୁରକ୍ଷା ଦେବା ସହିତ ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଭାରତୀୟ କର୍ତ୍ତୃପକ୍ଷ ଇରାନ ସରକାରଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଇସ୍ରାଏଲ ଇରାନକୁ ଚେତାବନୀ ଦେବା ସହିତ ଇରାନର ଏହି ଦୁଃସାହାସ ପାଇଁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି କହିଛି। ଇରାନ ପାରସ୍ୟ ଉପସାଗରରେ ବାରମ୍ବାର ଏଭଳି କାର୍ଯ୍ୟ ଚଳାଇ ସଂପୃକ୍ତ ଅଞ୍ଚଳରେ ଅଶାନ୍ତିକାର ପରିସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରୁଛି। କିନ୍ତୁ ଏଥିପାଇଁ ଆମେ ଚୁପ୍ ହୋଇ ବସିବୁ ନାହିଁ ଏବଂ ଇରାନକୁ ଭୟଙ୍କର ପରିସ୍ଥିତି ସାମ୍ନା କରିବାକୁ ପଡ଼ିବ ବୋଲି ଇସ୍ରାଏଲ ସେନା ପ୍ରବକ୍ତା ଡାନିଏଲ ହଗାରି କହିଛନ୍ତି।

## ଇରାନକୁ ଗୋଟିଏ ଶବ୍ଦରେ ଚେତବାନୀ ଦେଲେ ବାଇଡେନ୍



ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବଢିବା ସହିତ ଉଭୟଙ୍କ ମଧ୍ୟରେ ଯୁଦ୍ଧପ୍ରାୟ ପରିସ୍ଥିତି ସୃଷ୍ଟି ହୋଇଛି। ଗାଜା ପ୍ରସଙ୍ଗକୁ ନେଇ ଇରାନ କୌଣସି ମୁହୂର୍ତ୍ତରେ ଇସ୍ରାଏଲ ଉପରେ ଆକ୍ରମଣ କରିପାରେ ଏବଂ ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ସ୍ଥିତି ଜଟିଳ ହେବାକୁ ଯାଉଛି ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ସତର୍କ କରାଇ ଦେଇଛନ୍ତି। ସିଏନଏନ ରିପୋର୍ଟ ଅନୁସାରେ ରାଷ୍ଟ୍ରପତି ବାଇଡେନ ଏଭଳି ଆକଳନ କରିବା ସହିତ ଇରାନକୁ ମଧ୍ୟ ଚେତାବନୀ ଦେଇଛନ୍ତି। ଇରାନ ପ୍ରତି ଗୋଟିଏ ଶବ୍ଦ 'ଡୋଣ୍ଟ' ଜାରି କରି କୌଣସି ଜଟିଳ ପରିସ୍ଥିତି ସୃଷ୍ଟି ନ କରିବାକୁ ବାଇଡେନ କହିଛନ୍ତି। ଯଦି ଇରାନ ସେଭଳି କିଛି କାର୍ଯ୍ୟ କରେ ତେବେ ଆମେରିକା ଇସ୍ରାଏଲକୁ ପୂର୍ଣ୍ଣ ସହାୟତା କରିବାକୁ ପ୍ରସ୍ତୁତ ରହିଛି ବୋଲି ବାଇଡେନ କହିଛନ୍ତି। ଇସ୍ରାଏଲକୁ ସମସ୍ତ ସହାୟତା ଦିଆଯିବ ଏବଂ ଇରାନ କୌଣସି ସ୍ଥିତିରେ ଏହି ଯୁଦ୍ଧରେ ସଫଳ ହେବ ନାହିଁ ବୋଲି ବାଇଡେନ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଏହି ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢୁଥିବାରୁ ଭାରତ ସମେତ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଆଦି ବହୁ ରାଷ୍ଟ୍ର ଉଦବେଗ ପ୍ରକାଶ କରି ଇସ୍ରାଏଲ କିମ୍ବା ଇରାନ ନ ଯିବାକୁ ସତର୍କତା ଜାରି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ ସିରିଆରେ ଇରାନର ଏକ ବାଣିଜ୍ୟିକ ଦୂତାବାସ ଉପରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ୍ କରିଥିଲା ବେଳେ ଏହି ଘଟଣାରେ ଇରାନର ଦୁଇ ପ୍ରମୁଖ ଜେନେରାଲଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଇରାନ ଇସ୍ରାଏଲ ଉପରେ କ୍ଷୁବ୍ଧ ହେବା ସହିତ ଏହାର ପ୍ରତିଶୋଧ ନେବାକୁ ହୁଙ୍କାର ଦେଇଥିଲା।

■ ଅଦାଲତରେ ତଥ୍ୟ ରଖିଲା ସିବିଆଇ

## ଆପ୍‌କୁ ୨୫ କୋଟି ଦେବାକୁ ଶରତଙ୍କୁ ଧମକାଇଥିଲେ କବିତା

ନୂଆଦିଲ୍ଲୀ,୧୩।୪(ଏଜେନ୍ସି):ଦିଲ୍ଲୀର ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଏବେ ଜେଲରେ ଥିବା ବିଆରଏସ୍ ନେତ୍ରୀ କେ କବିତାଙ୍କୁ ନେଇ ସିବିଆଇ ଅଦାଲତରେ ସାଂଘାତିକ ତଥ୍ୟ ଦେଇଛି। ଆମ ଆଦମୀ ପାର୍ଟିକୁ ୨୫ କୋଟି ଟଙ୍କା ଦେବା ଲାଗି କବିତା ଏହି ଘୋଟାଲାର ଅନ୍ୟତମ ଅଭିଯୁକ୍ତ ତଥା ଅରବିନ୍ଦ ଫାର୍ମା କମ୍ପାନୀ ମାଲିକ ଶରତଚନ୍ଦ୍ର ରେଡ୍ଡିଙ୍କୁ ଧମକାଇ ଥିଲେ ବୋଲି ସିବିଆଇ କହିଛି। ଶରତ ୨୫ କୋଟି ଟଙ୍କା ଦେଲେ ତାଙ୍କୁ ଦିଲ୍ଲୀ ଅବକାରୀ ନୀତି ଅଧୀନରେ ୫ଟି ରିଟେଲ ଜୋନ ମିଳିବ। ଯଦି ଶରତ ଏହା ନ ଦେବେ ତେବେ ଆପ୍ ତେଲଙ୍ଗାନା ଓ ଦିଲ୍ଲୀରେ ତାଙ୍କ ବ୍ୟବସାୟକୁ କ୍ଷତି ପହଞ୍ଚାଇବ ବୋଲି କବିତା ଧମକ ଦେଇଥିବା ସିବିଆଇ ସ୍ୱତନ୍ତ୍ର କୋର୍ଟଙ୍କୁ ଜଣାଇଛି। ଉଲ୍ଲେଖଯୋଗ୍ୟ ଯେ, ଶରଦ ରେଡ୍ଡି ପ୍ରଥମେ ଇଡି ଦ୍ୱାରା ଗିରଫ ହୋଇ ଜେରାର ସମ୍ମୁଖୀନ ହୋଇଥିଲେ। କିନ୍ତୁ ପରେ ପରେ ସେ ଏହି ମାମଲାର ରାଜସାକ୍ଷୀ ହୋଇଛନ୍ତି। ସିବିଆଇ ମଧ୍ୟ ଶରତ ରେଡ୍ଡିଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି ଚାର୍ଜସିଟ ଦାଖଲ କରି ନାହିଁ।

## ଭାରତୀୟଙ୍କୁ ମୁକ୍ତ ଲାଗି ୩୪ କୋଟି ବ୍ଲଡ ମନି ସଂଗ୍ରହ



ତିରୁଅନନ୍ତପୁରମ, ୧୩।୪ (ଏଜେନ୍ସି): ସାଉଦି ଆରବରେ ମୃତ୍ୟୁଦଣ୍ଡ ପାଇଥିବା ଭାରତୀୟ ନାଗରିକ ଅବଦୁଲ ରହିମ (୩୪) ଙ୍କୁ ମୁକ୍ତ କରିବା ଲାଗି ୩୪ କୋଟି ଟଙ୍କାର ବ୍ଲଡ୍ ମନି ସଂଗ୍ରହ କରାଯାଇଛି। ସେ କେରଳ କୋଝିକୋଡର ବାସିନ୍ଦା। ୨୦୦୬ରେ ସେ ସାଉଦିରେ ଜଣେ ଯୁବକଙ୍କୁ ହତ୍ୟା କରିଥିବା ଅଭିଯୋଗ ଲାଗିଥିଲା। ଏହି ମାମଲାରେ ସେ ୧୮ ବର୍ଷ ହେଲା ଜେଲ୍‌ରେ ଅଛନ୍ତି। ତାଙ୍କ ମୁକ୍ତି ଲାଗି ଏକ ଆହ୍ୱାନ କମିଟି ଗଠନ କରାଯାଇଥିଲା। କମିଟି ସଦସ୍ୟଙ୍କ ଅନୁଯାୟୀ ସର୍ବୋଚ୍ଚ ଅଦାଲତ ରହିମଙ୍କ ସମସ୍ତ ଆବେଦନକୁ ଖାରଜ କରିଦେଇଥିଲେ। ପରେ ବ୍ଲଡ୍ ମନି (ଜେଲ୍‌ରୁ ମୁକ୍ତି ପାଇଁ ଆବଶ୍ୟକ ଟଙ୍କା) ଆଧାରରେ ତାଙ୍କୁ ମୁକ୍ତ କରିବାକୁ ଅନୁମତି ଦେଇଥିଲେ। ଏହା ପରେ କେରଳର ୭୫ ସଂସ୍ଥା, ବ୍ୟବସାୟୀ, ରାଜନୈତିକ ପ୍ରତିଷ୍ଠାନ ଏବଂ ସାଧାରଣ ଜନତା ଅର୍ଥ ସଂଗ୍ରହରେ ସହାୟତା କରିଥିଲେ। ସୂଚନା ଅନୁଯାୟୀ ସାଉଦିରେ ଜଣେ ବିକଳାଙ୍ଗ ଶିଶୁଙ୍କ ଯତ୍ନ ନେବା ପାଇଁ ରହିମଙ୍କୁ ଡ୍ରାଇଭର ରଖାଯାଇଥିଲା। ସେଠାରେ ଏକ ବିବାଦ ଯୋଗୁଁ ଭୁଲ୍‌ରେ ଅମ୍ଳଜାନ ପାଇପ୍ ଖୋଲିଯିବାରୁ ଶିଶୁର ମୃତ୍ୟୁ ହୋଇଯାଇଥିଲା।

## 'ବିଜେପି ଚାପରେ ତିହାର ଜେଲ୍ ପ୍ରଶାସନ'

ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି): ତିହାର ଜେଲ୍ ପ୍ରଶାସନ ଉପରେ ବିଜେପି ଚାପ ପକାଉଛି। ଚାପ ଯୋଗୁଁ ଏଠାରେ ବନ୍ଦୀ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତି ଅମାନବୀୟ ବ୍ୟବହାର କରାଯାଉଛି। ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ବାରାକରେ ଭେଟିବାକୁ ଦିଆଯାଉଥିବାବେଳେ ପତ୍ନୀ ସୁନିତାଙ୍କୁ ମୁହାଁମୁହିଁ ଭାବେ ସାକ୍ଷାତ କରିବାକୁ ତାଙ୍କୁ ଦିଆଯାଉ ନାହିଁ। ସେ ଏକ ଝରକା ମାଧ୍ୟମରେ ସ୍ୱାମୀଙ୍କୁ ଭେଟୁଛନ୍ତି। ଏପରି କରି କେଜ୍ରିୱାଲଙ୍କ ପରିବାର ଲୋକଙ୍କ ମନୋବଳ ଭାଙ୍ଗିବାକୁ ପ୍ରୟାସ କରାଯାଉଛି ବୋଲି ଆପ୍ ସାଂସଦ ସଞ୍ଜୟ ସିଂ ଅଭିଯୋଗ କରିଛନ୍ତି। ଏହି ଜେଲ୍‌ରେ ସୁବ୍ରତ ରୟ ଏବଂ ଚନ୍ଦ୍ରା ଭାଇ ମଧ୍ୟ ଥିଲେ। ଜେଲ୍‌ରେ ତାଙ୍କର ବ୍ୟବସାୟିକ ବୈଠକ ହେଉଥିଲା ବୋଲି ସିଂହ କହିଛନ୍ତି।

## ଅଧିର ରଞ୍ଜନ, ଟିଏମ୍‌ସି କର୍ମୀ ମୁହାଁମୁହିଁ

କୋଲକାତା, ୧୩।୪ (ଏଜେନ୍ସି): ପଶ୍ଚିମବଙ୍ଗ ମୁର୍ଶିଦାବାଦରେ ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ ଏବଂ ଟିଏମ୍‌ସି କର୍ମୀ ମୁହାଁମୁହିଁ ହୋଇଛନ୍ତି। ଏହି ସଂଘର୍ଷର ଭିଡିଓକୁ ଟିଏମ୍‌ସି ସାମାଜିକ ଗଣମାଧ୍ୟମରେ ଛାଡ଼ିଛି। ଅଧିର ଗୁଣ୍ଡାଗିରି କରି ନିର୍ବାଚନ ଜିତିବାକୁ ଚାହୁଁଛନ୍ତି ବୋଲି କୁହାଯାଇଛି। ଏହା ଉପରେ ସ୍ପଷ୍ଟୀକରଣ ଦେଇ କଂଗ୍ରେସ ସାଂସଦ କହିଛନ୍ତି ଯେ ନିର୍ବାଚନ ପ୍ରଚାର ସାରି ଘରକୁ ଯାଉଥିବା ସମୟରେ କିଛି ଲୋକ 'ଗୋ ବ୍ୟାକ୍' ସ୍ଲୋଗାନ ଦେଇଥିଲେ। କାର୍‌ରୁ ବାହାରିବା ପରେ ଗତ ୫ ବର୍ଷ ମଧ୍ୟରେ ମୁଁ କିଛି କରିନି ବୋଲି କହିଥିଲେ। ତେଣୁ ସେ ତାଙ୍କୁ ଏହାର ଜବାବ ଦେଇଥିଲେ।

## ହେପାଜତରେ କାଫେ ବିସ୍ଫୋରଣ ଅଭିଯୁକ୍ତ

ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି): ବେଙ୍ଗାଲୁରୁ କାଫେ ବିସ୍ଫୋରଣ ମାମଲାର ୨ ଅଭିଯୁକ୍ତ ମୁସାବୀର ହୁସେନ ସଜିବ ଏବଂ ଅବଦୁଲ ମଥିନ ତାହାକୁ ୧୦ ଦିନ ପାଇଁ ଏନ୍‌ଆଇଏ ହେପାଜତକୁ ପଠାଇ ଦିଆଯାଇଛି। ବେଙ୍ଗାଲୁରୁର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି। କୋଲକାତାରୁ ଗିରଫ କରିବା ପରେ ଏନ୍‌ଆଇଏ ଉଭୟଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ବେଙ୍ଗାଲୁରୁ ଆଣିଥିଲା। ସାଜିବ କାଫେରେ ଆଇଇଡି ରଖିଥିଲା ଏବଂ ତାହା ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା ବୋଲି ଏନ୍‌ଆଇଏ ତଦନ୍ତରୁ ଜଣା ପଡ଼ିଥିଲା।

## ଗୋପନୀୟ ମିସାଇଲ ପରୀକ୍ଷଣ କଲା ରୁଷ୍

ମସ୍କୋ, ୧୩।୪ (ଏଜେନ୍ସି): ରୁଷ୍ ଶୁକ୍ରବାର କାପୁସ୍ତିନ ୟାର ରେଞ୍ଜରୁ ନିଜର ସବୁଠାରୁ ଗୋପନୀୟ ଇଣ୍ଟର-କଣ୍ଟିନେଣ୍ଟାଲ ବାଲିଷ୍ଟିକ ମିସାଇଲ (ଆଇସିବିଏମ) ପରୀକ୍ଷଣ କରିଛି। ଏହା ପରମାଣୁ ଆକ୍ରମଣ କରିବାରେ ସକ୍ଷମ। ଏହା ଥର୍ମୋ-ନ୍ୟୁକ୍ଲିୟର ୱାରହେଡ୍ ନେଇପାରିବ ବୋଲି ରୁଷ୍ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ତେବେ ଏ ପର୍ଯ୍ୟନ୍ତ କ୍ଷେପଣାସ୍ତ୍ରର ବୈଶିଷ୍ଟ୍ୟ ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ। ଏହାର ନାମ ଏଭାନଗାର୍ଡ ରଖାଯାଇଛି। ଏହି ପରମାଣୁ ଅସ୍ତ୍ର ଦ୍ୱାରା ବିଶ୍ୱର ଯେକୌଣସି କୋଣକୁ ଆକ୍ରମଣ କରିହେବ ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି।

## ସିଡ଼ନୀ ମଲ୍‌ରେ ଆତତାୟୀଙ୍କ ଉନ୍ମତ୍ତକାଣ୍ଡ | ୬ ଜଣଙ୍କୁ ଛୁରି ଭୁସି ହତ୍ୟା



**ମହିଳା ପୁଲିସ ଅଧିକାରୀଙ୍କ ଗୁଳିରେ ଆତତାୟୀ ନିହତ**

**ମୃତକଙ୍କ ପ୍ରତି ପ୍ରଧାନମନ୍ତ୍ରୀ ଆଲବାନିଜ୍‌ଙ୍କ ସମବେଦନା**

ସିଡ଼ନୀ,୧୩।୪(ଏଜେନ୍ସି): ଅଷ୍ଟ୍ରେଲିଆର ପ୍ରମୁଖ ସହର ସିଡ଼ନୀର ଏକ ମଲ୍‌ରେ ଶନିବାର ସକାଳେ ଜଣେ ଅଜଣା ଆତତାୟୀଙ୍କ ଉନ୍ମତ୍ତକାଣ୍ଡକୁ ନେଇ ୬ ଜଣଙ୍କ ଜୀବନ ଯାଇଛି। ଏହି ଘଟଣାରେ ଆଉ ତିନି ରୁ ଚାରି ଜଣ ଗୁରୁତର ଆହତ ହୋଇ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆତତାୟୀ ଜଣଙ୍କ ମଲ୍‌ରେ ପ୍ରବେଶ କରି ଜଣକ ପରେ ଜଣଙ୍କୁ ଛୁରି ଭୁସି ଚାଲିଥିଲା ବେଳେ ଜଣେ ମହିଳା ପୁଲିସ ଅଧିକାରୀଙ୍କ ଅଦ୍ୟମ ସାହାସ ଯୋଗୁଁ ବହୁ ଲୋକ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ତେବେ ସଂପୃକ୍ତ ମହିଳା ପୁଲିସ ଅଧିକାରୀଙ୍କ ଗୁଳିରେ ଆତତାୟୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ସିଡ଼ନୀର ପୂର୍ବ ସବ୍ ଅର୍ବାନ ଅଞ୍ଚଳରେ ବଣ୍ଡି ଜଙ୍କସନ୍ ନିକଟସ୍ଥ ୱେଷ୍ଟଫିଲ୍ଡ ସପିଂ ସେଣ୍ଟର ଶନିବାର ଖୋଲିବା ମାତ୍ରେ ଲୋକଙ୍କ ଭିଡ଼ ବଢିଥିଲା। କିନ୍ତୁ ହଠାତ୍ ଏହି ମଲ୍ ମଧ୍ୟକୁ ଜଣେ ଆତତାୟୀ ପ୍ରବେଶ କରି ଛୁରିରେ ଲୋକଙ୍କୁ ଭଶିବାକୁ ଆରମ୍ଭ କରିଥିଲା। କେହି କିଛି ବୁଝିବା ପୂର୍ବରୁ ସେ ଜଣକ ପରେ ଜଣଙ୍କୁ ଆକ୍ରମଣ କରିଚାଲିଥିଲା। ଏହି ମଲ୍‌ରେ ସୁରକ୍ଷା ଦାୟିତ୍ୱରେ ରହିଥିବା ଜଣେ ମହିଳା ପୁଲିସ ଅଧିକାରୀ ଆତତାୟୀକୁ ଅଟକାଇବାକୁ ଉଦ୍ୟମ କରିଥିଲା ବେଳେ ତାଙ୍କ ଉପରେ ମଧ୍ୟ ଆକ୍ରମଣ କରିବାକୁ ଆତତାୟୀ ଜଣକ ପଛାଇ ନଥିଲା। ତେବେ ଅତି ନିକଟରୁ ମହିଳା ଅଧିକାରୀ ଜଣକ ଆତତାୟୀକୁ ଗୁଳି କରିବାରୁ ସେଠାରେ ହିଁ ସେ ଟଳିପଡ଼ିଥିଲା ବୋଲି ସିଡ଼ନୀ ପୁଲିସ କହିଛି। ଯଦି ଏହି ମହିଳା ପୁଲିସ ଅଧିକାର ଜଣକ ତୁରନ୍ତ ପଦକ୍ଷେପ ନେଇ ନ ଥାଆନ୍ତେ ତେବେ ଆତତାୟୀ କବଳରେ ପଡ଼ି ଆଉ କିଛି ଲୋକଙ୍କ ଜୀବନ ମଧ୍ୟ ଯାଇଥାଆନ୍ତା ବୋଲି ପୁଲିସ କହିଛି। ତେବେ କେଉଁ କାରଣକୁ ନେଇ ଯୁବକ ଜଣକ ଏଭଳି କାଣ୍ଡ ଘଟାଇଲା ତାହା ପୁଲିସ ଯାଞ୍ଚ ଆରମ୍ଭ କରିଛି। ସଂପୃକ୍ତ ଯୁବକର ବ୍ୟାଗରୁ ଏକ ଧାରୁଆ ବଡ଼ ବ୍ଲେଡ୍ ଜବତ କରାଯାଇଛି। ଆତଙ୍କବାଦ ସହ ଯୁବକର ସଂପୃକ୍ତି ରହିଛି କି ନା ତାହା ମଧ୍ୟ ତଜର୍ମା କରାଯାଉଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ୍ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ୧୫ରେ କେଜ୍ରିୱାଲଙ୍କ ଆବେଦନର ଶୁଣାଣି

ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି): ସୁପ୍ରିମକୋର୍ଟର ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ ୧୫ ତାରିଖ (ସୋମବାର) ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରିବନ୍ଦ କେଜ୍ରିୱାଲଙ୍କ ଆବେଦନ ଉପରେ ଶୁଣାଣି କରିବେ। ସେ ଏହି ଆବେଦନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ଗିରଫ ଏବଂ ରିମାଣ୍ଡଙ୍କୁ ନେଇ ଗତ ୯ ତାରିଖରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ନିଷ୍ପତ୍ତିକୁ ବିରୋଧ କରିଛନ୍ତି। କେଜ୍ରିୱାଲ କହିଛନ୍ତି ଯେ ଲୋକସଭା ନିର୍ବାଚନ ଘୋଷଣା ପରେ ତାଙ୍କୁ ଗିରଫ କରାଯାଇଛି। ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଇଡି ତାଙ୍କୁ ଗିରଫ କରି ନିଜ ଅଧିକାରର ଅପବ୍ୟବହାର କରିଛି। ଗିରଫ ପାଇଁ ଦିଆଯାଇଥିବା ପ୍ରମାଣକୁ ଭରସା କରାଯାଇପାରିବ ନାହିଁ। ତୁରନ୍ତ ମୁକ୍ତ ନ କଲେ ନିର୍ବାଚନ ପୂର୍ବରୁ ବିରୋଧୀ ନେତାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରିବା ଘଟଣା କ୍ଷମତାସୀନ ଦଳ ପାଇଁ ଉଦାହରଣ ପାଲଟି ଯିବ ବୋଲି କେଜ୍ରିୱାଲ କହିଛନ୍ତି।

### ଆତଙ୍କବାଦୀଙ୍କୁ ଯେକୌଣସିମତେ ନିପାତ କରାଯିବ

# ନିୟମକାନୁନ୍ ଖୋଜାଯିବନି: ଜୟଶଙ୍କର

ପୁନେ, ୧୩।୪(ଏଜେନ୍ସି)



ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଗତକାଲି ଏଠାରେ କହିଛନ୍ତି, ୨୦୧୪ ପରଠାରୁ ଭାରତ ତା'ର ବୈଦେଶିକ ନୀତିରେ ପରିବର୍ତ୍ତନ ଆଣି ସ୍ଥିର କରିଛି ଯେ ଆତଙ୍କବାଦୀ ଯେଉଁଠାରେ ଥାଆନ୍ତୁ ନା କାହିଁକି ସେମାନଙ୍କୁ ଖୋଜି ଯେକୌଣସିମତେ ନିପାତ କରାଯିବ। ଆତଙ୍କବାଦୀ କୌଣସି ନିୟମ ପାଳନ କରୁନଥିବାରୁ ସେମାନଙ୍କୁ ନିପାତ କଲାବେଳେ ନିୟମକାନୁନ ଖୋଜାଯିବ ନାହିଁ। ସୀମାପାର ଆତଙ୍କବାଦକୁ ଠିକଣା ଜବାବ ଦେବା ପାଇଁ ସୀମା ପ୍ରକାଶ୍ୟରେ ହେଉ କି ଗୋପନରେ ଡେଇଁବାରେ ଭୁଲ କିଛି ନାହିଁ। ଇଂଲଣ୍ଡର ଖବରକାଗଜ 'ଦି ଗାର୍ଡିଆନ'ରେ ଗତସପ୍ତାହରେ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଭାରତର ସାମରିକ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍(ଆରଏଡବଲ୍ୟୁ ବା ର') ପାକିସ୍ତାନ ଭୂମୀରେ ୱାଣ୍ଟେଡ୍ ଆତଙ୍କୀଙ୍କୁ ଟାର୍ଗେଟ୍ କରି ହତ୍ୟା କରୁଛି। ସେହି ରିପୋର୍ଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଜୟଶଙ୍କର କହିଛନ୍ତି, ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ବେଳେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର କ'ଣ କରିବେ, ପାକିସ୍ତାନ ଉପରେ ଆକ୍ରମଣ କରାଯିବ କି ନାହିଁ ତାହା ସ୍ଥିର କରିନପାରି ଶେଷରେ କିଛି ପଦକ୍ଷେପ ନନେଇ ଚୁପ୍ ବସିରହିଲେ। ସେତେବେଳର ସରକାର ଭାବିଲେ ଯେ ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଯାହା ମୂଲ୍ୟ ଦେବାକୁ ପଡ଼ିବ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ତା'ଠାରୁ ଅଧିକ ମୂଲ୍ୟ ଦେବାକୁ ପଡ଼ିପାରେ। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଭଳି କିଛି ଘଟିଲେ ଯଦି କିଛି ନକରି ନିଷ୍କ୍ରିୟ ରହିବା ତେବେ ସେଭଳି ଆତଙ୍କବାଦୀ ଆକ୍ରମଣ ପୁଣି ଘଟିବ। ଆତଙ୍କବାଦୀ ନଭାବୁ ଯେ ସେ ସୀମା ଆରପଟକୁ ଖସିଗଲେ ନିରାପଦ ରହିବ। ସେ ଯେଉଁଠାରେ ରହିଲେ ବି ତା'କୁ ଠାବ କରାଯାଇ ଆବଶ୍ୟକ ହେଲେ ଗୋପନରେ ନିପାତ କରାଯିବ। ଜୟଶଙ୍କର କହିଛନ୍ତି, ବୈଦେଶିକ ନୀତି ଓ ଦ୍ୱିପାକ୍ଷିକ ସମ୍ପର୍କ ଦୃଷ୍ଟିରୁ ପାକିସ୍ତାନ ହେଉଛି ଭାରତ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ପାକିସ୍ତାନ ପଟୁ ସମସ୍ୟା ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରେ ସୃଷ୍ଟି ହୋଇନି, ସମସ୍ୟା ୧୯୪୭ରୁ ରହିଛି। ଆତଙ୍କବାଦ କୌଣସି ପରିସ୍ଥିତିରେ ବି ସ୍ୱୀକାର୍ଯ୍ୟ ନୁହେଁ।

ଯଦି କୌଣସି ଦେଶ ଆତଙ୍କବାଦକୁ ଅସ୍ତ୍ର କରି ମୂଳଚାଲ ବା ବୁଝାମଣା ବୈଠକକୁ ଆସିବାକୁ ଆମ ଉପରେ ଚାପ ପକାଏ ତେବେ ତାହା ମଧ୍ୟ ଅସ୍ୱୀକାର୍ଯ୍ୟ। ଜୟଶଙ୍କର ଗତକାଲି ଏଠାରେ ଆୟୋଜିତ ଏକ ସମାବେଶରେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ହ୍ୱାଇ ଭାରତ ମ୍ୟାଟର୍ସ'ର ମରାଠା ଅନୁବାଦ ସଂସ୍କରଣ ଲଞ୍ଚ୍ କରି ଉପସ୍ଥିତ ଯୁବଗୋଷ୍ଠୀ ସହ ଆଳାପ ବେଳେ ଭାରତ ସରକାରଙ୍କ ଆତଙ୍କବାଦ ନେଇ ଶୂନ୍ୟ ସହନ ବା ଜିରୋ ଟଲରାନ୍ସ ନୀତି ବିଷୟରେ ଚର୍ଚ୍ଚା କରିଥିଲେ।




ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-288 ♦BHUBANESWAR ♦SUNDAY ♦14 APRIL 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୮୮ ♦ଭୁବନେଶ୍ୱର ♦ରବିବାର ♦୧୪ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)


## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେଡି

# ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର

**ଭୁବନେଶ୍ୱର,୧୩।୪(ସମିସ):** ପୁରୀ ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ଖୋଲାଖୋଲି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରି ଚାଲିଛନ୍ତି। ଭୋଟରଙ୍କୁ ପ୍ରଭାବିତ କରିବା ଲକ୍ଷ୍ୟରେ ଶ୍ରୀ ପାତ୍ର ଏବଂ ତାଙ୍କ ସମର୍ଥକମାନେ ଦଳୀୟ ଚିହ୍ନ ଥିବା ଘଣ୍ଟା ଲୋକଙ୍କୁ ବାଣ୍ଟୁଛନ୍ତି। ବଣ୍ଟା ଯାଉଥିବା ଘଣ୍ଟାରେ ବିଜେପି ପ୍ରାର୍ଥୀ ଶ୍ରୀ ପାତ୍ରଙ୍କର ଫଟୋ ମଧ୍ୟ ରହିଛି। ଏହା କେବଳ ଅନୈତିକ କାର୍ଯ୍ୟ ନୁହେଁ, ବରଂ ଭାରତୀୟ ନିର୍ବାଚନ

- ଭୋଟରଙ୍କୁ ପଦ୍ମ ଫୁଲ ଓ ନିଜ ଫଟୋ ଥିବା ଘଣ୍ଟା ବାଣ୍ଟି ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି ସମ୍ବିତ
- ସ୍ୱଚ୍ଛ ଓ ଚାପମୁକ୍ତ ନିର୍ବାଚନ ସୁନିଶ୍ଚିତ କରାଯାଉ

ଆୟୋଗଙ୍କ ମାର୍ଗଦର୍ଶିକାର ଉଲ୍ଲଙ୍ଘନ। ଏହାକୁ ନେଇ ଶ୍ରୀ ପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି।

ବିଜେଡି କହିଛି ଯେ ବିଜେପି ପ୍ରାର୍ଥୀମାନେ ବାରମ୍ବାର ଆଇନ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। କେତେବେଳେ ସରକାରୀ କର୍ମଚାରୀଙ୍କୁ ଧମକ ଦେଉଛନ୍ତି ତ ଆଉ କେତେବେଳେ ଆଦର୍ଶ ଆଚରଣ ବିଧିର ଉଲ୍ଲଙ୍ଘନ କରୁଛନ୍ତି। ଏହି କ୍ରମରୁ




ବିଜେପିର ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ମଧ୍ୟ ବାଦ୍ ପଡ଼ିନାହାନ୍ତି। ନିଜ ସମର୍ଥକଙ୍କୁ ଧରି ଲୋକଙ୍କୁ ଦଳୀୟ ଚିହ୍ନ ଏବଂ ନିଜ ଫଟୋ ଲାଗିଥିବା ଘଣ୍ଟା ଉପହାର ଦେଉଛନ୍ତି। ଗୋଟିଏ ପଟେ ଚିହ୍ନ ଓ ଫଟୋ ବ୍ୟବହାର କରୁଥିବା ବେଳେ ଅନ୍ୟ ପଟେ ଭୋଟରଙ୍କୁ ଉପହାର ଦେଇ ସେମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏପରିସ୍ଥଳେ ଶ୍ରୀ ପାତ୍ର ଏବଂ ତାଙ୍କର ପ୍ରଚାର ଟିମ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରାଯାଇଛି। ଏଥିସହ ସେ ଯେତକି ଘଣ୍ଟା ବାଣ୍ଟିଛନ୍ତି, ତାହାର ମୂଲ୍ୟକୁ ଶ୍ରୀ ପାତ୍ରଙ୍କ ନିର୍ବାଚନ ଖର୍ଚ୍ଚରେ ସାମିଲ କରାଯିବା ଉଚିତ। ଫଳରେ ଭବିଷ୍ୟତରେ ଏପରି ବେଆଇନ କାର୍ଯ୍ୟ କରିବା ପାଇଁ ବିଜେପି ପ୍ରାର୍ଥୀମାନେ ସାହସ କରିବେ ନାହିଁ ଏବଂ ଆଇନର ବିଧିବ୍ୟବସ୍ଥା ମଧ୍ୟରେ ସବୁ କାର୍ଯ୍ୟ ହେବ। ସେହିପରି ଭବିଷ୍ୟତରେ ପୁରୀ ସଂସଦୀୟ କ୍ଷେତ୍ରରେ ଏପରି ବେଆଇନ କାର୍ଯ୍ୟର ପୁନରାବୃତ୍ତି ଯେପରି ନ ଘଟିବ, ସେଥିପାଇଁ ଏହି କ୍ଷେତ୍ର ଉପରେ ତୀକ୍ଷ୍ଣ ନଜର ରଖିବା ଜରୁରୀ। ବିନା ଚାପ କିମ୍ବା ପ୍ରରୋଚନାରେ ପ୍ରତ୍ୟେକ ନାଗରିକ ନିଜ ମତଦାନ ଅଧିକାର ସାବ୍ୟସ୍ତ କରିପାରିବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧିଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଅମିତ ମଲ୍ଲିକ, ତୁମ୍ବନାଥ ପଣ୍ଡା, ଡଃ ପ୍ରିୟବ୍ରତ ମାଝୀ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ମିହିର ରାୟ ଓ ଓମ୍ ପ୍ରକାଶ ସାହୁ ସାମିଲ ହୋଇଥିଲେ।

# ସରକାରୀ ଅଧିକାରୀ, କର୍ମଚାରୀଙ୍କୁ ଧମକାଉଛନ୍ତି ବିଜେପି କର୍ମୀ

**ଭୁବନେଶ୍ୱର,୧୩।୪(ସମିସ):** ନିର୍ବାଚନ କମିସନଙ୍କ ନାଁ ନେଇ ସରକାରୀ ଅଧିକାରୀଙ୍କୁ ଧମକାଉଛନ୍ତି ବିଜେପି କର୍ମୀ। ଏଥିସହ ତୃଣମୂଳସ୍ତରରେ ଲୋକଙ୍କ ସରକାରୀ ସୁବିଧା ଯୋଗାଇ ଦେଉଥିବା ସରକାରୀ କର୍ମଚାରୀ, ଆଶାଦିଦି, ଅଙ୍ଗନବାଡି କର୍ମୀଙ୍କୁ ବିଜେପି ବିଭିନ୍ନ ଆକ୍ଷେପ କରି ଅପମାନିତ କରୁଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ସେହିଭଳି ବିଜେପି ନେତା ପ୍ରଶାନ୍ତ ଜଗଦେବ ଓ ପ୍ରଦୀପ ପାଣିଗ୍ରାହୀ ସରକାରୀ କର୍ମଚାରୀ ଓ ସାମ୍ବାଦିକଙ୍କୁ ସର୍ବସମ୍ମୁଖରେ ଡରାଇବା, ଧମକାଇବା ସହ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି। ନିର୍ବାଚନ କମିସନ ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା ନେଇ ପ୍ରସ୍ତୁତି କରୁଥିବା ବେଳେ ବିଜେପି ନେତାଙ୍କ ଏଭଳି ଆଭିମୁଖ୍ୟ ଯୋଗୁଁ ଏହା କେତେଦୂର ସମ୍ଭବ ହେବ। ଏଭଳି ଅଭିଯୋଗ ଆଣି ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ରାଜୀବ କୁମାରଙ୍କ ପାଖରେ ଫେରାଦ ହୋଇଛି ବିଜେଡି। ଦଳ ପକ୍ଷରୁ ଶ୍ରୀ କୁମାରଙ୍କୁ ଏ ସଂକ୍ରାନ୍ତୀୟ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

କିଛି ଦିନ ପୂର୍ବରୁ ବିଜେପିର ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଖୋଲାମଞ୍ଚରୁ ନିର୍ବାଚନୀ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ସରକାରୀ କର୍ମଚାରୀଙ୍କୁ ଗଣମାଧ୍ୟମ ସାମ୍ନାରେ ଧମକାଇଥିଲେ। ଏଥିସହ ଏକାଧିକ ଗଞ୍ଜାମ ଓ ଗଜପତି ଜିଲ୍ଲାର ସରକାରୀ କର୍ମଚାରୀଙ୍କୁ ପ୍ରଦୀପ ଧମକାଉଥିବା ବିଜେଡି ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ବାରମ୍ବାର ବିଜେଡି ପକ୍ଷରୁ ଏନେଇ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିବା




ସତ୍ତ୍ୱେ ବିଜେପି ନେତା ଓ କର୍ମୀଙ୍କ ଦାଦାଗିରି ଜାରି ରହିଛି। ଫଳରେ ବାଧ ହୋଇ ସେମାନେ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିର୍ବାଚନୀ କାର୍ଯ୍ୟକ୍ରମରେ

- ତୃଣମୂଳସ୍ତରରେ ଆଶା ଦିଦି, ଅଙ୍ଗନବାଡ଼ି କର୍ମୀଙ୍କୁ ଅପମାନିତ କରୁଛନ୍ତି
- ନିର୍ବାଚନ କମିସନଙ୍କ ନାଁ ନେଇ ଧମକାଉଛନ୍ତି ପ୍ରଦୀପ ଓ ପ୍ରଶାନ୍ତ

ସାମିଲ ଥିବା ସରକାରୀ କର୍ମଚାରୀଙ୍କୁ ଧମକ ଦେବା ଦ୍ୱାରା କେମିତି ଅବାଧ ଓ ନିରପେକ୍ଷ ନିର୍ବାଚନ ହେବ ବୋଲି ବିଜେଡି ପ୍ରଶ୍ନ କରିଛି। ବିଜେପି ନେତା ଓ କର୍ମୀ ବିଭିନ୍ନ ଫୋରମ୍‌ରେ ଧମକାଉଛନ୍ତି। ଶାନ୍ତ ଓ ସୁସ୍ଥ ମତଦାନ ବ୍ୟବସ୍ଥା ନିର୍ବାଚନ କମିସନ ଚାହୁଁଥିବା ବେଳେ ବିଜେପି ନେତା ଓ କର୍ମୀମାନେ ହିଂସା ଆପଣାଉଛନ୍ତି। ଏମିତିକି ବ୍ଲକ ଓ ସଦର ମହକୁମାରେ ଥିବା ତହସିଲଦାର, ବିଡିଓ ଓ ପୁଲିସ ଅଧିକାରୀଙ୍କୁ ଓଡ଼ିଶା ବିଜେପିର ନେତା ଧମକ ଦେଉଛନ୍ତି।

ସିଇଓଙ୍କୁ ସାକ୍ଷାତ କରିବା ପରେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ସାଂସଦ ସସ୍ମିତ ପାତ୍ର କହିଥିଲେ, ବିଜେପି ନେତା ପ୍ରଦୀପ ପାଣିଗ୍ରାହୀ ଓ ପ୍ରଶାନ୍ତ ଜଗଦେବ ଗଣମାଧ୍ୟମ ଓ ସରକାରୀ କର୍ମଚାରୀଙ୍କୁ ଧମକ ଦେଉଛନ୍ତି। ପ୍ରଶାନ୍ତ ଖୋଲାଖୋଲି ଜଙ୍କିଆରେ ଜଣେ ସାମ୍ବାଦିକଙ୍କୁ ପିଟିଛନ୍ତି। କେବଳ ଏତିକି ନୁହେଁ, ସେ ରାତିରେ ମଦ ପିଇ ଜଙ୍କିଆ ଥାନାକୁ ଯାଇ ପୁଲିସକୁ ଧମକ ଦେଇଥିବା ମଧ୍ୟ ଜଣାପଡ଼ିଛି। ଏତଲା ନ ରଖିବାକୁ ସେ ପୁଲିସକୁ କହିଥିଲେ। ଏହା ପୂର୍ବରୁ ସେ ଜଙ୍କିଆ ଥାନା ଅଧିକାରୀଙ୍କୁ ଫୋନ ଯୋଗେ ଧମକ ଦେଇଥିଲେ। ଫୋନରେ ଧମକ ଦେବା ପରେ ପ୍ରଶାନ୍ତ ରାତି ସାଢ଼େ ୧୦ଟାରେ ଥାନାରେ ନିଶାସକ୍ତ ଅବସ୍ଥାରେ ପହଞ୍ଚି ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଧମକ ଦେଇଥିଲେ ବୋଲି ସାଂସଦ ଡଃ ପାତ୍ର କହିଛନ୍ତି। ବିଜେଡି ପକ୍ଷରୁ ସାଂସଦ ଡଃ ପାତ୍ରଙ୍କ ସମେତ ସାଂସଦ ସୁଲତା ଦେଓ, ଅମିତ୍ କୁମାର ମଲ୍ଲିକ, ସ୍ୱର୍ଣ୍ଣ ପ୍ରକାଶ ମହାପାତ୍ର, ତୁମ୍ବନାଥ ପଣ୍ଡା, ଡଃ ପ୍ରିୟବ୍ରତ ମାଝୀ, ମିହିର ରାୟ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ଓମ୍ ପ୍ରକାଶ ସାହୁ, ଡଃ ସୁରେଶ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ପୁଣି ଶ୍ରୀମନ୍ଦିରରେ ଆରମ୍ଭ ହେବ ପ୍ରତିହାରୀ ସେବା

**ପୁରୀ, ୧୩।୪ (ସମିସ):** ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶକୁ ରୋକିବା ପାଇଁ ଆସନ୍ତାକାଲି (ରବିବାର) ଠାରୁ ସିଂହଦ୍ୱାର ସମ୍ମୁଖରେ ମୁତୟନ ହେବେ ପ୍ରତିହାରୀ ସେବକ। ପୂର୍ବ କାଳରେ ଶ୍ରୀ ଜଗନ୍ନାଥ ଓ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରତିହାରୀ ସେବକମାନେ ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଥିଲେ। ଶ୍ରୀମନ୍ଦିର ଭିତରେ ପ୍ରତିହାରୀ ସେବକମାନେ ସେବା ଯୋଗାଉଥିଲେ। ରବିବାର ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତିଠାରୁ ସିଂହଦ୍ୱାର ସମ୍ମୁଖରେ ସକାଳୁ ଦ୍ୱାରଫିଟା ସମୟରେ ଦୁଇଜଣ ଓ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ସମୟରେ ୨ଜଣ ମୁତୟନ ହେବେ। ପରବର୍ତ୍ତୀ ସମୟରେ ଦିନରୁ ରାତି ପର୍ଯ୍ୟନ୍ତ ପ୍ରତିହାରୀ ସେବକ ମୁତୟନ ଅଣହିନ୍ଦୁମାନଙ୍କୁ ଚିହ୍ନଟ କରିବେ। ପ୍ରତିହାରୀ ନିଯୋଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିହାରୀ ସେବକ ଏହି ସେବା କରିବେ। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନର ଅନୁମତିକ୍ରମେ ଅଧିକ ସିଂହଦ୍ୱାର ପାଳିଆ ପର୍ଯ୍ୟାୟକ୍ରମେ ନିୟୋଜିତ ହେବେ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍‌ରେ ଏହି ସେବା ରହିଥିଲେ ହେଁ କୌଣସି କାରଣରୁ ଦୀର୍ଘବର୍ଷ ହେବ ଏହା ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଅଣ ହିନ୍ଦୁମାନଙ୍କ ପ୍ରବେଶ ଯୋଗୁଁ ପ୍ରତିହାରୀ ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଏହି ସେବାର ପୁନଃ ପ୍ରଚଳନ ପାଇଁ ଦୃଢ଼ ଦାବି ଉପସ୍ଥାପିତ କରାଯାଇଥିଲା ବେଳେ ଏବେ ତାହା ଆରମ୍ଭ ହେବାକୁ ଯାଉଛି।

# ଏଥର ୮୦ ପ୍ରତିଶତ ଟପିବ ମତଦାନ ହାର!

**ଭୁବନେଶ୍ୱର, ୧୩।୪(ସମିସ):** ବ୍ୟାପକ ପଦକ୍ଷେପ ସତ୍ତ୍ୱେ ରାଜ୍ୟରେ ମତଦାନ ହାର ବୃଦ୍ଧି ପାଉ ନାହିଁ। ରାଜ୍ୟର ଅଧିକାଂଶ ବିଧାନସଭା କ୍ଷେତ୍ର ଏବଂ ଲୋକସଭା କ୍ଷେତ୍ରରେ ମତଦାନ ହାର ରାଜ୍ୟ ମତଦାନ ହାର ଠାରୁ କମ୍ ରହୁଛି। ତେବେ ଚଳିତ ନିର୍ବାଚନରେ ମତଦାନ ହାର ବୃଦ୍ଧି ପାଇବ ବୋଲି



କୁହାଯାଉଛି। ଚଳିତ ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ମତଦାନ କରିବାକୁ ଅଧିକ ମାତ୍ରାରେ ଭୋଟରଙ୍କୁ ଆକୃଷ୍ଟ କରିପାରେ। ଏଥିସହିତ ମତଦାନ ହାର ବୃଦ୍ଧି ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଶନ୍ ମୋଡ୍‌ରେ ପଦକ୍ଷେପ ନିଆଯାଉଛି। ଅପରପକ୍ଷେ ଚଳିତ ଥର ନୂଆ ମତଦାତାଙ୍କ ସଂଖ୍ୟା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇବା ଏବଂ ବିଭିନ୍ନ ବର୍ଗର ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ୨୦୨୪ ନିର୍ବାଚନରେ ମତଦାନ ହାର ୮୦% ଅତିକ୍ରମ କରିବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଛି।

- ଯୁବ ଭୋଟରଙ୍କ ଉପରେ ରହିଛି ସବୁ ରାଜନୈତିକ ଦଳର ନଜର
- ୨୦୧୪ ଓ ୨୦୧୯ରେ ୭୩% ରେ ସୀମିତ ଥିଲା ଭୋଟ ହାର
- ଭୁବନେଶ୍ୱର ସମେତ ବଡ଼ ସହରରେ ଭୋଟ ଦେଉନାହାନ୍ତି ୫୦%
- ୫୯ ବିଧାନସଭା କ୍ଷେତ୍ରରେ ମିଶନ୍ ମୋଡ୍‌ରେ ନିଆଯାଉଛି ପଦକ୍ଷେପ
- ୮ ଲୋକସଭା ନିର୍ବାଚନମଣ୍ଡଳୀରେ ରାଜ୍ୟ ହାର ଠାରୁ କମ୍ ମତଦାନ

୨୦୧୪ ଏବଂ ୨୦୧୯ରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଏକ ସମୟରେ ଅନୁଷ୍ଠିତ ହୋଇଥିଲା। ତେବେ ଉଭୟ ଥର ଓଡ଼ିଶାରେ ମତଦାନ ହାର ୭୩% ମଧ୍ୟରେ ସୀମିତ ରହିଥିଲା। ୨୦୧୯ରେ ୫୯ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ରାଜ୍ୟ ହାର ଠାରୁ କମ୍ ରହିଥିବା ବେଳେ ୨୩ ବିଧାନସଭା କ୍ଷେତ୍ରରେ ଜାତୀୟ ହାର ଠାରୁ କମ୍ ରହିଥିଲା। ସେହିପରି ୮ଟି ଲୋକସଭା କ୍ଷେତ୍ରରେ ମତଦାନ ହାର ରାଜ୍ୟ ହାର ଠାରୁ କମ୍ ରହିଥିଲା। ଏପରିକି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ମତଦାନ ହାର ୫୦%ରୁ କମ୍ ରହିଥିଲା। ଯେଉଁଠି ଖୋଦ୍ ରାଜଧାନୀରେ ମତଦାନ ହାର ଅଧାରୁ କମ୍ ରହୁଛି ସେଠି ରାଜ୍ୟର ଅନ୍ୟ ସହର ଅବା ଜିଲ୍ଲାରେ ମତଦାନ ହାରରେ ଅଭିବୃଦ୍ଧି ଆଣିବା କିଛି କମ୍ କଷ୍ଟସାଧ ନୁହେଁ।

ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କ କହିବା ଅନୁସାରେ ଜନସଚେତନତା ଓ ଦାୟିତ୍ୱବୋଧ ହିଁ ଗଣତନ୍ତ୍ରର ମହାନ୍ ପର୍ବକୁ ସାଫଲ୍ୟମଣ୍ଡିତ କରିପାରିବ। ସେଥିପାଇଁ ସବୁ ବର୍ଷ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ତେବେ ଚଳିତ ଥର ମତଦାନ ହାର ବୃଦ୍ଧି ପାଇଁ ପୂର୍ବାପେକ୍ଷା ଅଧିକ କଡ଼ା ପଦକ୍ଷେପ ନିଆଯାଉଛି। କିଛି ଦିନ ପୂର୍ବେ ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ନିର୍ବାଚନ ଆୟୋଗ ମତଦାନ ହାର କମ୍ ରହୁଥିବା ଜିଲ୍ଲାର ଅଧିକାରୀମାନଙ୍କ ସହ ବିଶେଷଭାବେ ଆଲୋଚନା କରି ବିହିତ ପଦକ୍ଷେପ ନେବା ଲାଗି ପରାମର୍ଶ ଦେଇଥିଲେ। ସେହି ଅନୁସାରେ ଚଳିତ ଥର ମତଦାନ ହାର ଅପେକ୍ଷାକୃତ କମ୍ ରହୁଥିବା ରାଜ୍ୟର ୫୯ଟି ▶ପୃଷ୍ଠା-୮

## ଏଏସ୍ଆଇର ଅବହେଳା

# ଶ୍ରୀମନ୍ଦିରରୁ ଲିଭିଯାଉଛି ସୂକ୍ଷ୍ମ କାରୁକାର୍ଯ୍ୟ

**ପୁରୀ,୧୩।୪(ସମିସ):** ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଅବହେଳା ଯୋଗୁ ଲିଭି ଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ। ମୁଖ୍ୟ ମନ୍ଦିର ବ୍ୟତୀତ ବଡ଼ଦେଉଳ ବେଢ଼ା ପରିସରରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। ପୁଣି ଶତାଧିକ ପାର୍ଶ୍ୱ ଦେବଦେବୀ ବି ଅଛନ୍ତି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଏହି ମୂର୍ତ୍ତି ମଧ୍ୟରୁ ଯଦି କୌଣସି ମୂର୍ତ୍ତି ଭାଙ୍ଗିପଡୁଛି କିମ୍ବା ଅନ୍ୟ କୌଣସି କାରଣ ପାଇଁ ନଷ୍ଟ ହୋଇଯାଇଛି, ତାହାର ପୁନଃସ୍ଥାପନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉନାହିଁ। ଯଦି ବି ପୁନଃସ୍ଥାପନ କରାଯାଉଛି, ପୂର୍ବପରି ସେହି ସୂକ୍ଷ୍ମ କାରୁକାର୍ଯ୍ୟ ରହୁନାହିଁ। ଏଏସ୍ଆଇ ଏଭଳି ଅବହେଳାକୁ ନେଇ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି। କିନ୍ତୁ ଏ ଦିଗରେ ସଚେତନ ହେଉନି ଏଏସ୍ଆଇ। ଆଉ ଏକ ଅବହେଳାର ଉଦାହରଣ ହେଉଛି, ଦୀର୍ଘ ୧୩ବର୍ଷ ହେବ ଶ୍ରୀହୀନ ପଡ଼ିଛି ସିଂହଦ୍ୱାର। ଲାଗିପାରୁନାହିଁ ଦଶାବତାର ମୂର୍ତ୍ତି।

ଶ୍ରୀମନ୍ଦିରର ପ୍ରତିଟି ଜାଗାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି ରହିଛି। ଗୁମୁଟ ହେଉ କି ମେଘନାଦ ପାଚେରି; ଏସବୁର କଳା, ସ୍ଥାପତ୍ୟ ଦର୍ଶନାର୍ଥୀଙ୍କୁ ବେଶ୍ ଆକର୍ଷିତ କରିଥାଏ। ହେଲେ ଧୀରେ ଧୀରେ କୀର୍ତ୍ତିରାଜିଗୁଡ଼ିକ ନଷ୍ଟ ହେଉଥିଲେ ମଧ୍ୟ ଏହାର ଉପଯୁକ୍ତ ସଂରକ୍ଷଣ କରାଯାଉନାହିଁ। ଠିକଣା ସମୟରେ ମରାମତି କିମ୍ବା ପୁନଃସ୍ଥାପନ ହେଲେ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜିର ସୁରକ୍ଷା ଏବଂ ସଂରକ୍ଷଣ ହୋଇପାରନ୍ତା। ମାତ୍ର ଦାୟିତ୍ୱରେ ଥିବା ଏଏସ୍ଆଇ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ।



- ସାଦା ପଥର ଲଗାଇ କାମ ଚଳାଇ ଦିଆଯାଉଛି
- ୧୩ ବର୍ଷ ହେଲା ଲାଗୁନି ଦଶାବତାର ମୂର୍ତ୍ତି

ଦ୍ୱାଦଶ ଶତାବ୍ଦୀର ଶ୍ରୀମନ୍ଦିରର କୌଣସି ମରାମତି କିମ୍ବା ପୁନଃସ୍ଥାପନ ଆବଶ୍ୟକ, ସେ ସମ୍ପର୍କରେ ମନ୍ଦିର ପ୍ରଶାସନ ସହ ଆଲୋଚନା କରି ଏଏସ୍ଆଇ ଏହା କରିବା କଥା। ୧୯୭୪ ମସିହାରୁ ଏଏସ୍ଆଇ ବଡ଼ଦେଉଳର ସଂରକ୍ଷଣ ଦାୟିତ୍ୱ ନେଇଛି। କିନ୍ତୁ ଅନେକ ସମୟରେ ଏଏସ୍ଆଇ ତା' କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ମରାମତି ଆବଶ୍ୟକ ଥିବା କେତେକ କାମକୁ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏକାଧିକ ସୂକ୍ଷ୍ମ କାରୁକାର୍ଯ୍ୟ ନଷ୍ଟ ହେଉଛି ନଚେତ୍ ସମ୍ପୂର୍ଣ୍ଣ ଭାବେ ଲିଭିଯାଉଛି। ଏଥିମଧ୍ୟରୁ ସିଂହଦ୍ୱାର ଦଶାବତାର ମୂର୍ତ୍ତି ଅନ୍ୟତମ। ସଂରକ୍ଷଣ ଆଳରେ ୨୦୧୨ରେ ଦଶାବତାର ମୂର୍ତ୍ତି ସିଂହଦ୍ୱାର ଗୁମୁଟରୁ ହଟାଇ ଦେଇଥିଲା ଏଏସ୍ଆଇ। ଯାହା ଶ୍ରୀମନ୍ଦିରର 'ଶ୍ରୀ'କୁ ନଷ୍ଟ କରିବା ସହ ଭକ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିଲା। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ, ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ଏଠାରେ ଦଶାବତାର ମୂର୍ତ୍ତି ଲଗାଇବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ରହିବେ, ତାହାକୁ ନେଇ ବାଦବିବାଦ ଛିଡ଼ା ହେବାରୁ ଏ ପର୍ଯ୍ୟନ୍ତ ସିଂହଦ୍ୱାର ଗୁମୁଟରେ ଦଶାବତାର ମୂର୍ତ୍ତି ଲାଗିପାରି ନାହିଁ। ସେହି ସ୍ଥାନରେ ସାଦାପଥର ଖଞ୍ଜି ଦିଆଯାଇଛି।

ଏହିଭଳି ଅନେକ ଉଦାହରଣ ରହିଛି। ମେଘନାଦ ପାଚେରିଠାରୁ ଆରମ୍ଭ କରି ବିଭିନ୍ନ ଦେବଦେବୀଙ୍କ ମନ୍ଦିରର କୌଣସି ସୂକ୍ଷ୍ମ କାରୁକାର୍ଯ୍ୟ ପଥର ବଦଳାଗଲେ ସେଠାରେ କେବଳ ସାଦା ପଥର ବସାଯାଉଛି। ସେହିଭଳି କାରୁକାର୍ଯ୍ୟ କରାଯାଉନାହିଁ। ଏହାକୁ ନେଇ ବିଭିନ୍ନ ସମୟରେ ଭକ୍ତ ଏବଂ ସେବାୟତଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। କିନ୍ତୁ ଏହାକୁ ଶୁଣିବାକୁ ନାରାଜ ଏଏସ୍ଆଇ। ଫଳସ୍ୱରୂପ ଶ୍ରୀମନ୍ଦିରରୁ ଅନେକ ସୂକ୍ଷ୍ମ କାରୁକାର୍ଯ୍ୟ ଲିଭି ଲିଭି ଯାଉଛି।







# ରାଜପରିବାରର ବାପ-ପୁଅ-ନାତିଙ୍କ ୩୪ ବର୍ଷ ରାଜୁତି

**ଭବାନୀପାଟଣା,୧୩।୪(ସମିସ):** କଳାହାଣ୍ଡି ଜିଲ୍ଲା ଇତିମଧ୍ୟରେ ୧୭ଟି ନିର୍ବାଚନ ସାମ୍ନା କରିସାରିଲାଣି। ଏହି ୧୭ଟି ନିର୍ବାଚନ ମଧ୍ୟରେ ଲୋକେ ୧୧ଜଣ ସାଂସଦ ନିର୍ବାଚିତ କରିଛନ୍ତି। ତନ୍ମଧ୍ୟରୁ ରାଜପରିବାର ୩ଜଣ ସଦସ୍ୟ ବାପ-ପୁଅ-ନାତିଙ୍କ ୩୪ ବର୍ଷ ରାଜୁତି ରହିଛି। ପ୍ରତାପ କେଶରୀ ଦେଓ ୧୯୬୨ରୁ ୧୯୮୦ ପର୍ଯ୍ୟନ୍ତ ୧୮ ବର୍ଷ, ତାଙ୍କ ପୁଅ ବିକ୍ରମ କେଶରୀ ଦେଓ ୧୯୯୮ରୁ ୨୦୦୯ ପର୍ଯ୍ୟନ୍ତ ୧୧ ବର୍ଷ ଏବଂ ନାତି ଅର୍କକେଶରୀ ଦେଓ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ୫ ବର୍ଷ; ମୋଟ ୩୪ବର୍ଷ କ୍ଷମତାରେ ରହିଛନ୍ତି। ଅନ୍ୟ ୮ ଜଣଙ୍କ ପୁଅ, ନାତି କିମ୍ବା ପରିବାରରୁ କେହି ନିର୍ବାଚିତ ହୋଇପାରିନାହାନ୍ତି। କେବଳ ଲୋକସଭା କ୍ଷେତ୍ରରେ ନୁହେଁ, ବିଧାନସଭା କ୍ଷେତ୍ରରେ ମଧ୍ୟ ଏହି ପରିବାରର ଦୀର୍ଘ ଦିନର ରାଜୁତି ରହିଛି।







କଳାହାଣ୍ଡିରେ ୧୯୫୨ରେ ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣତନ୍ତ୍ର ପରିଷଦରୁ ଗିରିଧାରୀ ଭୋଇ ପ୍ରଥମ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ୧୯୫୨ରୁ ୧୯୬୨ ଯାଏଁ କଳାହାଣ୍ଡି ସାଂସଦ ରହିଥିଲେ। ୧୯୬୨ରେ ରାଜ ପରିବାରରୁ ପ୍ରତାପ କେଶରୀ ଦେଓ ସ୍ୱତନ୍ତ୍ର ପାର୍ଟିରୁ ନିର୍ବାଚନ ଲଢ଼ି ସାଂସଦ ନିର୍ବାଚିତ ହୋଇଥିଲେ। ଶ୍ରୀ ଦେଓ ୧୯୬୨ରୁ ୧୯୮୦ ପର୍ଯ୍ୟନ୍ତ ସାଂସଦ ଥିଲେ। ପରବର୍ତ୍ତୀ ସମୟରେ ୧୯୮୦-୧୯୮୪ ପର୍ଯ୍ୟନ୍ତ ରାସବିହାରୀ ବେହେରା, ୧୯୮୪-୧୯୮୯ ଜଗନ୍ନାଥ ପଟ୍ଟନାୟକ, ୧୯୮୯-୧୯୯୧ ଭକ୍ତଚରଣ ଦାସ, ୧୯୯୧-୧୯୯୬ ସୁବାସ ନାୟକ, ୧୯୯୬-୧୯୯୮ ଭକ୍ତ ଚରଣ ଦାସ, ୧୯୯୮ରୁ ୨୦୦୯ ଯାଏଁ ରାଜ ପରିବାରର ପ୍ରତାପ କେଶରୀ ଦେଓଙ୍କ ପୁଅ ବିକ୍ରମ କେଶରୀ ଦେଓ, ୨୦୦୯-୨୦୧୪ ଭକ୍ତ ଚରଣ ଦାସ, ୨୦୧୪-୨୦୧୯ ରାଜ ପରିବାର ସଦସ୍ୟ ବିକ୍ରମ କେଶରୀଙ୍କ ପୁଅ ଅର୍କକେଶରୀ ଦେଓ ସାଂସଦ ରହିଥିଲେ। ଆଉ ଏବେ ୨୦୧୯-୨୦୨୪ ପର୍ଯ୍ୟନ୍ତ ବିଜେପିର ବସନ୍ତ ପଣ୍ଡା ସାଂସଦ ରହିଛନ୍ତି।

ଜୁନାଗଡ଼ ବିଧାନସଭା ଆସନରେ ୧୯୫୧-୧୯୬୧ ଯାଏଁ ଗଣତନ୍ତ୍ର ପରିଷଦରୁ ପ୍ରତାପ କେଶରୀ ଦେଓ ବିଧାୟକ ନିର୍ବାଚିତ ହୋଇଥିଲେ। ସେହିପରି ୧୯୭୪ରେ ତାଙ୍କ ପୁଅ ଉଦିତ ପ୍ରତାପ ଦେଓ ସ୍ୱତନ୍ତ୍ର ପାର୍ଟିରୁ ଏହି ଆସନରେ ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୮୫-୨୦୦୦ ପର୍ଯ୍ୟନ୍ତ ତିନୋଟି ନିର୍ବାଚନ ପ୍ରତାପ କେଶରୀ ଦେଓଙ୍କ ସାନପୁଅ ବିକ୍ରମ କେଶରୀ ଦେଓ ବିଧାୟକ ନିର୍ବାଚିତ ହୋଇଥିଲେ। ରାଜ ପରିବାରର ଅନ୍ୟଜଣେ ସଦସ୍ୟ ପଟ୍ଟାୟତ ବୀର କିଶୋର ଦେଓ ମଧ୍ୟ ବିଧାୟକ ନିର୍ବାଚିତ ହୋଇଛନ୍ତି। କେବଳ କଳାହାଣ୍ଡି ରାଜପରିବାର ନୁହେଁ, ଜୟପାଟଣା ସିଂ ଦେଓ (ଜମିଦାର) ପରିବାର ମଧ୍ୟ ପିଢ଼ି ପରେ ପିଢ଼ି ରାଜନୈତିକ କ୍ଷେତ୍ରରେ ଦବଦବା ଜାହିର କରିଛନ୍ତି। ୧୯୭୨-୧୯୭୭ରେ ତତ୍କାଳୀନ କୋକସରା ବିଧାନସଭା କ୍ଷେତ୍ରରେ ଏହି ପରିବାରର ଚନ୍ଦ୍ରଭାନୁ ସିଂଦେଓ ବିଧାୟକ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୯୫-୨୦୦୫ ପର୍ଯ୍ୟନ୍ତ ତାଙ୍କ ପତ୍ନୀ ରୋଶନୀ ସିଂଦେଓ ଏବଂ ୨୦୦୫-୨୦୧୯ ଯାଏଁ ତାଙ୍କ ପୁତ୍ର ପୁଷ୍ପେନ୍ଦ୍ର ସିଂହଦେଓ ବିଧାୟକ ହୋଇଥିଲେ।

କଳାହାଣ୍ଡି ରାଜନୀତି ସହ ଓତପ୍ରୋତ ଜଡ଼ିତ ଥିବା ଏବଂ କଳାହାଣ୍ଡି ରାଜନୀତିକୁ ପାଖରୁ ଦେଖିଥିବା ଅନେକ ଅଭିଜ୍ଞ ନେତା ଲୋକସଭା ଏବଂ ବିଧାନସଭା କ୍ଷେତ୍ରରେ ବାରମ୍ବାର ନିର୍ବାଚିତ ହୋଇଛନ୍ତି। ଭୂପିନ୍ଦର ସିଂ, ରାସ ବିହାରୀ ବେହେରା, କିରଣ ସିଂ, ବୀର ସିପକା, ଜଗନ୍ନାଥ ପଟ୍ଟନାୟକ, ମହେଶ୍ୱର ବରାଡ଼, ମହେଶ୍ୱର ନାଏକ, ଭକ୍ତ ଦାସ ଓ ଧନେଶ୍ୱର ମାଝୀ ଆଦି ଅନେକ ବର୍ଷୀୟାନ ନେତା ବାରମ୍ବାର ନିର୍ବାଚିତ ହୋଇଛନ୍ତି। ହେଲେ ତାଙ୍କ ପୁଅ କିମ୍ବା ତାଙ୍କ ପରିବାରର ଆଉ କାହାର ରାଜନୀତି ମଇଦାନରେ ଭବିଷ୍ୟତ ନିର୍ମାଣ କରିପାରିନାହାନ୍ତି।

ଅବଶ୍ୟ କିଛି ନେତା ତାଙ୍କ ପୁଅ, ବୋହୂ ଆଉ ସ୍ତ୍ରୀଙ୍କୁ ପଞ୍ଚାୟତ ରାଜନୀତିରେ ପ୍ରତିଷ୍ଠିତ କରିପାରିଛନ୍ତି; ହେଲେ ବିଧାୟକ କିମ୍ବା ସାଂସଦ କରିପାରିନାହାନ୍ତି। ଏହାର ଏକମାତ୍ର କାରଣ ହୋଇପାରେ ରାଜାରାଜୁଡ଼ା ଶାସନ ଗଲେ ବି ରାଜପରିବାର ପ୍ରତି ଲୋକଙ୍କ ଆନୁଗତ୍ୟ ଏବଂ ଶ୍ରଦ୍ଧା ଏବେ ବି ବଞ୍ଚି ରହିଛି। ଚଳିତ ନିର୍ବାଚନରେ ମଧ୍ୟ ଏହି ପରିବାରବାଦ ଦେଖିବାକୁ ମିଳିଛି। ବିଜେପି ପୁଣିଥରେ ରାଜପରିବାର ବୋହୂ ଉପରେ ଭରସା କରି ମାଳବିକାଙ୍କୁ ଟିକଟ ଦେଇଛି।

### ପରିବାରବାଦ ରାଜନୀତିରୁ ମୁକୁଳି ପାରୁନାହାନ୍ତି ଭକ୍ତ

ପରିବାରବାଦ ଅବା ବଂଶବାଦ ରାଜନୀତିରେ କଳାହାଣ୍ଡିର ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ ଚଳିତ ନିର୍ବାଚନରେ ଆହୁରି ଦୁଇପାଦ ଆଗରେ ରହିଛନ୍ତି। ଭକ୍ତ ଦାସ ତାଙ୍କ ଭାଇ ଅଜିତ ଦାସ ଆଉ ପୁଅ ସାଗର ଦାସ ସମସ୍ତେ ଦଳୀୟ କର୍ମୀଙ୍କୁ ଅଣଦେଖା କରି ପିଢ଼ି ପରେ ପିଢ଼ି ପରିବାରବାଦ ରାଜନୀତି କରି ଚାଲିଥିବା ଦଳୀୟ ମହଲରେ ଅଭିଯୋଗ ହୋଇଆସୁଛି। ବିଜେପିର ବଂଶବାଦକୁ ନେଇ କଂଗ୍ରେସ ପ୍ରତ୍ୟାରୋପ କରୁଥିବା ବେଳେ ଭକ୍ତ ଦାସ ଏ କ୍ଷେତ୍ରରେ ବ୍ୟତିକ୍ରମ ଥିବା କଂଗ୍ରେସ କର୍ମୀ ମହଲରେ ଆଲୋଚନା ହେଉଛି।

ଭକ୍ତଙ୍କ ବଡ଼ ଭାଇ ଅଜିତ ଦାସ ୧୯୯୦ରେ ଜନତା ଦଳରୁ ଭବାନୀପାଟଣା ଆସନରୁ ବିଧାୟକ ହୋଇଥିଲେ। ଚଳିତ ନିର୍ବାଚନରେ ଭକ୍ତ ଦାସ ନର୍ଲା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ପୁଅ ସାଗର ଦାସଙ୍କୁ ଭବାନୀପାଟଣା ବିଧାନସଭା ଆସନରୁ ପ୍ରାର୍ଥୀ କରାଇଛନ୍ତି।

## ଆଠଗଡ଼ ବିଧାନସଭା କ୍ଷେତ୍ର

# ରାଜାଙ୍କ ଗଡ଼ରେ ୩ ଦଶନ୍ଧି ହେଲାଣି ବିରୋଧୀ ଧରାଶାୟୀ

**କଟକ, ୧୩।୪ (ସମିସ):** କଟକ ଜିଲ୍ଲାର ଏକ ସମ୍ମାନଜନକ ବିଧାନସଭା କ୍ଷେତ୍ର ହେଉଛି ଆଠଗଡ଼। ଏକଦା ଏହି ନିର୍ବାଚନମଣ୍ଡଳୀରୁ ରାଧାନାଥ ରଥ ଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ନିର୍ବାଚିତ ହୋଇଥିବାର ନଜିର ରହିଛି। ରାଧାନାଥ ସ୍ୱାଧୀନ ପ୍ରାର୍ଥୀ ଭାବେ ଦୁଇଥର ବିଧାୟକ ହୋଇଥିବା ବେଳେ ଜାନକୀବଲ୍ଲଭ ମଧ୍ୟ କଂଗ୍ରେସରୁ ଲଢ଼ି ଗୋଟିଏ ଉପନିର୍ବାଚନ ଓ ୧୯୮୫ ସାଧାରଣ ନିର୍ବାଚନରେ ବିଧାୟକ ନିର୍ବାଚିତ ହୋଇଥିଲେ। ତେବେ ଏହା ପରଠାରୁ ଅର୍ଥାତ ୧୯୯୦ ମସିହାରୁ ରଣେନ୍ଦ୍ର ପ୍ରତାପ(ରାଜା) ସ୍ୱାଇଁଙ୍କ ଗଡ଼ ପାଲଟିଛି ଆଠଗଡ଼। ଦୀର୍ଘ ୩ ଦଶନ୍ଧି (୩୪ବର୍ଷ) ଧରି ଏଠାରେ ବିରୋଧୀ ଧରାଶାୟୀ ହୋଇଛନ୍ତି। ୭ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ରାଜା ଏଥର ଅଷ୍ଟମଥର ପାଇଁ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ହେଉଛନ୍ତି।

### ୨୦୧୯ ନିର୍ବାଚନ ଫଳାଫଳ

ରଣେନ୍ଦ୍ର ପ୍ରତାପ ସ୍ୱାଇଁ(ବିଜେଡି)-୯୮, ୧୧୪ଖଣ୍ଡ ଭୋଟ(୬୦.୩୯ପ୍ରତିଶତ)
ବ୍ରଜେନ୍ଦ୍ର ରାୟ(ବିଜେପି)-୪୦, ୧୧୯ଖଣ୍ଡ ଭୋଟ(୨୪.୬୯ପ୍ରତିଶତ)
ଉମାବଲ୍ଲଭ ରଥ(କଂଗ୍ରେସ)-୧୦, ୯୪୫ଖଣ୍ଡ ଭୋଟ(୬.୭୪ପ୍ରତିଶତ)

### ୨୦୨୪ରେ ମତସାବ୍ୟସ୍ତ କରିବେ

୧, ୦୮, ୬୧୬(ପୁରୁଷ), ୧, ୦୨, ୮୬୫(ମହିଳା), ୯(ଅନ୍ୟାନ୍ୟ)
ମୋଟ ଭୋଟର-୨, ୧୧, ୪୯୦ଜଣ

ଏହି ଆସନ ପାଇଁ ୨୦୧୯ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ି ପରାଜୟ ବରଣ କରିଥିବା ପୂର୍ବତନ ସାମରିକ କର୍ମଚାରୀ ଅଭୟ ବାରିକଙ୍କୁ ପ୍ରାର୍ଥୀ ରୂପେ ଘୋଷଣା କରିଛି ବିଜେପି। ଏବେ ସୁଦ୍ଧା କଂଗ୍ରେସ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରିନାହିଁ। ଗୋଟିଏ ପଟରେ ବିଜେଡି ଏକଜୁଟ ହୋଇ ରାଜାଙ୍କ ପଛରେ ଛିଡ଼ା ହୋଇଥିବା ବେଳେ ବିଜେପିରେ କିନ୍ତୁ ଗୋଷ୍ଠୀକନ୍ଦଳ ସ୍ପଷ୍ଟ ବାରି ହୋଇପଡ଼ିଛି। କାରଣ ପୂର୍ବରୁ ବିଜେପିର ବିଧାୟକ ପ୍ରାର୍ଥୀ ହୋଇଆସିଥିବା ଓ ଦଳର ସଂଗଠନ କରିଥିବା କେତେକ ନେତା ନିରାଶ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବ୍ରଜେନ୍ଦ୍ର ରାୟ, ରାମ ନାରାୟଣ ମହାନ୍ତି, ବିଜୟ କୁମାର ପରିଡ଼ା ଅନ୍ୟତମ। ୧୯୯୦ ଓ ୧୯୯୫ରେ ଜନତା ଦଳ ପ୍ରାର୍ଥୀ ଭାବେ ୨୦୦୦, ୨୦୦୪, ୨୦୧୨ ଉପନିର୍ବାଚନ, ୨୦୧୪, ୨୦୧୯ରେ ବିଜୁ ଜନତା ଦଳ ପ୍ରାର୍ଥୀ ହୋଇ କ୍ରମାଗତ ଭାବେ ଜିତି ଆସିଛନ୍ତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଏପରିକି ୨୦୦୦ ମସିହାରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ୪୦, ୪୨୫ଖଣ୍ଡ ଭୋଟରେ ହରାଇ ପାରିଥିଲେ। ୨୦୦୯ ନିର୍ବାଚନ ଲଢ଼ିବାରୁ ବଞ୍ଚିତ





ହୋଇ ସ୍ୱାଧୀନ ପ୍ରାର୍ଥୀ ରମେଶ ରାଉତଙ୍କୁ ଜିତାଇ ନିଜର ସାଂଗଠନିକ ଦକ୍ଷତାକୁ ପ୍ରମାଣିତ କରିଥିଲେ। ୧୯୮୫ରୁ ବିଜେପି ଆଠଗଡ଼ରେ ପ୍ରାର୍ଥୀ ଦେଇ ଆସୁଛି। ୧୯୮୫ରେ ମାତ୍ର ୨.୦୮ ପ୍ରତିଶତ ଭୋଟ, ୧୯୯୦ରେ ୪.୯୯ ପ୍ରତିଶତ, ୧୯୯୫ରେ ମାତ୍ର ୧.୩୭ ପ୍ରତିଶତ ଭୋଟ ପାଇଥିଲେ ବିଜେପି ପ୍ରାର୍ଥୀ। ୨୦୦୦ ଓ ୨୦୦୪ରେ ବିଜେପି-ବିଜେଡି ମେଣ୍ଟ ହୋଇଥିବା ବେଳେ ଏହି ଆସନ ବିଜେଡି ଭାଗରେ ପଡ଼ିବାରୁ ଏଠାରେ ବିଜେପି ପ୍ରାର୍ଥୀ ଦେଇନଥିଲା। ତେବେ ୨୦୦୯ରେ ରାମନାରାୟଣ ମହାନ୍ତି ବିଜେପି ପ୍ରାର୍ଥୀ ହୋଇ ମାତ ୨.୬୬ ପ୍ରତିଶତ ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ୨୦୧୪ରେ ବିଜେପି ପ୍ରାର୍ଥୀ ବିଶ୍ୱସୁନ୍ଦର ମିଶ୍ର ୪.୮୪ ପ୍ରତିଶତ ଭୋଟ ପାଇଥିବା ବେଳେ ୨୦୧୯ରେ ବ୍ରଜେନ୍ଦ୍ର ରାୟ ୨୪.୬୯ ପ୍ରତିଶତ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସର ସ୍ଥିତି ବି ଆଉ ୧୯୯୦ରୁ ସୁଦୃଢ଼ ହୋଇପାରିନାହିଁ। ଆଠଗଡ଼ରେ ରାଜାଙ୍କ ବିଜୟ ଧାରାରେ ବିରୋଧୀ କେତେଦୂର ବ୍ରେକ୍ ଦେଇପାରୁଛନ୍ତି, ତାହା ସମୟ କହିବ।

### ବିଜେପି ଓ କଂଗ୍ରେସ ପାଇଁ ଆହ୍ୱାନ

# ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡ଼ିଲେ ଲେଖାଶ୍ରୀ

**ପୁରୀ,୧୩।୪(ସମିସ):** ବିଧିବଦ୍ଧ ଭାବେ ପ୍ରଚାର ମଇଦାନକୁ ଓହ୍ଲାଇବା ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବିଜୁ ଜନତା ଦଳର ବାଲେଶ୍ୱର ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର। ଶନିବାର ପୂର୍ବାହ୍ନରେ ପରିବାରସଦସ୍ୟ ଏବଂ ସମ୍ପର୍କୀୟଙ୍କ ସହ ଲେଖାଶ୍ରୀ ପୁରୀରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଲୋଡ଼ିଥିଲେ। ଦର୍ଶନ ସାରି ମନ୍ଦିରରୁ ଫେରିବା ପରେ ଅରୁଣ ସ୍ତମ୍ଭ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ ହୋଇ ଦୀପ ଲଗାଇ ପ୍ରାର୍ଥନା କରିଥିଲେ। ଦର୍ଶନ ପରେ ଲେଖାଶ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ ମୋର ଅପୂର୍ବ ସୌଭାଗ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ଦର୍ଶନ ମିଳିଲା। ଓଡ଼ିଶାରେ ଏବଂ ବିଶ୍ୱରେ ରହୁଥିବା ସମସ୍ତ ଓଡ଼ିଆଙ୍କ ପାଇଁ ମଙ୍ଗଳ କାମନା କରିଛି। ଓଡ଼ିଶା ଆହୁରି ଶକ୍ତିଶାଳୀ ଏବଂ ଭବ୍ୟ ହେଉ। ବିଶ୍ୱ ଦରବାରରେ ଓଡ଼ିଆମାନେ ଆହୁରି ପ୍ରତିଷ୍ଠିତ ହୁଅନ୍ତୁ। ମହାପ୍ରଭୁଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମଙ୍ଗଳ କାମନା କରିଛି। ମହାପ୍ରଭୁ ମୋତେ ଯେଉଁଆଡ଼େ ବାଟ କଢ଼ାଇନେବେ, ମୁଁ ସେଇଆଡ଼େ ଯିବି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଓ ଚିନ୍ତାଧାରାକୁ ଦେଖି ବିଜୁ ଜନତା ଦଳରେ ଯୋଗଦାନ କରିଛି। ମୁଖ୍ୟମନ୍ତ୍ରୀ ମୋ ଉପରେ ଆଶା ପ୍ରକଟ କରି ସାଂସଦ ଟିକଟ ପ୍ରଦାନ କରିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ପ୍ରଚାର ମଇଦାନକୁ ଓହ୍ଲାଇବେ ବୋଲି କହିଛନ୍ତି ଲେଖାଶ୍ରୀ।



# ମତଦାନ ପାଇଁ ଆସୁନାହାନ୍ତି ପ୍ରବାସୀ ଓଡ଼ିଆ ଭୋଟର୍

**ଭୁବନେଶ୍ୱର,୧୩।୪(ସମିସ):** ବିଦେଶରେ ରହୁଥିବା ଓଡ଼ିଆ ଭୋଟର୍‌ଙ୍କ ସଂଖ୍ୟାରେ ତିନିଗୁଣା ବୃଦ୍ଧି ହୋଇଛି। କିନ୍ତୁ ସେଥିମଧ୍ୟରୁ ଜଣେ କେହି ବି ମତଦାନ ସାବ୍ୟସ୍ତ କରିବାକୁ ଆସୁନାହାନ୍ତି। ୨୦୧୪ କିମ୍ବା ୨୦୧୯ ନିର୍ବାଚନରେ ଜଣେ ହେଲେ ବି ଓଡ଼ିଆ ଏନ୍‌ଆରଆଇ ଭୋଟର ନିଜ ମତଦାନ ଅଧିକାର ସାବ୍ୟସ୍ତ କରିନାହାନ୍ତି। ଯଦିଓ ଏନ୍‌ଆରଇ ଭୋଟରମାନଙ୍କ ମତଦାନ ପାଇଁ ଭାରତୀୟ ନିର୍ବାଚନ ଆୟୋଗ ସବୁମତେ ବ୍ୟବସ୍ଥା କରିଛନ୍ତି, କିନ୍ତୁ ମତଦାନରେ ତାହା ପ୍ରତିଫଳିତ ହେଉନାହିଁ।

ସୂଚନାନୁସାରେ, ୨୦୧୯ରେ ଓଡ଼ିଶାରେ ଏନ୍‌ଆର୍‌ଆଇ ଭୋଟର୍ ସଂଖ୍ୟା ୪୨ ଥିବା ବେଳେ ୨୦୨୪ ସୁଦ୍ଧା ଏହି ସଂଖ୍ୟା ୧୮୪କୁ ବୃଦ୍ଧି ପାଇଛି। ଅର୍ଥାତ୍ ଏହି ସମୟ ଭିତରେ ୩୩୮% ଅଭିବୃଦ୍ଧି ହୋଇଛି। ୨୦୨୪ ସୁଦ୍ଧା ପଞ୍ଜିକୃତ ୧୮୪ ଏନ୍‌ଆରଆଇ ଭୋଟର ରାଜ୍ୟର ୫୪ଟି ବିଧାନସଭା କ୍ଷେତ୍ରର ମୂଳ ବାସିନ୍ଦା। ୨୦୧୯ରେ ଥିବା ୪୨ ଏନ୍‌ଆରଆଇ ଭୋଟର ୨୩ଟି ବିଧାନସଭା କ୍ଷେତ୍ରରେ ପଞ୍ଜିକୃତ ହୋଇଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ଜଣେ ହେଲେ ବି ଏନ୍‌ଆରଆଇ ମତଦାତା ଭୋଟ ଦେଇନଥିବା ବେଳେ ୨୦୧୪ରେ ଜଣେ ହେଲେ ବି ଏନ୍‌ଆରଆଇ ଭୋଟର ପଞ୍ଜିକୃତ ହୋଇନଥିଲେ। ୨୦୧୯ରେ ସମଗ୍ର ଦେଶରେ ୧ଲକ୍ଷ ଏନ୍‌ଆରଆଇ ଭୋଟର ଥିଲେ, କିନ୍ତୁ ସେମାନଙ୍କ ଭିତରୁ ମାତ୍ର ୨୫,୦୦୦ ମତଦାନ ପାଇଁ ଭାରତ ଆସିଥିଲେ।

### ୫ ବର୍ଷରେ ତିନିଗୁଣା ବଢ଼ିଛି ଓଡ଼ିଆ ଏନ୍‌ଆରଆଇ ଭୋଟରଙ୍କ ସଂଖ୍ୟା

ଯଦିଓ ଓଡ଼ିଆ ଏନ୍‌ଆରଇ ଭୋଟର ସଂଖ୍ୟାରେ ବଡ଼ ଅଭିବୃଦ୍ଧି ହୋଇଛି, ଆଗାମୀ ନିର୍ବାଚନରେ ସେମାନେ ମତଦାନ ପାଇଁ ଓଡ଼ିଶା ଆସୁଛନ୍ତି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିବ। ଅତୀତରେ ଅନେକ ପ୍ରବାସୀ ଭାରତୀୟ ସଂଗଠନ ବିଦେଶରେ ରହୁଥିବା ଭାରତୀୟଙ୍କ ମତଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କୁ ଅନୁରୋଧ କରିଥିଲେ। ନିର୍ବାଚନ ନିୟମରେ ସଂଶୋଧନ କରି ଭାରତ ନ ଆସି ମତଦାନ ପାଇଁ ସୁଯୋଗ ଦେବା ପାଇଁ ପ୍ରସ୍ତାବ ମିଳିଥିଲା। କିନ୍ତୁ ଅଦ୍ୟାବଧି ଏନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ନିର୍ବାଚନ ଡ୍ୟୁଟିରେ ନିୟୋଜିତ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଇଲେକ୍ଟ୍ରୋନିକାଲି ଟ୍ରାନ୍ସମିଟେଡ୍ ପୋଷ୍ଟାଲ ବାଲଟ୍ ସିଷ୍ଟମ୍ (ଇଟିପିବିଏସ୍)କୁ ଏନ୍‌ଆରଆଇ ଭୋଟର୍‌ମାନଙ୍କ କ୍ଷେତ୍ରରେ ଲାଗୁ କରିବା ଲାଗି ୨୦୨୦ରେ ନିର୍ବାଚନ ଆୟୋଗ କେନ୍ଦ୍ର ଆଇନ ମନ୍ତ୍ରାଳୟକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଅଷ୍ଟ୍ରେଲିଆରେ ରହୁଥିବା ଜଣେ ପ୍ରବାସୀ ଓଡ଼ିଆଙ୍କ ସମ୍ପର୍କୀୟ ମନମିତ ସିଂ କହିଛନ୍ତି, ନିର୍ବାଚନ ଭଳି ଗଣତନ୍ତ୍ରର ମହାନ୍ ପର୍ବରେ ସାମିଲ ହେବା ପାଇଁ ସମସ୍ତଙ୍କର ଇଚ୍ଛା। କିନ୍ତୁ ଯିବାଆସିବା ବାବଦ ଖର୍ଚ୍ଚ ବହନ କରିବା ପାଇଁ ସେମାନେ ପ୍ରସ୍ତୁତ ନୁହଁ। ସେଥିପାଇଁ ବିଦେଶରେ ରହୁଥିବା ଅନେକ ଲୋକ ଭୋଟ ଦେବା ପାଇଁ ଭାରତ ଆସୁନାହାନ୍ତି। ଏହାବ୍ୟତୀତ ପାଠପଢ଼ା, ଚାକିରି, ବ୍ୟବସାୟ ଏବଂ ଅନ୍ୟ ଦାୟିତ୍ୱ ଛାଡ଼ି ମତଦାନ ପାଇଁ ଆସିବାକୁ ରାଜି ହେଉନାହାନ୍ତି ବୋଲି ସେ କହିଛନ୍ତି।

## ବଲାଙ୍ଗିର ବିଜେପିରେ ଶୀତଳ ବିଦ୍ରୋହ

# ବନ୍ଧୁମିଳନ ନାଁରେ ଅନନ୍ତଙ୍କ ଶକ୍ତି ପ୍ରଦର୍ଶନ

**ବଲାଙ୍ଗିର,୧୩।୪(ସମିସ):** ବଲାଙ୍ଗିର ରାଜନୀତିରେ 'ପଦ୍ମ' ଦଳିଆଙ୍କ ପାଇଁ ଏବେ ସମସ୍ୟା ବଢ଼ି ବଢ଼ି ଚାଲିଛି। ଘର ଭିତରେ ଜଳୁଛି ଅସନ୍ତୋଷର ନିଆଁ। କିଏ ଦଳ ଛାଡ଼ି ବିଜେପି ପ୍ରାର୍ଥୀଙ୍କୁ ହରାଇବାକୁ ଶପଥ ନେଉଛି ତ ପୁଣି କିଏ ଦଳ ଭିତରେ ରହି ନିଜ ପ୍ରାର୍ଥୀଙ୍କୁ ଛୁରିକାଘାତ ପାଇଁ ପ୍ରସ୍ତୁତି ଚଳାଇଛି। ଗତକାଲି ବଲାଙ୍ଗିର ବିଜେପିରେ ପୁଣି ଏମିତି କିଛି ଘଟଣା ଦେଖିବାକୁ ମିଳିଛି। ବନ୍ଧୁମିଳନ ନାଁରେ ଅସନ୍ତୁଷ୍ଟ ଟିକଟ ଆଶାୟୀ ଅନନ୍ତ ଦାସ ନିଜର ଶକ୍ତି ପ୍ରଦର୍ଶନ କରି ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

ଶୁକ୍ରବାର ସ୍ଥାନୀୟ ଭଗବତୀ କଲ୍ୟାଣ ମଣ୍ଡପରେ ବିଜେପି ପକ୍ଷରୁ ଏକ ବଡ଼ ସମାବେଶର ଆୟୋଜନ କରାଯାଇଥିଲା। ଦଳୀୟ ଚିହ୍ନ ସହ ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ବ୍ୟାନର୍ ମଧ୍ୟ ଲାଗିଥିଲା। ବିଭିନ୍ନ ଗାଁରୁ ଗାଡ଼ିରେ ଲୋକ ମଧ୍ୟ ଆସିଥିଲେ। ସମାବେଶକୁ ଆସିଥିବା କିଛି କର୍ମୀମାନଙ୍କ କହିବା ଅନୁସାରେ, ସେମାନେ ଅନନ୍ତଙ୍କୁ ନିଜ ନେତା ବୋଲି ମାନନ୍ତି। ଦଳ ତାଙ୍କୁ ଟିକଟ ନଦେଇ ଭଲ କଲା ନାହିଁ। ଆବଶ୍ୟକ ହେଲେ ସେମାନେ ବିଜେପି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ମିଳିମିଶି ହରାଇବୁ ବୋଲି କହିଛନ୍ତି। ଅନନ୍ତ ଏହି ସମାବେଶର ନେତୃତ୍ୱ ନେଇଥିବା ବେଳେ ସଭା ପରିଚାଳନା କରିଥିଲେ ବରିଷ୍ଠ ବିଜେଡି କର୍ମୀ ଅନୀଲ ପାଣିଗ୍ରାହୀ। ସଭାରେ ଉପସ୍ଥିତ ରହିଥିଲେ କିଛି ମଣ୍ଡଳ ସଭାପତି ଓ ବରିଷ୍ଠ କର୍ମକର୍ତ୍ତା। ଉପସ୍ଥିତ ଥିବା ନେତାମାନେ ହେଲେ ଗୁଣନିଧି ପଟେଲ, ଉଗ୍ରେସନ ପାତ୍ର, ଗଣେଶ ବାଗ, ଅଶୋକ ସାଏ, ଗୋପୀନାଥ ଖେତୀ, ଗୀତାଞ୍ଜଳି ବେହେରା, ମମତା ଗଡ଼ନାୟକ, ସୋମନାଥ ସିଂହଦେଓ, ନୂତନ ସେଲମା। ଏହସହ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ।

ଅନନ୍ତ ୨୦୧୯ ନିର୍ବାଚନରେ ବିଜେପି ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେ ପ୍ରାୟ ୩୮ ହଜାର ଭୋଟ ପାଇ ତିନି ନମ୍ବରରେ ରହିଥିଲେ। ଗତ ନିର୍ବାଚନ ସମୟରେ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ସହ ତାଙ୍କର ସମ୍ପର୍କ ବି ଭଲ ଥିଲା। କିନ୍ତୁ ନିର୍ବାଚନ ପରେ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବାରୁ ତାଙ୍କ ଜାଗା ନେଇଥିଲେ ଗୋପାଳଜୀ ପାଣିଗ୍ରାହୀ। ସ୍ୱାଭାବିକ ଭାବେ ସାଂସଦ ଶ୍ରୀମତୀ ସିଂହଦେଓ ଓ ତାଙ୍କ ସ୍ୱାମୀ କନକବର୍ଦ୍ଧନ ସିଂହଦେଓଙ୍କ ଅନୁଗତ ଥିବାରୁ ତାଙ୍କୁ ଦଳ ସଦର ବିଧାୟକ ଟିକଟ ଦେଇଛି। କିନ୍ତୁ ଏ ଅବିଚାରକୁ ଅନନ୍ତ ଓ ତାଙ୍କ ସମର୍ଥକମାନେ ସହିପାରୁନାହାନ୍ତି। ତେଣୁ ବନ୍ଧୁମିଳନ ନାଁରେ ଅନନ୍ତ ଆଜି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

### ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀଙ୍କ ନେତୃତ୍ୱରେ ସମାବେଶ





ଅନନ୍ତ ପରୋକ୍ଷରେ କହିଛନ୍ତି, ଦଳ ଟିକଟ କାଟି ତାଙ୍କ ପ୍ରତି ଅବିଚାର କରିନାହିଁ। ସାଂସଦଙ୍କ କହିବା ଅନୁସାରେ ତାଙ୍କୁ ଟିକଟ ଦିଆଯାଇନାହିଁ। ତାଙ୍କ ବିରୋଧରେ ସେ ହିଁ ଷଡ଼୍‌ଯନ୍ତ୍ର କରିଛନ୍ତି। ତେବେ ଗତ କିଛି ମାସ ତଳେ ରାଜ୍ୟ ବିଜେପି ସଭାପତି ବଲାଙ୍ଗିର ଆସିଥିବା ବେଳେ ତାଙ୍କ ଶୋଭାଯାତ୍ରାରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଅନନ୍ତ ଦାସ ଓ ଗୋପାଳଜୀ ପାଣିଗ୍ରାହୀ ମୁହାଁମୁହିଁ ହେବା ସହ ହାତାହାତି ହୋଇଥିଲେ। ଏହା ସାରା ରାଜ୍ୟ ଦେଖିଥିଲା। ଏବେ ପୁଣି ନିର୍ବାଚନ ପୂର୍ବରୁ ଅନନ୍ତଙ୍କ ଏଭଳି ସମାବେଶ ଆୟୋଜନରୁ ତାଙ୍କ ସ୍ୱର 'ବିଦ୍ରୋହ'ର ବୋଲି ସ୍ପଷ୍ଟ ହୋଇଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

ଅନ୍ୟପକ୍ଷରେ ଅନନ୍ତ କହିଛନ୍ତି ଯେ ସେ ବିଦ୍ରୋହ କରୁନାହାନ୍ତି। ତାଙ୍କ ପ୍ରତି ଅନ୍ୟାୟ ହୋଇଛି ସତ କିନ୍ତୁ ସେ ଏବେ ବି ଦଳରେ ରହିଛନ୍ତି। ଏହା କେବଳ ଏକ ସାଧାରଣ ବନ୍ଧୁମିଳନ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଧାୟକ ପ୍ରାର୍ଥୀ ଶ୍ରୀ ପାଣିଗ୍ରାହୀଙ୍କ କହିବା ଅନୁସାରେ ଦଳ ଭିତରେ ଏହିଭଳି ମନାନ୍ତର ରୁହେ। ଆବଶ୍ୟକ ହେଲେ ସେ ଅନନ୍ତଙ୍କ ସହ ଆଲୋଚନା କରି ଆପୋଷ ବୁଝାମଣା କରିବାକୁ ପ୍ରସ୍ତୁତ। ଏନେଇ ବିଜେପି ଜିଲ୍ଲା ସଭାପତି କୌଣସି ପ୍ରତିକ୍ରିୟା ରଖି ନଥିବା ବେଳେ ଏହି ସମାବେଶ ଏବେ ପୁଣି ବିଜେପିର ଘରକଳିକୁ ପଦାରେ ପକାଇଛି ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ଦଳର ଟାଣୁଆ ସଂଗଠକ ପ୍ରଭାସ ପାଣିଗ୍ରାହୀ ଓ ପଙ୍କଜିନୀ ପଣ୍ଡା ଦଳ ଛାଡ଼ିଥିଲେ। ପ୍ରଭାସ ବିଜେଡିରେ ଯୋଗଦାନ କରିଥିବା ବେଳେ ପଙ୍କଜିନୀଙ୍କୁ ସାଂସଦ ପ୍ରାର୍ଥୀ ବୁଝାଇବା ପରେ ପୁଣି ଦଳକୁ ଫେରିଥିଲେ। ଗତ ନିର୍ବାଚନରେ ବଲାଙ୍ଗିର ସଦର ପ୍ରାର୍ଥୀ ହୋଇଥିବା ଅନନ୍ତ ଦାସ ଶୁକ୍ରବାର ବନ୍ଧୁମିଳନ ନାମରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ସିଧାସଳଖ ଦଳର ନିଷ୍ପତ୍ତି, ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରି ନଥିଲେ ସତ କିନ୍ତୁ ଏହି ସମୟରେ ତାଙ୍କର ଏହି ସମାବେଶ ଶୀତଳ ବିଦ୍ରୋହ ବୋଲି ଚର୍ଚ୍ଚା ହେଉଛି।

ଅପରପକ୍ଷେ, ତିନି ଦିନ ତଳେ ବରିଷ୍ଠ ବିଜେପି ନେତା ପ୍ରଭାସ ପାଣିଗ୍ରାହୀ ଦଳ ଛାଡ଼ି ବିଜେଡିରେ ଯୋଗଦାନ କରିଛନ୍ତି। ସେହିଭଳି ଆଉ ଜଣେ ବରିଷ୍ଠ ନେତ୍ରୀ ପଙ୍କଜିନୀ ପଣ୍ଡା ଦଳ ଛାଡ଼ିଥିଲେ ହେଁ ତାଙ୍କୁ ବୁଝାସୁଝା କରିବାରୁ ସେ ପୁଣି ଦଳକୁ ଫେରିଛନ୍ତି। ଏବେ ଅନନ୍ତ ଦାସଙ୍କୁ ଦଳ ଓ ନେତା ବୁଝାଇବେ ନା ପରୋକ୍ଷରେ ଏହି ଶୀତଳ ବିଦ୍ରୋହରେ ଘିଅ ଢାଳିବେ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

# ବିଜେପି ବନାମ ଦ୍ରାବିଡ଼ ରାଜନୀତି

ସ୍ୱାଧୀନୋତ୍ତର ଭାରତରେ ଆଜି ପର୍ଯ୍ୟନ୍ତ ଅନୁଷ୍ଠିତ ଲୋକସଭା ନିର୍ବାଚନ ମଧ୍ୟରେ ଚଳିତ ନିର୍ବାଚନ ବିଶେଷ ମହତ୍ତ୍ୱ ରଖୁଛି। ବିଶେଷକରିଏହି ନିର୍ବାଚନ ଫଳାଫଳକୁ ନେଇ ରାଜନୈତିକ ଦଳଙ୍କ ଠାରୁ ଆରମ୍ଭ କରି ଗଣମାଧ୍ୟମ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଯେଉଁଳି ଆଲୋଚନା ଚାଲିଛି ତଦ୍ୱାରା ମୋଦୀ ସରକାର ଯେ ହ୍ୟାଟ୍ରିକ୍ କରିବାକୁ ଯାଉଛି ତାହା ଏକପ୍ରକାର ସ୍ପଷ୍ଟ ହୋଇଛି। ଯଦି ୨୦୨୪ରେ ମୋଦୀ ସରକାରର ବିଜୟ ସୁନିଶ୍ଚିତ ତେବେ ଚଳିତ ନିର୍ବାଚନରେ ଆଉ କ'ଣ ଅଧିକ ଦେଖିବାକୁ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗୋଟିଏ ପକ୍ଷରେ ବିଜେପିକୁ ଟକ୍କର ଦେବା ଲାଗି କଂଗ୍ରେସ ନେତୃତ୍ୱରେ ଏକାଠି ହୋଇଥିବା ସବୁ ବିରୋଧୀ ଦଳଙ୍କ ମେଣ୍ଟ 'ଇଣ୍ଡି' ସ୍ଥିତି ଏବେ ଯେଉଁ ସ୍ତରରେ ପହଞ୍ଚିଛି ତାହା କାହାକୁ ଅଛପା ନାହିଁ। ଖୋଦ୍ କଂଗ୍ରେସରୁ ଏହାର ବରିଷ୍ଠ ନେତା ଯେଉଁଳି ମୁହଁ ଫେରାଇ ବିଜେପିରେ ସାମିଲ ହେବାରେ ଲାଗିଛନ୍ତି ତାହା ବିରୋଧୀ ମେଣ୍ଟର ଆତ୍ମବିଶ୍ୱାସକୁ ଗଭୀର ଭାବେ ପ୍ରଭାବିତ କରିଛି। ତେଣୁ ମୋଦୀ ସରକାରକୁ ଟକ୍କର ଦେବା ତ' ଦୂରର କଥା ବିରୋଧୀ ଏହି ନିର୍ବାଚନରେ ସେମାନଙ୍କ ପୂର୍ବ ସ୍ଥିତିକୁ କେତେ ଦୂର ବଜାୟ ରଖିବେ ତାହା ମଧ୍ୟ ଆଲୋଚ୍ୟର ବିଷୟ ହୋଇଛି। ଅନ୍ୟପକ୍ଷରେ ଦେଶର ସବୁ ଭାଗରେ ବିଜେପିର ହାତମୁଠା ବେଳକୁ ବେଳ ସଶକ୍ତ ହେବାରୁ



## ୩ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ନେତା

ଲାଗିଥିବାରୁ ସୁନିଶ୍ଚିତ ବିଜୟ ବ୍ୟତୀତ ଦଳ ଆଉ କିଛି ନୂଆ କରି ଦେଖାଇବ ବୋଲି କୁହାଯାଉଛି। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୨୭୨କୁ ବାଦ୍ ଦେଇ ବିଜେପି ସାରା ଦେଶରେ ଆଉ କିଛି ନୂଆ ପରମ୍ପରା ସୃଷ୍ଟି କରିବାକୁ ଯାଉଛି ବୋଲି ରାଜନୀତିକ ବିଶାରଦମାନଙ୍କ ମହଲରେ ଚର୍ଚ୍ଚା ବଢିଛି। ଏହିକ୍ରମରେ ଦଳ ଦକ୍ଷିଣ ଭାରତ ରାଜନୀତିରେ ୨୦୨୪ରେ କିଛି ନୂଆ କରି ଦେଖାଇବ ବୋଲି କୁହାଯାଉଛି।

୧୯୮୦ରେ ବିଜେପିର ଗଠନ ପରେ ଏହାକୁ ଏକ ରାଷ୍ଟ୍ରୀୟ ଦଳ ଭାବେ ବିଚାର କରିବାକୁ ଅନେକଙ୍କ ମନରେ ଦ୍ୱିଧା ରହିଥିଲା। ବିଜେପି କେବଳ ଉତ୍ତର ଭାରତରେ ସୀମିତ ବୋଲି କୁହାଯାଉଥିଲା। କିନ୍ତୁ ପରେ ପରେ ଉତ୍ତର ଭାରତ ସମେତ ପଶ୍ଚିମ ଭାରତ ଏବଂ ଗତ କିଛି ବର୍ଷ ମଧ୍ୟରେ ଉତ୍ତରପୂର୍ବ ରାଜ୍ୟଗୁଡିକରେ ଦଳର ପ୍ରଭାବ ବଢିଥିବା ଦେଖିବାକୁ ମିଳିଛି। ହେଲେ ତାମିଲନାଡୁ,କେରଳ ,କର୍ଣ୍ଣାଟକ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ଭଳି ଦକ୍ଷିଣ ଭାରତର ୫ ରାଜ୍ୟରେ ଜାତି,ସଂପ୍ରଦାୟ, ଭାଷା ଏବଂ ପରମ୍ପରାକୁ ନେଇ ବଳବତ୍ତର ରହିଥିବା ଦ୍ରାବିଡ ରାଜନୀତିକୁ ବିଜେପି ଟକ୍କର ଦେଇପାରି ନାହିଁ। କିନ୍ତୁ ୨୦୨୪ରେ ଏହିସବୁ ରାଜ୍ୟରେ ବିଜେପି କିଛି ନୂଆ କରିଦେଖାଇବ ଏବଂ ତାହା ହିଁ ଚଳିତ ନିର୍ବାଚନରେ ଜାତୀୟ ରାଜନୀତି ପାଇଁ ବିଶେଷତ୍ୱ ରଖିବ ବୋଲି ରାଜନୀତିକ ପଣ୍ଡିତମାନେ ଆକଳନ କରୁଛନ୍ତି। ଏହି ୫ ରାଜ୍ୟ ମଧ୍ୟରୁ କେବଳ କର୍ଣ୍ଣାଟକକୁ ବାଦ୍ ଦେଲେ ଅନ୍ୟ ୪ଟି ରାଜ୍ୟରେ ବିଜେପିର ଉପସ୍ଥିତି ଶୂନ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ୨୦୨୪ରେ ବିଜେପି ଏହି ସବୁ ରାଜ୍ୟରେ କିଛି ନୂଆ କରି ଦେଖାଇବାକୁ ପ୍ରସ୍ତୁତି ଚଳାଇଛି।ଚଳିତଥର ଆନ୍ଧ୍ରପ୍ରଦେଶରେ ଟିଡିପି ସହ ଦଳ ମେଣ୍ଟ କରି ପୂର୍ବ ତୁଳନାରେ ନିଜର ସ୍ଥିତି ଦୃଢ କରିବାକୁ ଯୋଜନା କରିଥିଲା ବେଳେ ତାମିଲନାଡୁରେ ଡିଏମକେ ଏବଂ ଏଆଇଡିଏମକେ ଭଳି ଦୁଇ ପ୍ରମୁଖ ଦଳକୁ ନେଇ ଚାଲିଆସିଥିବା ଦ୍ରାବିଡ଼ ରାଜନୀତି ଧାରାରେ ଏପଟସେପଟ କରିବାକୁ ଦଳ ମସୁଧା କରିଛି। ୧୯୬୨ରେ ଶେଷଥର ପାଇଁ କଗ୍ରେସ ଏଠାରେ ବିଜୟୀ ହୋଇଥିଲା। କିନ୍ତୁ ୧୯୬୭ ପରେ ଦ୍ରାବିଡ଼ ରାଜନୀତି ତାମିଲନାଡୁକୁ କରାଗ୍ରତ କରିବା ପରେ ଆଜି ପର୍ଯ୍ୟନ୍ତ ଏଠାରେ କୌଣସି ରାଷ୍ଟ୍ରୀୟ ଦଳ କ୍ଷମତା ହାସଲ କରିବା ସମ୍ଭବ ହୋଇପାରି ନାହିଁ। ପ୍ରାୟ ୫ ଦଶନ୍ଧି ଧରି ଏଠାକାର ଦୁଇ ପ୍ରମୁଖ ଦ୍ରାବିଡ଼ ରାଜନୈତିକ ଦଳ ଡିଏମକେ ଏବଂ ଏଆଇଏଡିଏମକେ କ୍ଷମତାରେ ରହି ଆସିଛନ୍ତି। କଂଗ୍ରେସ ଏବଂ ବିଜେପି ବିଗତ ଦିନରେ ଏହି ଦୁଇ ଦଳ ସହ କେବଳ ମେଣ୍ଟ କରି ନିର୍ବାଚନ ଲଢି ଆସିଛି। କିନ୍ତୁ ଚଳିତ ନିର୍ବାଚନରେ ବିଜେପି ତାମିଲନାଡୁରେ ସକ୍ରିୟ ହେବା ସହିତ ଏଠାରେ ନିଜର ସ୍ଥିତିକୁ ମଜବୁତ କରିବାକୁ ସବୁ ଦିଗରୁ ପ୍ରୟାସ କରିଛି। ଦଳ କେ ଆନ୍ନାମଲାଇଙ୍କ ଭଳି ଜଣେ ଯୁବ ନେତାଙ୍କ ସାଂଗଠନିକ ଦକ୍ଷତାକୁ ନେଇ ୨୦୨୪ ନିର୍ବାଚନରେ ଉଭୟ ଡିଏମକେ ଏବଂ ଏଆଇଏଡିଏମ୍‌କେକୁ ଟକ୍କର ଦେବାକୁ ପ୍ରସ୍ତୁତି ନେଇଛି।

## ହାଇପ୍ରୋଫାଇଲ ସିଟ୍: କୋଏମ୍ବାଟୁର

ତାମିଲନାଡୁର ଦ୍ୱିତୀୟ ବୃହତ ସହର କୋଏମ୍ବାଟୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମକେ ନେତ୍ରୀ ଜୟଲଳିତାଙ୍କ ଗଡ଼ ଭାବେ ପରିଚିତ। କିନ୍ତୁ ବିଜେପି ଚଳିତ ନିର୍ବାଚନରେ ଏହି ଆସନରୁ ନିଜର ବିଜୟଟିକା ଆରମ୍ଭ କରିବାକୁ ଯୋଜନା କରିଛି। କୋଏମ୍ବାଟୁରରେ ୧୯୪୯ରୁ ଆରଏସଏସ୍ ସକ୍ରିୟ ରହିଆସିଥିଲା ବେଳେ ଏଠାକାର ବାସିନ୍ଦାଙ୍କ ମଧ୍ୟରେ ସର୍ବାଧିକ ଉତ୍ତର ଭାରତର ଲୋକ ରହିଛନ୍ତି। ୧୯୯୮ରେ ଲାଲକୃଷ୍ଣ ଆଡଭାନୀଙ୍କ ହିନ୍ଦୁତ୍ୱ ରଥ ଯାତ୍ରା ବେଳେ ଏଠାରେ ସିରିଜ୍ ବୋମା ବିସ୍ଫୋରଣ ଘଟଣାପରେ ହିନ୍ଦୁତ୍ୱକୁ ନେଇ ଏଠାକାର ରାଜନୀତି ଭିନ୍ନ ରହିଆସିଛି। ପୂର୍ବରୁ ୧୯୯୮ ଏବଂ ୧୯୯୯ରେ ବିଜେପି ଦୁଇଥର ଲୋକସଭା ନିର୍ବାଚନରେ ବିଜୟୀ ମଧ୍ୟ ହୋଇଛି। ତେବେ ଡିଏମକେର ସନାତନ ବିରୋଧୀ ମନୋଭାବକୁ ନେଇ କେ ଆନ୍ନାମଲାଇ ହିନ୍ଦୁତ୍ୱକାର୍ଡ ଖେଳି ହିନ୍ଦୁ ଭୋଟ ହତେଇବାକୁ ଲକ୍ଷ୍ୟ ରଖିଛନ୍ତି। କେବଳ କୋଏମ୍ବାଟୁର ନୁହେଁ, ଏହି ଆସନରୁ ବିଜେପି ନିଜର ବିଜୟଯାତ୍ରା ସୁନିଶ୍ଚିତ କରି ସମଗ୍ର 'କୋଙ୍ଗୁ' ଅଞ୍ଚଳରେ ଦଳର ପ୍ରଭାବ ବିସ୍ତାର କରିବାକୁ ଯୋଜନା କରିଛି। କୋଏମ୍ବାଟୁର ସମେତ ତାମିଲନାଡୁର ଧର୍ମପୁରୀ,ଇରୋଡ୍,କରୁର,କ୍ରିଷ୍ଣଗିରି,ନାମାକାଲ,ନୀଳଗିରି,ତିରୁପୁର,ସାଲେମ୍,ପଲକାଡ୍ ,ତିରୁଚିନାପଲ୍ଲୀ ଏବଂ ଡିଣ୍ଡିଗୁଲ ଆଦିକୁ ନେଇ ଗଠିତ କୋଙ୍ଗୁ ଅଞ୍ଚଳରେ ୯ଟି ଲୋକସଭା ଆସନ ରହିଛି। ଏଠାରେ ହିନ୍ଦୁତ୍ୱ କାର୍ଡରେ ସର୍ବାଧିକ ଆସନରେ ବିଜୟୀ ହେବାକୁ ଆନ୍ନାମଲାଇ ଯୋଜନା କରିଛନ୍ତି। ଏହିସବୁ ଅଞ୍ଚଳରେ ଦଳ ତୃଣମୂଳ ସ୍ତରରେ କର୍ମୀ ଓ ନେତାଙ୍କୁ ପ୍ରସ୍ତୁତ କରିଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ବାରମ୍ବାର ଗସ୍ତ କରି ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। କୋଏମ୍ବାଟୁରରେ ବିଜେପି, ଡିଏମକେ ଏବଂ ଏଆଇଏଡିଏମକେ ମଧ୍ୟରେ ତ୍ରିମୁଖୀ ଲଢେଇ ହେବାକୁ ଯାଉଛି।




## ଉତ୍ତରପ୍ରଦେଶ ନିର୍ବାଚନ

## ରାଏବରେଲି ଓ କାଇସରଗଞ୍ଜରେ ଏଯାଏଁ ପ୍ରାର୍ଥୀ ବାଛିନାହିଁ ବିଜେପି

**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶର ମୋଟ ୮୦ ଲୋକସଭା ଆସନରୁ ଅନ୍ୟୂନ ୬ଟି ଆସନ ଏନଡିଏ ଅଂଶୀଦାର ଦଳ ରାଷ୍ଟ୍ରୀୟ ଲୋକଦଳ(ଆରଏଲଡି), ଅପନା ଦଳ(ଏସ୍), ନିଷାଦ ପାର୍ଟି ଓ ସୁହେଲଦେବ ଭାରତୀୟ ସମାଜ ପାର୍ଟି(ଏସବିଏସପି) ପାଇଁ ଛାଡ଼ି ବାକି ୭୪ଟି ଆସନରେ ବିଜେପି ପ୍ରାର୍ଥୀ ଦେଉଛି। ଏଥିରୁ ୭୦ଟି ଆସନ ପାଇଁ ବିଜେପି ତାହାର ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି। ଏଯାଏଁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ପ୍ରତିନିଧିତ୍ୱ କରୁଥିବା ରାଏବରେଲୀ ଲୋକସଭା ଆସନ ଓ କାଇସରଗଞ୍ଜ ଆସନ ଯେଉଁ ଆସନକୁ ବିଜେପି ସାଂସଦ ରେସଲିଂ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ପୂର୍ବତନ ସଭାପତି ବ୍ରଜଭୂଷଣ ସରନ ସିଂହ ପ୍ରତିନିଧିତ୍ୱ ଦେଉଛନ୍ତି- ଏହି ଦୁଇ ଆସନରେ ବିଜେପି କାହାରିକୁ ପ୍ରାର୍ଥୀ କରିବ ତାହା ଏଯାଏଁ ସ୍ଥିର କରିପାରିନାହିଁ। ରାଏବରେଲୀ ଆସନରେ କଂଗ୍ରେସ କାହାକୁ ପ୍ରାର୍ଥୀ କରୁଛି ତାହା ଜାଣିବାକୁ ବିଜେପି ଅପେକ୍ଷା କରିଛି। ସୋନିଆ ଗାନ୍ଧୀ ରାଜ୍ୟସଭାକୁ ନିର୍ବାଚିତ ହୋଇସାରିଥିବା ବେଳେ ସେ ଆଉ ନିର୍ବାଚନ ଲଢ଼ିବେ ନାହିଁ, ତାହା ସ୍ପଷ୍ଟ ହୋଇସାରିଛି। ସେଠାରେ ସମ୍ଭବତଃ ରାହୁଲ ଗାନ୍ଧୀ କିମ୍ବା ପ୍ରିୟଙ୍କା ଗାନ୍ଧୀ କିମ୍ବା ରବର୍ଟ ଭଦ୍ରା କଂଗ୍ରେସର ପ୍ରାର୍ଥୀ ହୋଇପାରନ୍ତି। ରାହୁଲ କେରଳର ୱେଆନାଡ ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିସାରିଛନ୍ତି। ଉତ୍ତରପ୍ରଦେଶରେ ବିଜେପି ଏଥର ୧୮ଟି ଆସନରେ ନୂଆ ପ୍ରାର୍ଥୀ ଦେଇଛି। କାଇସରଗଞ୍ଜର ବିଜେପି ସାଂସଦ ବ୍ରଜଭୁଷଣ ସରନ ସିଂହଙ୍କ ବିରୋଧରେ ମହିଳା ରେସଲରଙ୍କୁ ଯୌନଶୋଷଣ କରିଥିବା ଅଭିଯୋଗ ଥିବାରୁ ତାଙ୍କ ସ୍ଥାନରେ ଆଉ କାହାରିକୁ ପ୍ରାର୍ଥୀ କରିବାକୁ ବିଜେପି ଚିନ୍ତା କରୁଛି। ବ୍ରଜଭୂଷଣ କାଇସରଗଞ୍ଜରୁ ଲଗାତାର ୫ଥର ସଂସଦକୁ ନିର୍ବାଚିତ ହୋଇଛନ୍ତି। କାଇସରଗଞ୍ଜ ଅଞ୍ଚଳରେ ସେ ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ନେତା। ବିଜେପି ଟିକେଟରେ ଏଥର ମଧ୍ୟ କାଇସରଗଞ୍ଜରୁ ଲଢ଼ିବାକୁ ସେ ଜିଦ୍ ଧରିଛନ୍ତି। ସରକାରଙ୍କ ମୁଖ୍ୟ ଅଭିଯାନ ମଧ୍ୟରେ ରହିଛି ପୋଷଣ ଅଭିଯାନ, ବେଟୀ ବଚାଓ-ବେଟୀ ପଢ଼ାଓ, ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ସହଜ ଋଣ ବ୍ୟବସ୍ଥା କରିଛନ୍ତି, ମହିଳାଙ୍କୁ ଦକ୍ଷତା ବିକାଶ ତାଲିମ ଦିଆଯାଇ ସ୍ୱାବଲମ୍ବୀ ଓ ସ୍ୱରୋଜଗାରୀ କରାଯାଉଛି।

ଉଜ୍ଜ୍ୱଳା ଯୋଜନାରେ ମାଗଣା ଓ ରିହାତି ଦରରେ ଗ୍ୟାସ ସିଲିଣ୍ଡର ଦିଆଯାଉଛି। ଗତ ଲେଶକସଭା ନିର୍ବାଚନ ଓ ଅନେକ ରାଜ୍ୟର ବିଧାନସଭା ନିର୍ବାଚନରେ ବିଜେପିକୁ ମହିଳାଙ୍କ ବିଶେଷ ସମର୍ଥନ ମିଳିଛି। ମହିଳା ବିରୋଧୀ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ଅଭିଯୋଗ ଉଠିବାରୁ ବିଜେପି ପଶ୍ଚିମବଙ୍ଗର ବାରବାଙ୍କି ଆସନରେ ତାହାର ପ୍ରାର୍ଥୀ ଉପେନ୍ଦ୍ର ସିଂହ ରାୱତଙ୍କୁ ହଟାଇ ଦେଇ ତାଙ୍କ ସ୍ଥାନରେ ନୂଆ ପ୍ରାର୍ଥୀ ଦେଇଛି। ଉପେନ୍ଦ୍ରଙ୍କ ମହିଳା ବିରୋଧୀ ଚରିତ୍ରକୁ ପ୍ରମାଣିତ କରୁଥିବା କିଛି ଫଟୋ ସୋସିଆଲ ମିଡିଆରେ ଭାଇରଲ ହେବା ପରେ ବିଜେପି ତାଙ୍କୁ ନିର୍ବାଚନରୁ ହଟାଇଦେଇଛି। ବିଜେପି ପଶ୍ଚିମବଙ୍ଗର ଆସାନସୋଲ ଆସନରେ ତାହାର ପ୍ରାର୍ଥୀ ଭୋଜପୁରୀ ଅଭିନେତା ପୱନ ସିଂହଙ୍କୁ ହଟାଇ ଦେଇ ତାଙ୍କ ସ୍ଥାନରେ ନୂଆ ପ୍ରାର୍ଥୀ ଦେଇଛି। ସେ ଗାୟନ କରିଥିବା କେତେକ ଗୀତରେ ମହିଙ୍କ ପ୍ରତି



ଅଶାଳୀନ ବର୍ଣ୍ଣନା ଥିବାରୁ ତାଙ୍କୁ ପ୍ରାର୍ଥୀ ନକରିବାକୁ ବିଜେପି ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଥିବା ବେଳେ ମହିଳାଙ୍କୁ ଉତ୍ପୀଡ଼ନ ଦେବାର କଳଙ୍କ ଲାଗିଥିବା ବ୍ରଜଭୂଷଣଙ୍କୁ ପ୍ରାର୍ଥୀ କରି ମହିଳାଙ୍କ ବିରାଗଭାଜନ ହେବାକୁ ଚାହୁଁନାହିଁ। ବ୍ରଜଭୂଷଣଙ୍କ ସ୍ଥାନରେ ତାଙ୍କ ପରିବାରର ଅନ୍ୟ କେହି କିମ୍ବା ତାଙ୍କର କେହି ଅତି ପାଖଲୋକଙ୍କୁ ବିଜେପି ପ୍ରାର୍ଥୀ କରିପାରେ।

## ବିସ୍ଥାପିତ କଶ୍ମୀରୀଙ୍କ ପାଇଁ ସ୍ୱତନ୍ତ୍ର ଭୋଟ ବ୍ୟବସ୍ଥା



ନୂଆଦିଲ୍ଲୀ,୧୩।୪(ଏଜେନ୍ସି): ଆତଙ୍କବାଦୀଙ୍କ ଭୟରେ କଶ୍ମୀର ଉପତ୍ୟକାରୁ ପଳାୟନ କରି ଯେଉଁମାନେ ଜମ୍ମୁ କିମ୍ବା ଉଦ୍ଧମପୁରରେ ଥିବା ଆଶ୍ରୟ ଶିବିରରେ ଓ ସୁରକ୍ଷା ଜୋନରେ ରହୁଛନ୍ତି, ସେମାନେ ଯେପରି ୨୦୨୪ ଲୋକସଭା ନିର୍ବାଚନରେ ଭୋଟ ଦେଇପାରିବେ ତାହାର ବ୍ୟବସ୍ଥା କରିଛନ୍ତି ଜାତୀୟ ନିର୍ବାଚନ କମିଶନ। ବିସ୍ଥାପିତ ଓ ସ୍ଥାନାନ୍ତରିତ ଲୋକଙ୍କ ପାଇଁ ଜମ୍ମୁରେ ୨୧ଟି ଓ ଉଦ୍ଧମପୁରରେ ଗୋଟିଏ ସ୍ୱତନ୍ତ୍ର ଭୋଟ କେନ୍ଦ୍ର ଖୋଲାଯିବ। ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର କହିଛନ୍ତି ଯେ ବାରମୂଳା, ଶ୍ରୀନଗର ଓ ଅନନ୍ତନାଗ-ରଜୌରୀର ବିସ୍ଥାପିତ ଭୋଟର, ବିଶେଷକରି ବିସ୍ଥାପିତ କଶ୍ମୀରୀ ପଣ୍ଡିତଙ୍କୁ ଫର୍ମ ଏମ୍ ଭରିବାକୁ ପଡ଼ିବ ନାହିଁ। ନିଜ ନିର୍ବାଚନମଣ୍ଡଳୀ ବାହାରେ କୌଣସି ଭୋଟ କେନ୍ଦ୍ରରେ ଭୋଟ ଦେବାକୁ ଅନୁମତି ପାଇଁ ଫାର୍ମ ଏମ୍ ଭରିବାକୁ ପଡ଼ିଥାଏ। ପ୍ରବାସୀ କଶ୍ମୀରୀମାନେ ଆଶ୍ରୟ ଶିବିରରେ ଖୋଲାଯିବାକୁ ଥିବା ଭୋଟକେନ୍ଦ୍ରକୁ ଯାଇ କିମ୍ବା ପୋଷ୍ଟାଲ ବ୍ୟାଲେଟ ଜରିଆରେ ଭୋଟ ଦେଇପାରିବେ।

## କ୍ଷମତା ଆଶାରେ....

## ଭାରତରେ ଦଳ ବଦଳର ଇତିହାସ

**ନୂଆଦିଲ୍ଲୀ, ୧୩।୪(ଏଜେନ୍ସି):** ଦେଶରେ ଗଣତନ୍ତ୍ରର ମହାପର୍ବ ଆରମ୍ଭ ହୋଇଯାଇଛି। ଲୋକସଭା ନିର୍ବାଚନ ଘୋଷଣା ସହିତ ନେତାଙ୍କ ମଧ୍ୟରେ ଉତ୍ସାହ ଏବଂ ଭୟ ବୃଦ୍ଧି ପାଇବାରେ ଲାଗିଛି। ନେତା ହୁଅନ୍ତୁ କିମ୍ବା ରାଜନୈତିକ ଦଳ ସମସ୍ତେ ବିଜୟୀ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେଣୁ ଦଳଗୁଡିକ ମଜବୁତ ପ୍ରାର୍ଥୀକୁ ମୈଦାନକୁ ଓହ୍ଲାଉଛନ୍ତି। ଆଉ ଟିକଟ ପାଇବା ଆଶାରେ ଦୀର୍ଘ ଦିନ ହେଲା ଦଳରେ ଥିବା ଆଶାୟୀ ନିରାଶ ହୋଇ ରାତାରାତି ଦଳରୁ ଇସ୍ତଫା ଦେଉଛନ୍ତି। ପରେ ଅନ୍ୟ ଦଳରେ ସାମିଲ ହେଉଛନ୍ତି। ଏବେ ଦଳ ବଦଳ ଚର୍ଚ୍ଚାରେ ରହିଛି। ନିର୍ବାଚନୀ ପାଣିପାଗରେ ଏବେ ଏହା ସାଧାରଣ ଘଟଣା ହୋଇଯାଇଛି। ପ୍ରାର୍ଥୀ କେବଳ ଟିକଟ ଏବଂ ଭବିଷ୍ୟତର ଗ୍ୟାରେଣ୍ଟି ଆଶା ରଖି ପୂର୍ବ ଦଳ ଛାଡୁଛନ୍ତି। ଦଳ ବଦଳରେ ବିଚାରଧାରା, ନୀତି ଏବଂ କାର୍ଯ୍ୟକ୍ରମର କୌଣସି ମୂଲ୍ୟ ରହୁନାହିଁ। ଗତ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ କଂଗ୍ରେସ ଟିକଟରୁ ଲଢ଼ିଥିବା ଅନେକ ନେତା ବିଜେପିରେ ସାମିଲ ହୋଇଥିବାବେଳେ ଆଉ କେତେକ ନେତା ପଦ୍ମ ଛାଡ଼ି ହାତ ଧରିଛନ୍ତି। ନେତା ଦଳ ବଦଳ କରିବା ସମୟରେ ଭୋଟର ଏବଂ ନିଜ ନିର୍ବାଚନ କ୍ଷେତ୍ରର ଲୋକଙ୍କ ବିଷୟରେ କିଛି ବି ଭାବନ୍ତି ନାହିଁ।

ରାଜନୀତିରେ ଦଳ ବଦଳ ନୂଆ ଘଟଣା ନୁହେଁ। ଏଥିଯୋଗୁଁ ଅନେକ ଥର ଦେଶରେ ଅସ୍ଥିରତା ଦେଖାଯାଇଛି। ଏହା ଦେଶକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ଏଥିପାଇଁ ସରକାର ପ୍ରଶାସନ ଉପରେ ଧ୍ୟାନକେନ୍ଦ୍ରୀତ କରିବା ପରିବର୍ତ୍ତେ ସରକାର ବଞ୍ଚାଇବାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଦୀର୍ଘ ବର୍ଷ ହେଲା 'ଆୟା ରାମ ଗୟା ରାମ' ନୀତି ଜାରି ରହିଛି। ବ୍ରିଟିଶ ଅମଳରେ ମଧ୍ୟ ଏପରି ଘଟିଥିଲା। କେନ୍ଦ୍ରୀୟ ବ୍ୟବସ୍ଥାପିକାର ସଦସ୍ୟ ଶ୍ୟାମଲାଲ ନେହେରୁଙ୍କ କଂଗ୍ରେସ ଛାଡ଼ି ବ୍ରିଟିଶ ପକ୍ଷରେ ସାମିଲ ହୋଇଥିଲେ। ସେହିପରି ୧୯୩୭ରେ ମୁସଲିମ ଲିଗ ଟିକଟରେ ଉତ୍ତରପ୍ରଦେଶ ବିଧାନସଭାରୁ ନିର୍ବାଚିତ ହାଫିଜ ମହମ୍ମଦ ଇବ୍ରାହିମ ଦଳ ବଦଳାଇ କଂଗ୍ରେସରେ ସାମିଲ ହୋଇଥିଲେ। ତେବେ ୧୯୬୦ରେ ଅନ୍ୟ କାରଣ ଯୋଗୁଁ ଦଳ ବଦଳ ମାମଲା ବଢ଼ି ଚାଲିଥିଲା। ଚୌହାନ କମିଟିର ରିପୋର୍ଟ (୧୯୬୯) ଅନୁଯାୟୀ ଚତୁର୍ଥ ଲୋକସଭା ପରେ ୧୯୬୭ ଏବଂ ୧୯୬୮ରେ ଅନେକ ବିଧାନସଭା ସଦସ୍ୟ ଦଳ ବଦଳାଇ ଥିଲେ। ପ୍ରଥମ ଏବଂ ଚତୁର୍ଥ ଲୋକସଭା ମଧ୍ୟରେ କେବଳ ୫୪୨ଟି ଦଳ ବଦଳ ମାମଲା ସାମ୍ନାକୁ ଆସିଥିଲା। ଏଥିରେ କେବଳ ୧୨ ମାସରେ ୪୩୮ ଥର ଦଳ ବଦଳ ହୋଇଥିଲା। କ୍ଷମତା ପାଇଁ ଏପରି କରାଯାଇଥିଲା। ତଥ୍ୟ ଅନୁଯାୟୀ ଦଳ ବଦଳାଇ ଥିବା ୨୧୦ ବିଧାୟକଙ୍କ ମଧ୍ୟରୁ ୧୧୬ ଜଣ ମନ୍ତ୍ରିପରିଷଦରେ ସାମିଲ ହୋଇଥିଲେ। ଏମାନେ ଦଳ ବଦଳାଇ ସରକାର ଗଠନରେ ସହାୟତା କରିଥିଲେ। ଶେଷରେ ଏହା ବନ୍ଦ କରିବାକୁ ୧୯୮୫ରେ ଦଳ ବଦଳ ବିରୋଧୀ ଆଇନ ଅଣା ଯାଇଥିଲା।



## ଆରଜେଡି ନିର୍ବାଚନୀ ଇସ୍ତାହାର ଜାରି କଲେ ତେଜସ୍ୱୀ

ପାଟନା, ୧୩।୪(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ନେତା ତଥା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଆଜି ସକାଳେ ବରିଷ୍ଠ ଆରଜେଡି ନେତାଙ୍କ ଉପସ୍ଥିତିରେ ତାଙ୍କ ଦଳର ନିର୍ବାଚନ ଇସ୍ତାହାର ଉନ୍ମୋଚନ କରିଛନ୍ତି। ପରିବର୍ତ୍ତନ ପତ୍ର କୁହାଯାଇଥିବା ଏହି ଇସ୍ତାହାରରେ ଆରଜେଡି ବିହାରବାସୀଙ୍କୁ ତଥା ଦେଶପାଇଁ ୨୪ଟି ଜନବଚନ ବା ପ୍ରତିଶୃତି ଦେଇଛି।



ବିଜେପି ବିପକ୍ଷ ଇଣ୍ଡି ମେଣ୍ଟ କେନ୍ଦ୍ରରେ ସରକାର ଗଢ଼ି ଆରଜେଡି କ୍ଷମତାର ଅଂଶୀଦାର ହେଲେ ବିହାରର ୫ଟି ସହର ପୂର୍ଣ୍ଣିଆ, ଭାଗଲପୁର, ମୁଜାଫରପୁର, ଗୋଲଗଞ୍ଜ ଓ ରାକ୍ସୌଲରେ ନୂଆ ବିମାନବନ୍ଦର ନିର୍ମାଣ କରିବ। ଗରିବ ପରିବାରର ଭଉଣୀମାନଙ୍କୁ ପ୍ରତିବର୍ଷ ରକ୍ଷାବନ୍ଧନ ଦିନ ୧ଲକ୍ଷ ଟଙ୍କା ଦେବାର ପ୍ରତିଶୃତି ମଧ୍ୟ ଆରଜେଡି ଇସ୍ତାହାରରେ ରହିଛି। ବିହାରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିବ ଓ ବିହାରର ସର୍ବାଙ୍ଗୀନ ବିକାଶ ନିମନ୍ତେ ଅଧିକ କେନ୍ଦ୍ରୀୟ ଅନୁଦାନ ଆସିବ। ପୁରୁଣା ପେନସନ୍ ସ୍କିମ୍ ଲାଗୁ କରିବ ଓ ବେକାରୀ ହଟାଇବ ବୋଲି ଆରଜେଡି ବଚନବଦ୍ଧ ହୋଇଛି। ଇଣ୍ଡି ମେଣ୍ଟ କ୍ଷମତାକୁ ଆସିଲେ ଅଗଷ୍ଟ ୧୫ରୁ ବେକାର ଯୁବତୀଯୁବକଙ୍କୁ ଚାକିରି ଯୋଗାଇବା ଆରମ୍ଭ କରିବ। ଇଣ୍ଡି ମେଣ୍ଟ ୧କୋଟି ବେକାରଙ୍କୁ ସରକାରୀ ଚାକିରି ଦେବ। ରନ୍ଧନ ପାଇଁ ଏଲପିଜି ଗ୍ୟାସ୍ ସିଲିଣ୍ଡର ୫୦୦ ଟଙ୍କାରେ ଯୋଗାଇ ଦିଆଯିବ।

## ହରିୟାଣାର ୫ ଓ ରାଜସ୍ଥାନର ୬ ଆସନ ବିଜେପି ପାଇଁ ଅଡୁଆ

ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ହରିୟାଣାର ଲୋକସଭା ଆସନ ସଂଖ୍ୟା ହେଉଛି ୧୦ ଓ ରାଜସ୍ଥାନର ଲୋକସଭା ଆସନ ସଂଖ୍ୟା ହେଉଛି ୨୫। ୨୦୧୯ ନିର୍ବାଚନରେ ବିଜେପି ହରିୟାଣାର ସମସ୍ତ ୧୦ ଓ ରାଜସ୍ଥାନର ୨୪ ଲୋକସଭା ଆସନ ଜିତିଥିଲା। ରାଜସ୍ଥାନର ଅନ୍ୟ ଆସନଟି ବିଜେପିର ସହଯୋଗୀ ନଳ ଆରଏଲପି ଜିତିଥିଲା। ଏଥର କିନ୍ତୁ ବିଜେପି ତା'ର ନିଜସ୍ୱ ସର୍ଭେରୁ ଜାଣିବାକୁ ପାଉଛି ଯେ ହରିୟାଣାର ରୋହତକ, ସୋନିପତ, ଶୀର୍ଷା, ହିସାର ଓ କର୍ଣ୍ଣାଲ-ଏହି ୫ଟି ଆସନ ଓ ରାଜସ୍ଥାନର ବାରମେର, ଛୁରୁ, ନାଗାଉର, ଦୌସା, ଟୋଙ୍କ ଓ କାରାଉଲି-ଏହି ୬ଟି ଆସନରେ ବିଜେପି ପ୍ରାର୍ଥୀଙ୍କୁ କଡ଼ା ଟକ୍କରର ସାମନା କରିବାକୁ ପଡ଼ିବ। ଏହି ୧୧ ଆସନରେ ବିଜୟ ବ୍ୟବଧାନ ଅତି କମ୍ ରହିବ ଓ ହାରଜିତ କେଉଁ ପକ୍ଷକୁ ଯିବ ତାହା କହିହେବ ନାହିଁ।

## ଏଡିଏମ୍‌ଙ୍କ ବୁଥ୍ ପରିଦର୍ଶନ




**କଣାସ,୧୩।୪(ସମିସ):** ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଶନିବାର କଣାସ ବ୍ଲକରେ ପହଞ୍ଚି ସାଧାରଣ ନିର୍ବାଚନ ପାଇଁ ଚିହ୍ନଟ କରାଯାଇଥିବା ବୁଥ୍ ଗୁଡିକ ବୁଲି ଦେଖିଛନ୍ତି। ଏଥି ସହିତ ପାନୀୟଜଳ ସୁବିଧା ଅଛିକି ନାହିଁ, ଲୋକମାନେ କିପରି ସହଜରେ ଭୋଟ ଦେଇପାରିବା ତାହାର ବ୍ୟବସ୍ଥା କରାଯାଇଛି କି ନାହିଁ ବୁଲିଦେଖିବା ସହିତ ପଞ୍ଚାୟତ ମସିତି କାର୍ଯ୍ୟାଳୟକୁ ଆସି ସମୀକ୍ଷା କରିଥିଲେ। ତାଙ୍କ ସହିତ ବିଡିଓ ନାରାୟଣ ସାହୁ, କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ ।

## ଚିଲିକା ନଳଘାସରେ ନିଆଁ

**ଟାଙ୍ଗୀ,୧୩।୪(ସମିସ):** ଶନିବାର ଦିନ ଟାଙ୍ଗୀ ଥାନା ଅଧିନସ୍ଥ କାଳୁପଡାଘାଟ ଜେଟି ନିକଟସ୍ଥ ଚିଲିକା ନଳଘାସରେ ନିଆଁ ଲାଗିଥିବା ଜଣାପଡିଛି। ଏହି ସବୁ ନଳଘାସରେ ଖରାଦିନେ କେତେକ ବ୍ୟକ୍ତି ଅଭ୍ୟାସଗତ ଭାବେ ନିଆଁ ଲଗାଇଦେଇଥାନ୍ତି। ଚଳିତ ଗ୍ରୀଷ୍ମ ଋତୁରେ ଏହା ମଧ୍ୟ ଦ୍ୱିତୀୟ ଘଟଣା। ଶନିବାର ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ନିଆଁ ଲାଗି ରହିଥିବା ଜଣାପଡିଛି। ଖବର ପାଇ ଚିଲିକା ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଅମ୍ଲାନ ନାୟକ ସଦଳବଳେ ପହଁଞ୍ଚି ଅବସ୍ଥାର ଅନୁଧ୍ୟାନ କରିଥିବା ଜଣାପଡିଛି। ଡଙ୍ଗା ସାହାଯ୍ୟରେ ସେ ଚିଲିକା ଭିତରକୁ ଯାଇ ସ୍ୱଚକ୍ଷୁରେ ସମସ୍ତ ଘଟଣା ଦେଖିଥିଲେ। ରିପୋର୍ଟ ଲେଖାହେଲା ବେଳକୁ ଡିଏଫଓ ଚିଲିକା ଭିତରୁ କୂଳକୁ ଫେରିନଥିଲେ। ତେଣୁ ଘଟଣା ସଂପର୍କରେ ସବିଶେଷ ତଥ୍ୟ ମିଳିପାରି ନାହିଁ।

● ମାଲ୍‌ବାହୀ ଅଟୋ ପଛକୁ ଧକ୍କା ଦେଲା କାର୍

## ଦୁଇ ଚାଳକ ଗୁରୁତର ଆହତ

**ବାଲୁଗାଁ,୧୩।୪(ସମିସ):** ୧୬ନଂ ଜାତୀୟ ରାଜପଥର ବାଲୁଗାଁ ବାଣପୁର ବାଇପାଶ ନିକଟରେ ଏକ ମାଲବାହୀ ଅଟୋ ପଛକୁ କାର୍ ଧକ୍କା ଦେଇଥିଲା।ଦୁର୍ଘଟଣାରେ ଉଭୟ କାର୍ ଓ ଅଟୋ ଚାଳକ ଗୁରୁତର ହୋଇ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତ କାର୍ ଚାଳକ ଜଣଙ୍କ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳର ତଥା କୋଣାର୍କ ଗଣନାଟ୍ୟର ଉପସ୍ଥାପକ ଦ୍ୱିତିକୃଷ୍ଣ ଜେନା ହୋଇଥିବା ବେଳେ ଆହତ ଅଟୋ ଚାଳକ




ଜଣଙ୍କ ବାଣପୁର ଅଞ୍ଚଳ ର ରସିଦ ଖାନ। ସୁଚନା ମୁତାବକ ଦ୍ୱିତିକୃଷ୍ଣ କାର ଯୋଗେ ଭୁବନେଶ୍ୱରରୁ ଖଲ୍ଲିକୋଟ ଅଭିମୁଖେ ଯାଉଥିବା ବେଳେ ଅସାବଧନତା ବସତଃ ବାଲୁଗାଁ ବାଇପାସ ନିକଟରେ ଏକ ମାଲବାହି ଅଟୋକୁ ପଛ ପାଖ୍ୱର୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ କାରର ସମ୍ମୁଖ ପାଶ୍ୱର୍ ସମ୍ପୂର୍ଣ୍ଣ ଭାଙ୍ଗି ରୁଜୁ ଚୁରମାର ହୋଇ ଯାଇଥିବା ବେଳେ ଏଥିରେ ଉଭୟ ଅଟୋ ଚାଳକ ରସିଦ ଓ କାର ଚାଳକ ଦ୍ୱିତିକୃଷ୍ଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦେଖି ପୁଲିସକୁ ସୂଚନା ଦେଇ ଦ୍ୱିତିକୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ଡାକ୍ତରଖାନାକୁ ସ୍ଥାନାନ୍ତର କରିଦେଇ ଥିଲେ। ଅନ୍ୟପକ୍ଷେ ରସିଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ଲାଗି କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରି ଦେଇଥିବା ସୂଚନା ମିଳିଛି। ପୁଲିସ ଉଭୟ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି।

## ବିଦ୍ୟାଳୟରେ ଖେଳନା ତିଆରି କର୍ମଶାଳା

**ନିରାକାରପୁର,୧୩।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଉ ପ୍ରା ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଆମ ସଂସ୍କୃତି ଆମ ଖେଳନା ଓ ଖେଳନା ତିଆରି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସିଆର ସିସି ପଞ୍ଚାନନ ଭୁଜବଳ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର, ପରିଚାଳନା କମିଟି ସଭାପତି ଡମ୍ବୁର ଧର ପରିଡ଼ା, ସହକାରୀ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନେ ବିଭିନ୍ନ କଳା କୌଶଳ ସମ୍ପର୍କରେ ଅବଗତ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।

ବିଜେଡିର ମାରାଥନ ପ୍ରଚାର

# ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଭରପୂର୍ ସମର୍ଥନ

**ଡେଲାଙ୍ଗ,୧୩।୪(ସମିସ):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜ ନୈତିକ ଦଳର ପ୍ରଚାର ଓ ଶୋଭାଯାତ୍ରା ସେତେ ଜୋରଦାର ହେବାରେ ଲାଗିଛି। ଶୁକ୍ରବାର ବିଜେଡି ପକ୍ଷରୁ ଅରିସଲ, ଖେଲାଉର ପଞ୍ଚାୟତରେ ମାରାଥନ ପ୍ରଚାର କରାଯାଇଥିଲା। ପ୍ରଚାର ମୈ÷ଦାନରେ ବିଧାୟକ ରୁଦ୍ରପ୍ରତାପ ମହାରଥି ଓ ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓହ୍ଲାଇଥିବା ବେଳେ ବିଭିନ୍ନ ଗ୍ରାମରେ ମହିଳା ଓ ଯୁବ ସଙ୍ଗଠନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲ। ପ୍ରାର୍ଥୀ ଓ କର୍ମୀମାନେ ରାଜ୍ୟ ସରକାରଙ୍କ ଜନହିତକର ଓ ଲୋକାଭିମୁଖୀ କାର୍ଯ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହା ସହିତ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଭୋଟଭିକ୍ଷା



କରିଥିଲେ। ସେହିପରି ପ୍ରତ୍ୟେକ ପଞ୍ଚାୟତର ସ୍ଥାନେ ସ୍ଥାନେ ଦଳୀୟ କର୍ମୀଙ୍କୁ ନେଇ ସାଧାରଣସଭାର ମଧ୍ୟ ଆୟୋଜନ କରାଯିବା ସହିତ ନିର୍ବାଚନ ବିଜୟ ଲକ୍ଷନେଇ ରଣନୀତୀ ପ୍ରସ୍ତୁତ କରାଯାଉଛି। ଅନ୍ୟପଟେ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସମୟରେ ସ୍ଥାନୀୟ ଲୋକେ ବ୍ୟକ୍ତିଗତ ଓ ସାମୂହିତ ସମସ୍ୟା ସମ୍ପର୍କରେ ମଧ୍ୟ ବିଧାୟକଙ୍କୁ ଅଭିଯୋଗ ଦେଉଥିବାର ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷା ଦୁର୍ବସା ନିଶଙ୍କ, ଜିଲ୍ଲାପରିଷଦ ପ୍ରସନ୍ନ ସାହୁ, ବିପନ ପଟ୍ଟନାୟକ, ସୌମ୍ୟରଞ୍ଜନ ରାଉତ, ସୁଦିପ୍ତ ନାୟକ, ନାରାୟଣ ସ୍ୱାଇଁ, ରବିନାରାୟଣ ତାଡ, କିଶୋର ଛୋଟରାୟ, ରତ୍ନାକରତ ଜେନାଙ୍କ ସମେତ ଶତାଧିକ ବିଜେଡିକର୍ମୀ ବାଇକ୍ ଶୋଭାଯାତ୍ରାରେ ବାହାରି ଗାଁଗାଁ ଭ୍ରମଣ କରିଥିଲେ।

## ଭୂତଳ ଜଳପତନ ହ୍ରାସ; ନଳକୂପରୁ ବାହାରୁନି ଜଳ



**କଣାସ,୧୩।୪(ସମିସ):** ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ଏଠାରେ ପାନୀୟଜଳ ସମସ୍ୟା ଲାଗିରହୁଛି। କିନ୍ତୁ ରୌଦ୍ରତାପ ସମୟରେ ଏହା ଏପରି ଉଗ୍ରରୂପ ଧାରଣା କରେ ଯେ ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡେ। ପାନୀୟଜଳ ସମସ୍ୟା ପୂରଣ ପାଇଁ ୯ଶହରୁ ଉର୍ଦ୍ଧ୍ୱ ନଳକୂପ, ୬୦ରୁ ଉର୍ଦ୍ଧ୍ୱ ଗଭିର କୂପ ଖନନ କରାଯାଇଥିବା ବେଳେ ଅର୍ଦ୍ଧାଧିକ ନଳକୂପରୁ ଲୁଣି ପାଣି ବାହାରିବାରୁ ସେଗୁଡିକ ଧିରେ ଧିରେ ଅଚଳ ହୋଇପଡିଛି। ଆଉ ଯେଉଁ କେତେକ ନଳକୂପ ଅଛି ସେଗୁଡିକ ଜଳପତନ ହ୍ରାସ ଯୋଗୁଁ ଜଳ ବାହାରୁ ନାହିଁ। ଆଉ କେତେକରୁ ବାଲିପଙ୍କ ମିଶ୍ରିତ ଜଳ ବାହାରୁ ଥିବାରୁ ପାନୀୟ ପାଇଁ ଅନୁପଯୋଗୀ। ଯାହାଫଳରେ ଜନସାଧାରଣ ପାନୀୟଜଳ ପାଇଁ ତହଳ ବିକଳ ହେଉଛନ୍ତି । ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପଞ୍ଚାୟତରେ ଏପ୍ରିଲି ୨ତାରିଖ ଠାରୁ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଟ୍ୟାଙ୍କ ଯୋଗେ ପାନୀୟଜଳ ଯୋଗାଇଦେବା ପାଇଁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଥିଲେ ମଧ୍ୟ କେତେକ ପଞ୍ଚାୟତରେ ପାନୀୟଜଳ ଯୋଗାଣ ଆରମ୍ଭ ହୋଇଥିବା ବେଳେ ଆଉକେତେକ ପଞ୍ଚାୟତରେ ଟ୍ୟାଙ୍କରେ ଯୋଗେ ଜଳଯୋଗାଣ କାର୍ଯ୍ୟକ୍ରମ ହୋଇନଥିବା ଜଣାପଡିଛି। ଏ ସଂପର୍କରେ ବିଡିଓ ନାରାୟଣ ସାହୁଙ୍କୁ ପଚାରିବାରୁ ମୁଁ ନିର୍ଦ୍ଦେଶ ଦେବାପରେ ମଧ୍ୟ କେତେକ ସରପଞ୍ଚ ଅବହେଳା କରୁଛନ୍ତି । ମୁଁ ତାହା ତଦନ୍ତ କରି ପଦକ୍ଷେପ ନେବି ବୋଲି କହିଛନ୍ତି।

## କୁଷ୍ଠ ମୁକ୍ତ ସମାଜ ଗଠନ ପାଇଁ କର୍ମଶାଳା



**କଣାସ,୧୩।୪(ସମିସ);** ଲେପ୍ରା ସୋସାଇଟି ପୁରୀ ତରଫରୁ କଣାସ ବ୍ଲକ ଗଡସାହି ପଞ୍ଚାୟତର ଜଙ୍କିଆ ଗ୍ରାମରେ ପ୍ରତିଷ୍ଠିତ ସ୍ୱଚ୍ଛାସେବୀ ଅନୁଷ୍ଠାନ ଜୟ କିଷାନ୍ ୟୁଥ୍ କ୍ଲବ ପରିସରରେ ଏକ କୁଷ୍ଠ ମୁକ୍ତ ସମାଜ ଗଠନ ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପରିସରରେ ଥିବା କୃଷ୍ଣାଆଶ୍ରମରେ ୧୫ଜଣ ଏବଂ ବିଭିନ୍ନ ଗ୍ରାମରୁ ଆସିଥିବା ୧୦ଜଣ କୁଷ୍ଠ ରୋଗୀଙ୍କୁ ସଚେତନ କରାଯିବା ସହ ପୁରୀର ବ୍ୟବସାୟୀ ଗଣେଷ ଚନ୍ଦୁକା, ସୁମନ୍ତ କୁମାର ଚନ୍ଦୁକା ଉପସ୍ଥିତ ରହି ଅଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାରୁ ଛତା ବଣ୍ଟନ କରିବା ସହିତ ମିଷ୍ଟାନ୍ନ ମଧ୍ୟ ଦେଇଥିଲେ । କାର୍ଯ୍ୟକ୍ରମରେ ପୁରୀର ଅବସରପ୍ରାପ୍ତ ଡାକ୍ତର ଗଗନ ବିହାରୀ ଆଚାର୍ଯ୍ୟ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିଶ୍ୱରଂଜନ ଜେନା ଏବଂ ପିଏଚ୍‌ଓ ସ୍ୱର୍ଣ୍ଣଲତା ରଥ ଯୋଗଦେଇ କୁଷ୍ଠ ରୋଗ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ କିପରି ସେମାନେ ନିଜ ନିଜ ଶରୀର ଯତ୍ନ ନେବାସହ ଆଗାମୀ ଦିନରେ କୁଷ୍ଠରୋଗ ଯେପରି ଅନ୍ୟ ଲୋକମାନଙ୍କୁ ନ ବ୍ୟାପିବ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଂପାଦକ ସଂଜୟ ଶ୍ରୀଚନ୍ଦନ, ଭାରପ୍ରାପ୍ତ ଅଧିକାରୀ ମହେନ୍ଦ୍ର ପାଲଟାସିଂହ, ପ୍ରକଳ୍ପ ନିର୍ଦ୍ଦେଶକ ଅନିରୁଦ୍ଧ ଜଗଦେବ, ଲେପ୍ରା ସୋସାଇଟି ତଫରୁ ମନମୋହନ ମିଶ୍ର ଓ ଅରୁଣ କୁମାର ଦାସ ଯୋଗଦେଇଥିଲେ।

## ଶ୍ରୀ ଜଗନ୍ନାଥ ସଂସ୍କୃତି ସର୍ବଧର୍ମର ମିଳନ ସ୍ଥଳ

**ବେଗୁନିଆ,୧୩।୨(ସମିସ):** ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗାମଣ୍ଡପସ୍ଥିତ ଯାତ୍ରା ପଡ଼ିଆରେ ମା’କଳିକା ଦେବୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀ ଜଗନ୍ନାଥ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲୀପ ରାୟଙ୍କ ଅଧ୍ୟକ୍ଷତା ଓ ଉଦ୍‌ଘୋଷକ ଡ଼ଃ ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଶ୍ରୀ ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀ ମନ୍ଦିର ବଡୁସୁଆର ନିଯୋଗ ସଭାପତି ବିଶ୍ୱନାଥ ସାଆନ୍ତରା ମୁଖ୍ୟଅତିଥି, ଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ସର୍ବଧର୍ମର ମିଳନ ସ୍ଥଳ ବୋଲି ଅତିଥି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ସ୍ଥାନୀୟ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ନୂତନ ଘରକୁ ଗଲା ପ୍ରାଣୀ ଚିକିତ୍ସା କେନ୍ଦ୍ର

**ନୟାହାଟ,୧୩।୪(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ତଳୀ ଇସାଣପୁର ପଞ୍ଚାୟତରେ ଥିବା ପ୍ରାଣୀ ଚିକିତ୍ସାକେନ୍ଦ୍ର ବର୍ଷ ବର୍ଷ ଧରି ଏଏନଏମ ସେଣ୍ଟରେ ଚାଲିଥିଲା। ତେବେ ପ୍ରଣୀ ଚିକିତ୍ସାକେନ୍ଦ୍ର ଘର ନିର୍ମାଣ ସରିବା ପରେ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ତାଲା ପଡି ରହିବା ପରେ ଏସମ୍ପର୍କରେ ‘ସକାଳ’ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତôତରତା ପ୍ରକାଶ ପାଇଛି। ଗତ ଦୁଇ ଦିନ ତଳେ ନୂତନ ଘରକୁ ପ୍ରଣୀ ଚିକିତ୍ସାକେନ୍ଦ୍ର ସ୍ଥାନାନ୍ତର ହୋଇଥିବା ଜଣାପଡିଛି।

## ବିଜେଡି ନେତା ଓ କର୍ମୀମାନଙ୍କ ସାଂଗଠନିକ ବୈଠକ



**ନିମାପଡା,୧୩।୪(ସମିସ):** ନିମାପଡା ବିଧାନସଭା ଆସନରେ ବିଜେଡି ଟିକେଟ ଘୋଷଣା ଯେତେ ବିଳମ୍ବ ହେଉଛି ଭୋଟରଙ୍କ ଉତ୍କଣ୍ଠା ବଢିବାରେ ଲାଗିଛି। ନିମାପଡା ଅମଲାପଡା ଠାରେ ଥିବା ଗ୍ରୀନ ଲ୍ୟାଣ୍ଡ ମଣ୍ଡପରେ ବିଜେଡି ନେତା ଓ କର୍ମୀମାନଙ୍କ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିମାପଡା ବ୍ଲକର ୩୨ଟି ପଞ୍ଚାୟତ ଗୋପ ବ୍ଲକର ୧୪ ଟି ପଞ୍ଚାୟତ ଏବଂ ନିମାପଡା ଏନ୍‌ଏସିର ୧୧ଟି ୱାର୍ଡର ବିଜେଡି ବ୍ଲକ ଓ ଏନ୍‌ଏସି ସଭାପତି,ସଂପାଦକ,ଯୁବ ସଭାପତି,ମହିଳା ସଭାନେତ୍ରୀ,ସଂପାଦିକା,କାଉନସିଲର, ସରପଞ୍ଚ,ସମିତିସଭ୍ୟ,ଜିଲ୍ଲା ପରିଷଦସଭ୍ୟ,ସୋସାଇଟ ସଭାପତିଙ୍କ ସମେତ ଶହଶହ କାର୍ଯ୍ୟକର୍ତ୍ତା ଯୋଗଦେଇ ସମୀରଙ୍କୁ ୪ର୍ଥ ଥର ପାଇଁ ଟିକେଟ ଦେବାକୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ନିମାପଡା ଗ୍ରୀନ ଲ୍ୟାଣ୍ଡ ମଣ୍ଡପରେ ବିଜେଡି ବ୍ଲକ ସଭାପତି ଅଶୋକ ସାହୁ,ନଗର ସଭାପତି ଜୀବନାନନ୍ଦ ମହାପାତ୍ର,ଜିଲ୍ଲା ପରିଷଦସଭ୍ୟ ପ୍ରଦୀପ୍ତ ଖଟୋଇ,ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ,ଉପନଗରପାଳ ସନ୍ତୋଷ ଦାଶ,ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଧିର ରଂଜନ ଦାଶ,ଅଜୟ ସ୍ୱାଇଁଙ୍କ ସମେତ ବହୁ ମହିଳାନେତ୍ରୀ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା।

● ସତ୍ୟବାଦୀରେ ବିଜେଡିର ପଞ୍ଚାୟତସ୍ତରୀୟ ସାଂଗଠନିକ ବୈଠକ

# ପଞ୍ଚାୟତ ଅଧିବାସୀଙ୍କ ସମର୍ଥନ ଦେଖି ବିଜେପି ଛାନିଆ

**ସାକ୍ଷୀଗୋପାଳ,୧୩।୪(ସମିସ):** ସତ୍ୟବାଦୀ ବ୍ଲକର ମଧୁବନ ପଞ୍ଚାୟତରେ ପ୍ରଥମ କରି ବିଜେଡି ଦଳର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ସତ୍ୟବାଦୀର ବିଧାନସଭାର ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଆପଣମାନଙ୍କର ସେବା କରିବା ପାଇଁ ମୋତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜେଡିର ସୁପ୍ରିମୋ ପଠାଇଛନ୍ତି। ଆବଶ୍ୟକ ସ୍ଥଳେ ତାଙ୍କ କଥା ଅନୁସାରେ ସତ୍ୟବାଦୀରେ ରହିଯାଇଥିବା କିଛି ଅଧୁରା କାମ ଶେଷ କରାଯିବ । ଶ୍ରୀ ବର୍ମା ଉକ୍ତ ପଞ୍ଚାୟତରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ଗ୍ରାମର ମୁରବୀ, ମହିଳା ଓ ଯୁବକ ଯୁବତୀମାନେ ଶହଶହ ସଂଖ୍ୟାରେ ଶ୍ରୀ ବର୍ମାଙ୍କୁ ପାଛୋଟି ନେଇଥିଲେ । ଉକ୍ତ ଗ୍ରାମରେ ପୂଜିତ ବାବା ବିଶ୍ୱନାଥ ଓ ମା’ ବ୍ରଜକାଳୀଙ୍କୁ ଦର୍ଶନ କରି ଆର୍ଶିବାଦ ଭିକ୍ଷା କରିଥିଲେ ଶ୍ରୀ ବର୍ମା । ସେହିପରି ସତ୍ୟବାଦୀ ବ୍ଲକର ମଧୁବନ ପଞ୍ଚାୟତରେ ଜଳନିଷ୍କାସନ ଓ ଜଳସେଚନର ସୁବିଧା ନିର୍ବାଚନ ସରିବା ପରେ



ପ୍ରଥମେ କରାଯିବ ବୋଲି ଶ୍ରୀ ବର୍ମା କହିଥିଲେ। ଲୋକଙ୍କ ସମର୍ଥନକୁ ଦେଖି ବିଜେପି ଦଳର କର୍ମୀ ଓ ନେତାମାନଙ୍କ ମନରେ ଛାନିଆ ପଶିଲାଣି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବ୍ଲକର ବିଜେଡି ସଭାପତି ପ୍ରମୋଦ ରାଉତରାୟ, ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଆମ୍ବାର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ନାରାୟଣ ରାଉତରାୟ, ବିଜେପି ଛାଡି ବିଜେଡି ଦଳରେ ସାମିଲ ହୋଇଥବା ଯୁବନେତା ଜାନକୀ ବଲ୍ଲଭ, ରାଜ ବଲ୍ଲଭ ବରାଳଙ୍କ ସହିତ ସ୍ୱାଧୀନ ଭାରତ ଜେନା ପ୍ରମୋଦ ବରାଳ, ବିଜନ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ସୁରେଶ କୁମାର ସାହୁ, ପେଣ୍ଠପଡା ପଞ୍ଚାୟତର ପୂବତନ ସରପଞ୍ଚଞ୍ଚ ଦେବେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ସ୍ୱାଇଁ ଦେବାଶିଷ ରାୟ, ସତ୍ୟବାଦୀ ବ୍ଲକର ଆମ୍ବର ଅଧ୍ୟକ୍ଷ ମହମ୍ମଦ ଝିକିରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ବୁଥ ବୁଲି ଦେଖିଲେ ଏଡିଏମ୍



**ସାକ୍ଷୀଗୋପାଳ,୧୩।୪(ସମିସ):** ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ଜିଲ୍ଲା ପ୍ରଶାସନ ପକ୍ଷରୁ ସେତିକି ତତ୍ପରତା ପ୍ରକାଶ ପାଉଛି। ଶବିବାର ପୁରୀର ଏଡିଏମ ଶରତ ଚନ୍ଦ୍ର ବେହେରା ସତ୍ୟବାଦୀ ବ୍ଲକ ଗସ୍ତ କରି କାଦୁଆ ପଞ୍ଚାୟତର ମହାବଳପଡା, ବରାଳ ଓ ବଳପୁର ସହିତ ଗବକୁଣ୍ଡ ପଞ୍ଚାୟତର ବୁଥ ଗୁଡିକ ବୁଲି ଦେଖିବା ସହିତ ସେଠାରେ ଭୋଟରମାନଙ୍କ ପାଇଁ ସୁବିଧା ଅସୁବିଧା ବିଷୟରେ ତନଖି କରିଥିଲେ । ତାଙ୍କ ସହିତ ସତ୍ୟବାଦୀର ତହସିଲଦାର ଆଲୋକ କୁମାର ଦେହୁରୀ, ବିଡିଓ ଲିପିସା ରାୟ, ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀଣି ଉବମ ପ୍ରଧାନଙ୍କ ସହିତ ଜିପିଓ ସୌଭାଗ୍ୟ ରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।

୧୩/୪/୨୦୨୪ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୫୪,୮୧୪/- ସୁନା: ୦୦.୫୪୦ ଗ୍ରାମ୍ ରୁପା: ୧୭.୭୦୦ ଗ୍ରାମ୍





## ପରମେଶ୍ୱରୀ ମାଆଙ୍କ ଶୁଭ ଆବିର୍ଭାବ ଉତ୍ସବ



**ପୁରୀ, ୧୩।୪(ସମିସ):** ଯୁଗେ ଯୁଗେ ଶ୍ରୀ ଜଗନ୍ନାଥ ଭକ୍ତର ଅଧୀନ। ଭକ୍ତଙ୍କ ଭାବକୁ ଗ୍ରହଣ କରି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଅନେକ ଲୀଳା କରୁଛନ୍ତି। ଏପରି ଜଣେ ଅନାଲୋଚିତ ଭକ୍ତ ଥିଲେ ବୈଷ୍ଣବଙ୍କ କୀଙ୍କରୀ ପରମେଶ୍ୱରୀ ମାଆ। ଶ୍ରୀ ରାଧାରମଣ ଫାଉଣ୍ଡେସନ ତରଫରୁ ବୈଷ୍ଣବ କୀଙ୍କରୀ ପରମେଶ୍ୱରୀ ମାଆଙ୍କ ୧୨୫ ତମ ଜନ୍ମ ବାର୍ଷିକ ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଗୁରୁଚରଣ ଦାସଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଟାଟାମେନ ହସ୍ପିଟାଲର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜଗନ୍ନାଥ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଉତ୍ସବକୁ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଡ଼ଃ ମଳୟ ମିଶ୍ର, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ର ଅଧ୍ୟକ୍ଷ ଡ଼ଃ ଅଶୋକ କୁମାର ମହାପାତ୍ର, ନ୍ୟାୟମୂର୍ତ୍ତି ପ୍ରତିମା ପଣ୍ଡା, ଡ଼ଃ ସିଧେଶ୍ୱର ମୋହପାତ୍ର, ସ୍ୱାମୀ ବ୍ରହ୍ମନିଷ୍ଠ ନନ୍ଦ ଜି ମହାରାଜ, ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପୂର୍ବତନ କୁଳପତି ଡ଼ଃ ହରିହର ହୋତା, ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍ସବ ଅବସରରେ ଏକ ସ୍ମୃତି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ୪୦ ଜଣ ଗରିବ ପରିବାରକୁ ରନ୍ଧନ ସାମଗ୍ରୀ ସହିତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା।ଶେଷରେ ନୀଳମଣି ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷ୍ୟଠୁ ଦୂରରେ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ

# ଯାତ୍ରୀ ନୁହେଁ; ଅସାମାଜିକଙ୍କ ସେବାରେ ଲାଗୁଛି

**ପୁରୀ, ୧୩।୪(ସମିସ)**

ଯାତ୍ରୀମାନଙ୍କ ସୁବିଧା ପାଇଁ ତିଆରି ହୋଇଥିଲା ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ। ହେଲେ ଦୂରଦୃଷ୍ଟି ଅଭାବରୁ ଏହି କମ୍ପ୍ଲେକ୍ସ ଯାତ୍ରୀଙ୍କ ସେବାରେ ଆସିପାରୁନି। ମୁଖ୍ୟତଃ ଯାତ୍ରୀମାନେ ଏଠାରେ ବିଶ୍ରାମ ନେବା ସହ ଅନ୍ୟାନ୍ୟ ସୁବିଧା ପାଇପାରିବେ ବୋଲି ଲକ୍ଷ୍ୟ ରହିଥିଲା। ହେଲେ ଏହି ଲକ୍ଷ୍ୟଠୁ ବେଶ୍ ଦୂରରେ ଏବେ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ। ଏହା ଯାତ୍ରୀଙ୍କ ସେବାରେ ନୁହେଁ; ବରଂ ଅସାମାଜିକଙ୍କ ସେବାରେ ଲାଗୁଛି। ପାଲଟିଯାଇଛି ନିଶା ସେବନର ଏକ ଆଡ୍ଡାସ୍ଥଳୀ। ବିଭାଗର ଦୂରଦୃଷ୍ଟି ଅଭାବ ଯୋଗୁ ପ୍ରାୟ ଦୁଇକୋଟି ଟଙ୍କାର ଏହି ପ୍ରକଳ୍ପ ପରିତ୍ୟକ୍ତ ହୋଇପଡ଼ିଛି। ଅପରପକ୍ଷେ ଯାତ୍ରୀମାନେ ବିଶ୍ରାମ ନେବା ପାଇଁ ହନ୍ତସନ୍ତ ହେଉଛନ୍ତି। କିଏ ଷ୍ଟେଶନରେ ରାତି କାଟୁଛନ୍ତି ତ ପୁଣି କେହି ଟ୍ରେନ୍ ଚଳାଚଳ ବିଳମ୍ବ ହେଲେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହରରେ ଏଭଳି ସ୍ଥିତିକୁ ନେଇ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ପୁରୀ ଏକ ଆଧ୍ୟାତ୍ମିକ ସହର ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳ। ଏଠାରେ ଶ୍ରୀମନ୍ଦିର ଓ ମନୋରମ ବେଳାଭୂମି, ବିଶ୍ୱପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟ ମନ୍ଦିର, ଚିଲିକା ଆଦି ଅନେକ ପର୍ଯ୍ୟଟନସ୍ଥଳୀ ଏବଂ ଧାର୍ମିକ ପୀଠ ରହିଛି। ତେଣୁ ପ୍ରତ୍ୟେକ ଦିନ ପୁରୀକୁ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଟ୍ରେନ୍‌ରେ ଯାତାୟାତ କରିଥାନ୍ତି। ଏମିତି ବି ପୁରୀ ହେଉଛି ଏଣ୍ଡିଂ ପଏଣ୍ଟ। ଅର୍ଥାତ୍ ରାଜ୍ୟ ତଥା ରାଜ୍ୟ ବାହାରୁ ପୁରୀକୁ ଆସୁଥିବା ଟ୍ରେନ ଏହିଠାରେ ହିଁ ରହିଥାଏ। ଯାତ୍ରୀମାନେ ଏହିଠାରୁ ହିଁ ଟ୍ରେନରେ ଚଢିଥାନ୍ତି। ତେଣୁ ଯାତ୍ରୀଙ୍କ ସୁବିଧା ପାଇଁ ଏଠାରେ ଏକ ଟୁରିଷ୍ଟ କମ୍ପ୍ଲେକ୍ସ ତିଆରି କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

ଗ୍ରାଉଣ୍ଡ ଫ୍ଲୋର ସହ ଆଉ ଦୁଇ ମହଲା ତିଆରି କରାଯିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିଲା। ତଳ ମହଲାରେ ସାଧାରଣ ବର୍ଗର ଯାତ୍ରୀ, ପ୍ରଥମ ମହଲାରେ ରେଷ୍ଟୁରାଣ୍ଟ ଏବଂ ଦ୍ୱିତୀୟ ମହଲାରେ ଯାତ୍ରୀ, ପର୍ଯ୍ୟଟକ ରହିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି କମ୍ପ୍ଲେକ୍ସ ତିଆରି ପାଇଁ ଆବଶ୍ୟକ ଅନୁଦାନ ଯୋଗାଇଦେବା ନିମନ୍ତେ ବିଭାଗକୁ ଏକ ପ୍ରସ୍ତାବ ପଠାଯାଇଥିଲା। ମାତ୍ର କମ୍ ଅନୁଦାନ ଆସିବାରୁ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେଲା ନାହିଁ। କେବଳ ଗ୍ରାଉଣ୍ଡ ଫ୍ଲୋର ହିଁ ତିଆରି କରାଯାଇଛି। ନବକଳେବର ବର୍ଷ ଅର୍ଥାତ୍ ୨୦୧୫ ଜୁଲାଇ ୧୬ରେ ଏହାକୁ ତତ୍କାଳୀନ କେନ୍ଦ୍ର ରେଳମନ୍ତ୍ରୀ ସୁରେଶ ପ୍ରଭାକର ପ୍ରଭୁ ଉଦ୍‌ଘାଟନ କରିଥିଲେ। ଏହି କମ୍ପ୍ଲେକ୍ସ ଯାତ୍ରୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ସୁରେଶ ପ୍ରଭୁ କହିଥିଲେ। ହେଲେ ଉଦ୍‌ଘାଟନର କିଛିଦିନ ପରେ ଧୀରେ ଧୀରେ ଏହା ପରିତ୍ୟକ୍ତ ଅବସ୍ଥାକୁ ଆସିଗଲା।

ଆରମ୍ଭରୁ ପାଚେରି, ଫାଟକ ଠିକ୍‌ଠାକ ଥିବାବେଳେ ୨୪ ଘଣ୍ଟିଆ ସୁରକ୍ଷା ପାଇଁ ଜଣେ ପୁଲିସ ନିୟୋଜିତ ଥିଲେ। ଯାତ୍ରୀମାନେ ବିଶ୍ରାମ ସମୟରେ କେଉଁ ଟ୍ରେନ୍ କେତେବେଳେ ଛାଡିବ ତାହା ଜାଣିବା ପାଇଁ ଡିସ୍‌ପ୍ଲେ ବୋର୍ଡ ଲଗାଯାଇଥିଲା। ହେଲେ ଏହାର ରକ୍ଷଣାବେକ୍ଷଣ ପ୍ରତି ଅବହେଳା ଯୋଗୁ ପରିତ୍ୟକ୍ତ ହୋଇପଡ଼ିଛି ଟୁରିଷ୍ଟ କମ୍ପ୍ଲେକ୍ସ। ଫାଟକ ମୁକୁଳା ପଡ଼ିଛି। ସୁରକ୍ଷା ପାଇଁ କେହି ନାହାନ୍ତି। ଚାରିଆଡେ ମୁକୁଳା। ଆଲୋକୀକରଣ ବ୍ୟବସ୍ଥା ନାହିଁ। ଶୌଚାଳୟରେ ତାଲା ଝୁଲୁଛି। ପିଇବା ପାଣିର ସୁବିଧା ବି ନାହିଁ। କିଛିବର୍ଷ ହବିଷିଆଳିଙ୍କ ରହଣି ନିମନ୍ତେ ଏହାକୁ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରାଯାଇଥିଲା। ରଥଯାତ୍ରା ସମୟରେ ଏଠାରେ ଯାତ୍ରୀଙ୍କ ରହଣି ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଏ। ହେଲେ ରଥଯାତ୍ରା ସରିଯିବା ପରେ ପୁଣି ପୂର୍ବାବସ୍ଥାକୁ ଫେରିଆସେ ଏହି କମ୍ପ୍ଲେକ୍ସ। ଫାଟକ ମୁକୁଳା ଯୋଗୁ କମ୍ପ୍ଲେକ୍ସ ପରିସରରେ ଗାଈଗୋରୁ ପଶି ଝାଡା ପରିଶ୍ରା କରୁଛନ୍ତି। ଅଳିଆ ଆବର୍ଜନା ପଡ଼ିରହିଛି। ଦିନରାତି ଏହା ପରିସରରେ ଅସାମାଜିକଙ୍କ ଆଡ୍ଡା ଜମୁଛି। କେତେକ ଯୁବକ ନିଶା ଖାଇବା ପାଇଁ ଏହାକୁ ସୁରକ୍ଷିତ ସ୍ଥାନ ଧରିନେଇଛନ୍ତି। ସେହିପରି ବିଭିନ୍ନ ସମୟରେ ବଞ୍ଜାରା ମଧ୍ୟ ଏହା ପରିସରରେ ଆସର ଜମାଉଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ରେଲୱେ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି ଦାବି ହେଉଛି।



ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ନିମନ୍ତେ ମନ୍ଦିର ସମ୍ମୁଖ ଚଟାଣରେ ଜଳ ସିଞ୍ଚନ କରାଯାଉଛି

## ବକ୍ସିଂ ଏକାଡେମୀର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

**ପୁରୀ, ୧୩।୪(ସମିସ):** ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ଶନିବାରଠାରୁ ଆରମ୍ଭ ହୋଇଛି ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର। ଏହି ଅବସରରେ ପ୍ରଥମେ ସମସ୍ତ ଖେଳାଳୀ ଶ୍ରୀମନ୍ଦିରଠାରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିନୋଦ ସିଂ, ଭାଗିରଥି ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିର ଆସନ୍ତା ମେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଯୋଗଦେବା ପାଇଁ ଆଗ୍ରହୀ ଖେଳାଳୀମାନେ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

### ଅଟୋ ଚାଳକଙ୍କଠୁ ଲାଞ୍ଚ ଭିଡିଓ ଭାଇରାଲ

## ମହିଳା ହୋମ୍‌ଗାର୍ଡ ନିଲମ୍ବିତ

**ପୁରୀ, ୧୩।୪(ସମିସ)**

ଅଟୋ ଚାଳକଙ୍କଠାରୁ ଲାଞ୍ଚ ନେବା ଜଣେ ମହିଳା ହୋମ୍‌ଗାର୍ଡଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହି ଭିଡ଼ିଓ ଭାଇରାଲ ହେବା ପରେ ଏସ୍‌ପି ପିନାକ ମିଶ୍ର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସମ୍ପୃକ୍ତା ମହିଳା ହୋମ୍‌ଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବା ବେଳେ ତାଙ୍କୁ ଚାକିରୀରୁ ନିଲମ୍ବନ କରିଛନ୍ତି। ଏଥିସହ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

ପୁରୀ ଗଳିକନ୍ଦିରର ସହର। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ବହୁ ସାହି ରହିଛି। ହେଲେ ସାହିଗୁଡ଼ିକରେ ଶହ ଶହ ଗଳି ସୃଷ୍ଟି ହେଲାଣି। ଏମିତି କିଛି ସାହିଗଳି ରହିଛି ଚାଲି ଚାଲି ଯିବା କଷ୍ଟକର ହୋଇପଡୁଥିବା ବେଳେ ତା' ଭିତରେ ବ୍ୟାଟେରୀ ଚାଳିତ ଅଟୋ ଚଳପ୍ରଚଳ କରୁଛି। ଫଳରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ ଏହାର ସମାଧାନ ପାଇଁ ଜନଗହଳି ଭିତରକୁ ଏବଂ ବିଶେଷକରି ଯେଉଁ ଜାଗାରେ ଟ୍ରାଫିକ ସମସ୍ୟା ଉପୁଜୁଛି ସେ ଜାଗାକୁ କୌଣସି ଗାଡ଼ି ପ୍ରବେଶ ଉପରେ କଟକଣା ରହିଛି। ହେଲେ ଅନେକ ସମୟରେ କାର୍ଯ୍ୟରତ ପୁଲିସ କର୍ମଚାରୀ ହାତଗୁଞ୍ଜା ନେଇ ନିଷିଦ୍ଧାଞ୍ଚଳକୁ ଗାଡି ଛାଡୁଥିବା ନଜିର ରହିଛି। ବିଶେଷକରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ସାହି ପ୍ରବେଶ ପଥ ଦେଇ ପରିକ୍ରମା ମାର୍ଗ ପାଚେରୀ ପର୍ଯ୍ୟନ୍ତ ଯେପରି କୌଣସି ଗାଡ଼ି ନ ଆସନ୍ତା ତା' ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ରହିଛି। ଯେ ହେତୁ ଭକ୍ତମାନେ ପରିକ୍ରମା ମାର୍ଗ ବୁଲିଥାନ୍ତି ଗାଡ଼ି ଚଳାଚଳ କଲେ ଦୁର୍ଘଟଣା ଘଟିବା ସମ୍ଭାବନା ଥିବାରୁ ଏହା ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ କାର୍ଯ୍ୟରତ ପୁଲିସ କର୍ମଚାରୀଙ୍କୁ କୁହାଯାଇଛି। ହେଲେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ପାର୍ଶ୍ୱ ସାହି ଦେଇ ଏକ ବ୍ୟାଟେରୀ ଚାଳିତ ଅଟୋ ପରିକ୍ରମା ମାର୍ଗ ପାଖକୁ ଆସିଥିବାର ଏକ ଭିଡ଼ିଓ ଶନିବାର ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଏହି ଅଟୋଚାଳକ ସହ ସେଠାରେ କାର୍ଯ୍ୟରତ ଜଣେ ମହିଳା ହୋମ୍‌ଗାର୍ଡ ଲାଞ୍ଚ ବିଷୟରେ କଥା ହୋଇଥିଲେ। ପୁରୁଷ ସୁରକ୍ଷା କର୍ମୀ ରହିଲେ ତାଙ୍କୁ ୫୦ ଟଙ୍କା ଲେଖାଏ ଅଟୋଚାଳକ ଦଉଚ। ଆମକୁ କାହିଁକି କମ୍ ଏମିତି କିଛି ଲାଞ୍ଚ କଥାବାର୍ତ୍ତାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଏହି ଭିଡ଼ିଓ ଏସ୍‌ପିଙ୍କ ନଜରକୁ ଆସିବା ପରେ ସେ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଥିଲେ। ସମ୍ପୃକ୍ତା ମହିଳା ହୋମ୍‌ଗାର୍ଡଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ତେବେ ଏଠି କଥା ଉଠୁଛି ଏହି ମହିଳା ହୋମ୍‌ଗାର୍ଡଙ୍କର ଭିଡ଼ିଓ ଭାଇରାଲଲ ହେଲା ବୋଲି ଜଣାପଡ଼ିଲା। କିନ୍ତୁ ସବୁ ସାହିରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀ ହାତଗୁଞ୍ଜା ନେଇ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ଗାଡି ଛାଡୁଛନ୍ତି। ସେମାନଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନେକ ପ୍ରଶ୍ନ କରିଛନ୍ତି।

### ପିପିଲିରେ ବିଜେଡି ପକ୍ଷରୁ ଜନସମ୍ପର୍କ ଯାତ୍ରା

## ଅରୂପ ଓ ରୁଦ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କଲେ ସଂଖ୍ୟାଲଘୁ ମହିଳା

**ପିପିଲି, ୧୩।୪(ସମିସ)**

ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ଯାତ୍ରା ପିପିଲି ବ୍ଲକର ୨୩ ନମ୍ବର ଜୋନରେ ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଏବଂ ପୁରୀ ଲୋକସଭା ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ନିଜର ସମର୍ଥକ ଏବଂ କର୍ମୀମାନଙ୍କୁ ସାଥିରେ ନେଇ ଲୋକମାନଙ୍କ ନିକଟରେ ପହଞ୍ଚିଥିଲେ। ପ୍ରଥମେ ଡ଼େଲାଙ୍ଗ ଛକରୁ ଯାତ୍ରାର ଆରମ୍ଭ କରି ହାଟସାହି ପଞ୍ଚାୟତରେ ବିଭିନ୍ନ ଗ୍ରାମକୁ ବାଇକ୍ ଶୋଭାଯାତ୍ରାରେ ବାହାରି ଲୋକମାନଙ୍କୁ ଭେଟି ସେମାନଙ୍କ ସୁଖ ଦୁଃଖ ବୁଝିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶମୂଳକ କାର୍ଯ୍ୟକୁ ଲୋକମାନଙ୍କୁ ମନେ ପକାଇବା ସହିତ ନବୀନଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହିତ ପିପିଲି ଡ଼େଲାଙ୍ଗରେ ବିଜୁ ଜନତା ଦଳକୁ ବିଜୟୀ କରିବା ପାଇଁ ଅନୁରୋଧ କରିଥିଲେ। ପ୍ରଚାର ଅବସରରେ ହାଟସାହି ପଞ୍ଚାୟତର ଦାନଗହିର ଗ୍ରାମରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଅରୂପଙ୍କୁ ଅଦ୍‌ଭୁତ ପୂର୍ବ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅରୂପ ବାବୁ ଏବଂ ରୁଦ୍ର ବାବୁ ହେଉଛନ୍ତି ଆମ ମାଟିର ପୁଅ। ଆମେ ଆମ ମାଟିର ପୁଅକୁ ଆମର ସୁଖ ଦୁଃଖରେ ଠିଆ ହେବା ପାଇଁ ଆମେ ସମସ୍ତେ ଏକାଠି ହୋଇ ଭୋଟଦେଇ ବିଜୟୀ କରାଇବୁ ବୋଲି କହିଥିଲେ। ପରେ ଦାଣ୍ଡମୁକୁନ୍ଦପୁର କୁଳଶିଖର ପାଟଣା ଜଗନ୍ନାଥପୁର ନୂଆ ଶାସନ ସଁପୁର ମଙ୍ଗଳପୁର ଦୁର୍ଗାଦାଶପୁର ଆଦି ପଞ୍ଚାୟତ ପରିକ୍ରମା କରିଥିଲେ। ପୂର୍ବ ନିର୍ବାଚନ ଅପେକ୍ଷା ଏଥର କିଭଳି ଅଧିକରୁ ଅଧିକ ଭୋଟ ବିଜୁ ଜନତା ଦଳ ସପକ୍ଷରେ ଆସିବ ସେ ସମ୍ପର୍କରେ କର୍ମୀମାନଙ୍କ ସହଯୋଗ ଲୋଡ଼ିଥିଲେ। ପ୍ରଚାର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧକ୍ଷା ଦେବସ୍ମନୀ ନନ୍ଦ ଉପାଧକ୍ଷ ପ୍ରଫୁଲ ସ୍ୱାଇଁ ଜିଲ୍ଲା ପରିଷଦ ଧରଣୀଧର ସାହୁ ବିଜେଡ଼ି ନେତା ଦେବାଶିଷ ନନ୍ଦ ନାରାୟଣ ସ୍ୱାଇଁ କିଶୋର ଛୋଟରାୟ ମହମ୍ମଦ ସାହେବ ମହମ୍ମଦ, ସରପଞ୍ଚ ଗଣେଷ ବେହେରା, ସମିତି ସଭ୍ୟ ତ୍ରିନାଥ ଦାସ, ମହମ୍ମଦ ରବାନୀ ହାଜି, ହମଶେର ଅଲ୍ଲୀ, ଯୁବ ବିଜେଡ଼ି ନେତା ସୌମ୍ୟ ରଞ୍ଜନ ବେହେରା, କାଉନସିଲର ସୌମ୍ୟ ରଞ୍ଜନ ସ୍ୱାଇଁ ଙ୍କ ସମେତ ଶତାଧିକ ବିଜେଡ଼ି ନେତା ଓ କର୍ମୀ ଯୋଗ ଦେଇଥିଲେ।



## ବାଲୁକା କଳାରେ ଓଡ଼ିଆ ନବବର୍ଷର ଶୁଭେଚ୍ଛା




**ପୁରୀ, ୧୩।୪(ସମିସ):** ମହାବିଷୁବ ସଂକ୍ରାନ୍ତି ତଥା ମହାବୀର ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଶନିବାର ପୁରୀ ବେଳାଭୂମିରେ କୋଣାର୍କର ମହିଳା ବାଲୁକାଶିଳ୍ପୀ ସରିତା ଗୋଛାୟତ ଆକର୍ଷଣୀୟ ବାଲୁକା କଳା ପ୍ରସ୍ତୁତ କରି ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଗତ ଡିସେମ୍ବର ମାସରେ ସରିତା ବାଲିରେ ୨୭ ଫୁଟ୍ ଉଚ୍ଚତା ବିଶିଷ୍ଟ ସୂର୍ଯ୍ୟ ମନ୍ଦିର ନିର୍ମାଣ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ବର୍ଷତମାମ ବିଶିଷ୍ଟ ପାଳନୀୟ ଦିବସମାନଙ୍କରେ ସରିତା ଉତ୍କଳୀୟ ପରମ୍ପରା, କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରସଙ୍ଗ କରି ସଚେତନଧର୍ମୀ ବାଲୁକା କଳା ପ୍ରସ୍ତୁତି ଓ ପ୍ରଦର୍ଶନ ଜାରି ରଖିଛନ୍ତି। ଏହାଦ୍ୱାରା ପୁରୀ ଏବଂ କୋଣାର୍କ ପରିଭ୍ରମଣରେ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକ ସ୍ୱର୍ଣ୍ଣିମ ବେଳାଭୂମିରେ ବାଲିର ଆକର୍ଷଣୀୟ ବାଲୁକା କଳା ଉପଭୋଗ କରିବା ସହିତ ଓଡ଼ିଆ ଜନଜୀବନ ସମ୍ପର୍କରେ ଅବଗତ ହେଉଛନ୍ତି। ଚନ୍ଦ୍ରଭାଗା ବେଳାଭୂମିକୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ସରିତାଙ୍କ ବାଲୁକା କଳା ସହାୟକସିଦ୍ଧ ହୋଇଛି।

# ପୁରୀ ସଦରରେ ଭୋଟ ଭିକ୍ଷା କଲେ ସୁନୀଲ

**ପୁରୀ, ୧୩।୪(ସମିସ)**



ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରାର୍ଥୀମାନେ ସେତିକି ତତ୍ପର ହେଉଛନ୍ତି। କମ୍ ସମୟ ମଧ୍ୟରେ ଯେପରି ଅଧିକ ଭୋଟରଙ୍କ ପାଖରେ ପହଞ୍ଚିବେ ତାହାକୁ ଗୁରୁତ୍ୱ ଦେଉଛନ୍ତି ପ୍ରମୁଖ ଦଳର ପ୍ରାର୍ଥୀ। ଏହି କ୍ରମରେ ପୁରୀ ସହର ପରେ ଶନିବାରଠାରୁ ପୁରୀ ସଦର ଅଞ୍ଚଳରେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁନୀଲ ମହାନ୍ତି। ଅଠରନଳାଠାରୁ ଶତାଧିକ ସମର୍ଥକଙ୍କ ସହ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ମା' ବାଟମଙ୍ଗଳାଙ୍କ ପାଖରେ ପହଞ୍ଚିଥିଲେ ସୁନୀଲ। ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ବୀରନରସିଂହପୁର ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଚନ୍ଦନପୁର, ମାଳତୀପାଟପୁର ଦେଇ ପୁରୀ ସଦର ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଓ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବା ସହ ତାଙ୍କ ବାପା ସ୍ୱର୍ଗତ ମହେଶ୍ୱର ମହାନ୍ତି ଜୀବନବ୍ୟାପୀ ଲୋକଙ୍କ ପାଇଁ କରିଥିବା କାର୍ଯ୍ୟକୁ ସେ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ଆଶୀର୍ବାଦ କାମନା କରିଛନ୍ତି। ପୁରୀ ସହର କି ସଦର ହେଉ ପ୍ରତ୍ୟେକ ସ୍ଥାନରେ ତାଙ୍କ ବାପା ମହେଶ୍ୱର ମହାନ୍ତିଙ୍କ ବିକାଶ ଓ ଉନ୍ନତିକରଣ କାର୍ଯ୍ୟର ଫଳକ ଲାଗିଛି। ଗତ ୫ ବର୍ଷ ମଧ୍ୟରେ ସେଭଳି କୌଣସି କାମ ହୋଇନାହିଁ। ପୁରୀ ସହର ଓ ସଦର ଅଞ୍ଚଳରେ ରହି ଯାଇଥିବା ଛୋଟ ବଡ଼ ସମସ୍ୟା ଓ ବାପାଙ୍କ ଅଧୁରା କାର୍ଯ୍ୟକୁ ପୂରଣ କରିବା ତାଙ୍କ ଲକ୍ଷ୍ୟ ବୋଲି କହିଛନ୍ତି ସୁନୀଲ। ବିଜୁ ଜନତା ଦଳ ଏକ ବିଶାଳ ପରିବାର। ପୁରୀ ସଦର ଅନ୍ତର୍ଗତ ୨୨ଟି ପଞ୍ଚାୟତର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚି ସେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଓ ବିକାଶର କାର୍ଯ୍ୟ କହିବେ ବୋଲି କହିଛନ୍ତି। ପୁରୀ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଭୋଟର ତାଙ୍କୁ ନିଶ୍ଚିନ୍ତ ଆଶୀର୍ବାଦ କରିବେ ବୋଲି ଦୃଢତାର ସହ କହିଛନ୍ତି ସୁନୀଲ।

## ଯୁବ ବିଜେଡିର ବନ୍ଧୁମିଳନ

**ପୁରୀ, ୧୩।୪(ସମିସ)**

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଶନିବାର ବିଜୁ ଯୁବ ଛାତ୍ର ଜନତା ଦଳର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ନିର୍ବାଚନ ବନ୍ଦ ହେବା ପରେ ପୁରୀରେ ଏହା ଯୁବ ଛାତ୍ର ବିଜେଡିର ପ୍ରଥମ ବଡ ବନ୍ଧୁମିଳନ ବା ସମାବେଶ। ରାଜ୍ୟ ବିଜୁ ଛାତ୍ର ଜନତା ଦଳ ଉପସଭାପତି ନାରାୟଣ ପ୍ରସାଦ ସିଂହଙ୍କ ନେତୃତ୍ୱରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁ ଜନତା ଦଳ ପୁରୀ ଜିଲ୍ଲା ସଭାପତି ଦିବାକର ପାତ୍ର, ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଜୟକୃଷ୍ଣ ଦାସମହାପାତ୍ର, ବିଜୁ ଛାତ୍ର ଜନତା ଦଳ ସଭାପତି ରାଜେଶ ରଥ, ପୁରୀ ସଦର ନିର୍ବାଚନମଣ୍ଡଳୀ ସଭାପତି ସୁଧାଂଶୁ ଚନ୍ଦ୍ର ସାହୁ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ଉପସଭାପତି ଲକ୍ଷ୍ମୀକାନ୍ତ ପ୍ରଧାନ, ସର୍ବେଶ୍ୱର ସ୍ୱାଇଁ, ଯୁବ ବିଜେଡି ସଦର ସଭାପତି ବିଜୟ କୁମାର ମାଝୀ, ଜିଲ୍ଲା ବିଜୁ ଛାତ୍ର ଦଳର ସମ୍ପାଦକ ସୂର୍ଯ୍ୟପ୍ରସାଦ ଘଟୁଆରୀ, ଛାତ୍ର ସଦର ବ୍ଲକ ସଭାପତି ନିଲୁ ମହାପାତ୍ର, ବିଜୁ ଜନତା ଦଳର ଲିଗାଲ ସେଲର ଉପସଭାପତି ବିଶ୍ୱଜିତ୍ ପ୍ରଧାନ, ଯୁବନେତା କାଳୁ ମିଶ୍ର, ବିଶ୍ୱଜିତ ପଟ୍ଟନାୟକଙ୍କ ସମେତ ଶତାଧିକ ଯୁବ ଛାତ୍ର ଯୋଗଦାନ କରିଥିଲେ। ନିର୍ବାଚନ ପୂର୍ବରୁ ଯୁବ ଓ ଛାତ୍ର ବିଜେଡି ଏକାଠି ହୋଇଥିବାରୁ ସମସ୍ତେ ରାଜ୍ୟ ବିଜୁ ଛାତ୍ର ଜନତା ଦଳ ଉପସଭାପତି ନାରାୟଣ ପ୍ରସାଦ ସିଂହଙ୍କୁ କୃତଜ୍ଞତା ଜଣାଇଥିଲେ। ବନ୍ଧୁମିଳନରେ ଅନେକ ନୂତନ ଭାବେ ଯୁବ ଓ ଛାତ୍ର ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଛାତ୍ର ନେତା ହିମାଂଶୁ ଚନ୍ଦ୍ର ସାହୁ, ରବି ନାରାୟଣ ନାୟକ, ପଟେଲ ପୃଷ୍ଟି, ସନତ ପରିଛା, ଦୀପ୍ତିରଞ୍ଜନ ଜେନା, ସୁରଜ ମାଝୀ।

## ହାତୀର ମୃତଦେହ ଉଦ୍ଧାର

**ମୋରଡ଼ା/ରାସଗୋବିନ୍ଦପୁର,୧୩।୪ (ସମିସ):** ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର କଶ୍ପାଫଲିଆ ଅଧୀନ ରାସଗୋବିନ୍ଦପୁର ବୁଢ଼ାର କଶ୍ପାଫଲିଆ ଜଙ୍ଗଲର ହାରଗୁଣୀ ଗାଁ ନିକଟରେ ଥିବା ଏକ ବିଲରୁ ଛୁଆ ହାତୀର ମୃତଦେହ ଉଦ୍ଧାର କରିଛି ବନ ବିଭାଗ। ରେଞ୍ଜର ଘନଶ୍ୟାମ ସିଂଙ୍କ ସୂଚନା ମୁତାବକ, ଶନିବାର ଗ୍ରାମବାସୀ ଏକ ଛୁଆ ହାତୀଟି ବିଲରେ ମରି ପଡ଼ିଥିବା ଦେଖିବା ବନ ବିଭାଗକୁ ଖବର ଦେଇଥିଲେ। ପରେ ବନବିଭାଗ ପହଞ୍ଚି ମୃତ ହାତୀକୁ ଉଦ୍ଧାର କରିଛି। ହାତୀଟିର ବୟସ ପାଖାପାଖି ଏକ ବର୍ଷ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ହାତୀଟି ମାଇ ହାତୀ ବୋଲି ଜଣାପଡ଼ିଛି। ବନ ବିଭାଗର ଅବହେଳା ଯୋଗୁଁ ଆଜି ଏପରି ଘଟଣା ଘଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଘଟଣାସ୍ଥଳରେ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ, ଜିଲ୍ଲା ବନାଞ୍ଚଳ ଅଧିକାରୀ ଉମା ମାହେଶ, ଏସିଏଫ୍ ରବିନାରାୟଣ ମହାନ୍ତିଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଛି।

# ଫିକି ଫ୍ଲୋ'ର 'ସଂଯୋଗରୁ ବିଜୟ'

**ଅଧ୍ୟକ୍ଷା ହେଲେ ରଶ୍ମି ସାହୁ, ୬ ଜଣଙ୍କୁ ନୂଆ ଦାୟିତ୍ୱ**

**ଭୁବନେଶ୍ୱର,୧୩।୪(ସମିସ):** 'ଫିକି ଫ୍ଲୋ' ଭୁବନେଶ୍ୱର ଅନୁକୂଳରେ ଚଳିତ ଆର୍ଥିକ ବର୍ଷର ପ୍ରଥମ କାର୍ଯ୍ୟକ୍ରମ 'ସଂଯୋଗରୁ ବିଜୟ' ସ୍ଥାନୀୟ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଦକ୍ଷତା ବିକାଶ କେନ୍ଦ୍ରର ଅଧ୍ୟକ୍ଷା ତଥା ୱାର୍ଲ୍ଡ ସ୍କିଲ୍ ସେଣ୍ଟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଣୀ ଅଲକା ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ପର୍କ ଗଢିବା ଓ ଜ୍ଞାନ ବାଣ୍ଟିବା ବିଷୟ ବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇ ଏକ ସ୍ୱତନ୍ତ୍ର ନୃତ୍ୟ କାର୍ଯ୍ୟକ୍ରମରୁ ଏହାର ଶୁଭାରମ୍ଭ କରାଯାଇଥିଲା। 'ଗୁରୁ ଗଙ୍ଗାଧର ଗୋଟିପୁଅ ଗୁରୁକୁଳ'ର ନୃତ୍ୟଶିଳ୍ପୀମାନେ ଏହି ନୃତ୍ୟ ମାଧ୍ୟମରେ ନାରୀ କୌଣସି ଗୁଣରେ କମ୍ ନୁହେଁ ଓ ନାରୀ ହିଁ ସକଳ ଶକ୍ତିର ଆଧାର ବୋଲି ସୂଚିତ କରିଥିଲେ।

ଏହି ଅବସରରେ ଶ୍ରୀମତୀ ମିଶ୍ର କହିଲେ, ନିଜ ଭିତରେ ଥିବା ପ୍ରତିଭାକୁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦକ୍ଷତାର ସହ ବିକାଶ କରିବା ପାଇଁ ପ୍ରଚୁର ଆତ୍ମବିଶ୍ୱାସ ଓ ଉତ୍ସାହର ଆବଶ୍ୟକତା ଅଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ ଚଳିତବର୍ଷର ନୂତନ ଅଧ୍ୟକ୍ଷା ରଶ୍ମି ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥିସହ ବରିଷ୍ଠ ଉପାଧ୍ୟକ୍ଷା ଡା. ପ୍ରଜ୍ଞା ପାରମିତା ମିଶ୍ର, ଉପାଧ୍ୟକ୍ଷା ପଞ୍ଚମୀ ମାନ୍ଟୁ, କୋଷାଧ୍ୟକ୍ଷ ଅର୍ପଣା ମିଶ୍ର, ଯୁଗ୍ମ କୋଷାଧ୍ୟକ୍ଷ ସୋନିଆ ଗୁପ୍ତାନୀ, ସମ୍ପାଦିକା ଶ୍ରାବଣୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦିକା ଭାବେ ଗୁଞ୍ଜନ ଚଢ଼ାଙ୍କ ଦାୟିତ୍ୱ ଭାର ଗ୍ରହଣ କରିଥିଲେ।




ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ଅଧ୍ୟକ୍ଷା ଶ୍ରୀମତୀ ସାହୁ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିବା ସହ ଓଡ଼ିଶାର ଗ୍ରାମୀଣ ମହିଳାମାନଙ୍କର ଦକ୍ଷତା ବିକାଶ ପାଇଁ ଅନେକ ଅନୁଷ୍ଠାନ ସହଯୋଗରେ ହୋଇ କାର୍ଯ୍ୟକ୍ରମ କରିବା ସହ ମିଲେଟ୍ ମିସନ୍, ମିଶନ୍ ଶକ୍ତି, ଓଏମ୍‌ଏସ୍ ସହାୟତା ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକାଶ କରିଥିଲେ। ୧୫ଟିରୁ ଊର୍ଦ୍ଧ୍ୱ ଅନୁଷ୍ଠାନର ସଦସ୍ୟାମାନଙ୍କ ନେଟୱାର୍କ, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ଏହି କାର୍ଯ୍ୟକ୍ରମରେ ଅନେକ ଆଲୋଚନା କରାଯାଇଥିଲା। ଅନେକ ସଫଳ ମହିଳା ଉଦ୍ୟୋଗୀ ତଥା ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ନେଇଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଫିକି ଫ୍ଲୋ ଦ୍ୱାରା ଅନେକ ଶିକ୍ଷଣୀୟ ଓ ଗ୍ରହଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଶ୍ରୀମତୀ ସାହୁ ଏହି ଅବସରରେ ଘୋଷଣା କରିଥିଲେ।

# ବଢ଼ିଲା ତାତି

**୫ ସ୍ଥାନରେ ୪୦ ଡିଗ୍ରୀ ମୁହାଁ ତାପମାତ୍ରା**

**ଭୁବନେଶ୍ୱର, ୧୩।୪(ସମିସ):** ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି। ପାରଳାଖେମୁଣ୍ଡିରେ ସର୍ବାଧିକ ଦିନ ତାପମାତ୍ରା ୩୯.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବାରିପଦାରେ ତାପମାତ୍ରା ୩୯ ଡିଗ୍ରୀ ରହିଥିବା ବେଳେ କଟକରେ ୩୮.୬ ଡିଗ୍ରୀ, ଭୁବନେଶ୍ୱରରେ ୩୮.୪ ଡିଗ୍ରୀ ଏବଂ ନୟାଗଡ଼ରେ ପାରଦ ୩୮ ଡିଗ୍ରୀ ଛୁଇଁଛି। ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ, ୧୪ ତାରିଖରେ ରାଜ୍ୟର କେତେକ ଜିଲ୍ଲାରେ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ଅନୁଭୂତ ହେବ। ୧୫, ୧୬ ଓ ୧୭ ତାରିଖରେ କେତେକ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ) ଅନୁଭୂତ ହେବ। କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ, ୧୪ ତାରିଖରେ କଟକ, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ଅନୁଭୂତ ହୋଇପାରେ। ୧୫ ତାରିଖରେ ୧୩ ଜିଲ୍ଲାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ବୌଦ୍ଧ, କଟକ, କନ୍ଧମାଳ, କୋରାପୁଟ, ମାଲକାନଗିରି, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ହେବା ନେଇ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୬ ଓ ୧୭ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର।

## ୫୨ କେଜି ଗଞ୍ଜେଇ ଜବତ; ୨ ନିଶାମାଫିଆ ଗିରଫ

**ଭୁବନେଶ୍ୱର,୧୩।୪(ସମିସ):** ଚନ୍ଦ୍ରଶେଖରପୁରସାଇନୋବସ୍ତିରେ ନିଶା କାରବାର କରୁଥିବା ଦୁଇ ନିଶା ବେପାରୀଙ୍କୁ ଗିରଫ କରିଛି ଏସ୍‌ଟିଏଫ। ଗିରଫ ନିଶା ମାଫିଆ ହେଲେ, ବିକାଶ କୁମାର ଦିଗାର ଏବଂ ସୌମ୍ୟରଞ୍ଜନ ଦିଗାଲ। ସେମାନଙ୍କ ନିକଟରୁ ପୁଲିସ ୫୨ କେଜି ୬୦୦ ଗ୍ରାମର ଗଞ୍ଜେଇ ଜବତ କରିଛି। ସେମାନଙ୍କ ନିକଟରୁ ଏସ୍‌ଟିଏଫ ମୋବାଇଲ ଫୋନ୍ ଏବଂ ଅନ୍ୟାନ ସାମଗ୍ରୀ ଜବତ କରିଛି। ଦୁଇ ନିଶା ମାଫିଆଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଛି। ଦୁଇ ନିଶାମାଫିଆ ଫୁଲବାଣୀ ଏବଂ ଅନ୍ୟ ଜିଲ୍ଲାକୁ ନିଶା ଆଣି ଭୁବନେଶ୍ୱରରେ କାରବାର କରନ୍ତି। ଏନେଇ ଏସ୍‌ଟିଏଫ ପାଖରେ ସୂଚନା ପହଞ୍ଚିଥିଲା। ଏହିଭଳି ଦୁଇ ନିଶା ମାଫିଆ ଚନ୍ଦ୍ରଶେଖରପୁର ସାଇନୋ ବସ୍ତି ନିକଟରେ ଏକ କାର ନିକଟରେ ଛିଡ଼ା ହୋଇ ବେପାର କରିବା ପାଇଁ ଅପେକ୍ଷା କରିଥିଲେ। ଅନ୍ୟ ଦୁଇ ନିଶାମାଫିଆ ସେଠାରେ ପହଞ୍ଚିବା ପୂର୍ବରୁ ଖବର ପାଇ ଏସ୍‌ଟିଏଫ ସେଠାରେ ପହଞ୍ଚି ଦୁଇ ନିଶା ମାଫିଆଙ୍କୁ କାବୁ କରିଥିଲେ। କାରକୁ ଯାଞ୍ଚ କରିବା ପରେ ସେଥିରୁ ୫୨କେଜି ୬୦୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା। ଆଗକୁ ନିର୍ବାଚନ ଥିବାରୁ ନିଶା ମାଫିଆମାନେ ଭୁବନେଶ୍ୱର ଆଖପାଖରେ ନିଶା କାରବାର କରିବାକୁ ଯୋଜନା କରିଛନ୍ତି। ତେଣୁ ଏସ୍‌ଟିଏଫ ଏହି ନିଶାକୁ ରୋକିବା ପାଇଁ ଚଢ଼ଉକୁ ଜୋରଦାର କରିଛି।

# ଖୋର୍ଦ୍ଧା ଜିଲ୍ଲାରେ ୧୬ଟି ଅତିରିକ୍ତ ମତଦାନ କେନ୍ଦ୍ର

**ଭୁବନେଶ୍ୱର ମଧ୍ୟ, ଉତ୍ତର, ଏକାମ୍ର ଓ ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ସାମିଲ**

**ଭୁବନେଶ୍ୱର/ଖୋର୍ଦ୍ଧା,୧୩।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲ୍ଲାରେ ୧୬ଟି ଅତିରିକ୍ତ ମତଦାନ କେନ୍ଦ୍ର ସୃଷ୍ଟି ହୋଇଛି। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ଗୋଟିଏ, ଉତ୍ତରରେ ୫ଟି, ଏକାମ୍ରରେ ୯ଟି ଏବଂ ଖୋର୍ଦ୍ଧା ବିଧାନସଭା ଅଧୀନରେ ଗୋଟିଏ ଅତିରିକ୍ତ ମତଦାନ କେନ୍ଦ୍ର ସୃଷ୍ଟି ହୋଇଛି। ଏହି ଚାରୋଟି ବିଧାନସଭା କ୍ଷେତ୍ରରେ ମୋଟି ୯୩୨ଟି ମତଦାନ କେନ୍ଦ୍ର ଥିବା ବେଳେ ଆଉ ୧୬ଟି ଅତିରିକ୍ତ ବୁଥ୍ ବୃଦ୍ଧି ହେବା ଦ୍ୱାରା ମୋଟ ବୁଥ୍ ସଂଖ୍ୟା ୯୪୮ରେ ପହଞ୍ଚିଛି। ସହରାଞ୍ଚଳରେ ୧୬ଶହରୁ ଅଧିକ ମତଦାତା ଏବଂ ଗ୍ରାମାଞ୍ଚଳରେ ୧୫ ଶହରୁ ଅଧିକ ଭୋଟର ଥିବା ପୂର୍ବ ମତଦାନ କେନ୍ଦ୍ରରୁ ପୃଥକ କରି ଏହି ଅତିରିକ୍ତ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇଛି। ଏ ସଂକ୍ରାନ୍ତରେ ବିଭିନ୍ନ ରାଜନୈତିକ ଦଳ ଏବଂ ଅଂଶୀଦାରମାନଙ୍କ ସହ ହୋଇଥିବା ବିଚାରବିମର୍ଶକୁ ଆଧାର କରି ପଠାଯାଇଥିବା ପ୍ରସ୍ତାବକୁ ନିର୍ବାଚନ କମିସନ ଅନୁମୋଦନ କରିବା ପରେ ଏହି ୧୬ଟି ଅତିରିକ୍ତ ମତଦାନ କେନ୍ଦ୍ର ସୃଷ୍ଟି ହୋଇଛି। ଏହି ମତଦାନ କେନ୍ଦ୍ରଗୁଡ଼ିକ ସମ୍ପୃକ୍ତ ମୂଳ ମତଦାନ ଥିବା କ୍ୟାମ୍ପସ୍ ମଧ୍ୟରେ ହିଁ ରହିବ।

୧୧୨-ଭୁବନେଶ୍ୱର ମଧ୍ୟ ବିଧାନସଭା ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଝାରପଡ଼ା(ବୁଥ୍ ନଂ ୧୮୦), ୧୧୩-ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଳାରାହାଙ୍ଗ (ବୁଥ୍ ନଂ ୨୩), ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଟିଆ (ବୁଥ ନଂ ୨୯), ମହର୍ଷି ମହିଳା ମହାବିଦ୍ୟାଳୟ, ଶୈଳଶ୍ରୀବିହାର (ବୁଥ୍ ନଂ-୬୯), ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜନତାନଗର, ସାଲିଆସାହି (ବୁଥ୍ ନଂ ୧୪୫), ସରକାରୀ ଉଚ୍ଚ ବିଦ୍ୟାଳୟ, ପଳାଶୁଣି (ବୁଥ୍ ନଂ ୨୨୬), ୧୧୪-ଏକାମ୍ର ଭୁବନେଶ୍ୱର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ସରକାରୀ ଉଚ୍ଚବିଦ୍ୟାଳୟ, ଘାଟିକିଆ (ବୁଥ୍ ନଂ-୭ ଓ ୧୨), ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣ୍ଡଗିରି (ବୁଥ୍ ନଂ ୪୪ ଓ ୪୭), ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମୁଡୁମା ଗ୍ରାମ (ବୁଥ୍ ନଂ ୧୨୪ ଓ ୧୨୬), ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯଦୁପୁର (ବୁଥ୍ ନଂ ୧୩୮), ବିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୁଣା ଭୁବନେଶ୍ୱର (ବୁଥ୍ ନଂ ୧୫୧), ସେଣ୍ଟ ଜାଭିୟର ହାଇସ୍କୁଲ, କେଦାରଗୌରୀ (ବୁଥ୍ ନଂ-୧୫୭) ଏବଂ ୧୧୭-ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ଅନୁର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡ଼ଖୋର୍ଦ୍ଧା (ବୁଥ୍ ନଂ ୪୩)ରେ ଏହିସବୁ ଅତିରିକ୍ତ ବୁଥ୍ ଖୋଲିଯିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଅବଶିଷ୍ଟାଂଶ...

### ରଣକ୍ଷେତ୍ର ପାଲଟିଲା...

ନୟନ ମହାନ୍ତି ମୁର୍ଦ୍ଦାବାଦ୍...ନୟନ ହଟାଅ-ଚୌଦ୍ୱାର-କଟକ ବଞ୍ଚାଅ ନାରାରେ ସଭାସ୍ଥଳ କମ୍ପି ଉଠିଥିଲା। ପୁଲିସ ଦୀର୍ଘ ସମୟ ଧରି ଘଟଣାସ୍ଥଳରେ ଗଣ୍ଡଗୋଳକାରୀଙ୍କୁ ଘଉଡ଼ାଇବା ପରେ ସଭା କାର୍ଯ୍ୟ ପୁଣିଥରେ ଆରମ୍ଭ ହୋଇଥିଲା। କିନ୍ତୁ କେନ୍ଦ୍ରମନ୍ତ୍ରୀ ଓ ସାଂସଦ ପ୍ରାର୍ଥୀ ଉଦ୍‌ବୋଧନ ଦେଉଥିବା ବେଳେ ସଭାସ୍ଥଳରେ ମାତ୍ର ୮/୧୦ଜଣ କର୍ମୀ ଉପସ୍ଥିତ ଥିଲେ। ଏହି ଗଣ୍ଡଗୋଳ ଘଟଣାରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ମାଲଗୋଦାମ ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ କଲେଜ ଛକଠାରେ ଜିଲ୍ଲା ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏହି ସଭାରେ ଆଠଗଡ଼, ବଡମ୍ବା, ବାଙ୍କି ଓ ଚୌଦ୍ୱାର ଅଞ୍ଚଳରୁ କର୍ମୀମାନେ ଆସିଥିଲେ। ବିଜେପି ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଚୌଦ୍ୱାର-କଟକ ବିଜେପି ବିଧାୟକ ପ୍ରାର୍ଥୀ ନୟନ ମହାନ୍ତିଙ୍କ ସମେତ ଆଠଗଡ଼, ବଡମ୍ବା, ବାଙ୍କି, କଟକ ସଦର ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀମାନେ ମଞ୍ଚରେ ଉପସ୍ଥିତ ଥିଲେ। ସଭା କାର୍ଯ୍ୟ ୭ଟା ୧୫ରେ ଆରମ୍ଭ ହେବାର ଯୋଜନା କରାଯାଇଥିଲା। ରାଣୀହାଟ କ୍ଲକ୍‌ଟାୱାର୍ ନିକଟରେ ନୟନଙ୍କ ବିରୋଧୀ ଗୋଷ୍ଠୀ ଏକାଠି ହୋଇ ଏକ ଶୋଭାଯାତ୍ରାରେ ଆସି ସଭାସ୍ଥଳୀରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ପରେ ନୟନଙ୍କୁ ବିରୋଧ କରିବା ସହିତ ତୁରନ୍ତ ତାଙ୍କର ଟିକେଟ୍ ପ୍ରତ୍ୟାହାର କରିନେବାକୁ ଧର୍ମେନ୍ଦ୍ରଙ୍କ ନିକଟରେ ଦାବି କରିଥିଲେ। ୫ଥର ହାରିଥିବା ନୟନଙ୍କୁ ଦଳ କେମିତି ପ୍ରାର୍ଥୀ କରିଛି, ବିରୋଧୀ ଗୋଷ୍ଠୀ ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନରେ ଧର୍ମେନ୍ଦ୍ର ନିରବ ରହିବାରୁ ଗଣ୍ଡଗୋଳ ତୀବ୍ର ରୂପ ଧାରଣ କରିଥିଲା। ପୁଲିସର ହସ୍ତକ୍ଷେପ ପରେ ବିଜେପି କର୍ମୀମାନେ ଛତ୍ରଭଙ୍ଗ ଦେଇଥିଲେ। ଅନ୍ୟପଟେ ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ବିଜେପି ସଙ୍ଗଠନ ଏବେ ଦୁଇଫାଳ ହୋଇଛି। ବିଜୟର ସ୍ୱାଦ ଚାଖି ପାରିନଥିବା ବରିଷ୍ଠ ନେତା ନୟନ ମହାନ୍ତିଙ୍କୁ ବିଜେପି ଟିକେଟ୍ ଦେଇଛି। ତେବେ ଟିକେଟ୍ ଘୋଷଣା ପରଠାରୁ ଏହି ନିର୍ବାଚନ ମଣ୍ଡଳୀରେ ବିଜେପି ସଙ୍ଗଠନରେ ବିଦ୍ରୋହ ଦେଖାଦେଇଥିଲା। ଆଜି ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଏହି ବିଦ୍ରୋହ ଉଗ୍ରରୂପ ଧାରଣ କରିଥିଲା। ତେବେ ଯେଉଁମାନେ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ମାଲଗୋଦାମ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ସୂଚନା ଥାଉ କି, ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ଦୀର୍ଘବର୍ଷ ଧରି ସଙ୍ଗଠନ କରି ଆସୁଥିବା ଆଇନଜୀବୀ ପ୍ରମୋଦ କୁମାର ସାହୁ ମଧ୍ୟ ଟିକଟ୍ ଆଶାୟୀ ଥିଲେ। ତାଙ୍କୁ ଦଳ ଟିକେଟ୍ ନଦେବାରୁ ତାଙ୍କ ସମର୍ଥକମାନେ ପୂର୍ବରୁ ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପ୍ରତିବାଦ ଜଣାଇଥିଲେ। ନୟନଙ୍କ ଟିକେଟ୍ ପ୍ରତ୍ୟାହାର କରାନଗଲେ ଶତାଧିକ ବିଜେପି କର୍ମୀ ଓ କାର୍ଯ୍ୟକର୍ତ୍ତା ଦଳରୁ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଥିଲେ। ଏପରିକି ଟିକଟ ନିଷ୍ପତ୍ତି ନ ବଦଳିଲେ କୌଣସି ସ୍ଥାନରେ ବିଜେପି ପ୍ରାର୍ଥୀଙ୍କ ପୋଷ୍ଟର୍ ମାରିବାକୁ ଦିଆଯିବନି ବୋଲି କହିଥିଲେ।

### ତୋମାରଙ୍କ ସମ୍ମୁଖରେ...

ଶ୍ରୀ ତୋମାର ବଲାଙ୍ଗିର ଗସ୍ତ ଅବସରରେ ଜିଲ୍ଲା କାର୍ଯ୍ୟାଳୟରେ ମଣ୍ଡଳସ୍ତରୀୟ ସଭାପତିଙ୍କ ସହ ଆଲୋଚନା କରିବା ସହ ବଲାଙ୍ଗିର ଲୋକସଭା କ୍ଷେତ୍ର ବଲାଙ୍ଗିର ଓ ସୋନପୁର ଜିଲ୍ଲାର ସାତଟି ବିଧାନସଭା ଆସନର ପ୍ରାର୍ଥୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିଲା। ପୂର୍ବରୁ ବୀରମହାରାଜପୁର ନିର୍ବାଚନମଣ୍ଡଳୀରୁ ଆସିଥିବା ବହୁ ସଂଖ୍ୟାରେ କର୍ମୀ ଶ୍ରୀ ତୋମାରଙ୍କୁ ଘେରିଥିଲେ। ତାଙ୍କ ବିଧାନସଭା ନିର୍ବାଚନମଣ୍ଡଳୀରେ ଆନନ୍ଦ ବାରିକଙ୍କୁ ପ୍ରାର୍ଥୀ କରିବାକୁ ଦାବି କରିଥିଲେ। ପୂର୍ବରୁ ଘୋଷଣା ହୋଇଥିବା ପ୍ରାର୍ଥୀଙ୍କୁ ବଦଳାଇବାକୁ ଦାବି କରିଥିବା ବେଳେ ଶ୍ରୀ ତୋମାର ଏ ବିଷୟରେ ଆଲୋଚନା କରିବାକୁ କହି ଶ୍ରୀ ବାରିକଙ୍କୁ ଭିତରକୁ ଡାକି ନେଇଥିଲେ। କାର୍ଯ୍ୟାଳୟ ଭିତରେ ସାଂସଦ ଶ୍ରୀମତୀ ସିଂହଦେଓ, ପୂର୍ବତନ ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂହଦେଓ, ସୋନପୁର ଜିଲ୍ଲା ବିଜେପି ସଭାପତିଙ୍କ ସହ ପ୍ରାଥମିକ ଆଲୋଚନା ହୋଇଥିଲା। ପରେ ଏକ ଦଶଜଣିଆ ପ୍ରତିନିଧି ଦଳଙ୍କ ସହ ଶ୍ରୀ ତୋମାର ଆଲୋଚନା କରିଥିଲେ। ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସେମାନେ ବୁଝିନଥିଲେ। ପରେ ପୂର୍ବ ନିର୍ଦ୍ଧାରିତ ବୈଠକକୁ ତୋମାର ଓ ଅନ୍ୟମାନେ ଚାଲି ଯାଇଥିଲେ। ଏହି ଆଲୋଚନା ପରେ ନେତୃବର୍ଗଙ୍କ ଆଲୋଚନାରେ ଅସନ୍ତୁଷ୍ଟ ଥିବା ବିଜେପି କର୍ମୀମାନେ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏନେଇ ଆଶାୟୀ ପ୍ରାର୍ଥୀ ଆନନ୍ଦ ବାରିକଙ୍କୁ ପଚାରିବାରୁ ସେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ତାଙ୍କ କହିବା ଅନୁସାରେ, ସେ ବର୍ଷବର୍ଷ ହେଲା ଦଳ ପାଇଁ କାମ କରିଛନ୍ତି। ଗତ ନିର୍ବାଚନରେ ମଧ୍ୟ ତାଙ୍କୁ ଟିକଟ ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଦଳ ଠକିଦେଇ ରଘୁ ଜଗଦଲାଙ୍କୁ ଟିକଟ ଦେଇଥିଲା। ସେ ବାହାରେ ଚାକିରି କରିଥିଲେ। ବିଧାୟକ ହେବା ଆଶାରେ ଦଳୀୟ ଟିକଟ ଟଙ୍କା ଦେଇ ହାତେଇଥିଲେ। କିନ୍ତୁ ଗତ ନିର୍ବାଚନରେ ପରାସ୍ତ ହେବା ପରେ ଉଭାନ ହୋଇଗଲେ। ଏବେ ପୁଣି କିଛି ମାସ ହେଲା ନିର୍ବାଚନମଣ୍ଡଳୀକୁ ଫେରିଛନ୍ତି। ଆଉ ପୁଣି ଟଙ୍କା ଦେଇ ଟିକଟ ହାତେଇଛନ୍ତି। ଯଦି ଦଳ ଟିକଟ ପୁନର୍ବିଚାର କରି ତାଙ୍କୁ ପ୍ରାର୍ଥୀ ନ କରେ, ତେବେ ତାଙ୍କ ସମର୍ଥକଙ୍କ ଅନୁସାରେ କାମ କରିବେ। ଯଦି ସେମାନେ ଚାହିଁବେ ତେବେ ବିଜେପି ପ୍ରାର୍ଥୀଙ୍କୁ ହରାଇ ଦିଆଯିବ ବୋଲି ଶ୍ରୀ ବାରିକ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଶ୍ରୀ ତୋମାର ଗଣମାଧ୍ୟମକୁ କହିଛନ୍ତି ଯେ ଟିକଟ ପ୍ରଦାନ କରିବା ସାଧାରଣ କଥା ନୁହେଁ। ସେଥିପାଇଁ ଏକ କମିଟି ରହିଛି, ତାହାର ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ଲୋକେ ତାଙ୍କର ଅଭିଯୋଗ ରଖିଛନ୍ତି। ଦଳ ସେନେଇ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସଦର ବିଧାୟକ ଆଶାୟୀ ପ୍ରାର୍ଥୀ ଅନନ୍ତ ଦାସ ବନ୍ଧୁମିଳନ ନାମରେ ନିଜର ଶକ୍ତି ପ୍ରଦର୍ଶନ କରି ଦଳ ପାଇଁ ଅଡୁଆ ସାଜିଥିବା ବେଳେ ଏବେ ପୁଣି ବୀରମହାରାଜପୁରରେ ସମାନ ଅବସ୍ଥା। ଯାହାକି ଆଗକୁ ବିଜେପି ପାଇଁ ବିଷମ ପରିସ୍ଥିତି ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି।

### ବିଏସ୍‌କେୱାଇ ବନ୍ଦ...

ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଏପରି ଏକ ଅନନ୍ୟ ସ୍ୱାସ୍ଥ୍ୟ ସେବା ଯୋଜନା ପ୍ରଚଳନ କରିଛନ୍ତି। ଲକ୍ଷଲକ୍ଷ ଗରିବ ଲୋକ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ପାଉଛନ୍ତି। ଅନ୍ୟ କୌଣସି ରାଜ୍ୟରେ ଏଭଳି ସୁବିଧା ନାହିଁ। ହେଲେ ଏହାକୁ ବନ୍ଦ କରିବାକୁ ଶ୍ରୀ ପ୍ରଧାନ ରୀତିମତ ଷଡ଼ଯନ୍ତ୍ର ଚଳାଇଛନ୍ତି। ଶ୍ରୀ ପ୍ରଧାନ ଯଦି ଭାବୁଛନ୍ତି ବିଏସ୍‌କେୱାଇ ଯୋଜନା ଓଡ଼ିଶାବାସୀଙ୍କ ପାଇଁ ଖରାପ, ତା' ହେଲେ ସେ ନିଜ ଦଳର ଇସ୍ତାହାରରେ ୧ ନମ୍ବର ପଏଣ୍ଟରେ କୁହନ୍ତୁ, ଏହି ଯୋଜନାକୁ ବନ୍ଦ କରିଦେବେ। ଥରେ ଏହି ପ୍ରତିଶ୍ରୁତି ଦେଇ ଦେଖନ୍ତୁ, ଓଡ଼ିଶାବାସୀ ତାହାର ଉଚିତ ଜବାବ ଦେଇଦେବେ। ଡଃ ପାତ୍ର ଆହୁରି କହିଛନ୍ତି, କେନ୍ଦ୍ରରେ ୧୦ବର୍ଷ ମନ୍ତ୍ରୀ ଥାଇ ମଧ୍ୟ ନିଜ ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ-୫୫ର କାମ ସାରିପାରିଲେ ନାହିଁ। ଆମେ ଆଶା କରୁଛୁ, ଆଜି ସେହି ରାସ୍ତା ଦେଇ ଶ୍ରୀ ପ୍ରଧାନ ଯାଇଥିବେ ଏବଂ ନିଜର ବିଫଳତାକୁ ଅନୁଭବ କରିଥିବେ। ଏହି ରାଜପଥରେ ପ୍ରତିଦିନ ଲୋକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଓ ଦୁର୍ଘଟଣାରେ ପ୍ରତିବର୍ଷ ଶହଶହ ଲୋକ ପ୍ରାଣ ହରାଉଛନ୍ତି। ଡଃ ପାତ୍ର କହିଛନ୍ତି, ଏମିତି ବିଭ୍ରାନ୍ତିକର ତଥ୍ୟ ଦେଇ ଲୋକହସା ହେବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଆମେ ତାଙ୍କୁ ପରାମର୍ଶ ଦେଉଛୁ।

### ମୁଣ୍ଡ ଉପରେ...

ଏକାଧିକ ଅବଧି ଗଡ଼ିଗଲାଣି; ମାତ୍ର ରାଜପଥ ସଂପ୍ରସାରଣ କାମ ସରିବାର ନାଁ ଧରୁନାହିଁ। ପୂର୍ବରୁ ଏକାଧିକବାର ପ୍ରତିଶ୍ରୁତି ଦେଇ ବିଫଳ ହୋଇଥିବା କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଗତ ଡିସେମ୍ବର ମାସରେ ସଂସଦରେ ଆଉ ଏକ ପ୍ରତିଶ୍ରୁତି ରଖି ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ରାଜପଥ ନିର୍ମାଣ କାମ ସରିବ ବୋଲି କହିଥିଲେ। ମାତ୍ର ପୂର୍ବ ପ୍ରତିଶ୍ରୁତିଗୁଡ଼ିକ ପରି କେନ୍ଦ୍ରମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ମଧ୍ୟ ପାଣିର ଗାର ପାଲଟିଛି। ରାଜପଥର ଦୟନୀୟ ଅବସ୍ଥା ପାଇଁ ଏଯାବତ୍ ପ୍ରାୟ ୪୫୦ ଲୋକଙ୍କର ଜୀବନ ଗଲାଣି। କେନ୍ଦ୍ର ସରକାରଙ୍କ ହେୟ ମନୋଭାବକୁ ନେଇ ପ୍ରବଳ ଜନଅସନ୍ତୋଷ ମୁଣ୍ଡ ଟେକିଲାଣି।

୨୦୧୭ ମସିହାରୁ ଜାତୀୟ ରାଜପଥ ପ୍ରାଧିକରଣ କଟକ-ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥ-୫୫କୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ସଂପ୍ରସାରଣ କାର୍ଯ୍ୟ କରୁଛି। ଇତିମଧ୍ୟରେ ୭ ବର୍ଷ ସରିଯାଇଥିଲେ ମଧ୍ୟ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସରୁନାହିଁ। ରାଜପଥର ଦୟନୀୟ ଅବସ୍ଥା ଯୋଗୁଁ ପ୍ରାୟ ୪୫୦ ଅଧିକ ଲୋକଙ୍କ ଜୀବନ ଯାଇଥିବା କେବଳ ଗତ ଦୁଇବର୍ଷରେ ୨୫୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକାଧିକ ଥର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟର ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ବିଜେଡିର ସାଂସଦମାନ ସଂସଦର ଉଭୟ ଗୃହରେ ବିଭିନ୍ନ ସମୟରେ ଉପରୋକ୍ତ ରାଜପଥର ଦୁରବସ୍ଥା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରିକି ୨୦୨୩ ମାର୍ଚ୍ଚ ମାସରେ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଚିଠି ଲେଖି ରାସ୍ତାର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ଦାବି କରିଥିଲେ। ମାତ୍ର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟ ଉକ୍ତ ରାଜପଥର ନିର୍ମାଣ ସରିବା ନେଇ ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା କରୁନାହିଁ। କେନ୍ଦ୍ର ସରକାର ଏହି ରାଜପଥକୁ ନେଇ ଯେପରି ଖାମଖିଆଲି ମନୋଭାବ ପୋଷଣ କରୁଛନ୍ତି, ତାହାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି।

ରାଜପଥର ଦୟନୀୟ ସ୍ଥିତିକୁ ନେଇ ଏହା ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଲୋକ ବାରମ୍ବାର ଅସନ୍ତୋଷ ପ୍ରକାଶ କରି ଚାଲିଛନ୍ତି। ଏପଟେ ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ ଏହା ବର୍ତ୍ତମାନ ଏକ ପ୍ରମୁଖ ନିର୍ବାଚନୀ ମୁଦ୍ଦା ପାଲଟିଛି। ରାଜପଥର ଦୟନୀୟ ଅବସ୍ଥାକୁ ନେଇ ନିକଟରେ ସମ୍ବଲପୁରର ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରି କହିଥିଲେ, କେନ୍ଦ୍ରରେ ୧୦ ବର୍ଷ ଧରି ମନ୍ତ୍ରୀ ରହି ମଧ୍ୟ ଆପଣ ସାମାନ୍ୟ ରାସ୍ତାଟିଏର ମରାମତି କରିପାରିଲେ ନାହିଁ। ଆପଣଙ୍କ ଅପାରଗତା ଯୋଗୁଁ ୫୫ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ ଅକାଳରେ ଜୀବନ ଯାଉଛି। ଆପଣ ସମ୍ବଲପୁରବାସୀଙ୍କ ପାଖକୁ ଆସି କିପରି ମୁହଁ ଦେଖାଇ ପାରୁଛନ୍ତି ବୋଲି ପ୍ରଣବ ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଆଜି ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଏହି ଜାତୀୟ ରାଜପଥ ସମ୍ପର୍କରେ ଅବତାରଣା କରାଯାଇଛି। ପ୍ରତି ୨ ଦିନରେ ଏହି ରାସ୍ତାରେ ଜଣେ ଲୋକଙ୍କର ଜୀବନ ଯାଉଛି। ଗତ ୮ ବର୍ଷରେ ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ରାସ୍ତାର ନିର୍ମାଣ ଶେଷ ନହେବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ କହିଛି। ଏସବୁ ଆରୋପ ପ୍ରତ୍ୟାରୋପ ଭିତରେ ଉକ୍ତ ଜାତୀୟ ରାଜପଥ କାର୍ଯ୍ୟ କେବେ ଶେଷ ହେବ ବୋଲି ନିର୍ଦ୍ଦିଷ୍ଟ ଭାବେ ଉତ୍ତର ରଖି ନ ଥିଲେ ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଜାତୀୟ ରାଜପଥ ଏନ୍‌ଏଚ୍‌ଏଆଇର ଓଡ଼ିଶା ମୁଖ୍ୟ ବୀରେନ୍ଦ୍ର ସିଂହ କହିଛନ୍ତି।

### ଗ୍ରୀଷ୍ମକୁ ବଳିଗଲାଣି...

ସୂଚନାନୁଯାୟୀ, ଖୁଚୁରା ବଜାରରେ ବର୍ତ୍ତମାନ ବିରି, ମୁଗ ଓ ହରଡ଼ ଡାଲି କିଲୋ ପିଛା ୫ରୁ ୭ ଟଙ୍କା ବୃଦ୍ଧି ପାଇଛି। ରାଜ୍ୟରେ ବାର୍ଷିକ ୯.୩୦ ଲକ୍ଷ ମେଟ୍ରିକ ଟନ୍ ଡାଲିର ଆବଶ୍ୟକତା ରହିଥିବାବେଳେ ମାତ୍ର ୭୦ରୁ ୮୦ ହଜାର ଟନ୍ ଉତ୍ପାଦନ ହେଉଛି। ଘରୋଇ ଚାହିଦା ପୂରଣ କରିବା ପାଇଁ ଓଡ଼ିଶାକୁ ରାଜ୍ୟ ବାହାର ତଥା ବିଦେଶ ବଜାର ଉପରେ ନିର୍ଭର କରିବାକୁ ପଡୁଛି। ସେହିଭଳି ଚିନି କିଲୋ ପିଛା ପ୍ରାୟ ୨ ଟଙ୍କା ବଢ଼ିଛି। ତେବେ ଏହାମଧ୍ୟରେ ପୁଣି ଥରେ ବଢ଼ିଛି ଖାଇବା ତେଲ ଦର। ଗତ ବର୍ଷ ଖାଇବା ତେଲ ଦର ବୃଦ୍ଧି ଖାଉଟିଙ୍କ ନିଦ ହଜାଇ ଦେଇଥିଲା। ଏବେ ପାମୋଲିନ ତେଲ ମୂଲ୍ୟ ପ୍ରାୟ ୫ରୁ ୬ ଟଙ୍କା ଯାଏ ମହଙ୍ଗା ହୋଇଛି। ସେହିଭଳି ସୂର୍ଯ୍ୟମୁଖୀ ଏବଂ ସୋରିଷ ତେଲ ଦର ପୂର୍ବ ଭଳି ଉପରେ ରହିଛି। ଅପରପକ୍ଷେ ଅଟା ଓ ଚାଉଳ ଦର ପୂର୍ବରୁ ବଢ଼ିସାରିଛି। ସାଧାରଣ କିସମ ଚାଉଳ କିଲୋ ୪୨ ଟଙ୍କା ଉପରେ ରହିଥିବାବେଳେ ଅଟା ଦର କିଲୋ ପିଛା ୪୫ ଟଙ୍କା ଛୁଇଁଲାଣି। ଏହାମଧ୍ୟରେ ବଜାରରେ ଆଳୁ ଦର ବୃଦ୍ଧି ଘଟିବା ଖାଉଟିଙ୍କ ଚିନ୍ତା ବଢ଼ାଇଦେଇଛି। ଦୀର୍ଘ ଦିନ ହେବ କିଲୋ ପିଛା ୨୦ ଟଙ୍କାରେ ସ୍ଥିର ରହିଥିବା ଆଳୁ କିଲୋ ପିଛା ୭-୮ ଟଙ୍କା ବଢ଼ି ଏବେ ୨୮ ଟଙ୍କାରେ ପହଞ୍ଚିଛି। ସେହିଭଳି ପିଆଜ ଦର ମଧ୍ୟ କିଲୋ ପିଛା ୩୦ ଟଙ୍କାରେ ବିକ୍ରି ହେଉଛି। ଗତ ୭ ମାସ ହେବ ବଜାରରେ ରସୁଣ କିଲୋ ପିଛା ଖୁଚୁରା ଦର ଏବେ ଟିକିଏ ତଳକୁ ଖସି ୩୦୦ ଟଙ୍କା ସ୍ତରରେ ରହିଛି। ଏ ସମ୍ପର୍କରେ ରାଜ୍ୟ ବ୍ୟବସାୟୀ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ବର୍ତ୍ତମାନ ପାଇକାରୀ ବଜାରରେ ଖାଇବା ତେଲ ସହ ଡାଲି ଓ ଚିନିର ଦର ବଢ଼ିଛି। କରୋନା ପରଠାରୁ ଦେଶରେ ଦରଦାମ ସ୍ଥିତି ଉପରମୁହାଁ ରହିଛି। କର୍ପୋରେଟ ସଂସ୍ଥାଗୁଡିକର ମନମୁଖୀ କାର୍ଯ୍ୟକଳାପ ଯୋଗୁ ସାଧାରଣ ଖାଉଟି କ୍ଷତିଗ୍ରସ୍ତ ହେଉଛନ୍ତି। ହେଲେ କେନ୍ଦ୍ର ସରକାର ଏସବୁ ପ୍ରତି ଆଖିବୁଜି ଦେଇଛନ୍ତି। ଏହା ଉପରେ ମତ ରଖି ଚନ୍ଦ୍ରଶେଖରପୁରର ବୈଜୟନ୍ତୀ ସ୍ୱାଇଁ କୁହନ୍ତି, ସାଧାରଣ ଖାଉଟି ଦୀର୍ଘଦିନ ହେବ ଦରଦାମ୍ ବୃଦ୍ଧିରେ ଶଢୁଥିଲେ ମଧ୍ୟ ସରକାର ଏଥିପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ଦେଇଛନ୍ତି। ତେଜରାତି ସାମଗ୍ରୀଠାରୁ ପନିପରିବା ଆଉ ମସଲାସାମଗ୍ରୀ ଦର ଯେଉଁଭଳି ବଢ଼ିଛି ଏଥିରେ ଗୋଟିଏ ନିମ୍ନମଧ୍ୟବିତ୍ତ ଆଉ ମଧ୍ୟବିତ୍ତ ପରିବାର ଚାଳାଇବା ବେଶ କଷ୍ଟକର। ଏଥିରେ ଗରିବଗୁରୁବାଙ୍କ କଥା କହିଲେ ନ ସରେ। ଏହାର ଜବାବ୍ ଲୋକେ ଭୋଟ୍‌ରେ ଦେବେ ବୋଲି ସେ କହିଛନ୍ତି। ଅପରପକ୍ଷେ କୁବେରପୁରୀ ବ୍ୟବସାୟୀ ସଂଘର ସଭାପତି ଶକ୍ତି ଶଙ୍କର ମିଶ୍ରଙ୍କ ମତରେ ପାଇକାରୀ ବଜାରରେ ଦରଦାମ୍ କମ୍ ରହିଲେ ବି କିଛି ବ୍ୟବସାୟୀ ଖୁଚୁରା ବଜାରରେ ଦର ବଢ଼ାଉଛନ୍ତି। ଫଳରେ ସାଧାରଣ ଖାଉଟି ଏହାର ଫଳ ଭୋଗୁଛନ୍ତି।

### ୯ ଲୋକସଭା...

ଢେଙ୍କାନାଳରୁ ସସ୍ମିତା ବେହେରା, କେନ୍ଦ୍ରାପଡ଼ାରେ ସିର୍ଦ୍ଧାର୍ଥ ସ୍ୱରୂପ ଦାସ, ଜଗତସିଂହପୁରରେ ରବୀନ୍ଦ୍ର କୁମାର ସେଠୀଙ୍କୁ ପ୍ରାର୍ଥୀ କରିଛି ଦଳ। ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦୁଝରରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମୋହନ କୁମାର ହେମ୍ବ୍ରମଙ୍କୁ ଦଳ ପୁନଃ ଟିକଟ ଦେଇଛି। ଏହାବ୍ୟତୀତ ଅନ୍ୟ ୮ଟି ଆସନରେ ଦଳ ପ୍ରାର୍ଥୀ ବଦଳାଇଛି। ସେହିପରି ଗତଥର କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ପ୍ରାର୍ଥୀ ଦିଆଯାଇ ନଥିବା ବେଳେ ଚଳିତଥର ଯାସିର ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ବିଜେଡିର ମନ୍ମଥ ରାଉତରାୟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି।

### ଏଥର ୮୦ ପ୍ରତିଶତ...

ବିଧାନସଭା କ୍ଷେତ୍ରକୁ ଲକ୍ଷ୍ୟରେ ରଖି ପଦକ୍ଷେପ ନିଆଯାଉଛି। ରାଜ୍ୟରେ ମତଦାନ ହାର ବୃଦ୍ଧି କରିବା ଲକ୍ଷ୍ୟରେ ଯୋଜନାବଦ୍ଧ ଭାବେ ସଚେତନତା ପାଇଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ଜିଲ୍ଲା ନିର୍ବାଚନ ଅଧିକାରୀ, ବ୍ୟବସ୍ଥିତ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ (ଏସ୍‌ଭିଇଇପି) ନୋଡାଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଅଗ୍ରଗତିକୁ ନେଇ ନିୟମିତ ବ୍ୟବଧାନରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ରିପୋର୍ଟ ତଲବ କରାଯାଉଛି। ବିଶେଷକରି କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ଭଳି ପ୍ରମୁଖ ସହରାଞ୍ଚଳକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଉଛି। ଯୁବ, ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଭୋଟର ମାନଙ୍କ ସୁବିଧା ସୁନିଶ୍ଚିତ କରାଯାଉଛି। ତେଣୁ ଏଥର ମତଦାନ ହାର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି ସେ କହିଛନ୍ତି।

ରାଜନୈତିକ ସମୀକ୍ଷକଙ୍କ ମତରେ ଏଥର ବିଭିନ୍ନ ନିର୍ବାଚନମଣ୍ଡଳୀରେ କଡ଼ା ମୁକାବିଲା ହେବାର ସମ୍ଭାବନା ଅଛି। ଏହା ବ୍ୟତୀତ ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ବେଶ୍ ସରଗରମ୍ ହୋଇଥିଲା। କିନ୍ତୁ ଏବେ ଉଭୟ ଦଳ ମୁହାଁମୁହିଁ ପରିସ୍ଥିତିରେ ଅଛନ୍ତି। ନେତାଙ୍କ ଦଳବଦଳ ପ୍ରସଙ୍ଗକୁ ନେଇ ମଧ୍ୟ ଆଲୋଚନା ଜାରି ଥିବା ବେଳେ ଅପ୍ରତ୍ୟାଶିତ ଭାବେ ଅନେକ ପ୍ରାର୍ଥୀ ଟିକଟ ହାତେଇଛନ୍ତି। ରାଜ୍ୟରେ ଏଥର ୩.୩୨ କୋଟି ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରିବେ। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି ଏତର ୧୮-୧୯ ବର୍ଷ ମଧ୍ୟରେ ଭୋଟରଙ୍କ ସଂଖ୍ୟା ପୂର୍ବାପେକ୍ଷା ଦୁଇ ଲକ୍ଷ ବୃଦ୍ଧି ପାଇ ୭.୫୫ ଲକ୍ଷରେ ପହଞ୍ଚିଛି। ପ୍ରଥମ ଥର ମତଦାନ ପାଇଁ ୪.୭ ଲକ୍ଷ (୧୮-୧୯ବର୍ଷ) ନୂଆ ଭୋଟରଙ୍କୁ ଯୋଡ଼ାଯାଇଛି। ନୂଆ ଭୋଟର ମଧ୍ୟ ମତଦାନ ହାର ବୃଦ୍ଧିରେ ବଡ଼ ଭୂମିକା ନେବେ ବୋଲି ଆଶା କରାଯାଉଛି। ତେଣୁ ୨୦୨୪ ନିର୍ବାଚନରେ ଓଡ଼ିଶା ନୂଆ ମତଦାନ ହାର ଦେଖିବା ସମ୍ଭାବନା ଉଜ୍ଜ୍ୱଳ ବୋଲି କୁହାଯାଇଛି।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By virtue of an affidavit (dated 27-03-2024)before the executive magistrate of komna,district - Nuapada. I have changed my name from Sitaram to Sitaram Sahu for all future purposes. Henceforth I shall be known as Sitaram Sahu s/o-Premananda Sahu, resident of village- At-Dhenkimunda(Ichhapur), P.O-Mandosil, P. S- Paikmal, District-Bargarh, Odisha.

**AFFIDAVIT**

I, Avoya Kumar Samal, S/o Banmali Samal, At – G P Tina, Sisirana, Binjharapur, Jajpur declare that my actual name is Avoya Kumar Samal but in my Bank Account it is mentioned as Abhay Samal. By this Affidavit No IN-UP22976029601096W dt 13.04.2024 both the names Avoya Kumar Samal and Abhay Samal are of the same and of one person i;e me. Hence I shall be known as **AVOYA KUMAR SAMAL** for all the future purposes.

**IN THE COURT OF THE ADDITIONAL PRINCIPAL JUDGE FAMILY COURT-1 AT JAMSHEDPUR**

Org. Suit No. 767/2022

To,

**Aradhana Behera,** W/o- Abhilash Sahu, D/o- Kabiraj Behera, R/o- Permament & Presently residing at P.O.- Bapuji Nagar, Ward No.-10, P.S.- Boudh, Dist.- Boudh, State- Odisha.

Whereas the applicant namely Abhilash Sahu, S/o- Narayan Sahu, Resident at Flat No. 42 C, Kadma, ECC Flat, P.O/PS.- Kadma, Jamshedpur, Dist.- Est Singhbhum, State- Jharkhand has institued the present suit against you U/s 27 (1) (d) of the special Marriage Act 1954 Read with U/s-7(1) Explanation (a) of the Family Courts Act 1984.

And whereas inspite of issuance of notice you are avoiding to put your appearance in the suit.

You are hereby noticed to appear in the Court in above noted suit on 22nd day of April 2024 at 7.30-10.30 AM. Either in person or through a lawyer duly authorized by you who will be able to answer all the claim of the applicant failing which the suit will be heard and determined in your absence.

Given under my hand and seal of this court the 3rd day of April 2024.

Sd/- Sri Yogesh Kumar
Additional Principal Judge
Additional Family Court, Jamshedpur,
District East Singhbhum, Jharkhand

ଗୁଡ଼ି ମଣ୍ଟି

# ଓଡ଼ିଶା







ଘନ ବନାନୀ ପ୍ରାକୃତିକ ଶୋଭାରାଜିରେ ଭରପୂର ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଇସ୍ପାତ ନଗରୀ ଭାବେ ପରିଚିତ । ରାଉରକେଲାର ଉତ୍ତରରେ ପ୍ରବାହିତ କୋଏଲ ନଦୀର କଳକଳ ନାଦ ଏବଂ ପଶ୍ଚିମରେ ଚିରସ୍ରୋତା ପୁଣ୍ୟତୋୟା ବ୍ରାହ୍ମଣୀ ନଦୀର ଉପ୍ତୁଡିସ୍ଥଳ ସହରର ଶୋଭାକୁ ବହୁଗୁଣରେ ପରିବର୍ଦ୍ଧିତ କରିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଖଣିଜ ସମ୍ପଦରେ ଭରପୂର ରାଉରକେଲା ରାଜ୍ୟର ଶିଳ୍ପପ୍ରଧାନ ନଗରୀ ଭାବେ ବେଶ୍ ଖ୍ୟାତି ଅର୍ଜନ ମଧ୍ୟ କରିଛି । ସବୁଠାରୁ ବଡ଼କଥା ହେଉଛି, ରାଉରକେଲାରେ ଥିବା ଅନେକ ନିର୍ମାଣରେ ଜର୍ମାନୀ ଲୋକଙ୍କ ଜ୍ଞାନକୌଶଳର ପ୍ରମାଣ ଏବେ ବି ରହିଛି । ସ୍ମାର୍ଟସିଟି ରାଉରକେଲା ସହରରେ ତତ୍କାଳୀନ ହିନ୍ଦୁସ୍ଥାନ ଷ୍ଟିଲ୍ ଲିମିଟେଡ୍ (ଏଚ୍ଏସ୍ଏଲ୍) ପକ୍ଷରୁ ଷାଠିଏ ଦଶକରେ ନିର୍ମିତ ହୋଇଥିବା 'ଗୋଲ ଘର' କଲୋନୀ ହେଉଛି ଏହାର ଅନ୍ୟତମ ଉଦାହରଣ । ଗୋଲଘର ଭଳି ମାକ୍ସ ମୁଲେର୍ ଭବନ ଓ ଇଣ୍ଡୋ ଜର୍ମାନ କ୍ଲବ୍ ରହିଛି ଯେଉଁଠାରେ ଜର୍ମାନୀ ଜ୍ଞାନକୌଶଳର ଛାପ ଦେଖିବାକୁ ମିଳେ ।

**ରାଉରକେଲାରୁ ଦେବବ୍ରତ ପଟ୍ଟନାୟକଙ୍କ ରିପୋର୍ଟ**



# ଇସ୍ପାତନଗରୀରେ ଜର୍ମାନୀ ଛାପ

## ରାଉରକେଲା କିଛିକଥା

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରୁ ୩୪୦ କିଲୋମିଟର ଦୂରରେ ଅବସ୍ଥିତ ଇସ୍ପାତ ନଗରୀ ରାଉରକେଲା । ଚଣ୍ଡୀଗଡ଼ ପରେ ଭାରତର ଦ୍ୱିତୀୟ ସୁବ୍ୟବସ୍ଥିତ(ପ୍ଲାନିଂ) ନଗର ଭାବେ ରାଉରକେଲାକୁ ବିବେଚନା କରାଯାଏ । ରାଉରକେଲା ସହରର ଛାତିକୁ ଚିରି ଦଣ୍ଡାୟମାନ ହୋଇଥିବା ବିଶାଳ ଦୁର୍ଗାପୁର ପାହାଡ଼ର ମନୋରମ ସୌନ୍ଦର୍ଯ୍ୟ ଦର୍ଶକମାନଙ୍କୁ ହୃଦୟକୁ ପ୍ରଫୁଲ୍ଲିତ କରିଥାଏ । ଦୁର୍ଗାପୁର ପାହାଡର ଉତ୍ତର ଦିଗରେ ଷ୍ଟିଲ୍ ଟାଉନ୍ସିପ୍ ରହିଥିବା ବେଳେ ଦକ୍ଷିଣରେ ରାଉରକେଲା ମହାନଗର ତଥା ସିଭିଲ ଟାଉନ୍ସିପ ରହିଛି । ତେବେ ଜର୍ମାନୀ କୋଲାବୋରେସନ୍ରେ ୧୯୫୪ ମସିହାରେ ରାଉରକେଲା ଠାରେ ସ୍ଥାପିତ ହୋଇଥିଲା ରାଉରକେଲା ଇସ୍ପାତ କାରଖାନା । ଏହା ହେଉଛି ଦେଶର ପ୍ରଥମ ସମନ୍ୱିତ ଇସ୍ପାତ କାରଖାନା, ଯାହାର କି ୧ ମିଲିୟନ ଟନ୍ ହଟ୍ ମେଟାଲ ଉତ୍ପାଦନ କ୍ଷମତା ବିଶିଷ୍ଟ ଥିଲା । ଏହାର ପ୍ରଥମ ବ୍ଲାଷ୍ଟ ଫର୍ଣ୍ଣେସ 'ପାର୍ବତୀ' ଶୁଭାରମ୍ଭ କରିଥିଲେ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ । ଏହାପରେ ଆର୍ଏସ୍ପିର ଉତ୍ପାଦନ କ୍ଷମତାକୁ ୨ ମିଲିୟନ ଟନକୁ ବୃଦ୍ଧି କରାଯାଇଥିଲା । ଏବେ ଏହାର ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍କୁ ବୃଦ୍ଧି ପାଇଛି ଏବଂ କ୍ରୁଡ୍ ଷ୍ଟିଲ ଉତ୍ପାଦନ ୪.୨ ମିଲିୟନ ଟନ୍ ରହିଛି ।

ରାଉରକେଲା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ସେଲ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ଠାରୁ ୨୮ ହଜାର ଏକର ଜମି ଅଧିଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୧୨ ହଜାର ୨୭୦ ଏକରରେ ମନ୍ଦିରା ଡ୍ୟାମ୍ ନିର୍ମିତ ହୋଇଥିଲା । ଅନ୍ୟୂନ ସାଢ଼େ ୬ ହଜାର ଏକର ଜମିରେ ରାଉରକେଲା ଇସ୍ପାତ କାରଖାନା ସ୍ଥାପିତ ହୋଇଥିଲା ବେଳେ କର୍ମଚାରୀଙ୍କ ଗୃହ, ଆଇଜିଏଚ୍, ମାର୍କେଟ କମ୍ପ୍ଲେକ୍ସ, କମ୍ୟୁନିଟି ସେଣ୍ଟର ଆଦି ପାଇଁ ସାଢ଼େ ୯ ହଜାର ଏକର, ଫର୍ଟିଲାଇଜର୍ ଟାଉନ୍ସିପ୍ ପାଇଁ ୬୧୫ ଏକର ଜମି ବ୍ୟବହୃତ ହୋଇଥିଲା ।

ସେକ୍ଟର ଓ ଫର୍ଟିଲାଇଜର ଟାଉନ୍ସିପ (ଏବେ ସେକ୍ଟର-୨୨) କର୍ମଚାରୀଙ୍କ ୨୪ ହଜାର ବିଭିନ୍ନ କ୍ୟାଟାଗୋରୀର କ୍ୱାର୍ଟର୍ସ ନିର୍ମିତ ହୋଇଥିଲା । ଯେଉଁଥିରେ ଟିଙ୍ଗ୍ ଟାଇପ୍ କ୍ୱାର୍ଟର୍ସ ଠାରୁ ଆରମ୍ଭ କରି ଥ୍ରି- ବେଡ୍ ରୁମ୍ ହାୟର ଟାଇପ୍ ଏବଂ ବଂଗ୍ଲୋ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ଥିଲା ।



## ବିଦେଶୀ ଜ୍ଞାନକୌଶଳରେ ଗୋଲଘର

ସେତେବେଳେ ରାଉରକେଲା ସେକ୍ଟର - ୫ ଏବଂ ସେକ୍ଟର - ୬ ମଝିରେ ଦୁର୍ଗାପୁର ପାହାଡ଼ର ପାଦଦେଶରେ ଜର୍ମାନ ଇଞ୍ଜିନିୟରମାନଙ୍କ ପାଇଁ ସହରର ପ୍ରଥମ କ୍ୱାର୍ଟର୍ସ ଏଚ୍ଏସ୍ଏଲ୍ (ହିନ୍ଦୁସ୍ଥାନ ଷ୍ଟିଲ ଲିମିଟେଡ) ଦ୍ୱାରା ନିର୍ମିତ ହୋଇଥିଲା । ଏହା ଏକ ସ୍ୱତନ୍ତ୍ର ଡିଜାଇନର 'ଏ' ଓ 'ବି' ବ୍ଲକରେ ୧୩ଟି ଲେଖାଏଁ ୨୬ଟି କ୍ୱାର୍ଟର୍ସ ନିର୍ମିତ ହୋଇଥିଲା । ଘରଗୁଡ଼ିକ ଗୋଲାକାର ଆକୃତିର ହୋଇଥିବାରୁ ଏହାକୁ ଗୋଲଘର ବୋଲି କୁହାଯାଉଥିଲା । ପ୍ରତ୍ୟେକ ଘରର ଆୟତନ ୪୮୫ ବର୍ଗ ଫୁଟ ରହିଥିଲା । ଜର୍ମାନର ଇଞ୍ଜିନିୟର୍ମାନେ ରାଉରକେଲା ଜଳବାୟୁ ସହ ଅଭ୍ୟସ୍ତ ନ ଥିଲେ କି ଗରମ ସହ୍ୟ କରି ପାରୁ ନ ଥିଲେ । ସେଥିପାଇଁ ସେମାନଙ୍କ ରହିବା ପାଇଁ ଜର୍ମାନୀ ଢାଞ୍ଚାରେ ଏହି ସ୍ୱତନ୍ତ୍ର ଗୋଲାକାର ଆକୃତିର ଘର ନିର୍ମାଣ କରାଯାଇଥିଲା । ଦୁର୍ଗାପୁର ପାହାଡ଼ ପାଦଦେଶ ସହରର ମଧ୍ୟ ଭାଗରେ ନିର୍ମିତ ଏହି ଗୋଲାକୃତି ଘରଗୁଡ଼ିକ ନିର୍ମିତ ପବନ ଏବଂ ପ୍ରଦୂଷଣ ଠାରୁ ଏହା ସୁରକ୍ଷିତ ଥିବାରୁ ଏହା ଜର୍ମାନୀ ଇଞ୍ଜିନିୟରମାନଙ୍କ କେବଳ ଉଦ୍ଦିଷ୍ଟ ଥିଲା । ସେତେବେଳେ ସେହି କଲୋନୀକୁ 'ନିଶେନ୍ ହର୍ଟ' ଭାବେ ନାମିତ କରାଯାଇଥିଲା, ଯାହାକି ପରବର୍ତ୍ତୀ ସମୟରେ 'ଗୋଲ ଘର' ଭାବେ ନାମିତ ହୋଇଥିଲା । ଉକ୍ତ ଗୃହଗୁଡ଼ିକର ଏତେ ଆକୃତି ସୁନ୍ଦର ତଥା ଆକର୍ଷଣୀୟ ଥିଲା, ଯାହାକୁ ଦେଖିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ତଥା ରାଜ୍ୟ ବାହାରର ଲୋକଙ୍କ ଭିଡ଼ ହେଉଥିଲା ।







## ସଂରକ୍ଷଣ ଏକ ଆହ୍ୱାନ

ଏବେ ଏହି ସୁନ୍ଦର ଆକୃତି ଘରଗୁଡ଼ିକର ରକ୍ଷଣାବେକ୍ଷଣ କରିବା ଏକ ବଡ଼ ଆହ୍ୱାନ ପାଲଟିଛି । ରକ୍ଷଣାବେକ୍ଷଣ ଅଭାବରୁ ଘରଗୁଡିକ ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଛି । ଘରଗୁଡ଼ିକ ଆଗପଛରେ ଗଢ଼ି ଉଠିଥିବା ଜବରଦଖଲ ଘର ଗୋଲଘର କଲୋନୀର ଶୋଭାକୁ କ୍ଷୁଣ୍ଣ କରୁଛି । ଗୋଲଘର ସମ୍ମୁଖରେ ଆମୋଦପ୍ରମୋଦ ତଥା ପିଲାମାନଙ୍କ ମନୋରଞ୍ଜନ ପାଇଁ ସେତେବେଳେ ନିର୍ମିତ ହୋଇଥିବା ପାର୍କଟି ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଶିଶୁମାନଙ୍କ କ୍ରୀଡ଼ା ପାଇଁ ନିର୍ମିତ ଖସଡ଼ା ମଧ୍ୟ ଭାଙ୍ଗି ନଷ୍ଟ ହୋଇଯାଇଛି । ଫଳରେ ସେଠାରେ ଆର୍ଏସ୍ପିର କୌଣସି ଅଧିକାରୀ ରହିବାକୁ ପସନ୍ଦ କରୁ ନ ଥିବାରୁ ଏବେ ୨୬ଟି ଘର ମଧ୍ୟରୁ କିଛି ଘର ଜବରଦଖଲକାରୀଙ୍କ କବଳରେ ରହିଛି । ଆଉ କିଛି ଘରେ ଆର୍ଏସ୍ପି କର୍ମଚାରୀ ବାସ କରୁଛନ୍ତି । ଗୋଟିଏ ଘରେ ପୁଲିସ ବିଟ୍ ହାଉସ ମଧ୍ୟ ଚାଲିଛି । ସୁତରାଂ ଓଡ଼ିଶାର ଏହି ଅନନ୍ୟ ଆକୃତିର ଗୃହଗୁଡ଼ିକ ଜରାଜୀର୍ଣ୍ଣ ତଥା ଅବଲୁପ୍ତ ହେବା ପୂର୍ବରୁ ଏହାକୁ ସଂରକ୍ଷିତ ରଖିବା ସହ ଏକ ଦର୍ଶନୀୟ ସ୍ଥାନ କରିବା ପାଇଁ ଅନେକ ଦାବି କରୁଛନ୍ତି ।




## ମାକ୍ସ ମୁଲେର୍ ଭବନ ଓ ଇଣ୍ଡୋ-ଜର୍ମାନ କ୍ଲବ୍

ଜର୍ମାନୀ ଇଞ୍ଜିନିୟରମାନେ ରାଉରକେଲାରେ ଆଉ ଦୁଇଟି ଛାପ ମଧ୍ୟ ଛାଡ଼ି ଯାଇଥିବା ଦେଖିବାକୁ ମିଳିଛି । ଗୋଟିଏ ହେଲା ସେକ୍ଟର-୨ ସ୍ଥିତ ମ୍ୟାକ୍ସ ମୁଲେର୍ ଭବନ ଓ ଅନ୍ୟଟି ହେଲା ଏହାକୁ ଲାଗି ରହିଥିବା ଇଣ୍ଡୋ ଜର୍ମାନ କ୍ଲବ୍ । ସୂଚନାଯୋଗ୍ୟ ଯେ ଷାଠିଏ ଦଶକ ପୂର୍ବରୁ ସେତେବେଳେ ରାଉରକେଲାରେ ଅବସ୍ଥାନ କରୁଥିବା ଅନେକ ଜର୍ମାନ ପରିବାରଙ୍କ ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକଳାପ ନିମିତ୍ତ ଏହି ମାକ୍ସ ମୁଲେର୍ ଭବନ ପ୍ରତିଷ୍ଠିତ ହୋଇଥିଲା । ତନ୍ମଧ୍ୟରେ ଏକ ବୃହତ୍ ପାଠାଗାର ପ୍ରତିଷ୍ଠା କରାଯାଇଥିଲା, ଯେଉଁଠି କେବଳ ଜର୍ମାନୀ ଖବରକାଗଜ ଏବଂ ପତ୍ରପତ୍ରିକା ପାଇବା ପାଇଁ ବ୍ୟବହୃତ ହେଉଥିଲା ଏବଂ ଅନେକ ଜର୍ମାନୀ ନାଗରିକ ନିୟମିତ ଭାବେ ଏହି ପାଠାଗାରକୁ ପରିଦର୍ଶନ କରୁଥିଲେ ।

ସେଠାରେ ଥିବା କଣ୍ଟାକ୍ଟ କ୍ଲବ୍ ଜର୍ମାନ ଏବଂ ଭାରତୀୟ ଆର୍ଏସ୍ପି ଇଞ୍ଜିନିୟର(ଯେଉଁମାନେ ଜର୍ମାନ ଯାଉଥିଲେ) ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏତଦ୍ବ୍ୟତୀତ ମାକ୍ସ ମୁଲେର ଭବନରେ ନିୟମିତ ଭାବେ ଜର୍ମାନୀ ଫିଲ୍ମ ପ୍ରଦର୍ଶିତ ହେଉଥିଲା । ଜର୍ମାନୀ କଳାକାରଙ୍କ ଦ୍ୱାରା ବ୍ୟବହୃତ ବୃହତ୍ ପିଆନୋ ରହିବା ସହ ଏବଂ ଜାଜ୍ କଳାକାରଙ୍କ ଜର୍ମାନ ସଂଗୀତ ପରିବେଷିତ ହେଉଥିଲା । ବିଶେଷକରି ଜର୍ମାନଲୋକଙ୍କ ମୁଖ୍ୟ ମହୋତ୍ସବ ଅକ୍ଟୋବରଫେଷ୍ଟ ମଧ୍ୟ ଏଠାରେ ପାଳନ କରାଯାଉଥିଲା । ଯେଉଁଥିରେ ବହୁ ଜର୍ମାନ ଲୋକ ରଙ୍ଗୀନ ପୋଷାକରେ ବିୟର ଧରି ଉତ୍ସବକୁ ପାଳନ କରୁଥିଲେ । ଏତଦବ୍ୟତୀତ ସେଠାରେ ଜର୍ମାନୀ ଭାଷା ଶିଖିବା ଓ କହିବା ପାଇଁ କ୍ଲାସ୍ କରାଯାଉଥିଲା । ଜର୍ମାନ ରାଷ୍ଟ୍ରଦୂତ, କନ୍ସୁଲ୍ ଜେନେରାଲ୍ ଏବଂ ସାଂସ୍କୃତିକ କେନ୍ଦ୍ରର ମୁଖ୍ୟମାନେ ପ୍ରାୟ ସମୟରେ ଏହି ମାକ୍ସ ମୁଲେର ଭବନକୁ ପରିଦର୍ଶନରେ ଆସୁଥିଲେ । ସେହିପରି ରାଉରକେଲାର ଇଣ୍ଡୋ ଜର୍ମାନ କ୍ଲବ୍ ଏବେ ବି ବହୁ ପରିଚିତ ବିଳାସପୂର୍ଣ୍ଣ କ୍ଲବ, ଯାହାକି ପୂର୍ବରୁ ଜର୍ମାନ କ୍ଲବ ଭାବରେ ଜଣାଶୁଣା ଥିଲା । ୧୯୬୦ ମସିହାରେ ନିର୍ମିତ ଏହି କ୍ଲବଟି ଜର୍ମାନମାନଙ୍କ ପାଇଁ ମୁଖ୍ୟ ମନୋରଞ୍ଜନ କେନ୍ଦ୍ର ଭାବରେ ପରିଚିତ ଥିଲା । ଏହି କ୍ଲବ୍ରେ ଜର୍ମାନୀମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ଥିଲା ଅଲିମ୍ପିକ୍ ଢାଞ୍ଚାରେ ସୁଇମିଂ ପୁଲ୍, ଯେଉଁଠାରେ ଜର୍ମାନ ମହିଳା ଏବଂ ପୁରୁଷମାନେ ସୁଇମିଂ ପୋଷାକ ପରିଧାନପୂର୍ବକ ଡେକ୍ ଚେୟାରରେ ବସି ସୂର୍ଯ୍ୟକିରଣର ମଜା ନେଉଥିଲେ । ଆକର୍ଷଣୀୟ ସୁଇମିଂ ପୁଲରେ ପହଁରିବାର ମଜା ମଧ୍ୟ ନେଉଥିଲେ ।

ସେଠାରେ ଏକ ଖାଦ୍ୟ ବିକ୍ରୟକେନ୍ଦ୍ର ବା ଫୁଡ୍ଷ୍ଟଲ୍ ଥିଲା, ଯେଉଁଠି କେବଳ ଜର୍ମାନୀ ଖାଦ୍ୟ ଉପଲବ୍ଧ ହେଉଥିଲା । ସଂପ୍ରତି ଏହା ପ୍ରେସିଡେନ୍ସିଆଲ୍ ଲାଉଞ୍ଜ ଭାବେ ପରିଚିତ । ସେଠାରେ ଜର୍ମାନୀଙ୍କ ଅତି ମହାନ ପର୍ବ 'ଅକ୍ଟୋବରଫେଷ୍ଟ' ମହା ଧୁମଧାମରେ ପାଳିତ ହେଉଥିଲା । ଏତଦବ୍ୟତୀତ ଖ୍ରୀଷ୍ଟମାସ୍, ନୂତନ ବର୍ଷ, ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସକୁ ମଧ୍ୟ ରାତି ତମାମ ନୃତ୍ୟଗୀତର ତାଳେ ତାଳେ ଜର୍ମାନୀୟମାନେ ପାଳନ କରୁଥିଲେ । କୋଲକାତାର ଲାଇଭ୍ ବ୍ୟାଣ୍ଡ ସହିତ ପ୍ରତିବର୍ଷ ଏକ ଫେଟେ ଆୟୋଜିତ ହୋଇଥାଏ, ଯେଉଁଠି ଜର୍ମାନର ମହିଳାମାନେ ବିଭିନ୍ନ ପ୍ରକାରର କେକ୍ ଷ୍ଟଲ୍ ଖୋଲିଥାନ୍ତି । ରାଉରକେଲା ରୋଟାରୀ କ୍ଲବ୍ ଜର୍ମାନ କ୍ଲବରେ ସେତେବେଳେ ବହୁ ସଂଖ୍ୟାରେ ଜର୍ମାନ ସଦସ୍ୟ ଥିଲେ ଯେଉଁମାନେ ଏହି ଜର୍ମାନ କ୍ଲବକୁ ନିୟମିତ ଆସୁଥିଲେ ବୋଲି ସୂଚନା ମିଳିଛି ।



## ରିପୋର୍ଟର







# ରାୟଗଡ଼ାର 'ଲାଉ ତୁମ୍ବା ହସ୍ତଶିଳ୍ପ'



ଶିବ ଗୌଡ
ରାୟଗଡ଼ା

ରାୟଗଡ଼ା ଜିଲ୍ଲାର ପ୍ରସିଦ୍ଧ ହସ୍ତଶିଳ୍ପୀ ତଥା ପ୍ରେରଣା ଆର୍ଟ ଏଣ୍ଡ କ୍ରାଫ୍ଟ ତାଲିମ ଅନୁଷ୍ଠାନର ନିର୍ଦ୍ଦେଶକ ହିମାଂଶୁ ଶେଖର ପାଣ୍ଡିଆଙ୍କ ଦ୍ୱାରା ଶୁଖିଲା ଲାଉରେ ପ୍ରସ୍ତୁତ ହେଉଥିବା 'ଲାଉ ତୁମ୍ବା ହସ୍ତଶିଳ୍ପ' କେବଳ ଭାରତରେ ନୁହେଁ ଦେଶ ବାହାରେ ମଧ୍ୟ ପ୍ରସିଦ୍ଧ ଲାଭ କରିଛି । ରାୟଗଡ଼ାର ଏହି ତୁମ୍ବା କ୍ରାଫ୍ଟ ସମସ୍ତଙ୍କ ମନ କିଣିପାରିଥିବା ବେଳେ ଜିଲ୍ଲା, ରାଜ୍ୟ, ଜାତୀୟସ୍ତରରେ ଅନୁଷ୍ଠିତ ହେଉଥିବା ସମସ୍ତ ମେଳା, ମହୋତ୍ସବ, ହସ୍ତଶିଳ୍ପ ପ୍ରଦର୍ଶନୀରେ ଉଚ୍ଚ ପ୍ରଶଂସିତ ହୋଇପାରିଛି ।





ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାରେ ପୂର୍ବରୁ ଆଦିବାସୀମାନେ ଲାଉର ବିଭିନ୍ନ ଆକୃତିରେ ପାରମ୍ପରିକ ବିଭିନ୍ନ ହସ୍ତଶିଳ୍ପ ପ୍ରସ୍ତୁତ କରି ବଜାରକୁ ବିକ୍ରି କରିବାକୁ ଆଣୁଥିବା ବେଳେ ଏହା ସେତେ ଆକୃଷ୍ଟ ହୋଇ ପାରୁ ନ ଥିଲା । ଫଳରେ ଏହାର ସଠିକ୍ ବଜାରୀକରଣ ମଧ୍ୟ ହୋଇ ନ ଥିଲା । ଫଳରେ ରାୟଗଡ଼ା ଜିଲ୍ଲାରେ ଏହାର ଚାହିଦା ଧୀରେ ଧୀରେ ହ୍ରାସ ପାଇଥିଲା । ତେବେ ହସ୍ତଶିଳ୍ପୀ ତଥା ପ୍ରେରଣା ଆର୍ଟ ଏଣ୍ଡ କ୍ରାଫ୍ଟ ତାଲିମ ଅନୁଷ୍ଠାନର ନିର୍ଦ୍ଦେଶକ ହିମାଂଶୁ ଶେଖର ପାଣ୍ଡିଆ ବିଲୁପ୍ତ ଏହି ଲାଉ ତୁମ୍ବାର ହସ୍ତଶିଳ୍ପକୁ ଏକ ନୂଆ ରୂପ ଦେଇ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏହାର ବଜାରୀକରଣ କରିବା ପାଇଁ ଏକ ନୂଆ ଉଦ୍ଭାବନ କରିଥିଲେ । ଦୀର୍ଘ ୧୨ ବର୍ଷ ତଳରୁ ହିଁ ଶ୍ରୀ ପାଣ୍ଡିଆ ରାୟଗଡ଼ା ସମେତ ଓଡ଼ିଶା ଓ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ଆକୃତିର ଲାଉ ସଂଗ୍ରହ କରି ତାହାକୁ ଶୁଖାଇବା ପରେ ଏଥିରେ ବିଭିନ୍ନ ରଙ୍ଗ ଦେଇ ନୂଆ ନୂଆ ରୂପର ଘର ସଜା ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକ ପ୍ରସ୍ତୁତ କଲେ । ଲାଉ ତୁମ୍ବାରେ ମାଛ, ଝିଟିପିଟି, କଇଁଛ, ମାଛି, ଯୁବତୀର ମୁହଁ, କଲମ ଷ୍ଟାଣ୍ଡ, ଫୁଲଦାନି, ପକ୍ଷୀ, ଲେମ୍ପସ ସହ ଯୁବତୀ ଓ ମହିଳାଙ୍କ ବେକରେ ପିନ୍ଧିବା ବିଭିନ୍ନ ନେକଲେସ ଭଳି ଅନ୍ୟାନ୍ୟ ଆର୍କଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ବଜାରରେ ବିକ୍ରି କରିବା ଆରମ୍ଭ କରିଥିଲେ । ପରେ ପରେ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ନିଜ ହସ୍ତଶିଳ୍ପ ତୁମ୍ବା କ୍ରାଫ୍ଟର ବଜାରୀକରଣ ତଥା ଜିଲ୍ଲାରୁ ଆରମ୍ଭ କରି ଆନ୍ତର୍ଜାତୀୟ ସ୍ତରରେ ଏହାକୁ ସେ ପରିଚିତ କରାଇପାରିଥିଲେ । ଗତ ୨୦୨୩ ବର୍ଷରେ ଗୁଜରାଟର ଅହମ୍ମଦାବାଦ ଠାରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟସ୍ତରର ସରସ ମେଳାରେ ଭାଗ ନେଇ ଶ୍ରେଷ୍ଠ ଆକର୍ଷଣୀୟ ଷ୍ଟଲ ଭାବେ ପୁରସ୍କୃତ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲା ଲୋକ ମହୋତ୍ସବ ଚଇତି-୨୦୨୩ ମଞ୍ଚରେ ମଧ୍ୟ ନୂଆ ଅଭିନବତା ହସ୍ତଶିଳ୍ପ ଏବଂ ଚଳିତ ବର୍ଷର ଜାନୁଆରୀ ମାସରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଶିଶିର ସରସ ମେଳାରେ ମଧ୍ୟ ଶ୍ରେଷ୍ଠ ଅଭିନବତା ହସ୍ତଶିଳ୍ପ ଷ୍ଟଲ ଭାବେ ପୁରସ୍କୃତ ହୋଇଥିଲେ । ଶ୍ରୀ ପାଣ୍ଡିଆ ନିଜ ତାଲିମ ଅନୁଷ୍ଠାନରେ ଯୁବକଯୁବତୀଙ୍କୁ ଲାଉର ବିଭିନ୍ନ ଆକୃତିରେ କିଭଳି ସୁନ୍ଦର ହସ୍ତଶିଳ୍ପ ପ୍ରସ୍ତୁତ ହୋଇପାରିବ ସେ ନେଇ ତାଲିମ ପ୍ରଦାନ କରିବା ସହ ସେମାନଙ୍କୁ ରୋଜଗାରକ୍ଷମ କରିପାରୁଛନ୍ତି । ଲାଉକୁ ସମସ୍ତେ ଏକ ପରିବା ହିଁ ଭାବିଥାନ୍ତି । ରାୟଗଡ଼ା ଜିଲ୍ଲାରେ ବସବାସ କରୁଥିବା ଆଦିବାସୀ ଭାଇଭଉଣୀମାନେ ବିଭିନ୍ନ ଆକୃତିର ଲାଉକୁ ନିଜ ବାଡିବଗିଚାରେ ଲଗାଇଥାନ୍ତି ଏବଂ ଏହା ଶୁଖିଗଲା ପରେ ଏହାକୁ ବିଭିନ୍ନ ଘର କାର୍ଯ୍ୟରେ ବହୁଳ ବ୍ୟବହାର କରିଥାନ୍ତି । ଏହି ଲାଉ ଏକ ସ୍ୱାସ୍ଥ୍ୟକର ପରିବା ହୋଇଥିବା ବେଳେ ଏହା ଶୁଖିଗଲା ପରେ ବର୍ଷ ତମାମ ନଷ୍ଟ ହୋଇ ନ ଥାଏ । ଦୀର୍ଘ ୩୫ବର୍ଷର ହସ୍ତଶିଳ୍ପ ଉପରେ ରହିଥିବା ଅନୁଭୂତିକୁ ଆପଣେଇ ରାୟଗଡ଼ା ଜିଲ୍ଲାରେ ମିଳୁଥିବା ବିଭିନ୍ନ ଆକୃତିର ଲାଉକୁ ଏକ ନୂଆ ରୂପ ଦେଇ ଏହାର ବଜାରୀକରଣ କରାଯାଇ ପାରିବାର ଲକ୍ଷ୍ୟ ନେଇ ଶ୍ରୀ ପାଣ୍ଡିଆ ଅନୁଭବ କରିଥିଲେ ଏବଂ ଆଜି ସେ ଜଣେ ପ୍ରସିଦ୍ଧ ହସ୍ତଶିଳ୍ପୀ ଭାବେ ପରିଗଣିତ ହୋଇପାରିଛନ୍ତି ।

---

ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅଧିନ ହରିରାଜପୁରରେ ପଶ୍ଚିମମୁଖା ହୋଇ ପୂଜା ପାଉଛନ୍ତି ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ । ତାଙ୍କର ମହିମା ଅନନ୍ୟ, ପ୍ରଭୁଙ୍କ ନୀଳ ପୋଖରୀରେ ସ୍ନାନ କଲେ ଅସାଧ ଜ୍ୱର ରୋଗ ଭଲ ହୋଇଯାଇଥାଏ ବୋଲି ଅନେକ ଦୃଷ୍ଟାନ୍ତ ରହିଛି ।

### ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ

# ନୀଳ ପୋଖରୀରେ ସ୍ନାନ କଲେ ଭଲ ହୁଏ ଅସାଧ ଜ୍ୱର



ପ୍ରଦୀପ ରଞ୍ଜନ ବିଶ୍ୱାଳ
ଡେଲାଙ୍ଗ

୧୬୦୦ ଖ୍ରୀଷ୍ଟାବ୍ଦ ପୂର୍ବର କଥା, ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅଧିନ ହରିରାଜପୁର ମୌଜାର ଦକ୍ଷିଣ-ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ 'ପାଣ୍ଡିଆବଣ'ନାମକ ଏକ ଘଞ୍ଚ ଜଙ୍ଗଲ । ପୁରୀର ତତ୍କାଳୀନ ରାଜା ପ୍ରଥମ ରାମଚନ୍ଦ୍ର ଦେବ ପ୍ରଥମେ ଖୋର୍ଦ୍ଧାଗଡ଼ ନିର୍ମାଣ କରିବା ପରେ ରଥିପୁର ଗଡ଼ର ନିର୍ମାଣ କରିଥିଲେ । ହରିରାଜପୁର ମୌଜା ରଥିପୁର ଅଧିନରେ ଥିବାରୁ ତତ୍କାଳୀନ ରଥିପୁର ଗଡ଼ ଅଧିପତି ସେଠାରେ ଶାସନ ଭାର ତୁଲାଉଥିଲେ । ଗଡ଼ ଅଧିପତିଙ୍କ ଗୋଶାଳାରେ କାର୍ଯ୍ୟ କରୁଥିବା ଜଣେ ବେହେରା ନିତିଦିନ ଗାଈ ଚରାଇବାକୁ ପାଣ୍ଡିଆବଣକୁ ଯାଏ । ସବୁ ଗାଈମାନେ ଏଣେତେଣେ ବୁଲି ଚରନ୍ତି ହେଲେ ଗୋଟିଏ କାଳି ଗାଈ ଉଇ ହୁଙ୍କା ପାଖରେ ଯାଇ ଠିଆ ହୁଏ । ଦିନକର ଘଟଣା ବ୍ୟକ୍ତି ଜଣକ ଦେଖିବାକୁ ପାଇଲା କାଳି



ଗାଈ ଯେଉଁ ପରିତ୍ୟକ୍ତ ଉଇ ହୁଙ୍କା ପାଖରେ ଠିଆ ହୋଇଛି, ସେହି ଉଇ ହୁଙ୍କା ଉପରେ ତା ଚିରରୁ ଆପେ ଆପେ କ୍ଷୀର ଝରୁଛି । ଲୋକଟି ଏହି ସବୁ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେବା ସହିତ ଘଟଣା ବିଷୟରେ ସ୍ଥାନୀୟ ଲୋକ ଓ ଗଡ଼ଅଧିପତିଙ୍କୁ ଜଣାଇଲା । ପରଦିନ ଗଡ଼ଅଧିପତି ତାଙ୍କ ଗୁପ୍ତଚରମାନଙ୍କୁ ଜଙ୍ଗଲକୁ ଯାଇ ଗାଈମାନଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଲେ । ଗୁପ୍ତଚରମାନେ ମଧ୍ୟ ସେହି ଦୃଶ୍ୟ ପୁନର୍ବାର ଦେଖି ଗଡ଼ଅଧିପତିଙ୍କୁ ଜଣାଇବା ପରେ ରାଜାଙ୍କ ପାଖରେ ଖବର ପହଞ୍ଚିଗଲା । ରାଜାଙ୍କ ନିର୍ଦ୍ଦେଶକ୍ରମେ ସେହି ଉଇ ହୁଙ୍କାକୁ ଖୋଳାଗଲା । ପରେ ଆଶ୍ଚର୍ଯ୍ୟଜନକ ଭାବେ ଖନନକାରୀ ଦଳ ଦେଖିଲେ ପଞ୍ଚଲିଙ୍ଗ ଏକା ସହିତ ପଶ୍ଚିମମୁଖା ହୋଇ ରହିଛନ୍ତି । ପ୍ରଭୁଙ୍କ ଦର୍ଶନ ପାଇ ରାଜା ଓ ଗଡ଼ଅଧିପତି ଭାବରେ ବିହ୍ୱଳ ହୋଇ ପଡ଼ିଲେ । ପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ଲୋକଙ୍କ ସୁଅ ଛୁଟିଲା । ରାଜାଙ୍କ ନିର୍ଦ୍ଦେଶକ୍ରମେ ସେହି ସ୍ଥାନରେ ଏକ ମନ୍ଦିର ନିର୍ମାଣ କରାଗଲା ଓ ପ୍ରଭୁ ପଶ୍ଚିମ ଦିଗକୁ ମୁହଁ କରି ଆବିର୍ଭାଭ ହୋଇଥିବାରୁ ମନ୍ଦିରର ମୁଖଦ୍ୱାର ମଧ୍ୟ ପଶ୍ଚିମ ଦିଗକୁ ରଖାଗଲା । ଆଜି ପର୍ଯ୍ୟନ୍ତ ପଶ୍ଚିମମୁଖା ହୋଇ ପୂଜା ପାଉଛନ୍ତି ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ ।

### ପ୍ରଭୁଙ୍କ ନୀଳ ପୋଖରୀର ମାହାତ୍ମ୍ୟ

ହଜାର ହଜାର ଏକର ପରିମିତ ପାଣ୍ଡିଆବଣରେ ପ୍ରଭୁଙ୍କ ନୀତିକାନ୍ତି ତଥା ଜଳାଭିଷେକ ଲାଗି ମନ୍ଦିର ନିର୍ମାଣ ହେବା ପରେ ଗଡ଼ଅଧିପତି ମନ୍ଦିର ନିକଟରେ ଏକ ପୋଖରୀ ନିର୍ମାଣ କରାଇଥିଲେ । ଟାଙ୍ଗି ଅଞ୍ଚଳ ଜଙ୍ଗଲ ଭିତରେ ପୋଖରୀ ଖୋଳା ହେବା ପରେ ନୀଳ ରଙ୍ଗର ପାଣିରେ ପୋଖରୀ ପୂର୍ଣ୍ଣ ହୋଇଯାଇଥିଲା । ପ୍ରଭୁଙ୍କକୃପାରୁ ଏହି ନୀଳ ପୋଖରୀରେ ସ୍ନାନ କଲେ ଅସାଧ ଜ୍ୱର ରୋଗ ଭଲ ହୋଇଯାଇଥାଏ ବୋଲି ଅନେକ ଦୃଷ୍ଟାନ୍ତ ରହିଛି । କିନ୍ତୁ ଏହାର କିଛି ନିୟମାବଳୀ ମଧ୍ୟ ରହିଛି । ନିୟମାନୁଯାୟୀ ନିଜର ପିନ୍ଧା ଲୁଗା ସହିତ ସ୍ନାନକରି ପାଲଟା ଲୁଗାକୁ ଏକ ନିକାଞ୍ଚନ ସ୍ଥାନରେ ପକାଇ ନୂତନ ବସ୍ତ୍ର ପରିଧାନ କରି ପ୍ରଭୁଙ୍କୁ ଦର୍ଶନ କରିବା ସହିତ ମୁଖଧୁଆ ପାଣି ପିଇଲା ପରେ ବଡବଡ ଅସାଧ ଜ୍ୱର ରୋଗ ଭଲ ହୋଇଯାଇଥାଏ । ସେଥିପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ଲୋକ ମାନସିକ କରି ନୀଳ ପୋଖରୀରେ ସ୍ନାନ କରିବାକୁ ଆସିଥାନ୍ତି ଓ ଆରୋଗ୍ୟ ହୋଇ ଘରକୁ ଫେରନ୍ତି ।



---



ପୂର୍ବରୁ ବିଭିନ୍ନ ଆବର୍ଜନା, ବର୍ଯ୍ୟବସ୍ତୁ ନଦୀ ମଧ୍ୟରେ ଓ ନଦୀ କୂଳରେ ଫୋପାଡିବା ଏବଂ ନଦୀକୂଳରେ ଶୌଚ ଅଭ୍ୟାସ ଇତ୍ୟାଦି ଯୋଗୁଁ ମହାନଦୀ ବିଶେଷ ମାତ୍ରାରେ ପ୍ରଦୂଷିତ ହେଉଥିଲା । ମା ମହାନଦୀ ଆଳତୀ ଆରମ୍ଭ ହେବା ପରେ ପରିସର ଆବର୍ଜନା ଏବଂ ଶୌଚମୁକ୍ତ ହେବା ସହିତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇପାରିଛି । ଏହି ପରିସରରେ ସକାଳ ସମୟରେ ଯୋଗ, ଧ୍ୟାନ ଏବଂ ସନ୍ଧ୍ୟାରେ ଆଳତୀ ସହିତ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।



ଦିବ୍ୟ ରଞ୍ଜନ ପଟ୍ଟନାୟକ
ବୌଦ୍ଧ

# ଧାର୍ମୀୟ ଚିନ୍ତନରେ ପରିବେଶ ସୁରକ୍ଷା

ଓଡ଼ିଶାର ପଶ୍ଚିମରୁ ପୂର୍ବକୁ ବହିଯାଇ ବଙ୍ଗୋପସାଗରରେ ଲୀନ ହୋଇଥିବା ଓଡ଼ିଶାର ବଡ଼ ନଦୀ ମହାନଦୀକୁ ଓଡ଼ିଶାର ଜୀବନରେଖା ମଧ୍ୟ କୁହାଯାଏ । ବିଭିନ୍ନ ମନୁଷ୍ୟକୃତ ପ୍ରଦୂଷଣ ଦ୍ୱାରା କବଳିତ ମହାନଦୀକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଧର୍ମୀୟ ଚିନ୍ତନ ଆଧାରରେ ପ୍ରୟାସ କରାଯାଇଛି । ଗଙ୍ଗା ନଦୀକୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ନମାମି ଗଙ୍ଗେ ଯୋଜନା ଭଳି ମହାନଦୀର ସୁରକ୍ଷା ପାଇଁ ବୌଦ୍ଧରେ ମହାନଦୀ ଆଳତୀ ଯୋଜନା ପରିକଳ୍ପନା କରାଯାଇଛି । ବୌଦ୍ଧର ଯୋଗଗୁରୁ ଦେବାଶିଷ ପୁରୋହିତଙ୍କ ଚିନ୍ତନ ତଥା ପ୍ରୟାସ ଏବଂ ତତ୍କାଳୀନ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁଙ୍କ ସହଯୋଗରେ ସହରର ମହାନଦୀ କୂଳରେ ଅବସ୍ଥିତ ଶ୍ରୀଚନ୍ଦ୍ରଚୂଡ଼ ମନ୍ଦିର ପାର୍ଶ୍ୱରେ ମା ମହାନଦୀ ଆଳତୀ ଘାଟ ଯୋଜନା ପରିକଳ୍ପନା କରାଯାଇଥିଲା । ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସହିତ ଆଲୋଚନା କରାଯାଇ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବୌଦ୍ଧ ଜଳସେଚନ ବିଭାଗର ମିଳିତ ଅନୁଦାନରେ ଚନ୍ଦ୍ରଚୂଡ଼ ଘାଟରେ ମହାନଦୀ ଆଳତୀ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ଜନସାଧାରଣଙ୍କ ଠାରୁ ମତାମତ ନିଆଯିବା ପରେ ଏ ନେଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଜଳସେଚନ ବିଭାଗ ତରଫରୁ ୭୫ ଲକ୍ଷ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଆଳତୀ ଘାଟର ଉନ୍ନତିକରଣ, ଆଲୋକୀକରଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇଛି । ଗତ ୨୦୨୩ ମସିହା ପବିତ୍ର ମାଘ ସପ୍ତମୀ ତିଥିରୁ ମହାନଦୀକୁ ମା ବୋଲି ସମ୍ବୋଧନ ପୂର୍ବକ ଦିବ୍ୟ ମା ମହାନଦୀ ଆଳତୀ ଅନୁଷ୍ଠିତ ହୋଇ ଆସୁଛି । ପ୍ରତ୍ୟେକ ରବିବାର, ପୂର୍ଣ୍ଣିମା, ସଂକ୍ରାନ୍ତି ଓ ବିଶେଷ ପର୍ବରେ ମହାନଦୀ ଆଳତୀ ଆୟୋଜିତ କରାଯାଉଛି । ତତ୍କାଳୀନ ଫାଇଭ ଟି ସଚିବ କାର୍ତ୍ତିକ ପାଣ୍ଡିଆନ ବୌଦ୍ଧ ଜିଲ୍ଲା ଗସ୍ତ ସମୟରେ ଏହି ଆଳତୀ ଘାଟ ପରିଦର୍ଶନ କରି ଯୋଜନାକୁ ପ୍ରଶଂଶା କରିବା ସହ ଏହାର ଉନ୍ନତୀକରଣ ଏବଂ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନୀତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୌଦ୍ଧ ଜନସାଧାରଣଙ୍କ ସାହାଯ୍ୟ ସହଯୋଗରେ ମା ମହାନଦୀ ଆଳତୀ ପରିଚାଳିତ ହେଉଥିବା ବେଳେ ଆଗାମୀ ଦିନରେ ପ୍ରତ୍ୟେହ ସନ୍ଧ୍ୟାରେ ଆଳତୀ ଆୟୋଜନ କରାଯିବାକୁ ଯୋଜନା ରଖାଯାଇଛି । ଯାହା ବି ହେଉ ମହାନଦୀ ଆଳତୀ ଯୋଗୁଁ ଏଠାରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହେବା ସହ ମହାନଦୀ ପରିବେଶ ସ୍ୱଚ୍ଛ ଏବଂ ସୁରକ୍ଷିତ ହୋଇପାରିଛି ।





**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୪୩ ● ପାଉଣ୍ଡ ୧୦୪.୨୯
- ୟୁରୋ ୮୯.୭୫ ● ୟେନ୍ ୦.୫୪

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୬,୬୫୦ (ଭୁବନେଶ୍ୱର)
- ରୁପା : ୮୫,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୪,୨୪୪.୦୦
- ନିଫ୍ଟି ୨୨,୫୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ଉତ୍କଳ କନିକା ଗ୍ୟାଲେରିଆକୁ ଶ୍ରେଷ୍ଠ ରିଟେଲ୍ ପ୍ରୋଜେକ୍ଟ ଆୱାର୍ଡ



**ଭୁବନେଶ୍ୱର,୧୩।୪(ସମିସ):** ଦେଶର ପୂର୍ବାଞ୍ଚଳର ମଲ୍‌ଗୁଡିକ ମଧ୍ୟରେ ଭୁବନେଶ୍ୱର କଳ୍ପନା ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଭିନ୍ନ ସ୍ଥାନ ଅଧିକାର କରିଛି। କୋଲକାତାରେ ଅନୁଷ୍ଠିତ ୧୪ତମ ସିଏନବିସି ଆଓ୍ବାଜ୍ ରିଅଲ ଇଷ୍ଟେଟ୍ ଆଓ୍ବାର୍ଡସ୍ ସୋ'ରେ ପୂର୍ବାଞ୍ଚଳରେ ସବୁ ମଲ୍‌କୁ ପଛରେ ପକାଇ ଉତ୍କଳ କନିକା ଗ୍ୟାଲେରିଆ ଶ୍ରେଷ୍ଠ ରିଟେଲ୍ ପ୍ରୋଜେକ୍ଟ ଆଓ୍ବାର୍ଡରେ ସମ୍ମାନିତ ହୋଇଛି। ଏହି ସମ୍ମାନ ଉତ୍କଳ ବିଲ୍ଡର୍ସର ରିଅଲ ଇଷ୍ଟେଟ ପ୍ରତି ଥିବା ୩୪ବର୍ଷର ଉତ୍କର୍ଷତା ଓ ଅଦମ୍ୟ ପ୍ରତିବଦ୍ଧତାକୁ ସୂଚିତ କରୁଛି। ପ୍ରତ୍ୟେକ ପ୍ରକଳ୍ପରେ ଗୁଣବତ୍ତା ଏବଂ ନୂତନତ୍ୱ ପ୍ରଦାନ ପାଇଁ ଏହା କମ୍ପାନୀର ଉତ୍ସର୍ଗୀକୃତତାକୁ ଏହି ସମ୍ମାନ ପ୍ରମାଣିତ କରୁଛି। ଶିଳ୍ପ କ୍ଷେତ୍ରରେ ଅତୁଳନୀୟ ସଫଳତା ପାଇଁ ସିଏନବିସି ଆଓ୍ବାର୍ଡ ରିଅଲ ଇଷ୍ଟେଟ ପୁରସ୍କାର ଦିଆଯାଇଥାଏ। ଶ୍ରେଷ୍ଠ ରିଟେଲ ପ୍ରୋଜେକ୍ଟ ବର୍ଗରେ ଉତ୍କଳ କନିକା ଗ୍ୟାଲେରିଆର କାର୍ଯ୍ୟକାରୀ କରିବାରେ ଏହାର ଅପାର ସମ୍ଭାବନାକୁ ପ୍ରକାଶ କରୁଛି। ଯାହା ଗ୍ରାହକଙ୍କୁ ଏକ ନୂଆ ଅନୁଭୂତି ଆଣିଦେଇଛି।

## ଜେଜିଏଲ୍‌ଏସ୍ ୫ ବର୍ଷ ଧରି ଏକ ନମ୍ବର ଆଇନ ବିଦ୍ୟାଳୟ

**ଭୁବନେଶ୍ୱର,୧୩।୪(ସମିସ):** ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ଜିନ୍ଦଲ ଗ୍ଲୋବାଲ ଲ' ସ୍କୁଲ( ଜେଜିଏଲ୍‌ଏସ୍ ) ଲଗାତାର ୫ ବର୍ଷ ପାଇଁ ଭାରତର ଏକ ନମ୍ବର ଲ' ସ୍କୁଲ ଭାବେ ମାନ୍ୟତା ପାଇଛି ଏବଂ ବିଶ୍ୱର ୭୨ତମ ସ୍ଥାନରେ ରହିଛି। ଏହା ଭାରତର ଏକମାତ୍ର ଆଇନ ବିଦ୍ୟାଳୟ ଭାବେ ବିଶ୍ୱର ଏକମାତ୍ର ଆଇନ ବିଦ୍ୟାଳୟ ଭାବେ ବିଶ୍ୱର ଟପ୍ -୧୦୦ ମଧ୍ୟରେ ସ୍ଥାନ ପାଇଛି। ସୂଚନାଯୋଗ୍ୟ, ଜିନ୍ଦଲ ଗ୍ଲୋବାଲ ଲ' ସ୍କୁଲ ଗତବର୍ଷ ୮୪ତମ ସ୍ଥାନରେ ରହିଥିବାବେଳେ ଚଳିତ ବର୍ଷ ୭୨ତମ ସ୍ଥାନକୁ ଉନ୍ନୀତ ହୋଇଛି। ଚଳିତ ବର୍ଷ ରାଙ୍କିଙ୍ଗ ପ୍ରସ୍ତୁତ କରିବା ପାଇଁ କ୍ୟୁଏସ୍ ପାଖାପାଖି ୫୦୦୦ ଅନୁଷ୍ଠାନର ପ୍ରତିଷ୍ଠା ଓ ଗବେଷଣା ଫଳାଫଳକୁ ବିଶ୍ଳେଷଣ କରିଥିଲା। ଏହି ଗ୍ରୁପ୍ ରୁ ୫୫ଟି ବିଷୟ ଓ ୫ଟି ବ୍ୟାପକ ବିଷୟ କ୍ଷେତ୍ରରେ ୧୫୬୧ ଜଣଙ୍କୁ ସ୍ଥାନ ମିଳିଥିବା ବେଳେ ୧୯,୧୦୦ରୁ ଅଧିକ ଏଣ୍ଟ୍ରି ସୃଷ୍ଟି ହୋଇଛି। ଏହି ପରିସଂଖ୍ୟାନଗୁଡିକ ଏହି ବିଷୟ ମାନ୍ୟତା ସୃଷ୍ଟି କରିବା ପାଇଁ କ୍ୟୁଏସ କରୁଥିବା ଏହି କାର୍ଯ୍ୟ ପଛରେ ଥିବା ବ୍ୟାପକତା ଏବଂ ବିଭିନ୍ନତାକୁ ପ୍ରତିଫଳିତ କରେ। ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠାତା କୁଳପତି ନବୀନ ଜିନ୍ଦଲ ଜେଜିଏଲଏସକୁ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିବା ବିଷୟରେ ମନ୍ତବ୍ୟ ଦେଇ କହିଛନ୍ତି, ସମ୍ମାନଜନକ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗରେ ଦେଶର ଶୀର୍ଷ ଆଇନ ବିଦ୍ୟାଳୟ ଭାବରେ ଜେଜିଏଲଏସକୁ ଯେଉଁ କ୍ରମାଗତ ଭାବରେ ସ୍ଥାନିତ କରାଯାଇଛି ତାହା ଦର୍ଶାଉଛି ଯେ ଏହା ଭାରତରେ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ କରିବାର ଲକ୍ଷ୍ୟରେ କେବେ ବି ପଛଘୁଞ୍ଚା ଦେଇନାହିଁ। ଜେଜିଏଲ୍‌ଏସ୍ ଏହାର ଅସ୍ତିତ୍ୱର ମାତ୍ର ଏକ ଦଶନ୍ଧି ମଧ୍ୟରେ ଭାରତର ଏକ ନମ୍ବର ଆଇନ ବିଦ୍ୟାଳୟ ଭାବରେ ଉଭା ହେବା ମଧ୍ୟ ଦେଶର ଯୁବବର୍ଗଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ଆଗ୍ରହକୁ ସୂ.ଇଥାଏ। ଏହା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଯେ ଜେଜିଏଲଏସ ସେମାନଙ୍କ ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇଛି। କ୍ରମାଗତ ୫ ବର୍ଷ ଧରି ଜେଜିଏଲଏସ ଭାରତରେ ଏକ ନମ୍ବର ସ୍ଥାନ ବଜାୟ ରଖିଥିବାରୁ ମୁଁ ବିଶେଷ ଭାବରେ ଆନନ୍ଦିତ।




**ସ୍ୱାସ୍ଥ୍ୟ ବୀମା ନେଇ ଆଇଆରଡିଏର ନୂଆ ନିୟମ**

# ପୁରୁଣା ରୋଗର ଚିକିତ୍ସା ପାଇଁ ୩ ବର୍ଷରୁ ଅଧିକ ଅପେକ୍ଷା କରିବାକୁ ପଡ଼ିବନି

**ନୂଆଦିଲ୍ଲୀ,୧୩।୪(ଏଜେନ୍ସି)**

ଦେଶର ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ଏହା ଅଧୀନରେ, ପଲିସିଧାରୀମାନଙ୍କୁ ପୁରୁଣା ରୋଗର ଚିକିତ୍ସା ପାଇଁ ଆଉ ୩୬ ମାସରୁ ଅଧିକ ଅପେକ୍ଷା କରିବାକୁ ପଡିବନାହିଁ। ପୂର୍ବରୁ ଏହି ରୋଗଗୁଡିକର ଚିକିତ୍ସା ପାଇଁ ଅପେକ୍ଷା ସମୟ ୪୮ ମାସ ରହିଥିଲା। ନୂତନ ନିୟମ ଏପ୍ରିଲ ପହିଲାଠାରୁ କାର୍ଯ୍ୟକାରୀ ହୋଇଛି।

ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆରଡିଏ) ନିକଟରେ ଏକ ବିଜ୍ଞପ୍ତିରେ କହିଛି ଯେ ସ୍ୱାସ୍ଥ୍ୟ ବୀମା କମ୍ପାନୀ ଦ୍ୱାରା ଜାରି ପଲିସି ଆରମ୍ଭ ହେବାର ୩୬ ମାସ ପୂର୍ବରୁ କୌଣସି ପୂର୍ବ-ରୋଗ ନେଇ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯିବ। ଚିକିତ୍ସା ପରାମର୍ଶ କିମ୍ବା ଯଦି ଚିକିତ୍ସା ପାଇଁ ସୁପାରିଶ କରାଯାଏ, ତେବେ ଏପରି କ୍ଷେତ୍ରରେ ଅପେକ୍ଷା ସମୟ ୩୬ ମାସରୁ ଅଧିକ ହେବ ନାହିଁ। ଆଇଆରଡିଏ ଅନୁଯାୟୀ, ସ୍ୱାସ୍ଥ୍ୟ ବୀମା ପଲିସି ଆରମ୍ଭରୁ ୩୬ ମାସ ପର୍ଯ୍ୟନ୍ତ ଅବଧି ମଧ୍ୟରେ ଉଲ୍ଲେଖିତ ରୋଗ ବା ଚିକିତ୍ସା (ଦୁର୍ଘଟଣା କାରଣରୁ ଘଟିଥିବା ବ୍ୟତୀତ) ଅନ୍ତର୍ଭୁକ୍ତ ନୁହେଁ।

ଏହି ରୋଗ / ଚିକିତ୍ସା ଅବଧି ସମାପ୍ତ ହେବା ପରେ ଅନ୍ତର୍ଭୂକ୍ତ କରାଯିବ, ଯଦି କୌଣସି ବାଧା ବିନା କ୍ରମାଗତ ଭାବରେ ନବୀକରଣ କରାଯାଇଥାଏ। ବୀମା କମ୍ପାନୀକୁ ପୁରୁଣା ରୋଗ ବିଷୟରେ ସୂଚନା ଦେବାକୁ ପଡିବ। ଆଇଆରଡିଏ ସ୍ପଷ୍ଟ ଭାବରେ କହିଛି ଯେ ପଲିସି କିଣିବାବେଳେ କ୍ରେତାମାନଙ୍କୁ ବୀମା କମ୍ପାନୀକୁ ପୁରୁଣା ରୋଗ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେବାକୁ ପଡିବ। ଏହି ଆଧାରରେ, ବୀମା କମ୍ପାନୀ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡ଼ିକରେ ପୂର୍ବରୁ ଥିବା ରୋଗଗୁଡିକ ପାଇଁ ଅପେକ୍ଷା ଅବଧି ଏବଂ ନିର୍ଦ୍ଦିଷ୍ଟ ଅପେକ୍ଷା ଅବଧି ହ୍ରାସ କରିବାକୁ ଚେଷ୍ଟା କରିପାରିବ। ତଥାପି, ଏହି ନିୟମ ବୈଦେଶିକ ଭ୍ରମଣ ନୀତିରେ ପ୍ରଯୁଜ୍ୟ ହେବ ନାହିଁ। ନିୟାମକ କହିଛନ୍ତି ଯେ ବୀମା କମ୍ପାନୀଗୁଡିକ ସରଳ ଏବଂ ସହଜ ଉତ୍ପାଦ ପ୍ରଦାନ କରିବା ଆବଶ୍ୟକ କରନ୍ତି, ଯାହା ପଲିସିଧାରୀ ବୁଝିପାରିବେ। ସେମାନଙ୍କର ଶବ୍ଦ, କଭରେଜ୍ ଏବଂ ଅବସ୍ଥାରେ ସ୍ୱଚ୍ଛତା ଏବଂ ସ୍ୱଚ୍ଛତା ରହିବା ଉଚିତ୍। ନୀତିଧାରୀଙ୍କ ସ୍ୱାର୍ଥ ରକ୍ଷା କରାଯିବା ଉଚିତ୍। ଉତ୍ପାଦଗୁଡିକ ସହିତ ଜଡିତ ସମସ୍ତ ବିପଦଗୁଡିକ ବିଷୟରେ ଉପଯୁକ୍ତ ଭାବରେ ବିଚାର କରାଯିବା ଉଚିତ୍। ଆଇଆରଡିଏ କହିଛି ଯେ ପ୍ରିମିୟମ ହାର ଯୁକ୍ତିଯୁକ୍ତ ହେବା ଉଚିତ।




**ଇ-କମର୍ସ କମ୍ପାନୀକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ**

## ହେଲ୍‌ଥ ଡ୍ରିଙ୍କ୍ ତାଲିକାରୁ ବର୍ଣ୍ଣଭିଟା ହଟାଅ

**ନୂଆଦିଲ୍ଲୀ,୧୩।୪(ଏଜେନ୍ସି)**

ବର୍ଣ୍ଣଭିଟା ସମେତ ସମସ୍ତ ଅନ୍ୟ ମୃଦୁ ପାନୀୟଗୁଡିକୁ ହେଲ୍‌ଥ ଡ୍ରିଙ୍କ୍ସ ବର୍ଗରୁ ହଟାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ଇ-କମର୍ସ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଛି। ନିଜ ନିଜ ପ୍ଲାଟଫର୍ମରୁ ଏହି ସବୁ ସାମଗ୍ରୀ ପାଇଁ ହେଲ୍‌ଥ ଡ୍ରିଙ୍କ୍ ଶବ୍ଦ ହଟାଇବାକୁ ମନ୍ତ୍ରଣାଳୟ କହିଛି।

ମନ୍ତ୍ରଣାଳୟ ଜାରି କରିଥିବା ବିବୃତ୍ତି ଅନୁଯାୟୀ, ଶିଶୁ ଅଧିକାର ସୁରକ୍ଷା ଅଧିନିୟମ(ସିପିସିଆର) ୨୦୦୫ର ଧାରା ୩ ଅନୁଯାୟୀ ଗଠିତ ହୋଇଥିବା ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସିପିସିଆର୍ ଆଇନର ଧାରା ୧୪ ଅନୁସାରେ ତଦନ୍ତ କରି ଜାଣିବାକୁ ପାଇଛନ୍ତି ଯେ ଏଫ୍‌ଏସ୍‌ଏସ୍‌ଏଆଇ ୨୦୦୬ ଅଧିନିୟମ ଅନୁସାରେ ଏଗୁଡ଼ିକମଧ୍ୟରୁ କୌଣସି ଟି ବି ହେଲ୍‌ଥ ଡ୍ରିଙ୍କସ ବର୍ଗରେ ଯାଉନାହାନ୍ତି। ସିପିସିଆର୍ ଏକ ଅନୁସନ୍ଧାନରୁ ଜାଣିବାକୁ ପାଇଛି ଯେ, କୌଣସି ହେଲ୍‌ଥ ଡ୍ରିଙ୍କ୍ସରେ ଖାଦ୍ୟ ସୁରକ୍ଷା ଏବଂ ମାନକ ଅଧିନିୟମ ଅନୁଯାୟୀ କୌଣସି ପୋଷକ ତତ୍ତ୍ୱ ନାହିଁ। ଏଫ୍‌ଏସ୍‌ଏସ୍‌ଏଆଇ ଓ ମଣ୍ଡଲେଜ୍ ଇଣ୍ଡିଆ ଫୁଡ୍ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଦିଆଯାଇଥିବା କୌଣସି ନିୟମ ସହ ମେଳ ଖାଉ ନାହିଁ। ଏହା ଜଣାପଡ଼ିବା ପରେ ଏପ୍ରିଲ ୨ ତାରିଖରେ ଏଫ୍‌ଏସ୍‌ଏସ୍‌ଏଆଇ ସମସ୍ତ ଇ-କମର୍ସ କମ୍ପାନୀଗୁଡିକୁବିକ୍ରି କରୁଥିବା ସମସ୍ତ ଖାଦ୍ୟ ପଦାର୍ଥକୁ ଉଚିତ ବର୍ଗରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଥିଲା।

ଇ-କମର୍ସ କମ୍ପାନୀଗୁଡ଼ିକ ଦୁଗ୍ଧଜାତୀୟ, ମୃଦୁପାନୀୟ, ଶସ୍ୟ ଜାତୀୟ ମାଲ୍ଟ ଜାତୀୟ ପାନୀୟଗୁଡ଼ିକ ଏଫ୍‌ଏସ୍‌ଏସ୍‌ଏଆଇ ୨୦୦୬ ମାନକ ପୂରା ନ କରୁଥିଲେ ବି ଏଗୁଡ଼ିକୁ ହେଲ୍ଥ ଡ୍ରିଙ୍କ୍ ଟ୍ୟାଗ୍ ଦେଇ ବିକ୍ରି କରାଯାଉଛି। ତେଣୁ ନିୟମ ଅନୁସାରେ ଏହିସବୁ ଉତ୍ପାଦଗୁଡ଼ିକୁ ଉଚିତ ବର୍ଗରେ ବିକ୍ରି କରିବାକୁ ନିର୍ଦ୍ଦେଶ ଏଫ୍‌ଏସ୍‌ଏସ୍‌ଏଆଇ କହିଥିଲା। ଏବେ କେନ୍ଦ୍ର ସରକାର ମଧ୍ୟ ଇ-କମର୍ସ କମ୍ପାନୀଗୁଡ଼ିକ ପାଇଁ ଏହିସବୁ ପାନୀୟକୁ ହେଲ୍‌ଥ ଡ୍ରିଙ୍କ୍ ବର୍ଗରୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।




## ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ଭୁବନେଶ୍ୱର, ୧୩।୪(ସମିସ):** କର୍ମଚାରୀ ଏବଂ ଶ୍ରମିକମାନଙ୍କ ମଧ୍ୟରେ ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଏକ ସୁସ୍ଥ ଏବଂ ସୁଖମୟ ଜୀବନ ପାଇଁ ଏଏମ/ଏନଏସ ଇଣ୍ଡିଆ ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ବର୍ଷର ଥିମ୍ 'ମୋ ସ୍ୱାସ୍ଥ୍ୟ, ମୋ ଅଧିକାର' ସହିତ ଏକ ସପ୍ତାହ ଧରି ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କର୍ମଚାରୀ, ଶ୍ରମିକ, ବ୍ୟବସାୟ ସହଭାଗୀ ଏବଂ ସେମାନଙ୍କ ପରିବାର ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ୫ ଏପ୍ରିଲରେ, ସୁସ୍ଥ ଅଭ୍ୟାସ ବିଷୟବସ୍ତୁ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରଯାଇଥିଲା ଏଥିରେ ପ୍ରି-ନର୍ସରୀ ପିଲାମାନଙ୍କଠୁ ଆରମ୍ଭ କରି ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ବହୁ ଅଂଶଗ୍ରହଣ କରିଥିଲେ। ୬ ଏପ୍ରିଲରେ, ପ୍ଲାଣ୍ଟ ଗେଟ୍‌ଠାରୁ ମେଡିକାଲ୍ କ୍ୟାମ୍ପସ ପର୍ଯ୍ୟନ୍ତ ଏକ ଗଣଦୌଡର ଆୟୋଜନ କରାଯାଇଥିଲା ଯେଉଁଥିରେ ୧୫୦ ରୁ ଅଧିକ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଏମ୍/ ଏନ୍‌ଏସ୍ ଇଣ୍ଡିଆର ଓଡିଶା ଆସେଟସ୍ ଅପରେସନ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ଶୁଭାରମ୍ଭ କରିଥିଲେ। ଗଣଦୌଡ ପରେ ଏଏମ/ ଏନଏସ ଇଣ୍ଡିଆ ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ଅଜିତ ଜେନା ହାର୍ଟ ସ୍ୱାସ୍ଥ୍ୟ ସମ୍ବନ୍ଧରେ ମୂଲ୍ୟବାନ ତଥ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ଜଣାଶୁଣା ଅତିଥି ଭାବରେ ଫିଜିଓଥେରାପିଷ୍ଟ ତଥା କଳିଙ୍ଗ ହସ୍ପିଟାଲ ଡକ୍ଟର ଆଶିଷ ପଣ୍ଡା ଏରଗୋନୋମିକ୍ସ ଉପରେ ଅଧିବେଶନ କରିଥିଲେ। କେୟାର ହସ୍ପିଟାଲର ସିନିୟର ହୃଦ୍ ରୋଗ ବିଶେଷଜ୍ଞ ଡକ୍ଟର ଦୀପକ ବେହେରା କର୍ମଚାରୀଙ୍କ ପାଇଁ ହୃଦ୍‌ରୋଗ ପରୀକ୍ଷା କରିଥିଲେ। ଜଣାଶୁଣା ଆହାର ବିଶେଷଜ୍ଞ ଡକ୍ଟର ଗୁରୁ ପ୍ରସାଦ ଦାସ ମିଲେଟ ଏବଂ ହାର୍ଟ ପାଇଁ ସୁସ୍ଥ ଖାଦ୍ୟର ଉପକାର ଉପରେ ଗୁରୁତ୍ୱାରୋପ କରିଥିଲେ।



**ଏଡିବି ରିପୋର୍ଟ**

## ପାକିସ୍ତାନରେ ଜୀବନଯାପନ ନିମନ୍ତେ ଖର୍ଚ୍ଚ ଏସିଆରେ ସବୁଠୁ ଅଧିକ

**ନୂଆଦିଲ୍ଲୀ,୧୩।୪(ଏଜେନ୍ସି):**

ମଣିଷକୁ ବଞ୍ଚିବା ଲାଗି ସବୁଠୁ ଜରୁରୀ ଦୁଇ ଓଳା ଦୁଇ ମୁଠା ଖାଦ୍ୟ, ପିନ୍ଧିବା ପାଇଁ ବସ୍ତ୍ର ଓ ମୁଣ୍ଡ ଉପରେ ଛାତ। ଯଦି କୌଣସି ଦେଶରେ ଏ ସବୁ ପାଇଁ ସଂଘର୍ଷ କରିବାକୁ ପଡେ ତେବେ ସେଠାରେ ଜୀବନ ଜିଇଁବା କେତେ କଷ୍ଟକର। ପାକିସ୍ତାନ ହେଉଛି ଏପରି ଏକ ଦେଶ ଯେଉଁଠାରେ ଲୋକଙ୍କୁ ଦୁଇ ଓଳି ଦୁଇମୁଠା ଖାଦ୍ୟ ଯୋଗାଡ କରିବା କଷ୍ଟକର ହୋଇପଡୁଛି।

ଫଳରେ ପାକିସ୍ତାନରେ ଲୋକଙ୍କ ଜୀବନଯାପନ ଖର୍ଚ୍ଚ ବଢିବାରେ ଲାଗିଛି। ପାକିସ୍ତାନ ଏବେ ଏସିଆରେ ଏକ ମହଙ୍ଗା ଦେଶରେ ପରିଣତ ହୋଇଛି।

ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଦ୍ୱାରା ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଏହା ଜଣାପଡିଛି। ରିପୋର୍ଟରେ ପାକିସ୍ତାନରେ ଜୀବନଯାପନ ନିମନ୍ତେ ଖର୍ଚ୍ଚ ବେଶ୍ ଅଧିକ ବୋଲି କୁହାଯାଇଛି। ଏହାର ମୁଖ୍ୟ କାରଣ ହେଉଛି ଦେଶର ମୁଦ୍ରାସ୍ଫୀତିରେ ବୃଦ୍ଧି। ପାକିସ୍ତାନର ମୁଦ୍ରାସ୍ଫୀତି ହାର ୨୫ ପ୍ରତିଶତ ଉପରେ ରହିଛି। ଏଣୁ ଦେଶର ମୁଦ୍ରା ବିନିମୟ ହାର ବର୍ଷକୁ ବର୍ଷ ହ୍ରାସ ହେଉଥିବା ବେଳେ ଲୋକେ ଦୈନନ୍ଦିନ ଚଳଣି ନିମନ୍ତେ ରାସନଠାରୁ ଆରମ୍ଭ କରି ଅନ୍ୟ ଜରୁରୀ ସାମଗ୍ରୀ କ୍ରୟ ନିମନ୍ତେ ବହୁ ଅର୍ଥ ବ୍ୟୟ କରୁଛନ୍ତି। ତେବେ ଏଡିବିର ଏହି ରିପୋର୍ଟରୁ ପାକିସ୍ତାନର ଅର୍ଥ ବ୍ୟବସ୍ଥା ବର୍ଷକୁ ବର୍ଷ ୧.୯ ପ୍ରତିଶତ ହାରରେ ବୃଦ୍ଧି ହେଉଥିବା ମଧ୍ୟ ଜଣାପଡିଛି। ଯାହା ଦେଶ ପାଇଁ ଆଶ୍ୱସ୍ତିକର ନିଶ୍ଚିତ। ଦେଶର ମୁଦ୍ରାସ୍ଫିତି ସ୍ତର ୧୫ ପ୍ରତିଶତ ଏବଂ ଜିଡିପି ହାର ୨.୮% ରହିବ ବୋଲି ଅନୁମାନ କରାଯାଇଛି। ଯାହା ଦେଶ ପାଇଁ ବର୍ତ୍ତମାନ ସ୍ଥିତିରେ ନିଶ୍ଚିତ ଭଲ ହେବ ବୋଲି ଆକଳନ କରାଯାଉଛି। ପାକିସ୍ତାନ ଏବେ ମାନ୍ଦାବସ୍ଥାରେ ପହଞ୍ଚିଛି। ଦୀର୍ଘ ସମୟ ଧରି ମୂଲ୍ୟ ବୃଦ୍ଧି ପରେ ଏପରି ଅବସ୍ଥା ଉପୁଜିଛି। ମୁଦ୍ରାସ୍ଫୀତି କାରଣରୁ ଦେଶର କୋଟିକୋଟି ଲୋକେ ଗରିବି ସୀମା ରେଖା ତଳକୁ ଚାଲିଯିବେ ବୋଲି ନିକଟରେ ବିଶ୍ୱବ୍ୟାଙ୍କ କହିଥିଲା। ପାକିସ୍ତାନର ପାଖାପାଖି ୯.୮ କୋଟି ଲୋକେ ପୂର୍ବରୁ ଦାରିଦ୍ର୍ୟ ମଧ୍ୟରେ ଗତି କରୁଛନ୍ତି।

# ବ୍ଲୁ ଚିପ୍ ଫଣ୍ଡ: ବର୍ଷରେ ଦେଇଛି ୪୫% ରିଟର୍ଣ୍ଣ

**ମୁମ୍ବଇ,୧୩।୪(ଏଜେନ୍ସି)**

ଯଦି ଆପଣ କମ୍ ରିସ୍କ ସହିତ ମ୍ୟୁଚୁଆଲ୍ ଫଣ୍ଡରେ ବିନିଯୋଗ କରିବାକୁ ଚାହାଁନ୍ତି, ତେବେ ବ୍ଲୁ ଚିପ୍ ପାଣ୍ଠିରେ ବିନିଯୋଗ କରିବା ଆପଣଙ୍କ ପାଇଁ ସଠିକ୍ ପ୍ରମାଣିତ ହୋଇପାରେ। କମ୍ ରିସ୍କ ସହିତ ଭଲ ରିଟର୍ଣ୍ଣ ପାଇବାର ସମ୍ଭାବନା ଅଛି। କାରଣ ବ୍ଲୁ ଚିପ୍ ଫଣ୍ଡଗୁଡିକ ଗତ ୧ ବର୍ଷ ମଧ୍ୟରେ ନିବେଶକଙ୍କୁ ୪୫ ପ୍ରତିଶତ ପର୍ଯ୍ୟନ୍ତ ରିଟର୍ଣ୍ଣ ଦେଇଛି। ଏଗୁଡ଼ିକ କେବଳ ଲାର୍ଜ-କ୍ୟାପ୍ ମ୍ୟୁଚୁଆଲ୍ ଫଣ୍ଡ। ହେଲେ କିଛି ଲାର୍ଜ-କ୍ୟାପ୍ ମ୍ୟୁଚୁଆଲ୍ ଫଣ୍ଡ ମଧ୍ୟ ସେମାନଙ୍କ ନାମ ସହ ବ୍ଲୁ ଚିପ୍ ନାମକୁ ଯୋଡିଦେଇଛନ୍ତି। ସେଗୁଡିକ ହେଉଛି... ଆକ୍ସିସ୍ ବ୍ଲୁ ଚିପ୍ ଫଣ୍ଡ, ଆଇସିଆଇସିଆଇ ପ୍ରୋ ବ୍ଲୁ ଚିପ୍ ଫଣ୍ଡ ଏସବିଆଇ ବ୍ଲୁ ଚିପ୍ ଫଣ୍ଡ, କୋଟାକ୍ ବ୍ଲୁ ଚିପ୍ ଫଣ୍ଡ କିମ୍ବା ଫ୍ରାଙ୍କଲିନ୍ ବ୍ଲୁ ଚିପ୍ ଫଣ୍ଡ।

**ଏଥିରେ ବିନିଯୋଗରେ ରିସ୍କ କମ୍**



ବ୍ଲୁ ଚିପ୍ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ଗୁଡିକ ପାଇଁ ନିବେଶକଙ୍କଠାରୁ ଉଠାଯାଇଥିବା ଅର୍ଥ ପରିମାଣର ଅତିକମ୍‌ରେ ୮୦ ପ୍ରତିଶତ ଶ୍ରେଷ୍ଠ ୧୦୦ କମ୍ପାନୀରେ ବିନିଯୋଗ କରିବା ଆବଶ୍ୟକ। ବିଶ୍ୱାସ କରାଯାଏ ଯେ ସେମାନଙ୍କ ସେୟାରରେ ବୃଦ୍ଧି ହ୍ରାସ ବହୁତ କମ୍ ରହିଥାଏ, ତେଣୁ ସେଥିରେ ଅର୍ଥ ବିନିଯୋଗ କରି କ୍ଷତି ହେବାର ସମ୍ଭାବନା ଖୁବ୍ କମ୍।

### ■ କମ୍ ରିସ୍କ ଆଉ ଭଲ ରିଟର୍ଣ୍ଣ

ବ୍ଲୁ ଚିପ୍ କମ୍ପାନୀଗୁଡିକ ହେଉଛି ସେହି କମ୍ପାନୀଗୁଡିକ ଯେଉଁଗୁଡିକ ଆକାରରେ ବହୁତ ବଡ ଏବଂ ଯାହାର ଆର୍ଥିକ ସ୍ଥିତି ବେଶ ସୁଦୃଢ଼। କୁହାଯାଏ ଯେ, ବ୍ଲୁ ଚିପ୍ କମ୍ପାନୀଗୁଡିକର ସେୟାରରେ ପରିବର୍ତ୍ତନ ବହୁତ କମ୍। ତେଣୁ ବିଶେଷକରି ଦୀର୍ଘ ସମୟ ମଧ୍ୟରେ ସେଥିରେ ଟଙ୍କା ବିନିଯୋଗ କରି କ୍ଷତି ହେବାର ସମ୍ଭାବନା କମ୍ ରହିଛି। ଯେଉଁମାନେ କମ୍ ରିସ୍କ ସହିତ ଷ୍ଟକ୍ ବଜାରରେ ଅର୍ଥ ବିନିଯୋଗ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ବ୍ଲୁ ଚିପ୍ ପାଣ୍ଠିରେ ଟଙ୍କା ବିନିଯୋଗ କରିବା ଉଚିତ୍ ହେବ। ଅତି କମ୍‌ରେ ୩ ରୁ ୫ ବର୍ଷର ସମୟକୁ ଧ୍ୟାନରେ ରଖି ଏହି ଯୋଜନାଗୁଡିକରେ ବିନିଯୋଗ କରାଯିବା ଉଚିତ୍। ତଥାପି, ସେଠାରେ କୌଣସି ଲକ୍-ଇନ୍ ଅବଧି ନାହିଁ, ତେଣୁ ଆବଶ୍ୟକ ସମୟରେ ଆପଣ ଟଙ୍କା ପ୍ରତ୍ୟାହାର କରିପାରିବେ। ସ୍ୱଳ୍ପ ସମୟ ମଧ୍ୟରେ, ଷ୍ଟକ୍ ବଜାରରେ ପରିବର୍ତ୍ତନ ଆପଣଙ୍କ ନିବେଶ ଉପରେ ଅଧିକ ପ୍ରଭାବ ପକାଇପାରେ, କିନ୍ତୁ ଦୀର୍ଘ ସମୟ ମଧ୍ୟରେ ଏହି ବିପଦ କମିଯାଏ।

## ବିଦେଶୀ ମୁଦ୍ରା ଭଣ୍ଡାରରେ ନୂଆ ରେକର୍ଡ

**ନୂଆଦିଲ୍ଲୀ,୧୩।୪(ଏଜେନ୍ସି):** କ୍ରମାଗତ ଭାବେ ସପ୍ତମ ସପ୍ତାହ ଧରି ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଧାରା ଜାରି ଲଗାତାର ବଢିଛି। ଏପ୍ରିଲ ୫ରେ ଶେଷ ହୋଇଥିବା ସପ୍ତାହରେ ୨.୮ ୯ ବିଲିୟନ ଡଲାର ବୃଦ୍ଧି ସହ ଏହା ୬୪୮.୫୬ ବିଲିୟନ ଡଲାରରେ ପହଞ୍ଚିଛି। ଏହାସହ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ନୂଆ ଶୀର୍ଷ ଛୁଇଁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଏହି ସୂଚନା ଦେଇଛି। ଏହା ପୂର୍ବରୁ ମାର୍ଚ୍ଚ ୨୯ରେ ଶେଷ ହୋଇଥିବା ସପ୍ତାହରେ ଏହା ୨.୯୫୧ ବିଲିୟନ ଡଲାର ବଢି ୬୪୫.୫୮୩ ବିଲିୟନ ଡଲାରରେ ପହଞ୍ଚିଥିଲା। ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁସାରେ ଏପ୍ରିଲ ୫ରେ ଶେଷ ହୋଇଥିବା ସପ୍ତାହରେ ମୁଦ୍ରା ଭଣ୍ଡାରର ଗୁରୁତ୍ୱପୂର୍ଣ୍ଣ ଅଂଶ ଥିବା ବିଦେଶୀ ମୁଦ୍ରା ସମ୍ପତ୍ତି (ଏଫସିଏ) ୫୪.୯ କୋଟି ଡଲାର ବଢି ୫୭୧.୧୭ ବିଲିୟନ ଡଲାର ହୋଇଛି। ଏହା ବ୍ୟତୀତ ସୁନା ରିଜର୍ଭ ୨.୪ ବିଲିୟନ ଡଲାର ବଢି ୫୪.୫ ବିଲିୟନ ଡଲାର ହୋଇଛି। ସେହିପରି ଏସଡିଆର ୨.୪ କୋଟି ଡଲାର ବୃଦ୍ଧି ସହ ୧୮.୨ ବିଲିୟନ ଡଲାର ହୋଇଛି। ଗତ ସପ୍ତାହରେ ଅନ୍ତରାଷ୍ଟ୍ରୀୟ ମୁଦ୍ରାପାଣ୍ଠି ନିକଟରେ ଭାରତ ଜମା ୦.୯ କୋଟି ଡଲାର ବଢି ୪.୬୬ ବିଲିୟନ ଡଲାର ରହିଥିଲା।




**୬୪୮ ବିଲିୟନ ଡଲାର ଟପିଲା**

### ୫୦ ହଜାରରୁ ଊର୍ଦ୍ଧ୍ୱ ଚାରା ଛାରଖାର

# ବନପାଳ ଓ ବନରକ୍ଷୀଙ୍କ ଭୁଲକୁ ଘୋଡ଼ାଇଲେ ଡିଏଫ୍‌ଓ

- ଡିଏଫ୍‌ଓଙ୍କ କ୍ୱାର୍ଟର ପାଇଁ ବଳି ପଡ଼ିଲା ଚାରା
- ନୟାଗଡ଼ ବନବିଭାଗରେ 'ମେରିରାୟ ନୀତି'
- ୩ ଜଣ ଶ୍ରମିକଙ୍କୁ କାର୍ଯ୍ୟରୁ ବାହାର କଲେ





ନୟାଗଡ଼, ୧୩।୪(ସମିସ): ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ କ୍ୱାର୍ଟର ନିର୍ମାଣ ପାଇଁ ସ୍ଥାନାନ୍ତରିତ ହୋଇଥିବା ନର୍ସରୀ ଉଜୁଡି ଯାଇଛି। ବନକର୍ମଚାରୀମାନେ ଏହାକୁ ନଷ୍ଟ କରି ୫୦ ହଜାର ଚାରା ଫିଙ୍ଗି ଦେବାକୁ ଉଦ୍ୟମ କରୁଥିବା ବେଳେ ଘଟଣା ସମ୍ନାକୁ ଆସିଛି। ଯେଉଁ ଚାରା ଏକ ବଡ଼ ଜଙ୍ଗଲ ସୃଷ୍ଟି କରିଥାନ୍ତା। ତାହାକୁ ହାଣି, କାଟି ଫିଙ୍ଗି ଦିଆଯାଉଥିବା ଦେଖାଯାଇଛି। କିଛିମାସ ତଳେ ନୟାଗଡ଼ ବନାଞ୍ଚଳ ଅନ୍ତର୍ଗତ ମୁକ୍ତାପୁର ନର୍ସରୀରୁ ଲକ୍ଷାଧିକ ଚାରାକୁ ବାରପଲ୍ଲା ନର୍ସରୀକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଚାରାକୁ ସଠିକ ଭାବେ ରକ୍ଷଣାବେକ୍ଷଣ କରାଯାଉନଥିଲା। ଶୁକ୍ରବାର ସକାଳୁ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ଲଗାଇ ଚାରା ସବୁକୁ କାଟି କୁଟି ଫିଙ୍ଗି ଦେବାକୁ ଉଦ୍ୟମ ଚାଲିଥିବା ବେଳେ ଘଟଣା ସାମ୍ନାକୁ ଆସିଥିଲା। ବାରପଲ୍ଲା ନର୍ସରୀରେ ଲକ୍ଷାଧିକ ଚାରା ରହିଥିବା ବେଳେ ୫୦ ହଜାରରୁ ଊର୍ଦ୍ଧ୍ୱ ଚାରା ମରି ସାରିଛି। ସ୍ଥାନାନ୍ତରଣ ପରେ ଆବଶ୍ୟକୀୟ ରକ୍ଷଣାବେକ୍ଷଣ, ଜଳାଭାବ ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସିଧାସଳଖ କହିବାକୁ ଗଲେ ନୟାଗଡ଼ ଡିଏଫ୍‌ଓଙ୍କ ଅୟସ ପାଇଁ ନିର୍ମାଣ କରାଯାଇଥିବା ଆଲିସାନ ବଙ୍ଗଳା ପାଇଁ ଲକ୍ଷାଧିକ ଚାରାକୁ ବଳି ପକା ଯାଇଛି।

କାମ କରୁଥିବା ଶ୍ରମିକଙ୍କଠାରୁ ମିଳିଥିବା ସୂଚନାନୁସାରେ, ମାସେ ହେଲା ଉକ୍ତ ଚାରାକୁ ପାଣି ଯୋଗାଇ ଦେବା ବ୍ୟବସ୍ଥା ବନ୍ଦ ହୋଇଥିଲା। ମଟର ଖରାପ ହୋଇଯିବାରୁ ପାଣି ନପାଇ ଗଛ ସବୁ ନଷ୍ଟ ହୋଇଯାଇଥିଲା। ମରି ଯାଇଥିବା ଗଛକୁ କାଟି ସଫା କରି ଦେବା ପାଇଁ ଆମକୁ ନିୟୋଜିତ କରାଯାଇଥିବା ଶ୍ରମିକମାନେ କହିଥିଲେ। ଶ୍ରମିକମାନେ ଆଜି ମରି ଯାଇଥିବ ଗଛକୁ କାଟି ଦୋଳା ସାହାଯ୍ୟରେ ନର୍ସରୀ ବାହାରକୁ ନେଇ ଫିଙ୍ଗି ଦେଇଥିଲେ। ଉକ୍ତ ନର୍ସରୀ ଦାୟିତ୍ୱରେ ରହିଥିବା ବନରକ୍ଷୀ ଏବଂ ବନପାଳଙ୍କ ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଚାରା ରକ୍ଷଣାବେକ୍ଷଣ ଆଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ଚାରା ଉତ୍ପାଦନ ପାଇଁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ଏହାର ସଠିକ ଉପଯୋଗ କରାଯିବା ବଦଳରେ କାହିଁକି ଛାରଖାର କରାଯାଇଛି, ତାକୁ ନେଇ ପ୍ରଶ୍ନ ଉଠିଛି। ଏହି ନର୍ସରୀକୁ ଛାରଖାର କରି ନୂତନ ନର୍ସରୀ ନିର୍ମାଣ କରାଯିବାକୁ ଉଦ୍ଦେଶ୍ୟ ରଖାଯାଇଥିବା ବେଳେ ସରକାରୀ ଅର୍ଥର ବାଟମାରଣା କରାଯିବାକୁ ସୁନିଶ୍ଚିତ ଷଡ଼ଯନ୍ତ୍ର କରାଯାଇଛି। ଏନେଇ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କୁ ଅବଗତ କରାଯିବା ପରେ ସେ ପ୍ରଥମେ ଘଟଣାର ଅନୁଧ୍ୟାନ କରିବେ ବୋଲି କହିଥିଲେ। ସେ ଘଟଣାର ଅନୁଧ୍ୟାନ କରି ୭୨ଟି ଚାରା ନଷ୍ଟ ହୋଇଥିବା ଏବଂ କାମରେ ନିୟୋଜିତ ୩ ଜଣ ଶ୍ରମିକଙ୍କୁ କାର୍ଯ୍ୟରୁ ବାହାର କରି ଦେଇଥିବା କହିଥିଲେ। ଚାରା ନଷ୍ଟ ହେବା ଘଟଣାରେ ଶ୍ରମିକଙ୍କୁ କାହିଁକି ବାହାର କରାଗଲା ତାହା ବୁଝା ପଡୁନି। ଶ୍ରମିକଙ୍କୁ ନିୟୋଜିତ କରିଥିବା ବନପାଳ ଓ ବନରକ୍ଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଶ୍ରମିକଙ୍କୁ ବାହାର କରି ଡିଏଫ୍‌ଓ ବାହାବା ନେବାକୁ ଚେଷ୍ଟା କରୁଥିବା ଆଲୋଚନା ହେଉଛି। ବନପାଳ ଓ ବନରକ୍ଷୀଙ୍କ ଭୁଲକୁ ଘୋଡ଼ାଇବା ପାଇଁ ଡିଏଫ୍‌ଓ ଚେଷ୍ଟା କରୁଥିବା ବେଳେ ମୃତ୍ୟୁ ଘଟିଥିବା ୫୦ ହଜାର ଚାରା ପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠିଛି। ଏହି ଘଟଣାରେ ନୟାଗଡ଼ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ବିଶ୍ୱାଳଙ୍କ ବାରପଲ୍ଲା ନର୍ସରୀକୁ ଯାଇ ଛାନଭିନ୍ କରିଥିବା ସୂଚନା ମିଳିଥିବା ବେଳେ ବନାଞ୍ଚଳ ଅଧିକାରୀ ମଧ୍ୟ ସମାନ ଭାବେ ଦାୟୀ ବୋଲି ଆଲୋଚନା ହେଉଛି। ବନାଞ୍ଚଳ ଅଧିକାରୀ ଏବଂ ବନପାଳ ଶୁଭେନ୍ଦୁ କୁମାର ନାୟକଙ୍କ ଦୂରଦୃଷ୍ଟି ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଆଲୋଚନା ହେଉଛି। ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ସମ୍ପୃକ୍ତ ବନକର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

### ● କଳା ପଲସରରେ ଆସି ଦମ୍ପତିଙ୍କଠାରୁ ଲୁଟ୍ ଘଟଣା

## ୨୪ ଘଣ୍ଟା ମଧ୍ୟରେ ୩ ଅଭିଯୁକ୍ତ ଗିରଫ



■ ଟଙ୍କା, ସୁନା, ମୋବାଇଲ୍ ଓ ବାଇକ୍ ଜବତ

ନୟାଗଡ଼, ୧୩।୪(ସମିସ): କଳା ପଲସରରେ ଆସି ଦମ୍ପତିଙ୍କଠାରୁ ଲୁଟ୍ ଘଟଣାରେ ନୟାଗଡ଼ ଟାଉନଥାନା ପୁଲିସ ୩ ଜଣ ଲୁଟେରାଙ୍କୁ ଗିରଫ କରିଛି। ପୁଲିସ ଇଟାମାଟି ଏକଡାଳିଆସାହିର ସୁଦର୍ଶନ ବେହେରାଙ୍କ ପୁଅ ଚନ୍ଦନ ବେହେରା, ଇଟାମାଟି ଜଗନ୍ନାଥସାହିର ସୁରେନ୍ଦ୍ର ସେଠୀଙ୍କ ପୁଅ ଶିବା ସେଠୀ ଓ ଇଟାମାଟି ବଡ଼ ହରିଜନ ସାହିର ଦୀନବନ୍ଧୁ ଘଡେଇଙ୍କ ପୁଅ ତରୁଣ ଘଡେଇଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କଠାରୁ ଏକ ପଲ୍‌ସର ବାଇକ୍, ଭ୍ୟାନିଟି ବ୍ୟାଗ୍, ମୋବାଇଲ, ସୁନା ଗହଣା ଓ ୧୦ ହଜାର ଟଙ୍କାକୁ ପୁଲିସ ଜବତ କରିଛି। ଇଟାମାଟି ଥାନା ଭୁତଡି ଗ୍ରାମର ଶରତ କୁମାର ପ୍ରଧାନ ଓ ତାଙ୍କ ସ୍ତ୍ରୀ ରଶ୍ମିତା ପ୍ରଧାନ ନୂଆଗାଁ ଥୁଆବାରି ଗ୍ରାମକୁ ଗତ ୧୧ ତାରିଖ ଅପରାହ୍ନରେ ବାଇକ୍ ସାହାଯ୍ୟରେ ଯାଉଥିଲେ। କଳା ପଲ୍ସରରେ ଆସି ୩ ଜଣ ଲୁଟେରା ତୁଳସୀପୁର ସିମେଣ୍ଟ ଗୋଦାମଠାରେ ପଛପଟୁ ଆକ୍ରମଣ କରି ଲୁଟ୍ କରିଥିଲେ। ପତି ପତ୍ନୀ ଉଭୟ ତଳେ ପଡ଼ି ଯାଇଥିବା ବେଳେ ତାଙ୍କଠାରୁ ଏକ ଭ୍ୟାନିଟ୍ ବ୍ୟାଗ୍, ଏକ ମୋବାଇଲ, ଭ୍ୟାନିଟ୍‌ରେ ଥିବା ୧୦ ହଜାର ଟଙ୍କା ଓ ସୁନା ଗହଣାକୁ ଲୁଟ୍ କରି ମହିପୁର ଆଡେ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଲୁଟ୍‌ର ଶିକାର ହୋଇଥିବା ଶରତ କୁମାର ପ୍ରଧାନ ନୟାଗଡ଼ ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ। ନୟାଗଡ଼ ଟାଉନ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ନୟାଗଡ଼ ଟାଉନ ଥାନା ଏସଆଇ ଶିବାରଞ୍ଜନ ସିଂଙ୍କା ଏହି ମାମଲାର ତଦନ୍ତ ଭାର ନେଇ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ୩ ଜଣ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ନିୟମିତ ଭାବେ ଲୁଟ ତରାଜ କରୁଥିବା ବେଳେ ବିଭିନ୍ନ ଥାନାରେ ତାଙ୍କ ନାମରେ ମାମଲା ରହିଥିବା ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

## ସଂସ୍କୃତ ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଓଡ଼ଗାଁ, ୧୩।୪(ସମିସ): ରଘୁନାଥ ସମବାୟ ମହାବିଦ୍ୟାଳୟରେ +୩ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ମୋହନ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଣ୍ଟିଲୋ କଲେଜ ସଂସ୍କୃତ ବିଭାଗ ଅଧ୍ୟାପକ ମାନସ କୁମାର ଆଚାର୍ଯ୍ୟ, ଖଣ୍ଡପଡ଼ାର ପ୍ରଖ୍ୟାତ କଥାକାର ମନୋଜ ଦାସ ଯୋଗଦେଇ ସଂସ୍କୃତ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ହିଁ ସ୍ଖଳିତ ଆଧୁନିକ ସମାଜରେ ସଂସ୍କାର ଆଣିବାର କର୍ଣ୍ଣଧାର ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରସନ୍ନ ଦାଶ, ଇତିହାସ ବିଭାଗ ବିଭାଗୀୟ ମୁଖ୍ୟ ନିରୋଜ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପକ ବିପିନ ମହାପାତ୍ର, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

### ନୟାଗଡ଼ ରକ୍ତ ଭଣ୍ଡାରରେ ବ୍ୟାପକ ଅବ୍ୟବସ୍ଥା

## ଲୋକଙ୍କୁ ମିଳୁନି; ବାହାରେ ଫିଙ୍ଗା ଯାଉଛି






ରକ୍ତ ଅଭାବ ପାଇଁ ସୃଷ୍ଟି ହେଉଛି ସମସ୍ୟା

ନୟାଗଡ଼, ୧୩।୪(ସମିସ): ନୟାଗଡ଼ରେ ରକ୍ତ ଅଭାବ ପାଇଁ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଥାଲାସେମିଆ ରୋଗୀ ଏବଂ ଜରୁରୀକାଳୀନ ଚିକିତ୍ସା ପାଇଁ ରୋଗୀଙ୍କୁ ରକ୍ତ ମିଳୁନଥିବା ବେଳେ କ୍ୟାମ୍ପରୁ ଆସୁଥିବା ହଜାର ହଜାର ପ୍ୟାକେଟ୍ ରକ୍ତର ହିସାବ ମିଳୁନି। ବର୍ଷକୁ ଆବଶ୍ୟକତାଠାରୁ ଅଧିକ ପରିମାଣର ରକ୍ତ ସଂଗ୍ରହ ହେଉଥିବା ବେଳେ ରୋଗୀଙ୍କୁ ସଠିକ ସମୟରେ ନମିଳିବା ଚିନ୍ତା ଓ ପରିତାପର ବିଷୟ ପାଲଟିଛି। ରକ୍ତ ଭଣ୍ଡାର ପରିଚାଳନାରେ ନାନାଦି ସମସ୍ୟା ରହିଥିବା ଏବଂ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହୁନଥିବା ଅଭିଯୋଗ ହେଉଥିବା ବେଳେ ଆଜି ସକାଳୁ ରକ୍ତ ଭଣ୍ଡାର ସମ୍ମୁଖ ଏକ କୋଣରେ ରକ୍ତ ପ୍ୟାକେଟ୍ ଫିଙ୍ଗା ଯାଇଥିବା ଅଭିଯୋଗ ହୋଇଛି। ଓ-ପଜିଟିଭ୍ ବ୍ଲଡ ଗ୍ରୁପ୍‌ର ଏହି ରକ୍ତ ପ୍ୟାକେଟ୍ ଗତ ୧୦ ତାରିଖରେ ସଂଗୃହୀତ ହୋଇଥିବା ବେଳେ ଏହାକୁ ମେ ୧୩ ତାରିଖ ପୂର୍ବରୁ ବ୍ୟବହାର କରିବା ପାଇଁ ପ୍ୟାକେଟ ଉପରେ ସ୍ଥିରୀକୃତ ହୋଇଛି। କିଏ ଏହି ରକ୍ତ ପ୍ୟାକେଟ୍ ଫିଙ୍ଗିଛି ଏବଂ କାରଣ କଣ ତାକୁ ନେଇ ନାନାଦି ପ୍ରଶ୍ନ ସୃଷ୍ଟି ହୋଇଛି। କୌଣସି କର୍ମଚାରୀ ଏଭଳି ଦୁଃସାହାସ କରିଛନ୍ତି; ନା ରୋଗୀ ସମ୍ପର୍କୀୟ ଏଭଳି କାର୍ଯ୍ୟ କରିଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ସଠିକ ସନ୍ଧାନ ହୋଇ ପାରିନାହିଁ। ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡା. ଅଜୟ କୁମାର ବାହିନୀପତିଙ୍କୁ ପଚାରିବାରେ, ଏହା ଏକ ଚକ୍ରାନ୍ତ ବୋଲି କହିଛନ୍ତି। ରକ୍ତ ଭଣ୍ଡାରକୁ ବଦନାମ କରିବା ପାଇଁ କେହି ଷଡ଼ଯନ୍ତ୍ର କରୁଛି ବୋଲି କହିଛନ୍ତି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ରକ୍ତ ଭଣ୍ଡାର ନିକଟରେ ସର୍ବଦା ସୁରକ୍ଷା କର୍ମଚାରୀ ଉପସ୍ଥିତ ରହୁଥିବା ବେଳେ କିଏ ରକ୍ତ ଫୋପାଡ଼ିଲା ତାହା ଜଣାପଡ଼ିନାହିଁ। ରକ୍ତ ଅତ୍ୟନ୍ତ ମୂଲ୍ୟବାନ ହୋଇଥିବା ବେଳେ ଏହାକୁ ନଷ୍ଟ କରାଯିବା ପରିଚାଳକଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଓ ଡାକ୍ତରଙ୍କ ମଧ୍ୟରେ ତାଳମେଳ ରହୁନଥିବା, କର୍ମଚାରୀ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହୁନଥିବା ବେଳେ ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ମେରୁ ଉତ୍ସବ: କଣ୍ଟାରେ ଗଡ଼ିଲେ ପାଟଦଣ୍ଡୁଆ



ଭାପୁର, ୧୩।୪(ସମିସ): ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତିରେ ଝାମୁଯାତ୍ରା ଆୟୋଜିତ ହୋଇଛି। ଶନିବାର ମେରୁପର୍ବ ଉପଲକ୍ଷେ ବିଜିପୁର, ଫତେଗଡ଼ ଗ୍ରାମରେ କଣ୍ଟାରେ ଗଡ଼ିବା ସହ ଚକ୍ରଧରପ୍ରସାଦ ଗ୍ରାମରେ ପାଟ ଦଣ୍ଡୁଆଙ୍କ ଶିଙ୍କୁଳି ଛିଣ୍ଡା କାର୍ଯ୍ୟ ଦେଖିବାକୁ ହଜାର ହଜାର ଭକ୍ତ ଏକତ୍ରିତ ହୋଇଥିଲେ। ଚକ୍ରଧରପ୍ରସାଦ ଗ୍ରାମରେ ଝାମୁ ଉପଲକ୍ଷେ ସାତଦିନ ବ୍ୟାପୀ ମହୋତ୍ସବ ପାଳନ ହେଉଛି। ଗ୍ରାମ ସଭାପତି କାଳନ୍ଦି ଚରଣ ନାଥ ଓ ସମ୍ପାଦକ ରାମଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ମହୋତ୍ସବରେ ଶନିବାର ମେରୁ ଉପଲକ୍ଷେ ଗ୍ରାମର ଆରାଧ୍ୟ ଦେବତା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ପାଟଦଣ୍ଡୁଆ ଅରକ୍ଷୀତ ବଳିୟାରସିଂହ ଓ ସୁରେଶ ଫତେସିଂହ ଶିଙ୍କୁଳି ଛିଡ଼ା କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଫତେଗଡ଼ କାଳିକା ମନ୍ଦିର ସମ୍ମୁଖରେ ପାଟଦଣ୍ଡୁଆ ଚତୁର୍ଭୁଜ ଜେନା ଓ ପାଟଦଣ୍ଡୁଆ ରାଜ ସ୍ୱାଇଁ, ରାଉତ ଦୁହୁରି, ଭରତ ଦୁହୁରି, ଲକ୍ଷ୍ମୀଧର ଦୁହୁରି, ବୈକୁଣ୍ଠ ନାଥ ସ୍ୱାଇଁଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ବେତ କଣ୍ଟାରେ ଗଡ଼ିଥିଲେ। ବିଜିପୁର କାଳିକା ସାହିରେ ଦିନ ଦୁଇଟା ସମୟରେ ପାଟଦଣ୍ଡୁଆ ବିଜୟ ପରିଡ଼ା, ବାବୁ ଦାସ ଓ ଜୟଦେବ ରାଉତଙ୍କ ସହ ସମସ୍ତ ଦଣ୍ଡୁଆମାନେ ଭଇଚ କଣ୍ଟା ଉପରେ ଗଡ଼ିଥିଲେ।

## ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ



ନୟାଗଡ଼, ୧୩।୪(ସମିସ): ଗାନ୍ଧୀଜୀଙ୍କୁ ଗୋପବନ୍ଧୁଙ୍କ ସମ୍ପର୍କରେ ଜଣାଇବା ମୂଳରେ ଯେଉଁ ଓଡ଼ିଆ ଥିଲେ ସେ ହେଉଛନ୍ତି ଗାନ୍ଧୀବାଦୀ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର। ଓଡ଼ିଶାର ମହାନାୟକ ଗାନ୍ଧୀଙ୍କ ପ୍ରିୟ ଓଡ଼ିଆ ପୂଜ୍ୟ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଆଜି ନୟାଗଡ଼ସ୍ଥିତ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ପୂଜ୍ୟପୂଜା କମିଟି, ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ, ରୋଟାରୀ କ୍ଲବ୍, ଭାରତ ବିକାଶ ପରିଷଦ, ସମର୍ପଣ, ୟୁନିଟେକ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ, ମୈତ୍ରୀ ଯୁବ ସଂସଦ ଆଦି ବହୁ ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଧୂପ ଓ ପୁଷ୍ପମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ଥିଲେ ସ୍ୱାଧୀନତା ସଂଗ୍ରାମର ଏକ ଅନିର୍ବାଣ ଅଗ୍ନିଶିଖା ବୋଲି କହିବା ସହିତ ଅଧୁନା ଛାତ୍ରଛାତ୍ରୀମାନେ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୀବନୀ ବିଷୟରେ ପଢ଼ିବା ଆବଶ୍ୟକ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦର ସଭାପତି ପ୍ରସନ୍ନ କୁମାର ପଣ୍ଡା ଯୋଗଦେଇ ପୂଜ୍ୟ ବିପ୍ଳବୀଙ୍କର ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ରଥ, ରୋଟାରୀ କ୍ଲବ ଅଧ୍ୟକ୍ଷ ଅବଦୁଲ ଆରିଫ୍ ଖାଁ, ରୋଟାରିଆନ୍ ଜି ରଶ୍ମିରାଜ, ସମାଜସେବୀ ଅରୁଣ କୁମାର ମହାନ୍ତି, ଅନାଦି ଚରଣ ମହାନ୍ତି, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ କୁମାର ପୃଷ୍ଟି, ସନ୍ତୋଷ କୁମାର ନାୟକ, ସମାଜସେବୀ ଦାମୋଦର ସାହୁଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ସେବାବ୍ରତୀ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପିଲାଚୋର ଭାବି ମାନସିକ ଭିନ୍ନକ୍ଷମଙ୍କୁ ନିସ୍ତୁକ ମାଡ଼

ଭାପୁର, ୧୩।୪(ସମିସ): ନୟାଗଡ଼ ଜିଲ୍ଲା ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ପିଲାଚୋର ଗୁଜବ ବ୍ୟାପିବାରେ ଲାଗିଛି। ଅନେକ ସ୍ଥାନରେ ଭିକାରୀ, ଅଜଣା ବ୍ୟକ୍ତି ଓ ମାନସିକ ଭିନ୍ନକ୍ଷମମାନେ ଜନସାଧାରଣଙ୍କ ରୋଷର ଶିକାର ହେଉଛନ୍ତି। ଶନିବାର ଅପରାହ୍ନରେ ଭାପୁର ବ୍ଲକ ଜାମୁସାହି ଗ୍ରାମରେ ଜଣେ ମାନସିକ ଭିନ୍ନକ୍ଷମଙ୍କୁ ଜନସାଧାରଣ ପିଲାଚୋର ଭାବି ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଥିଲେ। ଖବରପାଇ ଫତେଗଡ଼ ପୁଲିସ ଘଟଣାସ୍ଥଳରେପହଞ୍ଚିତାଙ୍କୁଉଦ୍ଧାରକରିଭାପୁରଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏହି ବ୍ୟକ୍ତି ଜଣଙ୍କ ହେଲେ ଖଣ୍ଡପଡ଼ା ଏନ୍‌ଏସି ଇଛାପୁର ଗ୍ରାମର ତୋଫାନ ନାୟକ। ଖବରପାଇ ତୋଫାନଙ୍କ ପରିବାର ଲୋକ ଫତେଗଡ଼ ଥାନାରେ ପହଞ୍ଚି ତାଙ୍କୁ ଘରକୁ ନେଇଛନ୍ତି।

### କୁଆଁରିଆ ସେତୁ ଭୁଶୁଡ଼ିବାକୁ ବିତିଲାଣି ୯ ମାସ

# ଯାତାୟାତରେ ସମସ୍ୟା; ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ

ନିଘୋଡ଼ ନିଦ୍ରାରେ ପୂର୍ତ୍ତ ବିଭାଗ



ଖଣ୍ଡପଡ଼ା, ୧୩।୪(ସମିସ): ଦିନେ ନୁହେଁ କି ମାସେ ନୁହେଁ। ଦୀର୍ଘ ୯ ମାସ ହେବ ଭାଙ୍ଗି ପଡ଼ିଛି କୁଆଁରିଆ ସେତୁ। ପ୍ରଶାସନିକ ଉଦାସିନତା ଯୋଗୁଁ ସେତୁ ନିର୍ମାଣ ପାଇଁ ନା ପଦକ୍ଷେପ ନିଆଯାଉଛି ନା ବିକଳ୍ପ ବ୍ୟବସ୍ଥା କରାଯାଇଛି। ଫଳରେ ଖଣ୍ଡପଡ଼ା ବ୍ଲକ ଅଧୀନ କୋସ୍କା, କୁମ୍ଭାରପଡ଼ା, ରୟତ ଡୋଳମରା, ବଳଭଦ୍ରପ୍ରସାଦ, କିଆଝର ଆଦି ପଞ୍ଚାୟତର ଜନପ୍ରତିନିଧି ଓ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି ଶୀଘ୍ର ଟେଣ୍ଡର ପାଇଁ ପଦକ୍ଷେପ ନିଆନଗଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ବ୍ଲକ ଅଧୀନ କୋସକାରୁ ଆଡ଼କଟାକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାରେ କୁମ୍ଭାରପଡ଼ା ପଞ୍ଚାୟତ ଜାକେଲା ଗ୍ରାମ ନିକଟରେ ଥିବା କୁଆଁରିଆ ସେତୁ ଗତବର୍ଷ ଅଗଷ୍ଟ ମାସରେ ଭୁଶୁଡ଼ି ପଡ଼ିଥିବା ବେଳେ ଘଟଣାକୁ ପ୍ରାୟ ୯ ମାସ ବିତିଲାଣି। ତେବେ ବିପଦପୂର୍ଣ୍ଣ ଏହି ଭଙ୍ଗା ସେତୁ ଉପରେ ଏବେ ବି ବାଇକ୍ ଓ ସାଇକେଲ ଆରୋହୀ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଚାରିଚକିଆ ଯାନବାହନ ନ ଯିବା ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ମାଟି ଗଦା କରାଯିବା ସହ ରାସ୍ତାକୁ ଏକରକମ ବନ୍ଦ କରାଯାଇଥିବା ବେଳେ କିନ୍ତୁ ବାଇକ୍ ଓ ସାଇକେଲ ଆରୋହୀ ବୁଲାଣି ରାସ୍ତାକୁ ପସନ୍ଦ ନ କରି ବିପଦପୂର୍ଣ୍ଣ ସେତୁ ଦେଇ ଯାଆସ କରୁଛନ୍ତି। ଅନ୍ୟପକ୍ଷରେ ବିକଳ୍ପ ବ୍ୟବସ୍ଥା ଆଶାରେ ଏବେ ଅଞ୍ଚଳବାସୀ ଦିନ ଗଣୁଥିବା ନେଇ ଅଭିଯୋଗ ହୋଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ପକ୍ଷରୁ ସେତୁ ନିମନ୍ତେ ଡିଜାଇନ ଓ ଏଷ୍ଟିମେଟ ସହ ଦୀର୍ଘଦିନ ଧରି ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଟେଣ୍ଡର ହୋଇପାରିନାହିଁ। ପୂର୍ତ୍ତବିଭାଗ ରାସ୍ତାରେ ଜାକେଲା ଗ୍ରାମ ନିକଟରେ ଥିବା ଏହି ସେତୁ ଉପରେ ପଡ଼ୋଶୀ ଗଣିଆ ବ୍ଲକ ସମେତ ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ବଳଭଦ୍ରପ୍ରସାଦ, କୋସ୍କା ଓ ରୟତ ଡୋଳମରା, କିଆଝର ଆଦି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭରଶୀଳ। ମାତ୍ର ଗତ ଅଗଷ୍ଟ ମାସରେ କୁଆଁରିଆ ନଦୀରେ ପ୍ରବଳ ବନ୍ୟା ସୃଷ୍ଟି ହେବା ସହିତ ଦୀର୍ଘଦିନର ଏହି ସେତୁଟି ଭାଙ୍ଗିପଡ଼ିବା ସହ ପ୍ରାୟ ୯ ମାସ ହେବ ଯାତାୟାତ ବନ୍ଦ ରହିଛି। ଫଳରେ ଖଣ୍ଡପଡ଼ା ପଟରୁ ଆଡକଟା ଯିବାକୁ ହେଲେ ଶରଧାପୁର ବ୍ରିଜ୍ ବାଟ ଭାୟା ଡୋଳମରା ଦେଇ ଯାତାୟାତ କରୁଛନ୍ତି ଚାରିଚକିଆ ଯାନ ସହ ଯାତ୍ରୀବାହୀ ବସ୍। ତେବେ ଆସନ୍ତା ୩ ମାସ ମଧ୍ୟରେ ଯଦି ଏହି କାର୍ଯ୍ୟ ନ ହୁଏ ତେବେ ପୁଣି ଏକବର୍ଷ ଅପେକ୍ଷା କରିବାକୁ ପଡ଼ିବ। କାରଣ ବର୍ଷାଋତୁ ଆସିଲେ ପ୍ରାୟ ୫ ମାସ ଉକ୍ତ ଅଞ୍ଚଳରେ ବନ୍ୟା ପରିସ୍ଥିତି ଓ କୁଆଁରିଆ ନଦୀର ଜଳସ୍ତର ସେତୁ ନିର୍ମାଣ ଦିଗରେ ବାଧକ ସାଜିବ।

ଉଲ୍ଲେଖଯୋଗ୍ୟ ଯେ ୧୯୮୧ ମସିହାରେ ଏହି ସେତୁ ନିର୍ମାଣ କରାଯାଇଥିବା ବେଳେ ଏଠାରେ ନୂତନ ସେତୁ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା। ଏଥିସହିତ ସେତୁ ସଂଲଗ୍ନ ରାସ୍ତାର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ନଥିବା ଏବଂ ବିପଦପୂର୍ଣ୍ଣ ଭାବେ ଏଥିରେ ଗାଡ଼ିମୋଟର ଯାଆସ କରୁଥିବା ଅଭିଯୋଗ ମଧ୍ୟ ହେଉଥିଲା। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମିତି ସଭ୍ୟ ନରେନ୍ଦ୍ର ନାଥ ଦାଶ, ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ, ଯୁବନେତା ବୁଲୁ ଦାସ, ସୁବାସ ବେହେରା, ସମରେନ୍ଦ୍ର ମହାନ୍ତି, ନାରାୟଣ ଆଚାର୍ଯ୍ୟ, ରୟତ ଡୋଳମରା ପଞ୍ଚାୟତର ସରପଞ୍ଚ ମୁକୁତା ପରିଡ଼ା, ସମିତିସଭ୍ୟ ମାନସ କୁମାର ଦାସ, ବଳଭଦ୍ରପ୍ରସାଦ ସମିତି ସଭ୍ୟ ସସ୍ମିତା ଦାସ ଓ ସରପଞ୍ଚ ବାସୁଦେବ ନାୟକ, କୋସ୍କା ପଞ୍ଚାୟତର ସରପଞ୍ଚ ମାମୁନି ଜେନା ଏବଂ ସମିତିସଭ୍ୟ ରଞ୍ଜିତା ବେହେରା ପ୍ରମୁଖ ଦାବି କରିଛନ୍ତି।

# ଆଜି ଓଡ଼ିଆ ନବବର୍ଷ; ସବୁଠି ଉତ୍ସାହ

**ଖୋର୍ଦ୍ଧା, ୧୩।୪(ସମିସ):**

ମହା ବିଷୁବ ସଂକ୍ରାନ୍ତି ଓଡିଆ ଜାତିର ମହାନ ପର୍ବ। ଏହିଦିନ ଓଡିଆ ନବବର୍ଷ ଆରମ୍ଭ ହେଉଥିବାରୁ ନୂଆ ପାଞ୍ଜି ପ୍ରଚଳନ ହୁଏ। ବସନ୍ତରା ଘଡି କଣାରେ କୁଶ ଲଗାଇ ତୁଳସୀ ଚଉରା ଉପରେ ବାନ୍ଧିବା, ଦାଣ୍ଡରେ ପଣାପାଣି ଦେଇ ସୂର୍ଯ୍ୟଦେବଙ୍କୁ ପୂଜା କରିବା, ଦେବାଦେବୀଙ୍କ ପୀଠରେ ପୂଜାପାଠ ଦିବସର ମହତ୍ୱକୁ ପ୍ରତିପାଦିତ କରିଥାଏ। ବିବିଧ ସାମଗ୍ରୀ ମିଶ୍ରଣରେ ପ୍ରସ୍ତୁତ ବେଲପଣା, ଦହିପଣା, ଛେନାପଣା ଓ ଅବଢ଼ା ପାଣି ବଣ୍ଟନ ହୋଇଥାଏ। ସେଥିପାଇଁ ଏହି ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତି କୁହାଯାଏ। ଓଡ଼ିଶାରେ ଓଡିଆ ନବବର୍ଷ ପାଳନର ପରମ୍ପରା ଗତ କିଛିବର୍ଷ ହେବ ବେଶ ବ୍ୟାପକ ହୋଇଛି। ଏ ଦିଗରେ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଗୁଡିକର ବହୁ ଉଦ୍ୟମ ରହିଛି। ଓଡିଆ ନବବର୍ଷ ପାଳନ ସମ୍ପର୍କରେ ବିଭିନ୍ନ ବର୍ଗର ଲୋକଙ୍କ ମତାମତକୁ ନେଇ ଉପସ୍ଥାପନା

## ମାତୃଭାଷା ଓ ସ୍ୱାଭିମାନ ପାଇଁ ପିଲାଙ୍କୁ ସଚେତନ କରିବା ଆମ କର୍ତ୍ତବ୍ୟ



୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ଗଠନ ହୋଇଥିବାବେଳେ ଏହା ୬ଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା। ପରବର୍ତ୍ତି ଅବସ୍ଥାରେ ଏହାର ସଂଖ୍ୟା ୧୩ହୋଇଥିବାବେଳେ ବର୍ତ୍ତମାନ ୩୦ଛୁଇଁଲାଣି। ଓଡ଼ିଆ ଭାଷା ଓ ସଂସ୍କୃତିକୁ ନେଇ ଆମ୍ଭେମାନେ ଗର୍ବ ଅନୁଭବ କରୁଥିବାବେଳେ ଆମଭାଷା କିନ୍ତୁ ଆଗାମୀ ପିଢ଼ି ଭୁଲି ଭୁଲି ଯାଉଛନ୍ତି। ନିଜକୁ ଓଡ଼ିଆମାଟିର ପୁଅ କହିବାକୁ ଉଚିତ ମନେକରୁନଥିବା ପରିତାପର ବିଷୟ ହୋଇଥିବା ବେଳେ ଓଡ଼ିଆ ଭାଷା ଏବେ ଧିରେଧିରେ ବିଲୁପ୍ତ ହେବାର ଲାଗିଛି।କେବଳ ଭାଷା ଓ ସଂସ୍କୃତିକୁ ନେଇ ଗର୍ବ କଲେ ହେବ ନାହିଁ ବରଂ ମାତୃଭାଷା ଓ ଓଡ଼ିଶାର ସ୍ୱାଭିମାନକୁ ଉଜ୍ଜିବିତ କରିବାକୁ ହେଲେ ଆଗାମୀ ପିଢ଼ିକୁ ସଚେତନତା କରାଇବା ଆମ ମାନଙ୍କ କର୍ତବ୍ୟ। ଏଥିସହିତ ଆଧୁନିକତା ନାମରେ ଓଡିଆ ପରମ୍ପରା, ସଂସ୍କୃତି ଓ ମାତୃଭୂମିକୁ ଭୁଲିଯିବା ଠିକ ନୁହେଁ। ତେଣୁ ଓଡିଆ ନବବର୍ଷକୁ ଗୁରୁଜନଙ୍କ ଆର୍ଶିବାଦ ଏବଂ ପଣା ପିଇ ଓ ବାଣ୍ଟି ପାଳନ କରିବା ଦରକାର।

**ସଂଗ୍ରାମ କେଶରୀ ସାହୁ,**
ପୂର୍ବତନ ଅଧ୍ୟକ୍ଷ ମହିଳା ମହାବିଦ୍ୟାଳୟ, ବାଣପୁର

## ପାଶ୍ଚାତ୍ୟ ସଂସ୍କୃତି ଅପେକ୍ଷା ଓଡିଆ ନବବର୍ଷକୁ ଗୁରୁତ୍ୱ ଦେବା ଜରୁରୀ

ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଆମ ଉପରେ ପଡୁଛି। ଘର ଭିତରେ ଏବଂ ବାହାରେ ବି ପିଲାମାନେ ଏହି ସଂସ୍କୃତିକୁ ଅନୁସରଣ କରୁଛନ୍ତି। ମାତ୍ର ଏହା ବାଦ ନିଜକୁ ଜଣେ ଓଡିଆ ବୋଲି ଗର୍ବ କରିବା ଦରକାର। ମହାବିଷୁବ ସଂକ୍ରାନ୍ତିରେ ସଂକ୍ରାନ୍ତି ପୁରୁଷ ଉତରାଭିମୁଖୀ ହୋଇ ପୂର୍ବ ଦିଗକୁ ଗମନ କରନ୍ତି। ତେଣୁ ଏହି ଦିନକୁ ପବିତ୍ର ଓଡିଆ ନବବର୍ଷ ବୋଲି କୁହନ୍ତି। ଏହି ଦିନଠାରୁ ନୂତନ ପଞ୍ଜିକା ପ୍ରଚଳନ ହୁଏ। ଯାହା ମଣିଷ ଜୀବନସହ ଅଙ୍ଗାଙ୍ଗୀଭାବେ ଜଡିତ। ନବବର୍ଷ କହିଲେ ଓଡିଆ ନବବର୍ଷକୁ ବୁଝାଏ। ମୁଁ ଓ ମୋ ପରିବାର ସବୁବେଳେ ପଣା ସଂକ୍ରାନ୍ତିଙ୍କୁ ଓଡିଆ ନବବର୍ଷ ଭାବେ ପାଳନ କରିଥାଉ ଏବଂ ଆଗକୁ ମଧ୍ୟ କରିବୁ।



**ଜ୍ଞାନରଞ୍ଜନ ଦାଶ,**
ସମ୍ପାଦକ, ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜ

## ଓଡିଆ ନବବର୍ଷ ଓଡ଼ିଶାର ଏକ ମହତ୍ୱପୂର୍ଣ୍ଣ ଦିନ



ଜ୍ୟୋତିଷ ବିଜ୍ଞାନ ଅନୁଯାୟୀ ବିଧି ଅନୁସାରେ ସୂର୍ଯ୍ୟ ଏହି ଦିନରେ ମେଷ ରାଶିରେ ଗୋଚର କରନ୍ତି ଏବଂ ବିଷୁବ ରେଖାର ଉପରେ ରୁହନ୍ତି। ରାଶିଚକ୍ରର ପ୍ରଥମ ରାଶି ମେଷ ହୋଇଥିବାରୁ ଓ ସୂର୍ଯ୍ୟ ମେଷ ରାଶିରେ ଥିବାରୁ ଏହି ଦିନକୁ ଓଡିଆ ନବବର୍ଷ ରୂପେ ପାଳନ କରାଯାଇଥାଏ। ଏହା ଆଗାମୀ ମୌସୁମୀ ଜଳବାୟୁଆରମ୍ଭର ପ୍ରତୀକ ଅଟେ।

**ତପନ ନାୟକ,**
ବରିଷ୍ଠ ସାମ୍ବାଦିକ

ଆମେ ହେଉଛୁ ଓଡିଆ। ଓଡିଆ ମାନଙ୍କର ନବବର୍ଷ ହେଉଛି ବିଷୁବସଂକ୍ରାନ୍ତି ଏବଂ ଏହି ଦିନ ପଣା ଦାନ କରାଯାଉଥିବାରୁ ଏହାର ନା ମଧ ପଣା ସଂକ୍ରାନ୍ତି। ଏହି ନୂଆବର୍ଷ ପୁରୁଣା ବର୍ଷର ସମସ୍ତ ମାନଅଭିମାନ ଭୁଲିଯାଇ ନୂତନ ଚିନ୍ତାଧାର ଓ ଲକ୍ଷ୍ୟ ନେଇ ଆଗେଇ ଯିବା ପାଇଁ ପ୍ରେରଣା ଦିଏ। ନୂଆବର୍ଷରେ ପ୍ରତ୍ୟେକ ଓଡିଆ ଶପଥ ନେବା ଆମ ଓଡିଆ ଭାଷା କୁ କିପରି ବଞ୍ଚାଇବା ଓ ଓଡିଆର ସ୍ୱାଭିମାନକୁ ଆଗକୁ ଆଗେଇ ନେବା।



**ବିମଳଚନ୍ଦ୍ର ଷଡଙ୍ଗୀ,**
ସାଧାରଣ ସମ୍ପାଦକ ବରିଷ୍ଠ ନାଗରିକ ମହାସଭା ଖୋର୍ଦ୍ଧା

## ଓଡିଆ ଭାଷାକୁ ଭଲପାଅ, ଓଡିଆ କୁହ



ପ୍ରଥମତଃ ଆମେମାନେ କେତେକ ସ୍ଥାନରେ ନିଜେ ଓଡିଆ ବୋଲି ପରିଚୟ ଦେବାକୁ ପ୍ରସ୍ତୁତ ନୁହେଁ। ପିଲାଙ୍କୁ ପାଠ ପଢ଼ାଇବା ବେଳେ ଇଂରାଜୀ ମାଧ୍ୟମରେ ପଢ଼ାଉଛେ। କିନ୍ତୁ ଅନ୍ୟ ରାଜ୍ୟର ବ୍ୟକ୍ତି ଯେତେ ଶିକ୍ଷିତ ହେଲେ ବି ଇଂରାଜୀ ଭାଷା ସହିତ ସେମାନେ ତାଙ୍କ ପ୍ରାଦେଶିକ ଭାଷାକୁ ଭୁଲିନାହାନ୍ତି। ଦକ୍ଷିଣ ଭାରତୀୟମାନେ ବି ନିଜ ସଂସ୍କୃତିକୁ ଜାବୁଡି ଧରିଛନ୍ତି। ହେଲେ ଆମେ ସବୁଥିରେ କୁଣ୍ଠାବୋଧ କରୁଛେ। ଏତିକି କହିବି ପ୍ରଥମେ ନିଜକୁ ପରିବର୍ତନ କରିବା ଦରକାର। ଓଡ଼ିଶାକୁ ଭଲ ପାଇବା ସହ ଓଡିଆ କହିବା ଦରକାର। ଅଭିଭାବକମାନେ ପିଲାଙ୍କୁ ଓଡିଆ ପଢ଼ାଇବା ସହ ଓଡିଆରେ କଥା ହେବାକୁ ଗୁରୁତ୍ୱ ଦେବା ଆବଶ୍ୟକ। ରାଜ୍ୟସରକାର ଏନେଇ ବହୁ ପଦକ୍ଷେପ ନେଉଥିବାବେଳେ ମହାବିଷୁବ ସଂକ୍ରାନ୍ତି ଓଡିଆ ନବବର୍ଷଭାବେ ପାଳନ ଅବସରରେ ଆସନ୍ତୁ ଆମେ ସମସ୍ତେ ମିଶି ଓଡିଆ କହିବା ଓ ଲେଖିବାକୁ ଶପଥ ନେବା।

**ରାମଶଙ୍କର,**
ସମ୍ପାଦକ, ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା

## ଅମୃତେଶ୍ୱର ଦେବଙ୍କ ୧୫ଦୋଳ ମେଳଣ



**ବୋଲଗଡ଼, ୧୩।୪(ସମିସ):** ବୋଲଗଡ଼ ତୃତୀୟାପଡ଼ା ଠାରେ ଅମୃତେଶ୍ୱର ଦେବଙ୍କ ବାରପଲ୍ଲୀ ଦୋଳମହୋତ୍ସବ ପନ୍ଦରଦୋଳ ଯାତ୍ରାର ମେଳଣ ଉତ୍ସବ ଶୁକ୍ରବାର ବିଳମ୍ବିତ ରାତ୍ରିରେ ହୋଇଯାଇଛି। ଏହି ଦୋଳ ମହୋତ୍ସବ ବାରପଲ୍ଲୀ ଦୋଳ ମହୋତ୍ସବଭାବେ ୧୯୦୩ ମସିହାରୁ ଅନୁଷ୍ଠିତ ହୋଇଆସୁଛି। ତେବେ ୧୫ଦୋଳ ଯାତ୍ରା ପ୍ରତିବର୍ଷ ୩ଦିନ ଧରି ଆୟୋଜିତ ହେଉଛି। ପାରମ୍ପରିକ ଭାବେ ଯଥା ରୀତି ନୀତି ଅନୁସାରେ ରାଜ ଠାକୁର ଭାବେ ଖଙ୍ଗୁରିଆ ଗ୍ରାମରୁ ଶ୍ରୀ ଶ୍ରୀ ଅମୃତେଶ୍ୱର ଦେବ ଏବଂ ମନ୍ତ୍ରୀ ଠାକୁର ରୂପେ ସମ୍ଭୁ ଗ୍ରାମରେ ପୂଜା ପାଉଥିବା ବାଲୁଙ୍କେଶ୍ୱର ଦେବଙ୍କ ସମେତ ଉକ୍ତ ଦୋଳମହୋତ୍ସବ କୁ ନିମନ୍ତ୍ରିତ ହୋଇ ୩୯ଟି ଦୋଳବିମାନରେ ଦେବ ଦେବୀମାନେ ଉପବେଷ୍ଟନ ହୋଇ ପୂଜାପାଇବା ସହିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଥିଲେ। ଏହି ଦୋଳଯାତ୍ରାର ମେଳଣ ଉତ୍ସବ ଶୁକ୍ରବାର ରାତ୍ରିରେ ଅନୁଷ୍ଠିତ ହୋଇଥିଲା। ମେଳଣ ଉତ୍ସବ ବେଳର ଦୃଶ୍ୟ ଦେଖିବାକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସାମଗମ ହୋଇଥିଲା। ମେଳଣ ପରେ ଯାତ୍ରା ପଡ଼ିଆରୁ ପ୍ରଥମେ ଆସ୍ଥାନ ଠାକୁର ରାଜଠାକୁର ଅମୃତେଶ୍ୱର ଦେବ ପରେ ମନ୍ତ୍ରୀ ଠାକୁର ରୂପେ ବିଜେ କରିଥିବାଶ୍ରୀ ବାଲୁଙ୍କେଶ୍ୱରଦେବ ଏବଂ ସମସ୍ତ ନିମନ୍ତ୍ରିତ ଦେବଦେବୀମାନେ ନିଜ ନିଜ ମନ୍ଦିରକୁ ସୁସଜିତ ଦୋଳବିମାନରେ ବାହୁଡ଼ି ଯାଇଥିଲେ।

## କ୍ଲଷ୍ଟରସ୍ତରୀୟ ଖେଳଣା ପ୍ରସ୍ତୁତି କର୍ମଶାଳା




**ଖୋର୍ଦ୍ଧା, ୧୩।୪(ସମିସ):**ଖୋର୍ଦ୍ଧା ବ୍ଲକ ରାୟପୁର କ୍ଲଷ୍ଟରସ୍ତରୀୟ ଖେଳଣା ପ୍ରସ୍ତୁତି କର୍ମଶାଳା ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଳବାଇ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସ୍ୱସ୍ତିଦା ପାଲ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅମୀୟ କୁମାର ଜେନାଙ୍କ ପରିଚାଳନାରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅତି ଉଚ୍ଚକୋଟିର ହୋଇଥିଲା। ଆମ ପୂର୍ବ ସଂସ୍କୃତି କୁ କିଭଳି ଉଜ୍ଜୀବିତ କରାଯାଇପାରିବ ଓ ଆମ ସଂସ୍କୃତି ସମ୍ପନ୍ନ ସାମଗ୍ରୀ ଓ ଖେଳଣା, ଗୁଡିକ ପ୍ରସ୍ତୁତ କରାଯାଇ ଶ୍ରେଣୀଗୃହ ଶିକ୍ଷଣ କାର୍ଯ୍ୟ ରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ସହାୟକ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସଂସ୍କୃତି ପରମ୍ପରାକୁ ପୁନରୁଦ୍ଧାର କରିବା ସହିତ ଏହାକୁ ଶିକ୍ଷାର୍ଥୀମାନଙ୍କ ନିକଟରେ ପହଁଞ୍ଚାଇବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସିଆରସିସି ଅମୀୟ କୁମାର ଜେନା କହିଛନ୍ତି।କର୍ମଶାଳାରେ ସ୍ଥାନୀୟ ସମସ୍ତ ସ୍କୁଲର ୩୦ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହିତ ୫ ଜଣ ସମ୍ବଳ ଶିକ୍ଷକ ଅଂଶଗ୍ରହଣ କରିବା ସହିତ ମାଟି, କତା ଓ କାଗଜରେ ବିଭିନ୍ନ ପ୍ରକାର ଖେଳଣା ପ୍ରସ୍ତୁତ କରିଥିଲେ।

## ଶ୍ରୀଉମାମହେଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ ଉଦ୍‌ଯାପିତ



**ବାଲୁଗାଁ, ୧୩।୪(ସମିସ):** ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଉମାମହେଶ୍ୱର ଦେବଙ୍କ ପାଟଣା ସାହି ସ୍ଥିତ ସର୍ବପୁରାତନ ଗାଦିଶ୍ୱର ପୀଠରେ ଦୀର୍ଘ ୨୧ଦିନ ବ୍ୟାପି ଦଣ୍ଡ ଉତ୍ସବ ପାଳିତ ହୋଇ ଶନିବାର ଅନ୍ତିମ ଦିବସରେ ମେରୁ ପର୍ବ ଅନୁଷ୍ଠିତ ହୋଇ ଦଣ୍ଡ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ମାର୍ଚ୍ଚ ୨୪ତାରିଖ ଚୈତ୍ର ମାସ ପାପନାସିନୀ ଏକାଦଶୀ ଦିନ ଠାରୁ ପାରମ୍ପରିକ ରିତୀ ନୀତି ଅନୁଯାୟୀ ଦଣ୍ଡଠାକୁରଙ୍କୁ ଆବିର୍ଭାବ କରାଯାଇ ଦୀର୍ଘ ୨୧ଦିନ ଧରି ଶ୍ରୀଉମାମହେଶ୍ୱରଦେବ ଦଣ୍ଡ ଠାକୁର ବିଭିନ୍ନ ଗ୍ରାମ ପରିକ୍ରମା କରି ମାନସିକ ଦଣ୍ଡ, ପୂର୍ବ ନିର୍ଦ୍ଧାରିତ ଗ୍ରାମର କୋଠ ଦ୍ୱାରରେ ପାଣିତୋଳା ଉତ୍ସବ ଓ ଦଣ୍ଡକାଳୀ ପୂଜା ସହ ରାତ୍ରରେ ଦଣ୍ଡନୃତ୍ୟ ପରିବେଷଣ କରି ଅନ୍ତିମ ଦିବସରେ ମେରୁ ସକାଳେ ଗାଦିଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅପରାହ୍ନରେ ଗାଦିଶ୍ୱର ପୀଠରେ ଭଗତାମାନେ ଧୂଳି ଦଣ୍ଡ ଖେଳି ସାରିବା ପରେ ବାର ଭଗତା ଦଣ୍ଡ ଠାକୁରଙ୍କୁ ସାଙ୍ଗରେ ନେଇ କଣ୍ଟା ଶଯ୍ୟାରେ ଗଡ଼ିବା ପରେ ଅନ୍ତମ ଦିବସ ସ୍ନାନ ନିମନ୍ତେ ନିକଟସ୍ଥ ସାମନ୍ତରାପୁର ପୁଷ୍କରିଣୀକୁ ଯାଇଥିଲେ। ପରେ ବାଲୁଗାଁ ଅଞ୍ଚଳର ସାମନ୍ତରାପୁର, ଗୁଣ୍ଡୁରପୁର, ପାଟଣା ସାହି ଓ ନୂଆଗାଁ ଅଦି ଗ୍ରାମ ପରିଭ୍ରମଣ କରି ସନ୍ଧ୍ୟାରେ ଦଣ୍ଡଠାକୁରଙ୍କ ଶେଷ ପାଣିତୋଳା ଉତ୍ସବ ଅନୁଷ୍ଠିତ ହୋଇ ଗାଦିଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦଣ୍ଡ ଠାକୁର ଗାଦିଶ୍ୱର ପୀଠକୁ ଆସିବା ପରେ ସେଠାରେ ଠାକୁରଙ୍କୁ ସାଙ୍ଗରେ ନେଇ ପାଟ ଭଗତା ଅଗ୍ନି ଦଣ୍ଡ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୀଠରେ ବିଭିନ୍ନ ପୂଜାନୀତି ସମ୍ପାଦନା ସାରି ମେରୁ ଖୁଣ୍ଟ ନିକଟରେ ପୂଜା କରାଯାଇ ମାନସିକଧାରୀ ପଡ଼ିଥିବା ଅଧିଆଙ୍କୁ ଦଣ୍ଡକାଳି ଆବିର୍ଭାବ ହୋଇ ମନସ୍କାମନା ପୂରଣ ଲାଗି ବରଦାନ କରିଥିଲେ। ଭଗତା ମାନେ ପ୍ରସାଦ ସେବନ କରିବା ପରେ ରାତ୍ରରେ ଚଳିତ ବର୍ଷ ଦଣ୍ଡ ଉତ୍ସବର ଶେଷ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ନିଶା ରାତ୍ରିରେ ଦଣ୍ଡ ଠାକୁରଙ୍କୁ ନିଜର ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରାଯାଇ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି।

ସେହିପରି ରାମେଶ୍ୱର ଦେବ, ଚାଷଙ୍ଗରା ମଙ୍ଗଳପୁର ଜଗତେଶ୍ୱର ଦେବ ଓ ବାଣପୁରସ୍ଥ ଗାଲୁଆ ଗୁପ୍ତେଶ୍ୱର ଦେବ, ଭେଟେଶ୍ୱର ଭେଟିନାଥ ଦେବ, ସାନହନ୍ତୁଆଡ, ମଠପୁର କଳିଯୁଗେଶ୍ୱର ଦେବ୍ ଓ କୁଲେଇ ଆଦି ଗାଦିପୀଠରେ ମହାସମାରୋହରେ ଦଣ୍ଡ ଉତ୍ସବ ଓ ଅନ୍ତିମ ଦିବସରେ ସମସ୍ତ ପୀଠରେ ମେରୁ ଦିବସ ଶାନ୍ତି ଶୃଙ୍ଗଳାର ସହ ପାଳିତ ହୋଇ ଉଦ୍‌ଯାପିତ ହୋଇଯାଇଛି।

## ବଙ୍ଗୀୟ ସମାଜର ନିଆରା ଦଣ୍ଡଯାତ୍ରା



**ଭୂଷଣ୍ଡପୁର, ୧୩।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ବାଲିପାଟପୁର ଏବଂ କାନ୍ତଳବାଇ ପଞ୍ଚାୟତରେ ବସ ବାସ କରୁଥିବା ବଙ୍ଗୀୟ ଶରଣର୍ଥୀଙ୍କ ଦ୍ୱାରା ନିଆରା ଢଙ୍ଗରେ ଦଣ୍ଡଯାତ୍ରା ପାଳିତ ହେଉଛି। ଦଣ୍ଡ ଯାତ୍ରାକୁ ସେମାନେ ଚଡକଯାତ୍ରା କିମ୍ବା ଢେଲପୂଜା ବୋଲି କହିଥାନ୍ତି। ପ୍ରତ୍ୟେକ ଦିନ ସକାଳୁ ସମସ୍ତ ଭକ୍ତ କିମ୍ବା ଭଗତା ସାହିସାହି ପରିକ୍ରମା କରି ଠାକୁରଙ୍କୁ ଭୋଗ ଖାଇଥାନ୍ତି। ଏହି ପୂଜାରେ ସେମାନେ ସଂକ୍ରାନ୍ତି ଦିନ ଶିବପାର୍ବତୀଙ୍କ ପୂଜା କରିଥାନ୍ତି. ସେଇଦିନ ସେମାନେ ବାଉଁଶ ମାଧ୍ୟମରେ ବିଭିନ୍ନ କଳା କୌଶଳ ପରିବେଷଣ କରିଥାନ୍ତି। ଏପରିକି ଓଲଟା ଗଛ ଚଢିବା ବିଭିନ୍ନ ନୃତ୍ୟ ପରିବେଷଣ କରିବା ସହିତ ସମସ୍ତ ଭଗତାଙ୍କ ମଧ୍ୟରେ ଭାଇଚାରା ପ୍ରତିଷ୍ଠା କରିଥାନ୍ତି। ଆସନ୍ତା ୧୫ତାରିଖରେ ମା'ଭଗବତୀଙ୍କ ପୂଜା ଆରାଧନା କରି ଦଣ୍ଡଯାତ୍ରା ସମାପନ କରିଥାନ୍ତି।

## ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ମେରୁପର୍ବ

# କଣ୍ଟାରେ ଗଡ଼ିଲେ, ନିଆଁରେ ଝୁଲିଲେ ଦଣ୍ଡୁଆ

**ଖୋର୍ଦ୍ଧା, ୧୩।୪(ସମିସ):**

ବିଶ୍ୱାସର ଅନ୍ୟନାମ ଦଣ୍ଡ ଉପବାସ। ପରିବାର, ଗାଁ ଓ ସମାଜର ଆରୋଗ୍ୟ କାମନା କରି ଦଣ୍ଡୁଆ(ଶୈବଭକ୍ତ) ମାନେ ଶରୀରକୁ ୧୬ପ୍ରକାର ଦଣ୍ଡ ଦେଇଥାନ୍ତି। କଷାବସ୍ତ୍ର ପରିଧାନ, ପଣା ପ୍ରସାଦ ସେବନ, କଣ୍ଟାରେ ଗଡ଼ିବା, ନିଆଁରେ ଚାଲିବା ଏବଂ ଊର୍ଦ୍ଧତପ(ଓଘରତପ) ପ୍ରଭୃତି କରିଥାନ୍ତି। ଖୋର୍ଦ୍ଧା ସହର ଉପରସାହିସ୍ଥିତ କାମନାବରଙ୍କ ମନ୍ଦିର, ବାଜପୁର ଓ ଗୋଡାରେ ମେରୁପର୍ବ ଅନୁଷ୍ଠିତ ହୋଇଯାଇଛି। ଉପରସାହି ରାସ୍ତାରେ ମାନସିକଧାରୀ ଦଣ୍ଡୁଆମାନେ ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ବେଖାତିର କରି କୋଇଲଖାଆ କଣ୍ଟା ଓ ତତଲା ସରୁବାଲିରେ ଗଡ଼ିବା ସହ ନିଆଁରେ ଝୁଲୁଥିବା ଦେଖାଯାଇଥିଲା।



ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ କେଉଁ ଆବାହାନ କାଳରୁ ଏହି ପରମ୍ପରା ପାଳିତ ହେଉଛି। ମେରୁଯାତ୍ରାର ୫ଦିନ ପୂର୍ବରୁ ମାନସିକ ଦଣ୍ଡୁଆମାନେ ନିର୍ଜଳ ଉପବାସ ରହୁଥିବା ବେଳେ ସନ୍ଧ୍ୟାରେ କେବଳ ପାଦୁକ ସେବନ କରିଥାନ୍ତି। ବିଶ୍ୱାସ ରହିଛି ଠାକୁରଙ୍କ ନିକଟରେ ଭକ୍ତ ମାନସିକ ରଖି ନିଜକୁ ସମର୍ପଣ କଲେ ତାଙ୍କର ମନବାଞ୍ଛା ପୂରଣ ହୋଇଥାଏ। ଊର୍ଦ୍ଧ୍ୱତାପ ଦଣ୍ଡ ସମୟରେ ଦଣ୍ଡୁଆମାନେ ଦେଉଥିବା ପ୍ରସାଦ ସେବନ କଲେ ନିସନ୍ତାନ ସନ୍ତାନ ଲାଭ ହେବା ବିଶ୍ୱାସ ରହିଛି। ଘଣ୍ଟ, ଘଣ୍ଟି ଏବଂ ପାରମ୍ପରିକ ବାଜା ଓ ରୋଷଣୀରେ ଦଣ୍ଡୁଆମାନେ ଠାକୁରଙ୍କ ପ୍ରତିମାକୁ ନେଇ ବିରାଟ ପଟୁଆରାରେ ସହର ପରିକ୍ରମା କରିଥିଲେ। ଉକ୍ତ ସମୟରେ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳୀରେ ପୁରା ପରିବେଶ କମ୍ପମାନ ହେଉଥିବାବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଦଣ୍ଡୁଆ କଣ୍ଟା ଗଡ଼ିବା ଦେଖିବାକୁ ଅପେକ୍ଷା କରିଥିଲେ। ଶନିବାର ମଧ୍ୟାହ୍ନରେ ଧୂଳିଦଣ୍ଡ ହୋଇଥିଲା। ପରେ ମନ୍ଦିର ସମ୍ମୁଖ ରାସ୍ତାରେ ମନ୍ଦିର ଠାରୁ ପ୍ରାୟ ଏକ ଶହ ମିଟର ଲମ୍ବା ସାହି ଦାଣ୍ଡରେ କୋଇଲିଖା କଣ୍ଟା ବିଛା ହୋଇଥିବା ବେଳେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମାନସିକଧାରୀ ଦଣ୍ଡୁଆ କୋଇଲିଖା କଣ୍ଟାରେ ଗଡ଼ିଥିଲେ। ଦଣ୍ଡୁଆମାନେ ସ୍ନାନ ପରେ ହାତରେ ଅଗ୍ନିଦଣ୍ଡ ଧରି ନୃତ୍ୟ କରିଥିଲେ। ଏହାକୁ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରୁଥିବାବେଳେ ପରେ ଓଘରତପ କରାଯାଇଥିଲା। ଏଥିରେ ପାଟ ଦଣ୍ଡୁଆଙ୍କ ଗୋଡ ଦୁଇଟିକୁ ମେରୁ ଖୁଣ୍ଟରେ ବନ୍ଧାଯାଇ ତଳେ ନିଆଁ ଜଳାଯାଇଥିଲା।ଏପରି ଅବସ୍ଥାରେ ଦଣ୍ଡୁଆ ଝୁଲୁଥିଲେ। ପରେ ଏଭଳି ଓଗରତପକୁ ଅନ୍ୟ ଦଣ୍ଡୁଆମାନେ ପ୍ରଦର୍ଶନ କରିଥିଲେ।

ସେହପରି ବେଗୁନିଆସ୍ଥିତ ଗଡ଼ଲୋକନାଥଙ୍କ ଗାଦିରେ ଦଣ୍ଡଯାତ୍ରା ହେଉଥିବା ବେଳେ ସେଠାରେ ୨୦ରୁ ଊର୍ଦ୍ଧ୍ୱ ମାନସିକଧାରୀ ଦଣ୍ଡୁଆ କୋଇଲିଖା କଣ୍ଟାରେ ଠାକୁରଙ୍କ ନାମ ଧରି ଗଡ଼ିଥିଲେ। ଏଥିସହିତ ଖୋର୍ଦ୍ଧା ଉପକଣ୍ଠ ବାଜପୁର, ଜରିପୁଟ, ଭୀମପୁର, ବେଗୁନିଆର କୋହ୍ଲୁଆପାଟଣା, ବଡବେରଣା, କଣ୍ଟାମଳିମ, ସିକୋ, ଗୋବିନ୍ଦପୁର, ଗେଡ଼ିଆପଲ୍ଲୀ, ସିମୋର, ଡିଙ୍ଗର, ଠଣାପଲ୍ଲୀ ପ୍ରଭୃତି ବିଭିନ୍ନ ସ୍ଥାନରେ ପାରମ୍ପରିକ ଦଣ୍ଡମେଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଦଣ୍ଡନାଚ ସମେତ ପାରମ୍ପରିକ ଲୋକଗୀତ, ସୁଆଙ୍ଗ ଓ ପୌରାଣିକ ନାଟକ ଗୁଡିକ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।



## ରତନପୁରରେ ପବିତ୍ର ମେରୁ ମହାପର୍ବ

**କୁହୁଡ଼ି, ୧୩।୪(ସମିସ):** ପବିତ୍ର ମେରୁ ମହାପର୍ବ ଚୈତ୍ର ଶୁକ୍ଳ ପଞ୍ଚମୀ ତିଥିରେ ଆନନ୍ଦ ଉଲ୍ଲାସ ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି।ଟାଙ୍ଗୀ ବ୍ଲକର ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି। ରତନପୁର ବାବା ବାଲୁଙ୍କେଶ୍ୱର ଦେବ, କୁହୁଡି ବଡକୋଠୀ, କୁହୁଡି ସାନକୋଠୀ, ସୋରଣ ବାବା ଜାଜ୍ଜେଶ୍ୱର ଦେବ, ବ୍ରହ୍ମେଶ୍ୱର ଦେବ, ବାଲିଆ କୋଠୀ, ବାଲିନାସି କୋଠୀ, ଶ୍ରୀଚଣ୍ଡୀହର ଦେବ ଦାରୁଗାଁ କୋଠୀ, ପଣସପୁର କୋଠୀ, ଛକଡିପୁର କୋଠୀ, ହାଟବରଡି କୋଠୀ, ଜରିପଡ଼ା କୋଠୀ, ବାଉଁଶମୂଳ କୋଠୀ, ଓରଡ କୋଠୀ, ବିରିବାଡି କୋଠୀ ଓ ବଉଁଳାବନ୍ଧ କୋଠୀ ମେରୁ ପର୍ବ ପାଳିତ ହୋଇଯାଇଛି। ଭକତାମାନେ ଦୀର୍ଘ ୨୧ ଦିନି ନିର୍ଜ୍ଜଳ ଉପବାସ ରହି ଠାକୁରଙ୍କ ସେବା କରିଥାନ୍ତି। ଆଜି ଭକତାଙ୍କ ସହିତ ଠାକୁର ମଧ୍ୟ ନିଆଁରେ ଚାଲିବା, କଣ୍ଟାରେ ଚାଲିବା ସହିତ ଗଡ଼ିବା ଓ ତଳ ମୁହାଁକରି ନିଆଁରେ ଝୁଲିବା ପରି କଷ୍ଟସାଧ୍ୟ ପରମ୍ପରାକୁ ପାଳନ କରନ୍ତି। ମଧ୍ୟରାତ୍ରିରେ ପାରମ୍ପରିକ ରୀତନୀତି ଅନୁସାରେ ଦଣ୍ଡଛପା କରାଯାଏ।

## କଣ୍ଟାରେ ଗଡ଼ିଲେ ନିଆଁରେ ଚାଲିଲେ

**ବେଗୁନିଆ, ୧୩।୪(ସମିସ):** ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡା ଗ୍ରାମର କାମନା ଦେବୀ ମନ୍ଦିର ପରିସରରେ ମେରୁ ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବୈଦିକ ରୀତିରେ ନିଷ୍ଠାର ସହ ଦଣ୍ଡର ଶେଷ ଦିନରେ ଅଂଶ ଗ୍ରହଣ କରିଥିବା ପାଟଭକତା ମାନେ ବିଭିନ୍ନ ପ୍ରକାର କଣ୍ଟା ବିଛାଇ ଗଡ଼ିଥିଲେ। ଏପରିକି ବିଭିନ୍ନ ସ୍ଥାନରେ ମଧ୍ୟ ମେରୁ ଝାମୁଯାତ୍ରାରେ ଭକ୍ତମାନେ ନିଆଁରେ ଚାଲିଥିଲେ।



ସୃଜନିକା

ସକାଳ
THE SAKALA
www.sakalaepaper.com



ବିଷୁବର ବିଶେଷ କବିତା

# ପୃଥିବୀ : ଏକ ଗାଥା



ହରପ୍ରସାଦ ଦାସ

ଆମ ପୃଥିବୀରେ ରହନ୍ତି
ଯେଉଁ ସତେଇଶ ଅଭିଶପ୍ତ ଯକ୍ଷ
ସେମାନେ ଦେଖିଲେଣି ଅସଂଖ୍ୟ ମେଘସଞ୍ଚାର ଆଷାଢ଼ର, ହେଲେ, ଲେଖାହେଇନି ମହାକାବ୍ୟ ଏଯାଏଁ !
ଅଳକାପୁରୀରେ କେହିନାହାନ୍ତି ସେମାନଙ୍କର
ତାରାଧୂଳିରେ ପୋତିହେଇପଡ଼ିଥିବା ଦିବଖରା ଲେଖାଏଁ ଘର,
ମେଘରେ ଲୁଚେଇଥିବା ମୁଠେ ରତ୍ନପଥର,
ମାଲିକାନା ଦିଗୁଣ୍ଠ ପଡ଼ିଆ ଜମିର
କାନ୍ତା ବେଖବର !

ରହନ୍ତି ପକ୍ଷହୀନ ପରୀ ଶହେ ଛ',
ଏମାନେ ଆଉ ଆସୁନାହାନ୍ତି ସ୍ୱପ୍ନକୁ କି ଜାଣୁନାହାନ୍ତି
ଭଙ୍ଗାଡେଣାରେ ଖଣ୍ଡିଉଡ଼ା ଏ କାନ୍ଧରୁ ସେ କାନ୍ଧକୁ
ଦେହରେ ଯୁବତୀ ମନରେ ବୁଢ଼ୀ
ସ୍ୱର୍ଗ ଆଉ ଛୁଉଁନି ଏମାନଙ୍କୁ
ତୁହାକୁ ତୁହା ପ୍ରତାରଣା ପରେବି ପ୍ରେମିକା ହୋଇ ବଞ୍ଚିଯାଇଥିବା ଦୁର୍ଲଭ ନାରୀହୀରାବି ଡରୁଚନ୍ତି ପରୀ ଡାକିଲେ !

ପ୍ରକୃତରେ ଏ ପୃଥିବୀରେ
କେବଳ ପ୍ରେମିକା ହୋଇ ରହିଯାଇଚନ୍ତି
ମାତ୍ର ଚଉଦଜଣ
ପ୍ରତାରଣା କ'ଣ, ଏମାନଙ୍କୁ ମାରିପାରିନାହାନ୍ତି ଶସ୍ତ୍ର ବା ଅଗ୍ନି
ଆତ୍ମାସ୍ୱରୂପା ଏମାନେ
ଯୋଉଠି ପ୍ରେମିକ ସେଇଠି ଯାଙ୍କ ଘର !

ଯୋଡ଼ିଏ ଅପ୍‌ସରାବି ରହନ୍ତି ଏ ପୃଥିବୀରେ
ଜଣେ ଦେବଲାଂଛିତା
ଜଣେ ଋଷିଧର୍ଷିତା
ଯାଙ୍କ ଯା'ଆସ ସ୍ୱର୍ଗ ଓ ମର୍ତ୍ତ୍ୟ ଭିତରେ,
ଆଖିଲୁହ ପ୍ରବଳ ହେଲେ
ପୋଛେଇବା ପାଇଁ ବା ଲୁଚେଇବା ପାଇଁ ଓହ୍ଲାନ୍ତି ଏମାନେ,
ଆମ ପୃଥିବୀରେ
ଯାଙ୍କୁ ଆମେ ଜାଗାଦେଉ ଏବେବି ପଢ଼ାହେଉଥିବା
କୋଉ ନା କୋଉ ପୁରାଣରେ!



ଯା ବାଦେ ରହନ୍ତି ଏ ପୃଥିବୀରେ
ଏକାବନ ହଜାର ହତପ୍ରଭ ଗନ୍ଧର୍ବ, କିନ୍ନର, କିନ୍ନରୀ
ସ୍ୱର୍ଗରୁ ଖସିଥିବା ନାଚୁଣୀ, ଗାଉଣୀ, ବଜାଉଣୀ,
ଏମାନେ ବନ୍ଧୁ ବାନ୍ଧିଲେଣି ଆମ ସହିତ
କିଏ କୁଟୁମ୍ବ ତ କିଏ ସୂର୍ଯ୍ୟବନ୍ଧୁ
ତ କାହାର ଗୁଆ ନିମନ୍ତ୍ରଣର କାମ ଚଳେ !

ପାଞ୍ଚଜଣ ଭ୍ରଷ୍ଟ ଦେବଦୂତ
ଯାହାଙ୍କ କଥା ନକହିଲେ ନଚଳେ
ଯେଉଁମାନଙ୍କ କରୁଣା କଣ୍ଟା ହେଲା ଦେବତାଙ୍କ ଆଖିରେ
ଯିଏ ମଣିଷଙ୍କ ପାଇଁ ଲଢ଼ିଲେ, ଝଗଡ଼ିଲେ, ଫେରାଦ ହେଲେ
ଦେବତାଙ୍କ ଆଗରେ
ଧାତୁ ପଥରର ପ୍ରତିମା ହୋଇ ରହନ୍ତି ଆମ ପୃଥିବୀରେ !

ପଚାରନା ଆମେ କେତେ
ନା ଆମର ସୁମାରି ହୁଏ ନା ଆମେ ଗଣା ମଣିଷରେ
ଆମ ପିତୃପୁରୁଷ ଭୋକବିକଳରେ
ନଖରେ କୋରି କୋରି ଖାଇଥିଲେ ମାଟି
ମାଟିରୁ ଖୋଳିଥିଲେ ସାଗର
ତାକୁଇ ଜଗେଇଦେଇ ଭୋକର ଥାଳି ଆମର
ବସିଚୁ ଆମେ ଖାଦ୍ୟ ଅପେକ୍ଷାରେ
ବୀଜ ବିଞ୍ଚିବ ପବନ, ମେଘ ବର୍ଷିବ ଜଳ, ମାଟି ଫଳେଇବ ଫଳ
କିଛି ନମିଳିଲେ
ଖୋଳି ଖାଇବା ପାଇଁ ଅଛି ବାକି ପିତୃପୁରୁଷ
ଛାଡ଼ିଯାଇଥିବା ମାଟି ପାଦତଳେ !

# ନିଦ ନଥିବା ରାତି



ରମାକାନ୍ତ ସାମନ୍ତରାୟ

ସେ କହିଲା ପାହାଡ଼ମାନେ
ସମ୍ପର୍କର ପୃଥିବୀ ପିଠିରେ
କିଛି ପୁରୁଣା ଦରଜ ।

ସେଦିନ ନିଆଁ ବର୍ଷୁଥିବା ପଳାଶ ଜଙ୍ଗଲରେ
ତା'ର ଠିକ୍ ସେଇ ଦରଜ ଜାଗାରେ ମୁଁ ହାତ ମାରିଲି
ଜାଣି ଜାଣି,
ସେ ଘୁଞ୍ଚିଗଲା ମୋ ପାଖରୁ ଓ ରାଗ ତମ ତମରେ
ଖଣ୍ଡେ ଦୂରରୁ ଅନେଇଲା ମୋତେ ।

ତା' ନାକଚଣାରେ ଝଟକୁଥିଲା ବିରାଗର ମଳା ଜହ୍ନ ଓ
ତା' ଦାନ୍ତ କାମୁଡ଼ା ଓଠ ଧାରରେ ଝୁଲିରହିଥିଲା
ଧାରେ ଲୋଭ,
ତା ଆଖି ଭିତରୁ ବାହାରିବାକୁ ବାଟ ପାଉନଥିବା
ଟୋପାଏ ଲୁହରେ ଟଳମଳ ହେଉଥିଲା ବିଶ୍ୱାସର ଡଙ୍ଗା
ମଙ୍ଗ ସମ୍ଭାଳିବାକୁ
ମୁଁ ପହଁରା ନଜାଣି ବି ଡେଇଁ ପଡ଼ିଲି ପାଣିକି ।

ନିଶା ଗରଜୁଥିଲା,
ଠିକ୍ ତା' ଘର ବାହାର ଖଜୁରି ଗଛରେ ବସିଥିଲା
ଧଳା ଶାଢ଼ି ପିନ୍ଧି
ଗର୍ଭପାତରେ ମରିଥିବା ଗୋଟେ
ସୁକୁମାର ପ୍ରେମଗପର ଭୂତ,

ଉପର ଆଡ଼କୁ ଗୋଡ଼
ତଳକୁ ଝୁଲୁଥିଲା ତା ମୁଣ୍ଡ ।

ଗଛ ଚାରିକାଡି ଚକ୍କର କାଟୁଥିବା ରାତିର ଚଢ଼େଇମାନେ
ଶୂନ୍ୟରୁ ଗୀତ ତୋଳିଆଣି
ବୁଣି ଦେଉଥିଲେ ମାଟିରେ,

ମୁଁ ଶୋଇବାକୁ ଚେଷ୍ଟାକରି ଶୋଇ ପାରୁନଥିଲି ନିଦରେ ।

## ପତ୍ରିକା ପରିଚୟ

### କାଦମ୍ବିନୀ




୪୨୧/୨୩୫୮, ପଦ୍ମାବତୀ ବିହାର
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୂଲ୍ୟ: ୨୦୦ ଟଙ୍କା

ସଂପାଦିକା
ଡକ୍ଟର ଇତି ସାମନ୍ତ

ଡକ୍ଟର ଇତି ସାମନ୍ତଙ୍କ ସଂପାଦିତ ମାସିକ ଓଡ଼ିଆ ପତ୍ରିକା 'କାଦମ୍ବିନୀ'ର ଅପ୍ରେଲ-୨୦୨୪ ସଂଖ୍ୟା ପ୍ରକାଶ ପାଇଛି । ସଂପୂର୍ଣ୍ଣ ରଙ୍ଗିନ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ଏହି ସଂଖ୍ୟା ବିଷୁବ ସ୍ୱତନ୍ତ୍ର 'ଗଳ୍ପଗାଥା' ଭାବେ ପ୍ରକାଶିତ । ଏହି ସଂଖ୍ୟାର 'ବିଶେଷ ପ୍ରସଙ୍ଗ'ରେ ପ୍ରଦୀପ କୁମାର ଚୌଧୁରୀଙ୍କ 'ଜୀବନଚର୍ଯ୍ୟାରେ ଶ୍ରୀହନୁମାନ', 'ସ୍ୱତନ୍ତ୍ର ପ୍ରସଙ୍ଗ'ରେ କେଦାର ପୃଷ୍ଟିଙ୍କ 'ଆଧୁନିକ ଓଡ଼ିଶା: ନମସ୍ୟ ନିର୍ମାତା', ଇତି ସାମନ୍ତଙ୍କ 'ରାଜତନ୍ତ୍ର, ରାଜଭକ୍ତ ଓ ଗଣତନ୍ତ୍ର', ଅମିତାଭ ଖିଲାରଙ୍କ 'ଗଣତନ୍ତ୍ରର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ନିର୍ବାଚନ ଆୟୋଗ', ପ୍ରଜ୍ଞାପିତା ଦାସଙ୍କ 'ଗାଁର ଡାକ'ରେ ଓଡ଼ିଶାର ଗ୍ରାମ୍ୟସଂସ୍କୃତି' ଆଦି ଚମତ୍କାର ଆଲେଖ୍ୟ ପ୍ରକାଶ ପାଇଛି । 'ଗଳ୍ପ ବିଭାଗ'ରେ ପଦ୍ମଜ ପାଲଙ୍କ 'ପ୍ରେମ ଦଂଶନ', କୃପାସାଗର ସାହୁଙ୍କ 'ଏକୁଲୁର ପୁଅ ସେକୁଲୁର ଝିଅ', କବିତା ବାରିକଙ୍କ 'ମୃତ୍ୟୁର ପଞ୍ଝାରେ ପ୍ରେମର କୋମଳ ଗାନ୍ଧାର', କ୍ଷୀରୋଦ ଦାସଙ୍କ 'ପିତା, ପୁତ୍ର ଓ ପୌତ୍ର', ଆଦିତେଶ୍ୱର ମିଶ୍ରଙ୍କ 'ବୃକ୍ଷ ଦେବତା', ତପନ ମହାପାତ୍ରଙ୍କ 'ଦରଜା' ପ୍ରଭୃତି ଗପ ମାର୍ମିକ ହୋଇଛି । ସେହିପରି ପ୍ରଭାକର ଶତପଥୀଙ୍କ 'ମୋ କବିତା', ଜୟନ୍ତିକାଙ୍କ 'ଲୁହ ଲୁଚି ରହେ', ବିପିନ ନାୟକଙ୍କ 'ଅବତରଣ ଅପେକ୍ଷାରେ ଅନାମିକା', ଅଭୟ ନାୟକଙ୍କ 'ପ୍ରିୟ ଅବିଶ୍ୱାସ', ସଞ୍ଜିତ୍ କୁମାର ବଳଙ୍କ 'ସେଇ ମାଟି ମୁଠାକ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ଓଡ଼ିଆ ସାହିତ୍ୟର ପାଞ୍ଚ ଯୁବ ଲେଖିକାଙ୍କୁ ନେଇ ଆକର୍ଷଣୀୟ ହୋଇଛି କାଦମ୍ବିନୀର ପ୍ରଚ୍ଛଦ । ସଂପାଦକୀୟଠାରୁ ଆରମ୍ଭ କରି ଆମ ରୋଷେଇ, ଘରକରଣା, ରୂପଚର୍ଯ୍ୟା, ସ୍ୱାସ୍ଥ୍ୟ ସୂଚନା, ରାଶିଫଳ ଆଦି ନିୟମିତ ବିଭାଗଗୁଡ଼ିକ ମଧ୍ୟ ମନଛୁଆଁ ହୋଇଛି । 'କାଦମ୍ବିନୀ'ର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ ।

# ଆବାହନୀ



ବିଜନବାଳା ପାଟଯୋଷୀ

ସୁଷମା ଯିବାର କେତେ ବର୍ଷ ହେଲା କି !!
ପଚିଶ !!
ଲୋକ ମଧୁର ସମ୍ପର୍କର ପଚିଶ ବର୍ଷ ପୂର୍ତ୍ତି ପାଳନ କରନ୍ତି । ସେ କାହାର ପାଳନ କରିବେ ବୁଝିପାରୁ ନ ଥିଲେ ରଘୁନାଥ । ଏମିତି ବ୍ୟଥିତ ହେଲେ ସେ ସୁଷମାଙ୍କର ଫଟୋ ସାମ୍ନାରେ ଠିଆ ହୁଅନ୍ତି । ଅହ୍ୟସୁଲକ୍ଷଣୀର ବରଦାନ ନେଇ ସଂସାରରୁ ଚାଲିଗଲା ପରେ ଯେଉଁ ଶୂନ୍ୟତାରେ ସେ ଝୁଲୁଛନ୍ତି, ସେକଥା ଆଉ ବେଶୀ କୁହନ୍ତି ନାହିଁ ରଘୁନାଥ । ଦୁଃଖ ବାଣ୍ଟିଲେ ବଢ଼େ, ଏଣୁ ତାକୁ ଛାତି ତଳେ କବର ଦେଇଦେବା କଥା । ହେଲେ ବି କବର ଭିତରୁ ବେଳେ ବେଳେ ଟେଇଁ ଉଠନ୍ତି ମଳା ଯନ୍ତ୍ରଣା । ଖିନ୍‌ଭିନ୍ କରନ୍ତି । ରାତି ଶୁଏଇ ଦିଅନ୍ତି ନାହିଁ ।

ଏ ଘରେ କ'ଣ ମୃତ୍ୟୁ ଅଛି । ସୁଷମାକୁ ପଚାରିଲେ ରଘୁନାଥ । କାହିଁ ଏତେ ବର୍ଷ ସେ ଅପେକ୍ଷା କରିଛନ୍ତି, ହାତ ଯୋଡ଼ିଛନ୍ତି ଆ ବୋଲି, କାହିଁ ଆସିଲା ନାହିଁ ତ । କାହାର ସାଧ ଥିଲା ଯେ ମୃତ୍ୟୁକୁ ଡାକି ଆଣିଲା ଏ ଘରକୁ ଯିଏ ବିନା କୌଣସି ପାଦ ଶବ୍ଦରେ ନେଇଗଲା ବଡ଼ ପୁଅକୁ । ବାଇଶ ବର୍ଷର ଶଶାଙ୍କ, ଏ ଘରର ବଡ଼ ପୁଅ । ଚାଲିଗଲା ଗାଡ଼ି ଦୁର୍ଘଟଣାରେ । ଦି ବର୍ଷ ପରେ ସୁଷମା ତୁମକୁ ବି ସେ ନେଇଗଲା ।

ଏବେ ସେ କାହିଁ??

ଥରେ ତ ଆସନ୍ତ, ତାକୁ କହନ୍ତେ ଯା' ନେଇ ଯା' ସେ ଘର ଖଟରେ କୋତରା ପଡ଼ିଥିବା ମଣିଷକୁ ନେଇ ଯା' । ତା'ର ପ୍ରତିଦିନ ଟିକେ ଟିକେ କରି ଖଣ୍ଡିତ ହେଉଥିବା ଶ୍ୱାସକୁ ଧରି ରଖି ହେଉ ନାହିଁ କି ନିଜ ଶ୍ୱାସକୁ ଆହୁରି ଦୀର୍ଘ କରି ହେଉ ନାହିଁ ।

ଛୋଟିଆ ମହମବତିଟିଏ ଜାଳିଲେ ରଘୁନାଥ ସୁଷମାଙ୍କ ଫଟୋ ଆଗରେ । ଆଜି ତୁମର ଯିବାର ପଚିଶ ବର୍ଷ ସୁଷମା ।

ଜାଣ, କାଲି ରାତି ସାରା ବି ଶୋଇ ହେଲା ନାହିଁ । ମା'ର ପଲ୍‌ସ ଧିମା ହେଇ ଯାଇଥିଲା । ପୁଣି ଗ୍ଲୁକୋଜ ପାଣି ଚାମଚ ଚାମଚ କରି ପିଆଇଲି । ସେ ତ କିଛି ଖାଉ ନାହିଁ । ଦେହରେ ଖାଲି ହାଡ଼ ଦି ଖଣ୍ଡ, ଯାହା ଉପରେ ପତଳା ଶିରାପ୍ରଶିରାର ଅସ୍ପଷ୍ଟ ଜାଲି । ଧମନୀ ଖୋଜିଲେ ବି ମିଳେ ନାହିଁ । ସେ ଟିକେ ନିଃଶ୍ୱାସ ନେଲା । ମୁଁ ତା' ପାଖ ଖଟରେ ଶୋଇଲି । ମୁଁ ବି କେତେ ଦିନରୁ ଶୋଇ ନାହିଁ । ଶୋଇ ଯିବାକୁ ଇଚ୍ଛା ହୁଏ । ଇଚ୍ଛାକୁ ବି ଆଡ଼େଇ ଯାଏ ଯେ, ମୋର କିଛି ନ ହେଉ । କିଛି ହେଲେ ମା'କୁ କିଏ ଦେଖିବ !!

ଜାଣ କି, ସାନ କ'ଣ କହିଲା । ଏ ଘର ମୃତ୍ୟୁର ଘର । ଏ ଘରେ କେହି ଶାନ୍ତିରେ ରହିବେ ନାହିଁ । କହିଲା ଆଉ ସେ ଚାଲିଗଲା ତା' ପରିବାର ନେଇ । ଯାହା ପାଟ ତୁଣ୍ଡ ଟିକେ ଶୁଭୁ ଥିଲା, ସେ ବି ବନ୍ଦ ହେଇଗଲା । ଟୁକୁ କହିଲା ତା'ର ବଦଳି ହେଇଯାଇଛି । ପ୍ରଥମେ ସେ ଗଲା ତା' ପରେ ପରେ ବୋହୂ ଆଉ ନାତୁଣୀକୁ ବି ନେଇଗଲା । ସେମାନେ ଥିଲେ ଯେ ଟୁକୁ ଆସୁଥିଲା ଛୁଟିରେ । ମା'ର ଆଖିରେ ଟିକେ ଚମକ୍ ଥିଲା । ଏବେ ସେ ଆଖି ଖୋଲୁ ନାହିଁ । ଶୁଣୁ ନାହିଁ କିଛି । ବେଳେ ବେଳେ ସେ ଆଖି ନ ଖୋଲିଲେ ଲାଗେ ଗଲା ସେ ଚାଲିଗଲା ।

ତୁମ ଯିବାର ପଚିଶ ବର୍ଷ ଆଉ ତା' ଶେଯ ଧରିବାର ତିରିଶ ବର୍ଷ । ତୁମେ ଥିଲେ ପଞ୍ଚଷଠି ହେଇଥାନ୍ତା ତୁମକୁ, ମା' ବଞ୍ଚିଛି ଆଉ ତାକୁ ଛୟାନବେ ବର୍ଷ ।

ମତେ କେତେ ବୟସ ?

ସୁଷମା ତୁମର ମୋର ଭିତରେ ବୟସର ଟିକେ ଲମ୍ବା ବ୍ୟବଧାନ ଥିଲା । ତୁମେ ସେମିତିରେ ବି କମ୍ ବୟସ ଲାଗ ସବୁବେଳେ । ଉଚ୍ଚତା କମ୍, ନହକା ଦେହ, ଏଡ଼ିକି ଛୋଟିଆ ମୁହଁ, ଜୁଲୁଜୁଲୁ ଦେଖୁଥିବା ଛୋଟ ଛୋଟ ଆଖି ଦିଓଟି ଆଉ ସଦା ହସ ହସ ମୁହଁ । ମୋର ଯେତେକ ସହକର୍ମୀ ତୁମକୁ ଦେଖି ମତେ ପରିହାସ କରିଛନ୍ତି, ସବୁବେଳେ କହନ୍ତି କି ଭାଗ୍ୟ କରିଛୁ !!

ମୁଁ ପ୍ରତିଥର ଗର୍ବ କରିଛି ଆଉ ତୁମକୁ ଅଧିକ ପ୍ରେମ ।

ଭଲ ମଣିଷମାନଙ୍କୁ କାଳେ ଯମ ନେଇଯାଏ ଶୀଘ୍ର । ସେଥିପାଇଁ ବଡ଼ପୁଅ ଶେଖର ଆଉ ତା' ପରେ ପରେ ତୁମେ ଚାଲିଗଲ । ମା' ଆଗରେ ପୁଅର ଜଡ଼ ଦେହ, ତୁମେ ସମ୍ଭାଳି ପାରିଲ ନାହିଁ ।

ସେଇଆ ହିଁ ହେଲା ପୁଅକୁ ବାହୁନିବା ଆଉ ଆଖିର ଲୁହ ତୁମର ଧୋଇ ନେଇଗଲା ସବୁ । ଭାଗ୍ୟବାନ ମଣିଷ ବୋଲାଉଥିବା ମୁଁ ମୂକ ପାଲଟି ଗଲି । ସବୁକିଛି ଏପଟସେପଟ ହେଇଗଲା ।

ଜାଣ, ସୁଷମା, ମା' ଢେର ଦିନ ହେଲା କଥା କହୁ ନାହିଁ । ଯଦି କଥା ହେଉଥାନ୍ତା ତ ତା' ସହିତ ଏ ଘରର ଯାବତୀୟ ସମସ୍ୟା କଥା, କଥା ହୁଅନ୍ତି । ସେ କହନ୍ତା, ହୁଏତ ମୋ' ଜଣା ଅଜଣା କଥା । ତା' କଥା, ବାପାଙ୍କ କଥା । ଏମିତି ଅନେକ । ତା'ର ଅଙ୍ଗେନିଭା କଥା ।

ଅଭିଯୋଗ ବି କରନ୍ତା କ'ଣ ସିଝା ମିଝା ଖାଇବାକୁ ଦେଉଛୁ । ଗାଳିକରନ୍ତା ହେଲେ । ପାଟିତୁଣ୍ଡ କରନ୍ତା । ନା, ସେ କିଛି ବି କରୁ ନାହିଁ । କରିବାର କ୍ଷମତା ନାହିଁ ।

ସେଇ ଯେଉଁ ବ୍ରେନ୍ ଷ୍ଟ୍ରୋକ୍ ହେଇଥିଲା ସେଥିରେ ସେ ବଞ୍ଚିଗଲା ସିନା, ହରେଇଛି ଗୋଟିଏ ପଟ ଆଖିର ଜ୍ୟୋତି, ହରେଇଛି କଥା କହିବା ତା'ର । ସେ ଦିନରୁ ନିର୍ଜୀବ ପଡ଼ିଛି । ଡାହାଣ ପଟ ଟିକେ ଟିକେ ହଲୁଥିଲା, ଏବେ ସେ ବି ବନ୍ଦ । ଗୋଟେ ନିସ୍ପନ୍ଦ ଶରୀର ଶ୍ୱାସ ଚାଲିଛି, ଯାହା ଆଉ ମୁଁ ବଞ୍ଚିଛି ।

ବେଳେ ବେଳେ ଭାବେ ମୋର କିଛି ହେଇଗଲେ କ'ଣ ହେବ ତା'ର !!!

ତା' ପାଇଁ ଯାହା ପ୍ରାର୍ଥନା ମୁଁ କରେ, ମୋ ପାଇଁ ବି କରେ ଯେ ହେ ପ୍ରଭୁ ମୁଁ ସୁସ୍ଥ ରହେ । ମୋ ଅନ୍ତେ ମା'କୁ କିଏ ଦେଖିବ !!

ମୋ ପେନସନ୍ ଆସୁଛି । ଟୁକୁ କିଛି ଟଙ୍କା ପଠାଉଛି । ସେଥିରେ ଚଳିବାରେ ଅସୁବିଧା ନାହିଁ । ମା'ର ଔଷଧ ଖର୍ଚ୍ଚ ସରିଗଲେ ସରିଗଲା । ସେ ଯାହା ଖାଉଛି ମୁଁ ବି ଖାଉଛି । ଅଲଗା ନିଜ ପାଇଁ ରାନ୍ଧିବି କହିଲେ ହେଉ ନାହିଁ । ଟୁକୁ ତା' ପରିବାର ଗଲା ପରେ ସେ ସ୍ତ୍ରୀଲୋକଟିଏ ଯୋଗାଡ଼ କରି ଦେଇଥିଲା ଘରକାମ ଆଉ ରୋଷେଇ ପାଇଁ ଯେ ଥରେ ଦି ଥର ଚୋରି କଲା । ଆଲମିରା ତ କେବେ ବି ତାଲା ପଡ଼େ ନାହିଁ, ସେଥିରେ ହାତ ମାରିଲା । ବାଧ ହେଇ ତାକୁ ବନ୍ଦ କରେଇଲି । କେତେ ବା ଘର କାମ, ହାତଗୋଡ଼ ଚାଲୁଛି ତ ଚାଲୁ । କେମିତି ପୂରା ଘର ମୁଣ୍ଡେଇ ଥିଲ ତୁମେ ଯେବେ ଯେବେ ଭାବେ ଆଶ୍ଚର୍ଯ୍ୟ ଲାଗେ । ଆମ ବିବାହ ବାର୍ଷିକୀ ରେ ଦୁହେଁ ମନ୍ଦିର ଯିବା ଥୟ ଥିଲା । ଏବେ ବହୁତ ବର୍ଷ ହେଲା ଯାଇ ନାହିଁ । ତୁମେ ଯିବା ପରେ ଆଉ ବିବାହର କୌଣସି ସ୍ମୃତି ମନେ ପକେଇବାକୁ ଭଲ ଲାଗି ନାହିଁ । ମୁଁ କେତେ ଶୂନ୍ୟ ହେଇ ହେଇଯାଇଛି ସତେ, ତୁମ ବିନା ମୁଁ ।

ଟୁକୁ ଏ ଘର ଛାଡ଼ିଲା ପରେ ଅନେକ ଲୋକ ଅନେକ କଥା କହିଲେ । ସେଥିରୁ କିଛି ଯଦିଓ ଠିକ୍ ଥିଲା ତା'ର ସମାଧାନ ନ ଥିଲା । ସେ କହିଲା, ଏ କଥା ବି ଯେ, ଛୁଆ ବଡ଼ ହେଉଛନ୍ତି । ଦିନ ଦିନ ମୃତ୍ୟୁର ବିଭୀଷିକା ଦେଖିବା କ'ଣ ଉଚିତ!!!

ଉଚିତ ଅନୁଚିତ କ'ଣ ମୃତ୍ୟୁ ତ ସଭିଙ୍କ ପାଖକୁ ଆସିବ । ମୋର କିଛି ହେଇଗଲେ ଏମିତି ପଡ଼ି ରହିଲେ କ'ଣ ସେ କିଛି କରିବ ନାହିଁ ।

ସେଇଟା କ'ଣ ତା' ଛୁଆ ଦେଖିବେ ନାହିଁ?

କି ଏ ମାନି ଚଳିଯିବି ଯେ ଯଦି ମୃତ୍ୟୁ ଆସେ ତେବେ ଏ ଘରେ ମୋ ଜଡ଼ ଦେହ ପଡ଼ି ରହିବ, ଦୁର୍ଗନ୍ଧ ହେଲା ଯାଏ !!

କେଜାଣି ଏ ଭଳି ସଂସ୍କାର ତ ଆମେ ଦେଇ ନାହୁଁ ପିଲାଙ୍କୁ ।

ବେଳେ ବେଳେ ବଡ଼ ନିଃସଙ୍ଗ ଲାଗେ ସୁଷମା । ପାରିବାରିକ ଉତ୍ସବ ତ ଆଉ ନାହିଁ । କିଏ କରିବ ?? ସଗା ସମ୍ବନ୍ଧିଙ୍କର ନିମନ୍ତ୍ରଣ ବି ରଖି ହୁଏ ନାହିଁ ।

ମା' ଏକଲା ପଡ଼ି ରହିବ ଘରେ । ଥରେ ତ ଖଟରୁ ପଡ଼ି ଯାଇଥିଲା । ତୁମକୁ କହିଥିଲି । ତାକୁ ବଡ଼ କଷ୍ଟ ହେଇଥିଲା । ଇସାରାରେ ମା' ପଚାରିଥିଲା କୁଆଡ଼େ ଯାଇଥିଲୁ?

ବାସ୍ ତା' ପରେ ଏ ଘର ମୋର ଆଉ ମାର ପୃଥିବୀ ପାଲଟି ଗଲା ।

ପୁଅ ଶଶାଙ୍କ ଯିବାର ବର୍ଷ କେଇଟାରେ ତୁମେ ଚାଲିଗଲ । ଟୁକୁ କହିଲା ଏ ଘରେ ମୃତ୍ୟୁ ଛଡ଼ା କିଛି ନାହିଁ । ଏତକ କହି ସେ ତା' ପରିବାର ନେଇ ଚାଲିଗଲା ।

ମୁଁ ଅପେକ୍ଷାରେ ମୃତ୍ୟୁର । ତେବେ ଜାଣେ ନାହିଁ କାହାକୁ ନେବ ସେ ଆଗ । ମୋ ପାଇଁ ଆୟୁଷ ମାଗେ ମୁଁ ଆଉ ତା' ପାଇଁ ଯନ୍ତ୍ରଣା ବିହୀନ ମୃତ୍ୟୁ ।

ତୁମ ବିନା ବଞ୍ଚିବା ସତରେ କଷ୍ଟକର ଥିଲା ମୋ' ପାଇଁ । ଏବେ କଷ୍ଟ ଦେହରେ ବସି ଗଲାଣି ।

ଭାବୁଛି ମା'ର ଯିବା ପରେ ଏ ଘରଦ୍ୱାର ସବୁ ଟିକୁ ନାଁରେ କରିଦେଇ କେଉଁ ଆଶ୍ରମରେ ରହିଯିବି । ମୁଁ ବୋଲି ସିନା ମା'ର ସେବା କଲି, ଟୁକୁ ତା' ସ୍ତ୍ରୀ କ'ଣ କରିବେ !!

ସୁନ୍ଦର ମୃତ୍ୟୁଟିଏ ତୁମକୁ ନେଇଗଲା । ମୁଁ ଖୁବ୍ ଈର୍ଷା କରେ ସେଥିପାଇଁ ତୁମକୁ ।

କେଜାଣି ମୋ' ଭାଗ୍ୟରେ କେମିତି ମୃତ୍ୟୁ ଅଛି । ଯେମିତି ବି ଥାଉ ମା'ର ମୃତ୍ୟୁ ପରେ ହିଁ ଥାଉ ।

ସୁଷମା ଜାଣ, ଏମିତି କେତେ ବିନିଦ୍ର ରାତି ଭୋଗି ସାରିଲିଣି ମୁଁ । ଦେହସୁହା ହେଇଗଲାଣି । ଆଜି ଶାନ୍ତିରେ ମା' ଶୋଇଛି ।

ମୁଁ ବି ଟିକେ ଶୋଇ ପଡ଼େ ରାତି ଢେର ହେଲାଣି ।

ଭୁବନେଶ୍ୱର

### କଥା କଥା କବିତା କବିତା




ଏନ୍-୪/୨୦୮,
ଆଇ.ଆର୍.ସି. ଭିଲେଜ
ନୟାପଲ୍ଲୀ, ଭୁବନେଶ୍ୱର
ମୂଲ୍ୟ: ୧୮୦ ଟଙ୍କା

ସଂପାଦକ
ଅକ୍ଷୟ ବେହେରା

କବି ଅକ୍ଷୟ ବେହେରାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'କଥା କଥା କବିତା କବିତା'ର ରୌପ୍ୟଜୟନ୍ତୀ ବିଶେଷାଙ୍କ ଆମର ହସ୍ତଗତ ହୋଇଛି । ଏହି ସଂଖ୍ୟାରେ ରାହୁଲ ଗୌତମଙ୍କ ରଚିତ ୨୦୨୩ ପାଇଁ ନୋବେଲ ବିଜେତା ନରୱେର ପ୍ରସିଦ୍ଧ ନାଟ୍ୟକାର ଜନ୍‌ଫୋସେଙ୍କ ସଂପର୍କରେ ଏକ ମାର୍ମିକ ଆଲେଖ୍ୟ ପ୍ରକାଶ ପାଇଛି । ସେହିପରି 'ସୃଜନ ଆଳାପ'ରେ କଲମ୍ବିଆର ପ୍ରଖ୍ୟାତ ଗାଳ୍ପିକ, ଔପନ୍ୟାସିକ, ସାମ୍ବାଦିକ ଗାବ୍ରିଏଲ୍ ଗାର୍ସିଆ ମାର୍କ୍ୱେଜ ଓ ଆପୁଲିଆନୋ ପିଲିନୋ ମେଣ୍ଡୋଜାଙ୍କ ଏକ ସ୍ମରଣୀୟ ସାକ୍ଷାତକାର ପ୍ରକାଶିତ ହୋଇଛି । ସେପଟେ ସୁପ୍ରିୟା ମଲ୍ଲିକଙ୍କ 'ଆଜିର ସମୟ ଏବଂ ବୁଦ୍ଧ ଓ ମାର୍କ୍ସଙ୍କ ବିଚାର', ଡକ୍ଟର ବିଜୟଲକ୍ଷ୍ମୀ ମହାନ୍ତିଙ୍କ 'ଓଡ଼ିଆ ରୂପତତ୍ତ୍ୱ', ପ୍ରିୟବ୍ରତ ଅମିୟ ରଞ୍ଜନ ମହାନ୍ତିଙ୍କ 'ନାଟ୍ୟକାର ବିଜୟ ଶତପଥୀଙ୍କ ନାଟ୍ୟମାନସ', ପୁଷ୍ପାଞ୍ଜଳି ରଚନାଙ୍କ 'ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ନାଟକର ମଞ୍ଚ ମୂଲ୍ୟ' ଆଦି ପ୍ରବନ୍ଧ ଉଚ୍ଚକୋଟୀର ହୋଇଛି । କବିତା ବିଭାଗରେ ହରିହର ମିଶ୍ରଙ୍କ 'ଯୁଦ୍ଧରେ ସମୁଦ୍ର', ବିଜୟ ମହାପାତ୍ରଙ୍କ 'କୋରନା', ଇନ୍ଦିରା ଦାଶଙ୍କ 'ନ ଲେଖିଥିବା କବିତା', ଅପର୍ଣ୍ଣା ମହାନ୍ତିଙ୍କ 'ଭଲ ପାଇବାର ପରିଧିରେ', ଶିଶିର ନାୟକଙ୍କ 'ଅମୃତ ବଜାର ଗରମ ଭାତରେ', ଡ. ଶ୍ରୀହରି ଧଳଙ୍କ 'ଉତ୍ତରାଧିକାରୀ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । 'ଆମ ସମୟର କଥା' ବିଭାଗରେ ଘନବିହାରୀ ମହାରଣାଙ୍କ 'ପ୍ରଗତିର ପୃଷ୍ଠଭୂମି', ଅଜୟ ସ୍ୱାଇଁଙ୍କ 'ଏକ ରହସ୍ୟମୟ ଗପଲେଖା' ଆଦି ଗପ ମନଛୁଆଁ ହୋଇଛି । ଅନ୍ୟାନ୍ୟ ନିୟମିତ ବିଭାଗ ମଧ୍ୟ ଆକର୍ଷଣୀୟ ହୋଇଛି । 'କଥା କଥା କବିତା କବିତା'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

# ସାରଳା ମହାଭାରତରେ 'ନବଗୁଞ୍ଜର' ରୂପ ବର୍ଣ୍ଣନା



ଡ. ସଂଘମିତ୍ରା ମହାପାତ୍ର

'ନବଗୁଞ୍ଜର' ଏକ ଅଲୌକିକ ବେଶ । ସାରଳା ଦାସଙ୍କର ଏକ ଅପୂର୍ବ ପରିକଳ୍ପନା ହେଉଛି ପ୍ରଭୁ ଶ୍ରୀକୃଷ୍ଣଙ୍କର ନବଗୁଞ୍ଜର ରୂପ ବର୍ଣ୍ଣନା । କୁକୁଡ଼ା ମଥା, ବୃଷଭର ଚୂଳ, ମୟୂରର କଣ୍ଠ, ସର୍ପପରି ପୁଚ୍ଛ, ସିଂହର କଟୀ, ହାତୀ, ବାଘ ଓ ଅଶ୍ୱ ପରି ଗୋଡ଼ ଏବଂ ମଣିଷ ହାତରେ ପଦ୍ମଫୁଲକୁ ନେଇ ଏହି ଦିବ୍ୟ ସ୍ୱରୂପ ସାରଳା ମହାଭାରତରେ ଦୃଶ୍ୟାୟିତ ହୁଏ । ଏହି ଜୀବର ପରିକଳ୍ପନାରେ କବିଙ୍କ ସର୍ବଧର୍ମ ସମନ୍ୱୟତାର ସ୍ୱରୂପ ଶ୍ରୀ ଜଗନ୍ନାଥ ମନ୍ଦିରର ଉତ୍ତର ଦିଗରେ ଗୋଟିଏ ଓ ନୀଳଚକ୍ରରେ ଆଠଗୋଟି ନବଗୁଞ୍ଜର ପ୍ରତିଷ୍ଠା କଥାକୁ ସୂଚିତ କରେ । ଓଡ଼ିଶାରେ ଜଗନ୍ନାଥ ମନ୍ଦିର ସମେତ ବହୁ ଶୈବ ଓ ଶାକ୍ତପୀଠରେ ଏହି 'ନବଗୁଞ୍ଜର' ରୂପ ଫଟୋଚିତ୍ର ବା ପ୍ରତିମୂର୍ତ୍ତି ଆକାରରେ ପୂଜା ପାଉଛନ୍ତି ।

ମଣିଭଦ୍ରା ପର୍ବତରେ ଶ୍ରୀକୃଷ୍ଣ 'ନବଗୁଞ୍ଜର' ବେଶରେ ଅର୍ଜୁନଙ୍କୁ ଦର୍ଶନ ଦେଇଥିବା କଥା ସାରଳା ମହାଭାରତର ମଧ୍ୟପର୍ବରେ ଉଲ୍ଲେଖ ରହିଛି । 'ଗୁଞ୍ଜର' ହେଉଛି ଏକ ପ୍ରକାର ଡେଣାଯୁକ୍ତ ପୋକ । ଏହା ନଅଟି ଭିନ୍ନ ଭିନ୍ନ ପ୍ରାଣୀଙ୍କ ଅଙ୍ଗକୁ ନେଇ ରୂପାୟିତ ହୋଇଛି । ଏହାକୁ ଏକ ଚେତନାର ପ୍ରତୀକ ରୂପେ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ସାରଳା ଦାସ, ସଂଯୋଜିତ କରିଥିଲେ । ନଅଜଣ ପ୍ରାଣୀଙ୍କ ଗୁଣ ଓ ପ୍ରଶଂସାର ପ୍ରତୀକ ଭାବେ ଏହାକୁ ବିବେଚନା କରାଯାଇଛି । (Nava-9, Gun-Quality, Jara-Old/Praise) । ଯେପରିକି କୁକ୍କୁଟ ଚୂଳ ଚେତନା ବା ଜାଗ୍ରତର ପ୍ରତୀକ ରୂପେ, ମୟୂର କଣ୍ଠ ଲଳିତ ସ୍ୱର ବା ସଙ୍ଗୀତର ଷଡ଼ସ୍ୱର (ସାରେଗାମାପାନି)ର ପ୍ରତୀକ ଭାବେ ବର୍ଣ୍ଣନା କରାଯାଇଛି । ବୃଷଭର ଚୂଳ ଅନୁରାଗର ପରିଚାୟକ, ସିଂହ ଐଶ୍ୱର୍ଯ୍ୟ ତଥା ଗରିମାପୂର୍ଣ୍ଣତାର ସ୍ୱରୂପ, ହାତୀ ଦୃଢ଼ତାର ଉପସ୍ଥାପକ, ସର୍ପ ସନ୍ତୁଳନ ରକ୍ଷକ, ବାଘ କ୍ଷିପ୍ର ଗତିକୁ ସୂଚୀତ କରିବାବେଳେ ଘୋଡ଼ା କୋମଳ ତଥା ଶିଷ୍ଟତାର ପ୍ରତୀକ ଏବଂ ମନୁଷ୍ୟ ହାତରେ ପଦ୍ମଫୁଲ ପାରମାର୍ଥିକ ତଥା ଆଧ୍ୟାତ୍ମିକ ଅନ୍ୱେଷଣର ଉପସ୍ଥାପକ ରୂପେ ବିଚାର କରାଯାଇଛି ।

ଅର୍ଜୁନଙ୍କ ବନବାସ ଯିବା କଥା ଶୁଣି ଦ୍ୱାରକାରୁ ହସ୍ତିନାପୁରକୁ ଆଗମନ କରନ୍ତି ଶ୍ରୀକୃଷ୍ଣ । ବନବାସ ଯିବାର କାରଣ ବର୍ଣ୍ଣନା କରି ସହଦେବ କୁହନ୍ତି – "ଶ୍ୱେତରାଜା ଶହେ ବର୍ଷ କାଳ ଅଗ୍ନିରେ ହୋମ ଯଜ୍ଞ କଲେ, ଅଗ୍ନିଦେବ ଲୋଭରେ ଅତ୍ୟଧିକ ଘୃତ ସେବନ କରି ଲୁଦୁବୁଦୁ ବ୍ୟାଧିରେ ପୀଡ଼ିତ ହେଲେ । ଏଥିରୁ ଉପଶମ ପାଇଁ ଖାଣ୍ଡବ ବନର ମହୌଷଧି ସେବନ ନିମନ୍ତେ ବ୍ରହ୍ମା ବର ଦେଇଥିଲେ । ତେଣୁ ଏହି ବନ ସଂରକ୍ଷଣରେ ଥିବା ଇନ୍ଦ୍ରଙ୍କୁ ଅଗ୍ନି ଔଷଧ ମାଗିଥିଲେ ମାତ୍ର ସୁରପତି ଇନ୍ଦ୍ର ବନ ଧ୍ୱଂସ ହେବା ଭୟରେ ଦେବାକୁ ମନା କରିଦେଲେ । ଏପରି ସମୟରେ ଅଗ୍ନି କୌଶଳକ୍ରମେ ଅର୍ଜୁନଙ୍କୁ ବନବାସୀ କରି ଖାଣ୍ଡବ ବନରୁ ଔଷଧ ପ୍ରାପ୍ତି ନିମନ୍ତେ ସଂକଳ୍ପ କଲେ । ଏହି କାରଣରୁ କପଟ କରି ଅଗ୍ନି ବ୍ରାହ୍ମଣ ବେଶରେ ଆସି ଅର୍ଜୁନଙ୍କୁ କହିଲେ ତୁରନ୍ତ ଯୁଧିଷ୍ଠିରଙ୍କୁ ଡାକିବା ପାଇଁ, ଯଦି ଏଥିରେ ବିଳମ୍ବ ଘଟେ, ତେବେ ସମଗ୍ର ହସ୍ତିନାପୁର ଧ୍ୱଂସ ହୋଇଯିବ । ଅନ୍ୟୋନ୍ୟପାୟ ହୋଇ ଅର୍ଜୁନ ଗୃହ ଭିତରକୁ ପ୍ରବେଶ କରିବା, ଯୁଧିଷ୍ଠିର ଓ ଦ୍ରୌପଦୀଙ୍କ ସୁରତି ଦେଖିବା ମାତ୍ରେ ସେଠାରୁ ଫେରିଆସିବା ଏବଂ ମାୟା ରଚିଥିବା ଅଗ୍ନିଦେବ ଅନ୍ତର୍ଦ୍ଧାନ ହୋଇଯିବା ପ୍ରସଙ୍ଗ ଘଟଣାକୁ ଭିନ୍ନ ମୋଡ଼ ଦିଏ । ସାରଳା ଦାସଙ୍କ ଲେଖନୀରେ...

"ଯେମନ୍ତର ସମୟେ ଅଗ୍ନି ଦେବତାୟେ । ବ୍ରାହ୍ମଣ
ସରୂପ ଧରି ଦ୍ୱାରେ ଆସି ହୋୟେ ।
ଅର୍ଜୁନକୁ ବୋଇଲେ ତୁ ଯୁଝେଷ୍ଟି ଦେବଙ୍କୁ କହସି
ଯାଇଁ । ଦ୍ୱାରେଣ ବିଦୁଜନ ଯେକ ଅଛନ୍ତି ଉଭା ହୋଇ ।
ଯେମନ୍ତ ବୋଲିଣ ଯେ ଘେନିଣ ତାଙ୍କୁ ଆସ । ଗୁପତ
କଥାୟେ ଆମ୍ଭେ କହିବୁଁ ବିଶ୍ୱାସ ।
ଯେବେ ବିଳମ୍ବ ତୁ କରିବୁ ହୋ ପାଥ । ଭସ୍ମ ହୋଇବ ନଗ୍ର
ହୋଇବ ଧୂମାନ୍ତ ।
ମାୟା ନ ଜାଣି ପାଥ ଭିତରକୁ ଗଲେ । ଯୁଝେଷ୍ଟି ଦ୍ରୌପଦୀଙ୍କର
ଶୃଙ୍ଗାର ଦେଖିଲେ ।
ଅଗ୍ନି ଦେବତାୟେ ତହୁଁ ହୋଇଲେ ଅନ୍ତର୍ଦ୍ଧାନ । ସତ୍ୟ ପାଳି
ବନକୁ ଗଲେକ ଅରଜୁନ ।"
(ସାରଳା ମହାଭାରତ, ମଧ୍ୟପର୍ବ, ପୃ-୪୨୯)

ତେଣୁ ସତ୍ୟ ପାଳିବାକୁ ଅର୍ଜୁନ ଦ୍ୱାଦଶ ବର୍ଷ ବନବାସ ଗଲେ, ଏକଥା ଶ୍ରୀକୃଷ୍ଣ, ସହଦେବଙ୍କଠାରୁ ଶ୍ରବଣ କରି ମଣିଭଦ୍ରା ପର୍ବତରେ ଯାଇ ଉପସ୍ଥିତ ହେଲେ । ଏହି ସମୟରେ ଅର୍ଜୁନ ଗୁଣ ମାଳୁଥିଲେ । ଶ୍ରୀକୃଷ୍ଣ ନବଗୁଞ୍ଜର ରୂପ ଧାରଣ କରି ଶୁଖିଲା ପତ୍ର ଉପରେ ନାଚିଲେ, କୁଦିଲେ । କିନ୍ତୁ ଅର୍ଜୁନ ଆନମନା ନ ହୋଇ ନିଜ କର୍ମରେ ବ୍ୟସ୍ତ ରହିଲେ । ତେଣୁ ପୁନଶ୍ଚ ନବଗୁଞ୍ଜରରୂପୀ କୃଷ୍ଣ ଚଉଷଠି ତାଳ ଦେଇ ନୃତ୍ୟ ପରିବେଷଣ କରିଥିଲେ । ଏହାପରେ ଗୁଣ ଛାଡ଼ି ଅର୍ଜୁନ ଅପୂର୍ବ ଦିବ୍ୟମୂର୍ତ୍ତି ପ୍ରତି ଦୃଷ୍ଟିପାତ କରି ଆଶ୍ଚର୍ଯ୍ୟଚକିତ ହେଲେ । ଗୋଟିଏ ଦେହରେ ନଅଗୋଟି ରୂପ କିପରି ସମ୍ଭବ! ଏପରି ଜୀବ ସାରା ପୃଥିବୀ ପୃଷ୍ଠରେ ସେ କେଉଁଠି ଦେଖିନାହାନ୍ତି? ଶତଶିଙ୍ଗ ପର୍ବତ, ବାରୁଣାବନ୍ତ ଗିରି, ବଡ଼ତୁମ୍ବର ପର୍ବତ, ହେମ ସାର ସିଧ ଗିରି, କାମ୍ୟକ ପର୍ବତ, ମନ୍ଦର ହର ଅରଣ୍ୟ, କପାଳି ଅରଣ୍ୟ, ତୁରଙ୍ଗ ପର୍ବତ, ମହୀନ୍ଦ୍ର ଗିରି, ହର ଉଦ୍ୟାନ, କୁନ୍ଦବନ, ଚନ୍ଦ୍ରଗିରି, ଗନ୍ଧମାର୍ଦ୍ଦନ, ଶୋଲ ଗିରି ପରି ଅଠର ଲକ୍ଷ ଗିରି ବୁଲି ମଧ୍ୟ କେଉଁଠାରେ ଏଭଳି ରୂପ ଦେଖିନଥିଲେ ? ତେଣୁ ଏହା ମାୟା କି ପ୍ରଭୁଙ୍କ ଅପୂର୍ବ ଲୀଳା ନ ଜାଣିପାରି ଅର୍ଜୁନ ଲମ୍ବ ହୋଇ ତଳେ ଶୋଇଗଲେ । ଏହା ପରେ ଅର୍ଜୁନ ନବୀନ ରୂପରେ କୃଷ୍ଣଙ୍କୁ ଚିହ୍ନିପାରି ତାଙ୍କର ପାଦବନ୍ଦନା କରିଥିଲେ । କବିଙ୍କ ଲେଖନୀରେ 'ନବଗୁଞ୍ଜର' ରୂପ ବର୍ଣ୍ଣନା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଉଠିଛି ।

ପରିସ୍ଥିତିକୁ ସୁଧାରିବା ଲାଗି ଭଗବାନ ବିଷ୍ଣୁ ବା କୃଷ୍ଣ 'ନବଗୁଞ୍ଜର' ରୂପରେ ମଣିଭଦ୍ରା ପର୍ବତରେ ପ୍ରକଟ ହୋଇଥିଲେ । ଏହି କାହାଣୀଟି ମୂଳ ମହାଭାରତରେ ଅନୁପସ୍ଥିତ । ଏହା ସାରଳା ଦାସଙ୍କ ଏକ ମୌଳିକ ପ୍ରସଙ୍ଗ । ପରବର୍ତ୍ତୀ ସମୟରେ 'ବଙ୍ଗଳା ମହାଭାରତ' ଉପରେ ଏହି କାହାଣୀର ପ୍ରଭାବ ପଡ଼ିଥିବା କଥା 'କାଶୀଦାସୀ ମହାଭାରତ' ଅଧ୍ୟୟନରୁ ଜଣାଯାଏ । ସାରଳା ମହାଭାରତ ହେଉଛି କଥା-କାହାଣୀ, ଆଖ୍ୟାନ-ଉପାଖ୍ୟାନର ଗନ୍ତାଘର । ଅନେକ ଅନବଦ୍ୟ ମୌଳିକ ଆଖ୍ୟାନ ମଧ୍ୟରୁ 'ନବଗୁଞ୍ଜର' ହେଉଛି ଅନ୍ୟତମ ଆକର୍ଷଣୀୟ ଆଖ୍ୟାନ, ଏଥିରେ ଦ୍ୱିମତ ନାହିଁ ।

ଶ୍ରୀ ଜୟଦେବ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ: ୮୩୨୮୯୫୩୭୬୭

## ସ୍ମାର୍ଟଫୋନ୍ ନିର୍ମାଣରେ ଭାରତୀୟ କମ୍ପାନୀ ଚାଇନାଠାରୁ ଆଗରେ




**ଭାରତୀୟ କମ୍ପାନୀ ଡିକ୍ସନ୍ ନିୟନ୍ତ୍ରଣରେ ସମଗ୍ର ବଜାର**

ଚୀନ୍ ସ୍ମାର୍ଟଫୋନ୍ ବଜାରରେ ବିଗତ କିଛି ବର୍ଷ ମଧ୍ୟରେ ଦ୍ରୁତ ଅଗ୍ରଗତି ହାସଲ କରିଛି। ହେଲେ ବର୍ତ୍ତମାନ ଭାରତ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ। ଭାରତରେ ଚାଇନାର ସ୍ମାର୍ଟଫୋନ୍ ବିକ୍ରି ହେଉଥିଲେ ମଧ୍ୟ ଉତ୍ପାଦନରେ ଭାରତର ଏକଚାଟିଆ ଦବ୍‌ଦବା ରହିଛି। କେବଳ ଗୋଟିଏ ଭାରତୀୟ କମ୍ପାନୀ ଏହି ସମଗ୍ର ବଜାରକୁ ନିୟନ୍ତ୍ରଣ କରୁଛି। ଏହି କମ୍ପାନୀର ନାମ ହେଉଛି ଡିକ୍ସନ୍। ଆଜି ଆମେ ଆପଣଙ୍କୁ ଡିକ୍ସନ୍ ବିଷୟରେ କହିବାକୁ ଯାଉଛୁ। ଆମେ ଆପଣଙ୍କୁ ମଧ୍ୟ କହିବୁ କିପରି ଏହି କମ୍ପାନୀ ସମଗ୍ର ସ୍ମାର୍ଟଫୋନ୍ ଉତ୍ପାଦନ ବଜାରରେ ଏହାର ଦବ୍‌ଦବା ଜାରି ରଖିଛି। ନିକଟରେ ଭାରତ ସରକାରଙ୍କ ପିଏଲ୍‌ଆଇ ଯୋଜନାରେ ଡିକ୍ସନ୍ ଟେକ୍ନୋଲୋଜି ମଧ୍ୟ ଉପକୃତ ହୋଇଛି। ଡିକ୍ସନ୍‌ର ସୃଷ୍ଟି ୧୯୯୩ରେ ସୁନୀଲ ଭାଟାନିଙ୍କ ଦ୍ୱାରା ଡିକ୍ସନ୍ ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ତାଙ୍କ କମ୍ପାନୀ କେବଳ ରଙ୍ଗୀନ୍ ଟିଭି ନିର୍ମାଣ କରୁଥିଲା। ଅବଶ୍ୟ, ପରେ କମ୍ପାନୀ ସମ୍ପ୍ରସାରଣ କରିବା ଆରମ୍ଭ କରିଲା। ଏହାପରେ ଡିକ୍ସନ୍ ଏୟାର କଣ୍ଡିସନର, ମାଇକ୍ରୋୱେଭ୍ ଓଭେନ୍ ଏବଂ ଡିଭିଡି ପ୍ଲେୟାର ଉତ୍ପାଦନ ଉପରେ କାମ ଆରମ୍ଭ କରିଥିଲା। ଯେତେବେଳେ ଚାଇନାର କମ୍ପାନୀଗୁଡିକ ପାଇଁ ସ୍ମାର୍ଟଫୋନ୍ ତିଆରି ଆରମ୍ଭ ହେଲା ସେତେବେଳେ ସମସ୍ତଙ୍କ ଧ୍ୟାନ ଡିକ୍ସନ୍ ଉପରକୁ ଆସିଥିଲା। ୨୦୧୮ ମସିହାରେ ଡିକ୍ସନ୍ ଏହି ପରିପ୍ରେକ୍ଷୀରେ ସାଓମି ସହିତ ଏକ ସହଭାଗିତା ସ୍ଥାପନ କରିଥିଲା। କମ୍ପାନୀ ସାଓମି ନିମନ୍ତେ ଏଲଇଡି ଟିଭି ଉତ୍ପାଦନ ଆରମ୍ଭ କରିଥିଲା। ଏହି ଟିଭିଗୁଡ଼ିକୁ ବଜାରରେ ଏକ ଭିନ୍ନ ମାନ୍ୟତା ମିଳିଥିଲା। ଆଜି ଡିକ୍ସନ୍ ଇନଫିନିକ୍ସ, ଟେକ୍ନୋ ଏବଂ ଆଇଟେଲ୍‌ଠାରୁ ଆରମ୍ଭ କରି ସାମସଙ୍ଗ ପର୍ଯ୍ୟନ୍ତ ବ୍ରାଣ୍ଡ ପାଇଁ ସ୍ମାର୍ଟଫୋନ୍ ନିର୍ମାଣ କରୁଛି। ଏହାବ୍ୟତୀତ ଡିକ୍ସନ୍ ସାଓମି, ମୋଟୋରୋଲା ଏବଂ ଜିଓ ପାଇଁ ସ୍ମାର୍ଟଫୋନ୍ ମଧ୍ୟ ପ୍ରସ୍ତୁତ କରୁଛି।

ନୋଏଡାଠାରେ ଡିକ୍ସନ୍‌ର ଏକ ବଡ ଉତ୍ପାଦନ କାରଖାନା ରହିଛି। ଭାରତରେ ରହିଥିବା ଚାରୋଟି ପ୍ଲାଣ୍ଟରୁ କମ୍ପାନୀ ୩୦ ନିୟୁତ ସ୍ମାର୍ଟଫୋନ୍ ଏବଂ ୫୦ ନିୟୁତ ଫିଚର ଫୋନ୍ ଉତ୍ପାଦନ କ୍ଷମତା ରଖିଛି। କମ୍ପାନୀ ଏଠାରୁ ମୋଟରୋଲା ସ୍ମାର୍ଟଫୋନ୍ ପ୍ରସ୍ତୁତ କରି ସେଗୁଡିକୁ ଆମେରିକା ଯୋଗାଇଥାଏ। କେବଳ ଏତିକି ନୁହେଁ, ଡିକ୍ସନ୍ ଅନ୍ୟ ଅନେକ ବିକଶିତ ଦେଶକୁ ସ୍ମାର୍ଟଫୋନ୍ ରପ୍ତାନି କରୁଛି। କମ୍ପାନୀ ମଧ୍ୟପ୍ରାଚ୍ୟର ଅନେକ ଦେଶରେ ଏହାର କାର୍ଯ୍ୟାଳୟ ପ୍ରତିଷ୍ଠା କରିଛି।

# ଭାରତରେ ଦ୍ରୁତ ଗତିରେ ବଢୁଛି ମୋବାଇଲ୍ ଉତ୍ପାଦନ

**୧୦ ବର୍ଷରେ ଉତ୍ପାଦନ ୧୭୦୦ ପ୍ରତିଶତ ବଢ଼ିଛି**

ଦେଶରେ ମୋବାଇଲ୍ ଫୋନ୍ ଉତ୍ପାଦନ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଆକଳନ କରାଯାଇଛି ଯେ ୨୦୨୪-୨୫ ଆର୍ଥିକବର୍ଷରେ କାରବାର ୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ୪.୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ। ସରକାରୀ ତଥ୍ୟାନୁଯାୟୀ, ବିଗତ ୧୦ ବର୍ଷ ମଧ୍ୟରେ ଭାରତରେ ମୋବାଇଲ୍ ଫୋନ୍ ଉତ୍ପାଦନ ୧୭୦୦ ପ୍ରତିଶତ ବୃଦ୍ଧି ଘଟିଛି। ଏଠାରେ ସୂଚନାଯୋଗ୍ୟ ଯେ, ବର୍ଷକ ତଳେ ଦେଶରେ ମୋବାଇଲ୍ ଫୋନ୍ ଉତ୍ପାଦନ ଯେତିକି ଟଙ୍କାର ରହିଥିଲା ବର୍ତ୍ତମାନ ସେଥିରେ ପ୍ରାୟ ୧୭ ପ୍ରତିଶତ ଅଧିକ ବୃଦ୍ଧି ଘଟିବା ନେଇ ଆକଳନ କରାଯାଉଛି। ତେବେ ଏଥିରେ ଆଉ ୫୦୦୦ କୋଟି ଟଙ୍କା ବୃଦ୍ଧି ହୋଇପାରେ। କାରଣ ଆପଲ୍ ନେତୃତ୍ୱରେ ଏହି ସମୟ ମଧ୍ୟରେ ପ୍ରାୟ ୧,୨୦,୦୦୦ କୋଟି ଟଙ୍କା ମୂଲ୍ୟର ମୋବାଇଲ୍ ଫୋନ୍ ରପ୍ତାନି କରାଯାଇଛି ଯାହା ଏକ ବର୍ଷ ପୂର୍ବେ କରାଯାଇଥିବା ୯୦,୦୦୦ କୋଟି ଟଙ୍କା ରପ୍ତାନି ତୁଳନାରେ ୩୩ ପ୍ରତିଶତ ଅଧିକ। ୨୦୧୪-୧୫ରେ ଦେଶରୁ ମୋବାଇଲ ଫୋନ୍ ରପ୍ତାନି ୧୫୬୬ କୋଟି ଟଙ୍କା ରହିଥିଲା। ତେବେ ୨୦୨୨-୨୩ରେ ଏହି ପରିମାଣ ୯୦,୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା। ଫଳରେ ରପ୍ତାନିରେ ୫୬୦୦ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ତଥାପି, କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ନୀତି ଅନୁଯାୟୀ ରପ୍ତାନି ସରକାରଙ୍କ ଲକ୍ଷ୍ୟଠାରୁ ବହୁ ଦୂରରେ। ୨୦୨୫-୨୬ ଆର୍ଥିକବର୍ଷ ସୁଦ୍ଧା ସରକାର ୫୨ରୁ ୫୮ ବିଲିୟନ ଡଲାରର ମୋବାଇଲ ଫୋନ୍ ରପ୍ତାନି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଘରୋଇ ବଜାରରେ ମୋବାଇଲ୍ ଫୋନର ବିକ୍ରି ପ୍ରାୟ ସ୍ଥିର ରହିଛି। ଏହା ସତ୍ତ୍ୱେ ମୂଲ୍ୟ ଦୃଷ୍ଟିରୁ ଦେଶରେ ଫୋନ୍‌ର ଉତ୍ପାଦନ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଦେଶରେ ସ୍ମାର୍ଟଫୋନର ହାରାହାରି ବିକ୍ରି ମୂଲ୍ୟ ବୃଦ୍ଧି ପାଇଛି, କାରଣ ମହଙ୍ଗା ଫୋନ୍ ପ୍ରତି ଗ୍ରାହକଙ୍କ ଚାହିଦା ବଢୁଛି। ୫ଜି ଫୋନ୍‌ର କ୍ରୟରେ ବୃଦ୍ଧି ହାରାହାରି ବିକ୍ରିରେ ବୃଦ୍ଧି ଘଟାଇଛି।




## ଗୁଗଲ୍ ଆଣ୍ଡ୍ରଏଡ୍ ଆପ୍ ଦେବ ଜେମିନି ଏଆଇ ସର୍ଭିସ

ଗୁଗଲ୍ ନିଜ ଆଣ୍ଡ୍ରଏଡ୍ ଆପ୍‌ରେ ଏକ ବଡ଼ ପରିବର୍ତ୍ତନ କରିଛି। ଏହାର ଅପଡେଟ୍ ପରେ ବର୍ତ୍ତମାନ ଆଇଓଏସ୍ ଭଳି ଇଣ୍ଟରଫେସ୍ ଦେବ ଗୁଗଲ୍‌ର ଆଣ୍ଡ୍ରଏଡ୍ ଆପ୍। ଏଣିକି ୟୁଜର୍ସ ଖୁବ ସହଜରେ ଜେମିନି ଏଆଇକୁ ଆକ୍ସେସ କରିପାରିବେ। ତେବେ ବର୍ତ୍ତମାନ ଅଳ୍ପ କିଛି ୟୁଜରଙ୍କ ପାଇଁ ଏହି ଅପ୍‌ଡେଟ୍ ଉପଲବ୍ଧ ରହିଛି। ଏହାଦ୍ୱାରା ଆଣ୍ଡ୍ରଏଡ ସ୍ମାର୍ଟଫୋନ୍ ୟୁଜର୍ସଙ୍କ ପାଇଁ ଚାର୍ଟଜିପିଟି ଭଳି ଗୁଗଲ୍‌ର ଏଆଇ ଚାର୍ଟଜିପିଟି ଆକ୍ସେସ କରିବା ମଧ୍ୟ ଖୁବ ସହଜ ହୋଇପାରିବ। ଆଇଫୋନ୍ ବ୍ୟବହାର କରୁଥିବା ୟୁଜର୍ସଙ୍କୁ ଏହି ଫିଚର ପୂର୍ବରୁ ମିଳିପାରିଛି। ତେଣୁ ଆଇଫୋନ୍ ୟୁଜରଙ୍କ ପାଇଁ ଜେମିନି ଆପ୍ ଅଲଗା ଭାବରେ ଡାଉନଲୋଡ୍ କରିବା ଆବଶ୍ୟକ ନାହିଁ। ଜେମିନି ଏଆଇ ଆପ୍ ମଧ୍ୟ ବର୍ତ୍ତମାନ କିଛି ସୀମିତ ୟୁଜରଙ୍କ ପାଇଁ ଉପଲବ୍ଧ ରହିଛି। ତେଣୁ ଆଣ୍ଡ୍ରଏଡ୍ ୟୁଜର୍ସ ଅପଡେଟେଡ୍ ଗୁଗଲ୍ ଆପ୍ ଜରିଆରେ ଲାଟେଷ୍ଟ ଜେନେରେଟିଭ ଏଆଇ ପାୱାର୍ଡ ଚାଟବଟ୍ ବ୍ୟବହାର କରିପାରିବେ।

### ଆପ୍ ଅପଡେଟ୍‌ରେ କ’ଣ ସ୍ୱତନ୍ତ୍ର ରହିବ

ଗୁଗୁଲର ଆଣ୍ଡ୍ରଏଡ୍ ଆପ୍ ଅପଡେଟ୍ ପରେ, ଏଆଇ ପାଇଁ ଏକ ସର୍ଟକଟ୍ ବଟନ୍ ଉପଲବ୍ଧ ହେବ। ଏହା ସାହାଯ୍ୟରେ, ୟୁଜର ଗୋଟିଏ କ୍ଲିକ୍‌ରେ ଗୁଗଲ୍ ସର୍ଚ୍ଚ ଏବଂ ଜେମିନି ଏଆଇରେ ପହଞ୍ଚିପାରିବେ। ଅପଡେଟ୍ ପରେ ଆଣ୍ଡ୍ରଏଡ୍ ୟୁଜର୍ସ ଗୁଗଲ୍ ଆପରେ ଗ୍ୟାଲେରୀରେ ସେଭ ଫଟୋ ବା ପୁଣିଥରେ କ୍ୟାମେରାରେ ଫଟୋ କ୍ଲିକ୍ କରି ମଧ୍ୟ ୱେବ ସର୍ଚ୍ଚ କରିପାରିବେ। ଗୁଗଲ ଆପର ଏହି ଅପଡେଟ୍ ବର୍ତ୍ତମାନ ପରୀକ୍ଷଣ ପର୍ଯ୍ୟାୟରେ ରହିଛି।




## ଗୁଗୁଲ୍ ଏଆଇ ପାୱାରଡ୍ ଏଡିଟିଂ ଟୁଲ୍ ମେ’ ୧୫ରୁ

ସର୍ଚ୍ଚ ଇଞ୍ଜିନ୍ ଗୁଗଲ୍‌ର କୋଟି କୋଟି ୟୁଜର୍ସଙ୍କ ପାଇଁ ବଡ ଖବର। କମ୍ପାନୀ ମେ’ ୧୫ରୁ ଗୁଗଲ୍ ଫଟୋସ୍ ଏହାର ସମସ୍ତ ୟୁଜରଙ୍କ ଲାଗି ମ୍ୟାଜିକ୍ ଏଡିଟର ଓ ମ୍ୟାଜିକ୍ ଇରେଜର ସହିତ ଏଆଇ ପାୱାରଡ୍ ଏଡିଟିଂ ଟୁଲ୍ ପ୍ରଦାନ କରିବ। ଏହି ପଦକ୍ଷେପ ସେହି ସମୟରେ ନିଆଯାଇଛି ଯେତେବେଳେ ସାରା ବିଶ୍ୱରେ ୟୁଜରମାନେ ନିଜର ଦୈନନ୍ଦିନ ଜୀବନରେ ଏଆଇ ଏଡିଟିଂ ଟୁଲ୍‌ର ଉପଯୋଗକୁ ବୃଦ୍ଧି କରିଛନ୍ତି। ଏହି ମ୍ୟାଜିକ୍ ଏଡିଟର ୟୁଜର୍ସଙ୍କୁ ବିଶେଷ ଏଡିଟିଂ ଦକ୍ଷତା ବିନା ଜଟିଳ ଫଟୋ ଏଡିଟିଂ କରିବାରେ ସକ୍ଷମ କରାଇବ। ଏହି ଫିଚର ଲୋକଙ୍କୁ କୌଣସି ଫଟୋର ସ୍ୱତନ୍ତ୍ର ଅଂଶକୁ ଏଡିଟ୍ କରିବାରେ ସାହାଯ୍ୟ କରିବା ଲାଗି ଜେନେରେଟିଭ୍ ଏଆଇ ସହିତ ଏଆଇ କୌଶଳର ଉପଯୋଗ କରିଥାଏ। ଏହି ଫିଚର ପ୍ରଥମେ ମେ’ ୨୦୨୩ରେ ଗୁଗୁଲ୍ ଆଇଓରେ ପ୍ରଦାନ କରାଯାଇଥିଲା। ଏହା ବର୍ତ୍ତମାନ ପିକ୍ସେଲ୍୮ ଓ ପିକ୍ସେଲ୍୮ ପ୍ରୋ ସ୍ମାର୍ଟଫୋନ୍ ପର୍ଯ୍ୟନ୍ତ ସୀମିତ ରହିଛି। ଏହି ମ୍ୟାଜିକ୍ ଏଡିଟର ସମସ୍ତ ପିକ୍ସେଲ ସ୍ମାର୍ଟଫୋନ୍‌ରେ ଉପଲବ୍ଧ ହେବ। ତେବେ ଏଥିପାଇଁ ୟୁଜର୍ସଙ୍କୁ ଗୁଗୁଲ୍ ୱାନ୍ ପ୍ଲାନ କିଣିବାକୁ ହେବ। ଆଣ୍ଡ୍ରଏଡ୍ ଓ ଆଇଓଏସ୍‌ରେ ସମସ୍ତ ଗୁଗଲ ଫଟୋ ୟୁଜର୍ସଙ୍କୁ ପ୍ରତି ମାସରେ ୧୦ ମ୍ୟାଜିକ୍ ଏଡିଟର ମାଗଣାରେ ମିଳିବ। ଗୁଗଲ ପକ୍ଷରୁ କୁହାଯାଇଛି କି ଏହି ଫିଚର ସେହି ଫୋନ୍‌ରେ ଉପଲବ୍ଧ ହେବ ଯେଉଁଥିରେ ଅତି କମ୍‌ରେ ୩ଜିବି ରାମ୍ ଓ ଆଣ୍ଡ୍ରଏଡ୍୮.୦/ଆଇଓଏସ୍ ୧୫ ରହିଛି।




## ଭାରତକୁ ଆସୁଛି ଟେସ୍‌ଲା

# ରିଲାଏନ୍ସ ସହ ହୋଇପାରେ ଯୌଥ ଉଦ୍ୟୋଗ

ଭାରତରେ ଟେସ୍‌ଲାର ପ୍ରବେଶ ପ୍ରାୟ ନିଶ୍ଚିତ। ଏଥିପାଇଁ ଭାରତ ଗସ୍ତରେ ଆସୁଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ। ଏହି ଗସ୍ତ ସମୟରେ ମସ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ସହ ଭାରତରେ କମ୍ପାନୀର ନିବେଶ ଏବଂ ଏଠାରେ ଏକ ନୂଆ କାରଖାନା ଖୋଲିବା ନେଇ ବଡ଼ ଘୋଷଣା କରିପାରନ୍ତି। ଭାରତରେ ଇଲେକ୍ଟ୍ରିକ୍ ଯାନ (ଇଭି) ଉତ୍ପାଦନ କାରଖାନା ପ୍ରତିଷ୍ଠା ବିଷୟରେ ଟେସ୍‌ଲା ଅନେକ ରାଜ୍ୟ ସରକାରଙ୍କ ସହ ମଧ୍ୟ ଆଲୋଚନା କରିଥିଲା। ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ ମସ୍କ ଦେଶରେ ନିଜର ଉପସ୍ଥିତିକୁ ମଜବୁତ କରିବା ପାଇଁ ଭାରତରେ ଏକ ସ୍ଥାନୀୟ ସହଯୋଗୀ ସନ୍ଧାନରେ ଅଛନ୍ତି। ଆସୁଥିବା ଖବର ଅନୁଯାୟୀ, ଭାରତରେ ଟେସ୍‌ଲାର ପ୍ରବେଶରେ ରିଲାଏନ୍ସ ମଧ୍ୟ ଏକ ଭୂମିକା ଗ୍ରହଣ କରିପାରେ। ଟେସ୍‌ଲା ରିଲାଏନ୍ସ ସହ ଇଭି ପାଇଁ ଏକ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରିପାରେ। ଅନେକ ରାଜ୍ୟ ସରକାର ଉତ୍ପାଦନ କାରଖାନା ସ୍ଥାପନ କରିବାକୁ କମ୍ପାନୀକୁ ଚେଷ୍ଟା କରୁଛନ୍ତି। ସୂଚନାନୁସାରେ, ଏହି ଦୌଡ଼ରେ ଗୁଜୁରାଟ ଆଗରେ ରହିଛି। ଏ କ୍ଷେତ୍ରରେ ତାମିଲନାଡୁ ଏବଂ ତେଲେଙ୍ଗାନା ପଛରେ ନାହାଁନ୍ତି। ପୁଣେ ଶିଳ୍ପାଞ୍ଚଳରେ ଏକ କାରଖାନା ସ୍ଥାପନ କରିବା ପାଇଁ ମହାରାଷ୍ଟ୍ର ମଧ୍ୟ ଟେସଲାକୁ ପ୍ରସ୍ତାବ ଦେଇଛି। ତେବେ ଆମେରିକାରୁ ଟେସ୍‌ଲାର ଏକ ଟିମ୍ ଭାରତ ଆସି ଯାଏ ନେଇ ଞ୍ଚ କରିବେ। ଅଟୋ ଉତ୍ପାଦନ ପାଇଁ ଦୃଢ଼ ଭିତ୍ତିଭୂମି ଥିବା ତାମିଲନାଡୁ ଏବଂ ତେଲେଙ୍ଗାନା ମଧ୍ୟ ଏହି ପ୍ରକଳ୍ପ ହାସଲ କରିବାକୁ ଯଥାସମ୍ଭବ ଚେଷ୍ଟା କରୁଛନ୍ତି। ଅପରପକ୍ଷେ ଟେସଲା ପାଇଁ ଭାରତ ଆସିବା ଗୁରୁତ୍ୱପୂର୍ଣ୍ଣ କାରଣ ଏହାର ବିକ୍ରି ସାରା ବିଶ୍ୱରେ ହ୍ରାସ ପାଇଛି। ଚାଇନାରେ ସ୍ଥାନୀୟ ଇଭି ନିର୍ମାତାଙ୍କଠାରୁ କଡ଼ା ପ୍ରତିଯୋଗିତା ହେତୁ ଟେସଲାର ବିକ୍ରି ପ୍ରଭାବିତ ହୋଇଛି।




## କାର୍ ରିଭ୍ୟୁ: ଏମ୍‌ଜି ହେକ୍ଟର ବ୍ଲାକ୍‌ଷ୍ଟର୍ମ ଏଡିସନ୍

ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ଏମ୍‌ଜି (ମୋରିସ୍ ଗ୍ୟାରେଜେସ୍) ପକ୍ଷରୁ ଭାରତରେ ଏମ୍‌ଜି ମୋଟର ହେକ୍ଟରର ନୂଆ ବ୍ଲାକ୍‌ଷ୍ଟର୍ମ ଏଡିସନ୍‌ର ଶୁଭାରମ୍ଭ କରାଯାଇଛି। ଏମ୍‌ଜି ହେକ୍ଟର ବ୍ଲାକ୍‌ଷ୍ଟର୍ମକୁ ଏକ ଷ୍ଟେରୀ-ବ୍ଲାକ୍ କଲର୍ ଏକ୍ସଟେରିୟର ଏବଂ ଗନ୍ ମେଟାଲ ଆସେଂଟ୍ ସହିତ ବ୍ଲାକ୍ ଥିମ୍ ଇଣ୍ଟେରିୟର ସହ ଡିଜାଇନ କରାଯାଇଛି ଯାହା ଭାରତର ପ୍ରଥମ ଇଣ୍ଟରନେଟ୍ ଏସ୍ୟୁଭିର ଶକ୍ତିଶାଳୀ ଚରିତ୍ରକୁ ପରିପ୍ରକାଶ କରୁଛି। ଏକାଧିକ ଟେକ୍ ଓ କନେକ୍ଟେଡ ଫିଚରଗୁଡିକ ସହ ସୁସଜ୍ଜିତ ହେକ୍ଟର ବ୍ଲାକ୍‌ଷ୍ଟର୍ମ ଏହାର ସ୍ୱତନ୍ତ୍ର ଲୁକ୍ ସହିତ ଏସ୍ୟୁଭି କ୍ରେତାଙ୍କ ପାଇଁ ଶକ୍ତି ଓ ବିଳାସପୂର୍ଣ୍ଣତାର ଏକ ଚମତ୍କାର ପ୍ୟାକେଜ ପ୍ରଦାନ କରୁଛି। ସର୍ବୋତ୍ତମ ଶ୍ରେଣୀର ଉତ୍ପାଦ ଓ ସ୍ୱତନ୍ତ୍ର ଡିଜାଇନ ଉପାଦାନଗୁଡିକ ସହିତ ହେକ୍ଟର ବ୍ଲାକ୍‌ଷ୍ଟର୍ମ ଏଡିସନ ୫,୬ ଓ ୭-ସିଟର କନ୍‌ଫିଗ୍ୟୁରେଶନରେ ଉପଲବ୍ଧ। ଏମଜି ହେକ୍ଟର ବ୍ଲାକଷ୍ଟର୍ମ ୨୧.୨୪ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ୍)ର ଆକର୍ଷଣୀୟ ମୂଲ୍ୟ ସହିତ ଆସୁଛି। ହେକ୍ଟର ବ୍ଲାକ୍‌ଷ୍ଟର୍ମ ଡାର୍କ କ୍ରୋମ୍ ବ୍ରାଣ୍ଡ ଲୋଗୋ, ଡାର୍କ କ୍ରୋମ୍ ଆର୍ଗିଲେ ଅନୁପ୍ରାଣିତ ଡାଇମଣ୍ଡ ମେଶ୍ ଫ୍ରଣ୍ଟ ଗ୍ରିଲ, ସ୍କିଡ୍ ପ୍ଲେଟ୍ ଉପରେ ଡାର୍କ କ୍ରୋମ୍ ଇନ୍ସର୍ଟସ, ବଡି ସାଇଡ କ୍ଲାଡିଙ୍ଗ୍ରେ ଡାର୍କ କ୍ରୋମ୍ ଟେଲ୍ଗେଟ ଗାର୍ଣ୍ଣିସ ଓ ଡାର୍କ କ୍ରୋମ୍ ଫିନିଶ ଦ୍ୱାରା ଏହାର ଲୁକ୍ ଆହୁରି ଉନ୍ନତ ହୋଇଛି। ହେକ୍ଟର୍ ବ୍ଲାକ୍‌ଷ୍ଟର୍ମ ଏଡିସନରେ ଏଲ୍‌ଇଡି ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଫ୍ଲୋଟିଂ ଲାଇଟ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍‌ଇଡି ବ୍ଲେଡ କନେକ୍ଟେଡ ଟେଲ ଲ୍ୟାମ୍ପ ରହିଛି ଏବଂ ଏହା ୧୭.୭୮ସେମି ଏମ୍ବେଡେଡ ଏଲ୍‌ସିଡି ସ୍କ୍ରିନ ସହ ଏକ ଫୁଲ ଡିଜିଟାଲ କ୍ଲଷ୍ଟର, ୱାୟାରଲେସ୍ ଆପଲ କାର୍ପ୍ଲେ ଓ ଆଣ୍ଡ୍ରଏଡ୍ ଅଟୋ ଓ ୱାୟାରଲେସ୍ ଫୋନ୍ ଚାର୍ଜର ସହିତ ଆସୁଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ବ୍ଲାକ୍‌ଷ୍ଟର୍ମ ହେକ୍ଟର୍ ଏକ ସ୍ମାର୍ଟ ଚାବି ସହ ପୁଶ୍ ବଟନ ଇଞ୍ଜିନ ଷ୍ଟାର୍ଟ/ଷ୍ଟପ୍ ପ୍ରଦାନ କରୁଛି। ହେକ୍ଟର ବ୍ଲାକ୍‌ଷ୍ଟର୍ମ ଏକ ଷ୍ଟାଣ୍ଡାର୍ଡ ୩+୩+୩ ପ୍ୟାକେଜ ସହିତ ସ୍ୱତନ୍ତ୍ର କାର୍ ମାଲିକାନା ପ୍ରୋଗ୍ରାମ “ଏମ୍‌ଜି ସିଲ୍ଡ” ବିକ୍ରି-ପରବର୍ତ୍ତୀ ସେବା ବିକଳ୍ପଗୁଡିକ ସହ ଆସୁଛି, ଉଦାହରଣ ସ୍ୱରୂପ ଅସୀମିତ କିଲୋମିଟର ପାଇଁ ୩ ବର୍ଷର ୱାରେଣ୍ଟି, ୩ ବର୍ଷର ରୋଡ୍‌ସାଇଡ ଆସିଷ୍ଟାନ୍ସ ଓ ୩ଟି ଲେବର୍-ଫ୍ରି ପିରିଓଡିକ ସର୍ଭିସ୍।



ସୁଶ୍ରୀ
ସକାଳ THE SAKALA
www.sakalaepaper.com

# ଟ୍ରେଣ୍ଡିଂ ସମର୍ ବ୍ଲେଜର୍

**ସାଧାରଣତଃ ବ୍ଲେଜର୍ କଥା କହିଲେ, ସମସ୍ତେ ଭାବନ୍ତି ଏହା କେବଳ ଶୀତ ଦିନେ ପିନ୍ଧାଯାଏ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା । ତେବେ ସବୁବେଳେ ଗୋଟିଏ ଡିଜାଇନର୍ ବ୍ଲେଜର୍ ପିନ୍ଧିବା ବିରକ୍ତିକର ହୋଇଥାଏ । ତେଣୁ ଟ୍ରେଣ୍ଡିଂ ବ୍ଲେଜର ବ୍ୟବହାର କରି ଖରାଦିନେ କିପରି ନିଜକୁ କୁଲ୍ ତଥା ଷ୍ଟାଇଲିସ୍ ଲୁକ୍ ଦେଇପାରିବେ, ଜାଣିବା ସେ ବିଷୟରେ ।**



### ଧଳା ଫ୍ଲୋରାଲ ପ୍ରିଣ୍ଟ ବ୍ଲେଜର୍

ଖରାଦିନେ ଫ୍ଲୋରାଲ ପ୍ରିଣ୍ଟର ଧଳା ରଙ୍ଗର ବ୍ଲେଜର୍ ଖୁବ୍ ସୁନ୍ଦର ଦେଖାଯାଏ । ଏହାକୁ ଅଫିସ ସହ କୌଣସି ପାର୍ଟି, ଫଙ୍କ୍‌ସନ୍‌ରେ ପିନ୍ଧିପାରିବେ ।



### ପିଙ୍କ୍ ସଫ୍ଟ ଟଚ୍ ବ୍ଲେଜର

କ୍ରିପ୍ ଫ୍ୟାବ୍ରିକ୍‌ରେ ନିର୍ମିତ ଏହି ବ୍ଲେଜର୍ ଖୁବ୍ ସୁନ୍ଦର ଦେଖାଯାଏ । ଏହାକୁ ଧଳା ସାର୍ଟ ଓ ଜିନ୍ସ ସହିତ ପରିଧାନ କରିପାରିବେ । ବିଶେଷ କରି ଖରାଦିନ ପାଇଁ ଏହି ବ୍ଲେଜର ଆରାମଦାୟକ ହେବା ସହ ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ । ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ପରିଧାନ କରିପାରିବେ ।

### ସ୍ଲିଭ୍‌ଲେସ୍ ଗ୍ରୀନ୍ ବ୍ଲେଜର୍

କିଛି ମହିଳା ସ୍ଲିଭ୍‌ଲେସ୍ ବ୍ଲେଜର୍ ପିନ୍ଧିବାକୁ ପସନ୍ଦ କରନ୍ତି । ଏହାକୁ କର୍ମଜୀବୀ ମହିଳାଙ୍କ ସହ କଲେଜ ପଢୁଆ ଝିଅମାନେ ପରିଧାନ କରିପାରିବେ । ଏହା ବହୁତ ଆରାମଦାୟକ । ଏହାଉଭୟ ଫର୍ମାଲ ଓ କାଜୁଆଲ୍ ଆଉଟ୍‌ଫିଟ୍ ସହ ପିନ୍ଧିଲେ ଭଲ ଲାଗେ ।

# ରୋଜଗାରର ରାହା ରୁଟି





**ସାଧାରଣ ମହିଳାଙ୍କ ଭଳି ଘରେ ବସିବାକୁ ଚାହିଁ ନ ଥିଲେ ସେ । ନିଜେ ସ୍ୱାବଲମ୍ବୀ ହୋଇ ଦୁଇ ପଇସା ରୋଜଗାର କରି ନିତିଦିନିଆ ଖର୍ଚ୍ଚରେ କିପରି ସ୍ୱାମୀଙ୍କୁ ସାହାଯ୍ୟ କରିବେ, ସେହି ଭାବନାରେ ଥିଲେ । କିନ୍ତୁ ପାଖରେ ଆବଶ୍ୟକ ଅର୍ଥ ନଥିବାରୁ କୌଣସି ବଡ଼ ବ୍ୟବସାୟ ଆଡ଼କୁ ଧ୍ୟାନ ଦେଇ ନ ଥିଲେ । ତେଣୁ ବୋହୂ ଭାବେ ଘରେ ବସି କିପରି ସରଳ ଉପାୟ ଆପଣାଇ ରୋଜଗାର କରିପାରିବେ, ତାହା କଳ୍ପନା କରିଥିଲେ ସେ । ଆଉ ନିତିଦିନିଆ ହାଣ୍ଡିଶାଳରେ ତିଆରି କରୁଥିବା ରୁଟିକୁ ସେ ରୋଜଗାରର ମାଧ୍ୟମ କରିଥିଲେ । ନିଜ ଭଉଣୀଙ୍କ ସହ ମିଶି ଆରମ୍ଭ କଲେ ରୁଟି ବ୍ୟବସାୟ । ଯାହା ତାଙ୍କୁ ଦେଇଛି ଏକ ନୂଆ ପରିଚୟ । ଏହି ନିଆରା ବ୍ୟବସାୟରେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କ ପ୍ରେରଣା ସାଜିଛନ୍ତି କଟକ ଖାନନଗର ଦେବୀ ସାହିର ସରୋଜିନୀ ସାହୁ ।**



### ଘର କାମ ସହ ବ୍ୟବସାୟ

ଘର କାମ ସହ ରୁଟି ବ୍ୟବସାୟ କରିବାରେ ବିଶେଷ ସମସ୍ୟା ହୁଏ ନାହିଁ । କାରଣ ସକାଳୁ ପ୍ରଥମେ ଘରର ଯାବତୀୟ କାର୍ଯ୍ୟ ତଥା ରୋଷେଇବାସ, ଛୁଆପିଲାଙ୍କୁ ଖାଇବାକୁ ଦେବା ଆଦି କାର୍ଯ୍ୟ ସେ ଶେଷ କରିଥାନ୍ତି । ଖରାବେଳେ ନିଜର ବିଶ୍ରାମ ସମୟକୁ ଏହି ରୁଟି ବ୍ୟବସାୟରେ ଲଗାଇ ବେଶ୍ ଦୁଇ ପଇସା ରୋଜଗାର କରିପାରୁଛନ୍ତି ।

### ଆର୍ଥିକ ସ୍ଥିତି ସୁଦୃଢ଼ କରିବା

ଘରର ନିତିଦିନିଆ ତେଲ ଲୁଣ ଖର୍ଚ୍ଚ ପାଇଁ ସ୍ୱାମୀଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ତେଣୁ ସ୍ୱାମୀଙ୍କ ଉପରେ ନିର୍ଭରଶୀଳ ନ ହୋଇ ନିଜେ କିପରି ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ଚିନ୍ତା କରିଥିଲେ ସରୋଜିନୀ । ଏଥି ସହ ସେ ଜଣେ ବୋହୂ ଭାବରେ ବାହାରକୁ ନ ଯାଇ ଘରେ ରହି କିପରି ବ୍ୟବସାୟ କରିପାରିବେ, ତାହା ଭାବିଥିଲେ । ଯାହାର ଫଳସ୍ୱରୂପ ସେ ନିଜ ଭଉଣୀଙ୍କ ସହ ମିଶି ୨୦୧୨ ମସିହାରେ ରୁଟି ବ୍ୟବସାୟ ଆରମ୍ଭ କରିଥିଲେ ।

### ବ୍ୟବସାୟରୁ ସଫଳତା

ତାଙ୍କ କହିବାନୁଯାୟୀ କେହି କେହି ଇଡ୍‌ଲି, ଚକୁଳି, ପୁରି ତିଆରି କରି ହୋଟେଲମାନଙ୍କୁ ଦିଅନ୍ତି । କିନ୍ତୁ କେହି ହାତ ତିଆରି ରୁଟି ଦେଇ ନ ଥିଲେ, ତେଣୁ ସେ ପ୍ରଥମେ ସ୍ଥାନୀୟ ହୋଟେଲରେ ଯୋଗାଯୋଗ କରି ପ୍ରଥମେ ପାଞ୍ଚଟି ଲେଖାଏଁ ସାମ୍ପଲ ଦେଖାଇ ଥିଲେ । ହୋଟେଲ ମାଲିକ ତାଙ୍କ ରୁଟି ଦେଖି ଖୁସି ହୋଇ ତାଙ୍କୁ ୫୦ଟି ରୁଟି ପାଇଁ ବରାଦ ଦେଇ ଥିଲେ । ଦୁଇ ଟଙ୍କା ହିସାବରେ ୫୦ଟି ରୁଟି ବାବଦକୁ ସେ ୧୦୦ ଟଙ୍କା ରୋଜଗାର କରିଥିଲେ । ଧୀରେ ଧୀରେ ତାଙ୍କ ରୁଟିର ଚାହିଦା ବଢ଼ିଲା । ୧୦୦ ଟଙ୍କାରୁ ଆରମ୍ଭ ହୋଇଥିବା ସରୋଜିନୀଙ୍କ ଏହି ରୋଜଗାର ବର୍ତ୍ତମାନ ଦୈନିକ ୩ ହଜାରରୁ ୪ ହଜାର ଟଙ୍କାରେ ପହଞ୍ଚିଛି । ଯଦିଓ ଆରମ୍ଭରୁ ଗୋଟିଏ ରୁଟିର ମୂଲ୍ୟ ୨ ଟଙ୍କା ରହିଥିଲା, କିନ୍ତୁ ବର୍ତ୍ତମାନ ଏହା ୨ ଟଙ୍କା ୫୦ ପଇସାରେ ପହଞ୍ଚିଛି ।

### ୧୦ ଜଣ ମହିଳା ସ୍ୱାବଲମ୍ବୀ

ଧୀରେ ଧୀରେ ରୁଟିର ଚାହିଦା ବଢ଼ିବା ସହ ଅଧିକ ସଂଖ୍ୟାରେ ବରାଦ ଆସିଲା । କିନ୍ତୁ, ଦୁଇଜଣଙ୍କ ପକ୍ଷେ ଏହି ବ୍ୟବସାୟ କରିବା ସହଜ ନଥିଲା । ତେଣୁ ସ୍ଥାନୀୟ ଅଞ୍ଚଳର କିଛି ଜଣ ମହିଳାଙ୍କୁ ନେଇ ସରୋଜିନୀ ୨୦୧୩ ମସିହାରେ ଓମ୍ ସାଇରାମ୍ ନାମକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସମୁଦାୟ ୧୦ ଜଣ ମହିଳା ରହିଲେ । ଖାନନଗରରୁ ଆରମ୍ଭ ହୋଇଥିବା ରୁଟି ବ୍ୟବସାୟ କଟକର ବିଭିନ୍ନ ହୋଟେଲ ସହ ଭୁବନେଶ୍ୱର, ଢେଙ୍କାନାଳ, ଯାଜପୁର ଆଦି ସ୍ଥାନକୁ ପଠାଗଲା । ଏପରିକି ବିବାହ, ବ୍ରତଘର, ଜନ୍ମଦିନ ଆଦିରେ ସେ ରୁଟି ଅର୍ଡର ରଖି ଅର୍ଥ ଉପାର୍ଜନ କରୁଛନ୍ତି । ଏହି ଗୋଷ୍ଠୀର ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାମାନେ ଏ ଦିଗରେ ଆଗକୁ ଆସିଛନ୍ତି ।

### ବିନା ଯାନ୍ତ୍ରିକ ଉପକରଣରେ ରୁଟି

ଘରେ ଯେପରି ମାଆମାନେ ଅଟାରେ ପାଣି, ଲୁଣ ଦେଇ ହାତରେ ଅଟା ଚକଟନ୍ତି, ଠିକ୍ ସେହିଭଳି ସେମାନେ କୌଣସି ମେସିନ ବ୍ୟବହାର ନ କରି ହାତରେ ଅଟା ଚକଟି ପତଳା, ନରମ ସ୍ୱାଦିଷ୍ଟ ରୁଟି ପ୍ରସ୍ତୁତ କରୁଥିବା କହିଛନ୍ତି ସରୋଜିନୀ ।

### ଆଗାମୀ ଲକ୍ଷ୍ୟ

ରୁଟି ବ୍ୟବସାୟରୁ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥିବାରୁ ପାରିଛନ୍ତି ଏହାକୁ କେବେ ବନ୍ଦ କରିବେ ନାହିଁ ବୋଲି ସରୋଜିନୀ କହିଛନ୍ତି । ତେବେ ଆଗାମୀ ଦିନରେ ଏହା ଦ୍ୱାରା କିପରି ଅଧିକରୁ ଅଧିକ ମହିଳା ସ୍ୱାବଲମ୍ବୀ ହେବେ, ସେ ପ୍ରଚେଷ୍ଟା ସରୋଜିନୀ ଜାରି ରଖିବେ ।

# ଏପରି ଲଗାନ୍ତୁ କଜଳ

**ଅନେକ ସମୟରେ ଆଖିରେ କଳା ଲଗାଇଲା ପରେ ଏହା କିଛି ସମୟ ପରେ ବୋଳି ହୋଇଯାଏ । ଯାହା ଆଖି ସାଙ୍ଗକୁ ସମ୍ପୂର୍ଣ୍ଣ ମେକ୍‌ଅପ୍ ଲୁକ୍‌କୁ ଖରାପ କରିଥାଏ । ଏପରି ସ୍ଥଳେ କିଛି ମେକଅପ୍ ଟିପ୍ସ ଆପଣାଇ କଳାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖାଯାଇପାରିବ । ଜାଣିବା ସେ ବିଷୟରେ ।**



- କଳା ଲଗାଇବା ପୂର୍ବରୁ ପ୍ରଥମେ ଆଖି ପାଖରେ ଫାଉଣ୍ଡେସନ୍ ଲଗାନ୍ତୁ ।
- ସର୍ବଦା ଆଖିର ତଳ ଭାଗରେ କଳା ଲଗାନ୍ତୁ ।
- ସବୁବେଳେ ସ୍ମଜ୍ ପ୍ରୁଫ୍ କଳା ବ୍ୟବହାର କରନ୍ତୁ । ଏହା ଦ୍ୱାରା କଳା ନେସି ବା ବୋଳି ହୁଏ ନାହିଁ । ଆଖି ମେକ୍‌ଅପ୍ ସେଟ୍ କରିବା ପାଇଁ କମ୍ପାକ୍ଟ ପାଉଡର୍ ବ୍ୟବହାର କରନ୍ତୁ ।

# କିଭଳି କରିବେ ଘର ଚଟାଣ ସଫା

**ସାଧାରଣତଃ ଘରକୁ ସଫାସୁତୁରା ରଖିବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ ଅନେକ ସମୟରେ ଝାଡୁ, ପୋଛା ମଧ୍ୟ କରାଯାଏ । କିନ୍ତୁ କିଛି କ୍ଷେତ୍ରରେ ଘର ଯେତେ ସଫା କଲେ ମଧ୍ୟ ତାହା ଭଲ ଭାବରେ ସଫା ହୋଇ ନ ଥାଏ, ଏପରି ସ୍ଥଳେ ଘରପୋଛା ପାଣିରେ କିଛି ଏପରି ଜିନିଷ ମିଶାନ୍ତୁ, ଯାହା ଚଟାଣକୁ ଚକ୍ ଚକ୍ କରିବା ସହ ସଫା କରିବାରେ ସହାୟକ ହୋଇଥାଏ ।**



### ପଥର ଚଟାଣ

ସାଧାରଣତଃ ଘର ଚଟାଣ ଚାରିକୋଣିଆ ପଥର ଆକୃତିର ହୋଇଥିଲେ ମଇଳା, ଓ ଦାଗ ମଝିରେ ଥିବା ଫାଙ୍କରେ ରହିଯାଏ । ଯାହା ସହଜରେ ଛାଡ଼େ ନାହିଁ । ଏପରି ଚଟାଣ ସଫା କରିବାକୁ ହେଲେ, ଉଷୁମ ପାଣିରେ ଅଧା କପ ରାବିଙ୍ଗ୍ ଆଲକହଲ, ବାସନମଜା ଲିକ୍ୱିଡ୍ ଅଳ୍ପ ମିଶାଇ ଚଟାଣ ସଫା କରନ୍ତୁ । ଏହା ଦ୍ୱାରା ଦାଗ ଛାଡ଼ିବା ସହ ଚଟାଣ ପରିଷ୍କାର ରହିଥାଏ ।

### ମାର୍ବଲ ଚଟାଣ

ମାର୍ବଲ ଚଟାଣ ଦେଖିବାକୁ ଯେତିକି ସୁନ୍ଦର, ସଫା କରିବା ସେତିକି କଷ୍ଟଦାୟକ । ଏ ପ୍ରକାର ଚଟାଣ ପାଇଁ ଟିକେ ଅଧିକ କ୍ଲିନର ବ୍ୟବହାର କଲେ ଏହା ମାର୍ବଲ ରଙ୍ଗ ବଦଳାଇ ଦିଏ । ଏହି ଚଟାଣ ସଫା କରିବାପାଇଁ ଅଧା ବାଲ୍‌ଟି ଉଷୁମପାଣିରେ ବାସନମଜା ଲିକ୍ୱିଡ୍ ପକାନ୍ତୁ । ଏଥି ସହିତ ଅଳ୍ପ ରବିଙ୍ଗ୍ ଆଲ୍‌କହଲ୍ ମିଶାଇ ସଫା କରନ୍ତୁ । ଏହା ଦ୍ୱାରା ମାର୍ବଲ ଚଟାଣ ଭଲଭାବେ ସଫା ହୋଇଥାଏ ।

### ଲାମିନେଟେଡ୍ ଚଟାଣ

ଘରର ଚଟାଣ ଲାମିନେଟେଡ୍ ହୋଇଥିଲେ ବେକିଂସୋଡ଼ା ବ୍ୟବହାର କରନ୍ତୁ ନାହିଁ । ଚଟାଣ ସଫା କରିବାକୁ ହେଲେ ଅଧା ବାଲ୍‌ଟି ପାଣିରେ ଦୁଇ କପ ସିରକା ମିଶାନ୍ତୁ । ଏଥି ସହିତ ଅଳ୍ପ ଏସେନସିଆଲ ଅଏଲ ମିଶାନ୍ତୁ । ଏହାକୁ ମିଶାଇ ପୋଛିବା ଦ୍ୱାରା ଲାମିନେଟେଡ୍ ଚଟାଣ ସଫା ରହିଥାଏ । ଶୀଘ୍ର ନଷ୍ଟ ହୁଏ ନାହିଁ ।

# ଫେସ୍ ଟୋନର୍‌ର ଉପକାରିତା

**ଅଧିକାଂଶ ମହିଳା ଫେସ୍ ଟୋନର ବ୍ୟବହାର କରନ୍ତି ନାହିଁ କିନ୍ତୁ; ଟୋନର ତ୍ୱଚାକୁ ହାଇଡ୍ରେଟ୍ ଏବଂ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏହା ତେଲିଆ, ଶୁଷ୍କ ଓ କୋମଳ ତ୍ୱଚା ପାଇଁ ବେଶ୍ ଜରୁରୀ । ତେଣୁ ସବୁବେଳେ ତ୍ୱଚା ଅନୁଯାୟୀ ଟୋନର୍ ଲଗାଇବା ଆବଶ୍ୟକ । ତା'ସହ ସ୍କିନକେୟାର ରୁଟିନ୍‌ରେ ଫେସ୍‌ଟୋନର୍ ବ୍ୟବହାରର ଅନେକ ଉପକାରିତା ରହିଛି ।**

- ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ ।
- ଫେସଟୋନର୍‌ର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚାରେ ଚମକ ବୃଦ୍ଧି ପାଏ । ତ୍ୱଚା ପୂର୍ବ ତୁଳନାରେ ଅଧିକ କୋମଳ ଓ ଉଜ୍ଜ୍ୱଳ ଦିଶିଥାଏ ।
- ତ୍ୱଚାରେ ମୃତକୋଷ, ଧୂଳି ତଥା ତେଲିଆପଣ ସମସ୍ୟାକୁ ଏହା ଦୂର କରିବାରେ ସାହାଯ୍ୟ କରେ ।
- ପ୍ରତିଦିନ ମେକ୍‌ଅପ୍ ପୂର୍ବରୁ ସ୍କିନ୍ କେୟାର୍‌ରେ ଫେସ୍‌ଟୋନର୍ ବ୍ୟବହାର କରିବା ଦ୍ୱାରା ତ୍ୱଚା ସୁସ୍ଥ ରହିବା ସହ ଏହାର ଚମକ ବୃଦ୍ଧି ପାଏ।



# ୱେଷ୍ଟର୍ଣ୍ଣ ଚୁଡ଼ି



**ପାରମ୍ପରିକ ହେଉ ଅବା ଆଧୁନିକ; ଚୁଡ଼ି ପିନ୍ଧିବାକୁ ଅଧିକାଂଶ ମହିଳା ପସନ୍ଦ କରନ୍ତି । ତେବେ ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ସହ ଚୁଡ଼ି ପିନ୍ଧିଲେ ଭଲ ଲାଗିବ କି ନାହିଁ ଏହାକୁ ନେଇ ମହିଳା ଦ୍ୱନ୍ଦରେ ପଡ଼ନ୍ତି । ଏପରି ସ୍ଥଳେ ମହିଳାମାନେ ଘଣ୍ଟା ପିନ୍ଧିବାକୁ ପସନ୍ଦ କରନ୍ତି । ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ସହ ନିଜକୁ ଏକ ଷ୍ଟାଇଲିସ୍ ଲୁକ୍ ଦେବାକୁ ଚାହୁଁଥିଲେ ଆପଣାଇ ପାରିବେ ଏହିସବୁ ଚୁଡ଼ିକୁ...**

### ଆଫ୍‌ଗାନି ଚୁଡ଼ି

ନିଜର ଆଉଟ୍‌ଫିଟ୍‌କୁ ଅଧିକ ସୁନ୍ଦର କରିବାକୁ ଚାହୁଁଥିଲେ, ଆଫ୍‌ଗାନି ଚୁଡ଼ି ପିନ୍ଧିପାରିବେ । ଆଫଗାନୀ ଚୁଡ଼ି ବର୍ତ୍ତମାନ ଟ୍ରେଣ୍ଡରେ ରହିଛି । ଏହା ବିଭିନ୍ନ ଡିଜାଇନର ମିଳୁଥିବାବେଳେ ଦେଖିବାକୁ ଖୁବ୍ ଆକର୍ଷଣୀୟ। ଏହା ଉଭୟ ଅନ୍‌ଲାଇନ୍ ଓ ଅଫଲାଇନ୍‌ରେ ଉପଲବ୍ଧ ।



### ଗୋଲ୍‌ଡେନ୍ ଚୁଡ଼ି

ବିଭିନ୍ନ ପ୍ରକାର ଆଉଟ୍‌ଫିଟ୍ ସହ ଗୋଲଡେନ୍ ଚୁଡ଼ି ପିନ୍ଧିପାରିବେ । କିନ୍ତୁ ଏହା ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍‌କୁ ଭଲ ମାନେ । କମ୍ ଟଙ୍କାରେ ଏହା ଉଭୟ ଅନଲାଇନ୍ ଓ ଅଫଲାଇନ୍‌ରେ ଉପଲବ୍ଧ ।

### କଉଡ଼ି ଚୁଡ଼ି

ବର୍ତ୍ତମାନ ସମୟରେ କଉଡ଼ି ଚୁଡ଼ିର ଚାହିଦା ଅଧିକ । ୱେଷ୍ଟର୍ଣ୍ଣ ଡ୍ରେସ୍ ସହ କଉଡ଼ି ଅଳଙ୍କାର ପିନ୍ଧିଲେ ଖୁବ୍ ସୁନ୍ଦର ଲାଗିଥାଏ । ଏହା ଷ୍ଟାଇଲିସ୍ ସାଙ୍ଗକୁ ଏକ ଭିନ୍ନ ଲୁକ୍ ଦେଇଥାଏ । ଏବେ ଏହି ଡିଜାଇନ ଟ୍ରେଣ୍ଡର ଆଗରେ ରହିଛି । ଧଳା ସମେତ ଏହା ବିଭିନ୍ନ ରଙ୍ଗରେ ଉପଲବ୍ଧ । ଏହାକୁ ଆଉଟ୍‌ଫିଟ୍ ଅନୁସାରେ ମ୍ୟାଚ୍ କରି ପିନ୍ଧିପାରିବେ ।

# ପନିର୍ ମଞ୍ଚୁରିଆନ୍

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଗ୍ରେଟେଡ୍ ପନିର୍ - ଏକ କପ୍, ପତ୍ର କୋବି - ଅଧା କପ୍, ଗ୍ରେଟେଡ୍ ଗାଜର - ଅଧା କପ୍, କଟା ପିଆଜ - ଅଧା କପ୍, କଟା – କ୍ୟାପସିକମ୍ - ଅଧା କପ୍, କଟା କଞ୍ଚାଲଙ୍କା - ଦୁଇଟି, ଅଦା,ରସୁଣ କଟା - ଅଳ୍ପ, ଧନିଆ ପତ୍ର - ଅଧା କପ୍, ମଇଦା – ଦୁଇ ଚାମଚ, କନ୍‌ଫ୍ଲୋର – ଦୁଇ ଚାମଚ, ଗୋଲମରିଚ ଗୁଣ୍ଡ - ଅଧା ଚାମଚ, ସୋୟା ସସ୍ - ଏକ ଚାମଚ, ଟମାଟୋ ସସ୍ - ଏକ ଚାମଚ, ଗ୍ରୀନ୍ ଚିଲି ସସ୍ - ଅଧା ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗୋଟେ ପାତ୍ର ନେଇ ସେଥିରେ ପନିର୍, କୋବି, ଗାଜର, ପିଆଜ, ଅଦା, କଞ୍ଚାଲଙ୍କା, ମଇଦା, କନ୍‌ଫ୍ଲୋର, ଲୁଣ, ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ହାତ ସାହାଯ୍ୟରେ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ । ଅନ୍ୟ ପଟେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । ସେଥିରେ ତେଲ ଦେଇ ଗରମ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ତେଲ ଗରମ ହୋଇଯିବା ପରେ ପ୍ରସ୍ତୁତ କରି ରଖିଥିବା ଗୁଳା ଗୁଡ଼ିକୁ ପକାଇ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଛାଣି ହୋଇଯିବା ପରେ ଗୁଳା ଗୁଡ଼ିକୁ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ଗ୍ରେଭି ତିଆରି କରିବା ପାଇଁ ସେହି ପ୍ୟାନ୍‌ରେ ଅଳ୍ପ ତେଲ ଦିଅନ୍ତୁ । ସେଥିରେ ଅଦା, ରସୁଣ, କଟା ପିଆଜ, କ୍ୟାପ୍‌ସିକମ୍ ଓ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଗଲା ପରେ ସେଥିରେ ସୋୟା ସସ୍,ଟମାଟୋ ସସ୍ ଓ ଚିଲି ସସ୍ ଦିଅନ୍ତୁ । ଏହା ପରେ ଅଧା କପ୍ ପାଣିରେ ଏକ ଚାମଚ କନ୍‌ଫ୍ଲୋର ପାଉଡର୍ ଗୋଳି ପ୍ୟାନ୍‌ରେ ଦେଇ ପିଠାଖଡ଼ିକା ସାହାଯ୍ୟରେ ଗୋଳାନ୍ତୁ । ଗ୍ରେଭି ବହଳିଆ ହୋଇଯିବା ପରେ ସେଥିରେ ପୂର୍ବରୁ ଛାଣି ରଖିଥିବା ଗୁଳା ଗୁଡ଼ିକୁ ପକାନ୍ତୁ । ଏହାକୁ ଭଲ ଭାବେ ଗ୍ରେଭିରେ ମିଶାଇ ଧନିଆ ପତ୍ର ପକାଇ ପରଷି ଦିଅନ୍ତୁ 'ପନିର ମଞ୍ଚୁରିଆନ୍' ।



**ହକି ଟେଷ୍ଟ ସିରିଜ**

# ୫-୦ରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

## ଭାରତର ଅଲିମ୍ପିକ୍ସ ପ୍ରସ୍ତୁତିକୁ ଝଟ୍‌କା



ପର୍ଥ,୧୩।୪(ଏଜେନ୍ସି)

ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ହକି ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୫-୦ରେ ବିଜୟୀ ହେବା ସହ କ୍ଲିନ୍ ସୁଇପ୍ କରିଛି। ଭ୍ରମଣକାରୀ ଭାରତ କ୍ରମାଗତ ୫ଟି ମ୍ୟାଚ୍‌ରେ ପରାସ୍ତ ହୋଇ ଏହି ସିରିଜରେ ହ୍ୱାଇଟ୍‌ୱାସ୍‌ର ସମ୍ମୁଖୀନ ହୋଇଛି। ଫଳରେ ପ୍ୟାରିସ ଅଲିମ୍ପିକ୍ସ ଲାଗି ଭାରତର ପ୍ରସ୍ତୁତିକୁ ଜବରଦସ୍ତ ଝଟ୍‌କା ଲାଗିଛି। ଶନିବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ସଂଘର୍ଷ କରି ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାରତ ୨-୩ ଗୋଲରେ ପରାସ୍ତ ହୋଇଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ୧-୫, ଦ୍ୱିତୀୟ ମ୍ୟାଚ୍‌ରେ ୨-୪ ଓ ତୃତୀୟ ମୁକାବିଲାରେ ୧-୨ ଗୋଲରେ ପରାସ୍ତ ହୋଇ ସିରିଜ ହାତଛଡ଼ା କରିଥିଲା। ସେହିପରି ଶୁକ୍ରବାର ଖେଳାଯାଇଥିବା ଚତୁର୍ଥ ମ୍ୟାଚ୍‌ରେ ୧-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ମାନ୍ୟତାରେ ବର୍ତ୍ତମାନ ଭାରତ ୫ମ ଓ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ରହିଛି।

କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଭାରତ ପାଇଁ ଅଧିନାୟକ ହରମନପ୍ରୀତ ସିଂ ଚତୁର୍ଥ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ଅଷ୍ଟ୍ରେଲିଆ ଖେଳାଳିମାନେ ୩ଟି ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଶେଷରେ ଭାରତର ବବି ସିଂ ଧାମି ୫୩ତମ ମିନିଟ୍‌ରେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। ଅଷ୍ଟ୍ରେଲିଆ ପାଇଁ ଜେରେମି ହେୱାର୍ଡ ୨୦ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ଅଷ୍ଟ୍ରେଲିଆ ମାତ୍ର ଦୁଇ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ଭାରତକୁ ବ୍ୟାକ୍ ଫୁଟ୍‌କୁ ଠେଲି ଦେଇଥିଲା। ଘରୋଇ ଦଳର କି ୱିଲଟ୍ ୩୮ ମିନିଟ୍‌ରେ ଓ ଟିମ୍ ବ୍ରାଣ୍ଡ ୩୯ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ଚତୁର୍ଥ ମିନିଟ୍‌ରେ ଦୁଇଟି ପେନାଲ୍ଟି ସୁଯୋଗ ପାଇଥିଲେ ମଧ୍ୟ ହରମନପ୍ରୀତ ଗୋଟିଏକୁ ଗୋଲରେ ପରିଣତ କରିଥିଲେ। ସେହିପରି ଭାରତ ୩୭ ଓ ୪୧ତମ ମିନିଟ୍‌ରେ ଆଉ ଦୁଇଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ତେବେ ଭାରତୀୟ ଡ୍ରାଗ୍ ଫ୍ଲିକରମାନେ ଏହାର ସଦ୍‌ବ୍ୟବହାର କରିପାରି ନଥିଲେ। ଦଳର ପ୍ରଦର୍ଶନରେ ଭାରତୀୟ ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ନୈରାଶ୍ୟ ଜାହିର କରିଛନ୍ତି।

### ପ୍ୟାରିସ ଅଲିମ୍ପିକ୍ସ: ଗୋଟିଏ ଗ୍ରୁପ୍‌ରେ ଦୁଇ ଦଳ

ଆସନ୍ତା ଜୁଲାଇ ଓ ଅଗଷ୍ଟରେ ଆୟୋଜନ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସରେ ଭାରତ ଓ ଅଷ୍ଟ୍ରେଲିଆ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରେ ବିଶ୍ୱର ୨ ନମ୍ବର ଦଳ ବେଲଜିୟମ, ୧୦ ନଂ ଦଳ ନ୍ୟୁଜିଲାଣ୍ଡ, ଆର୍ଜେଣ୍ଟିନା ଓ ଆୟର୍ଲାଣ୍ଡ ସ୍ଥାନିତ ହୋଇଛନ୍ତି। ଭାରତ ଜୁଲାଇ ୨୭ରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ୨୯ ତାରିଖରେ ଆର୍ଜେଣ୍ଟିନାକୁ, ୩୦ରେ ଆୟର୍ଲାଣ୍ଡକୁ, ଅଗଷ୍ଟ ୧ରେ ବେଲଜିୟମକୁ ଓ ଶେଷରେ ଅଗଷ୍ଟ ୨ରେ ଅଷ୍ଟ୍ରେଲିଆକୁ ଭେଟିବ। କଷ୍ଟସାଧ୍ୟ ଗ୍ରୁପ୍‌ରେ ସାମିଲ ହୋଇଥିବାରୁ ଭାରତ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ଏଥର ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ତେବେ ଭାରତୀୟ ମହିଳା ଦଳ ଏଥର ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି।

**ଟି-୨୦ରେ ଗୋଟିଏ ଓଭରରେ ୬ ଛକା**

# ଯୁବରାଜ, ପୋଲାର୍ଡଙ୍କ ପରେ ନେପାଳର ଦୀପେନ୍ଦ୍ର

**ଅଲ୍ ଆମେର୍ଟ, ୧୩।୪ (ଏଜେନ୍ସି):** ନେପାଳର ବ୍ୟାଟର୍ ଦୀପେନ୍ଦ୍ର ସିଂ ବିଶ୍ୱର ୩ୟ କ୍ରିକେଟର୍ ଭାବେ ଅନ୍ତର୍ଜାତୀୟ ଟି-୨୦ରେ ଗୋଟିଏ ଓଭରରେ ୬ଟି ଛକା ମାରିବାର ସୌଭାଗ୍ୟ ଲାଭ କରିଛନ୍ତି। ଓମାନରେ ଚାଲିଥିବା ଏସିସି ପ୍ରିମିୟର୍ କପ୍‌ରେ ନେପାଳ ଓ କତାର ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ସେ ଏହି ସଫଳତା ପାଇଛନ୍ତି। ଭାରତର ଯୁବରାଜ ସିଂହ ଓ ୱେଷ୍ଟଇଣ୍ଡିଜର କାଇରନ ପୋଲାର୍ଡଙ୍କ ପରେ ଦୀପେନ୍ଦ୍ର ୩ୟ କ୍ରିକେଟର୍ ଭାବେ ଟି-୨୦ରେ ଗୋଟିଏ ଓଭରରେ ୬ଟି ଛକା ମାରିବା କ୍ଲବରେ ସାମିଲ ହୋଇଛନ୍ତି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନେପାଳ ୨୦ ଓଭରରେ ୭ ୱିକେଟ୍ ହରାଇ ୨୧୦ ରନ କରିଥିଲା। ଜବାବରେ କତାର ୯ ୱିକେଟ୍‌ରେ ୧୭୮ ରନ କରି ପରାସ୍ତ ହୋଇଥିଲା। ନେପାଳ ପାଳିର ୨୦ତମ ଓଭର ବୋଲିଂ କରିବାକୁ ଆସିଥିବା କତାରର କମରନ ଖାନଙ୍କ ଛଅଟି ଯାକ ବଲ୍‌କୁ ଦୀପେନ୍ଦ୍ର ୬ଟି ଛକା ମାରିଥିଲେ। ଫଳରେ ଏହି ଓଭରରୁ ୩୬ ରନ ସଂଗ୍ରହ ହୋଇଥିଲା ଓ ନେପାଳ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା। ଦୀପେନ୍ଦ୍ର ମୋଟ୍ ଉପରେ ୨୧ ବଲ ସାମ୍ନା କରି ୬୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ପାଳିରେ ସେ ୭ ଛକା ଓ ୩ ଚୌକା ମାରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୭ ଟି-୨୦ ବିଶ୍ୱକପ୍‌ରେ ଇଂଲଣ୍ଡର ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଓଭରର ସମସ୍ତ ବଲ୍‌କୁ ଯୁବରାଜ ଛକା ମାରିଥିଲେ। ଅନ୍ତର୍ଜାତୀୟ ଟି-୨୦ରେ ଏହି ସଫଳତା ପାଇବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍ ଥିଲେ। ସେହିଭଳି ୨୦୨୧ରେ ଶ୍ରୀଲଙ୍କା ବିପକ୍ଷ ଟି-୨୦ରେ ସ୍ପିନର ଅକିଲ ଧନଞ୍ଜୟଙ୍କ ଓଭରର ସମସ୍ତ ବଲ୍‌କୁ ପୋଲାର୍ଡ ଛକା ମାରି ଏହି ସଫଳତା ପାଇବାରେ ୨ୟ କ୍ରିକେଟର୍ ହୋଇଥିଲେ। ଅପରପକ୍ଷରେ ଏକଦିବସୀୟ କ୍ରିକେଟ୍‌ରେ ଦକ୍ଷିଣ ଆଫ୍ରିକାର ହର୍ଶେଲ ଗିବ୍ସ ଓ ଆମେରିକାର ଜସକରନ ମାଲହୋତ୍ରା ଗୋଟିଏ ଓଭରରେ ୬ ଛକା ମାରିବାର କୀର୍ତ୍ତିମାନ କରିଛନ୍ତି।



**ଟି-୨୦ରେ ୬ ଛକା**

| ବ୍ୟାଟର୍ | ବୋଲର୍ | ବର୍ଷ |
|---|---|---|
| ଯୁବରାଜ ସିଂହ | ଷ୍ଟୁଆର୍ଟ ବ୍ରଡ୍ | ୨୦୦୭ |
| କାଇରନ ପୋଲାର୍ଡ | ଅକିଲ ଧନଞ୍ଜୟ | ୨୦୨୧ |
| ଦୀପେନ୍ଦ୍ର ସିଂ | କମରନ ଖାନ | ୨୦୨୪ |

**ଏଆଇଟିଏ ପୁରୁଷ ଟେନିସ**

# କବୀର ହଂସଙ୍କୁ ଯୁଗଳ ଟାଇଟଲ



ସାନିଆ ମିର୍ଜାଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି କବୀର

**ଭୁବନେଶ୍ୱର,୧୩।୪(ସମିସ):** ହାଇଦରାବାଦରେ ଗତ ୮ରୁ ୧୨ ତାରିଖ ମଧ୍ୟରେ ଅନୁଷ୍ଠିତ ସର୍ବ ଭାରତୀୟ ଟେନିସ ଆସୋସିଏସନ (ଏଆଇଟିଏ) ପୁରୁଷ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର କବୀର ହଂସ ଯୁଗଳ ପ୍ରତିଯୋଗିତାରେ ଟାଇଟଲ ହାସଲ କରିଛନ୍ତି। ଏଆଇଟିଏ ଓ ତେଲଙ୍ଗାନା ଷ୍ଟେଟ୍ ଟେନିସ ଆସୋସିଏସନ (ଟିଏସ୍‌ଟିଏ) ମିଳିତ ଆନୁକୂଲ୍ୟରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ଯୁଗଳ ଫାଇନାଲରେ କବୀର ଓ ତାଙ୍କ ଗୁଜରାଟ ସାଥି ଖେଳାଳି ଜେବ ଜାଭିଆ ୭-୫, ୬-୨ ସିଧାସଳଖ ସେଟରେ ଉତ୍ତରପ୍ରଦେଶର ମାନ କେଶରୱାନୀ ଓ ହରିୟାଣାର ରିକି ଚୌଧୁରୀଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। କବୀର ସ୍ଥାନୀୟ କିଟ୍ ବିଶ୍ୱ ବିଦ୍ୟାଳୟରେ ବ୍ୟାଚଲର ଇନ୍ ବିଜନେସ ଆଡମିନିଷ୍ଟ୍ରେସନ (ବିବିଏ) କରୁଛନ୍ତି। ଖେଳ ତଥା ନିଜର କ୍ରୀଡ଼ାଯାତ୍ରାରେ ସହାୟତା ପ୍ରଦାନ କରିଥିବାରୁ କବୀର ଏହି ଅସବରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ସାମନ୍ତ ମଧ୍ୟ ତାଙ୍କ ଏହି ସଫଳତାରେ ଅଭିନନ୍ଦନ ଜଣାଇବା ସହ ଆଗାମୀ ଟୁର୍ଣ୍ଣାମେଣ୍ଟ ଗୁଡିକରେ ଭଲ ପ୍ରଦର୍ଶନ କରିବାକୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତ ଐତିହାସିକ ପ୍ଲେ-ଅଫ୍‌ରୁ ବଞ୍ଚିତ

ନୂଆଦିଲ୍ଲୀ,୧୩।୪(ଏଜେନ୍ସି)

ଚୀନ୍‌ର ଚାଙ୍ଗସାଠାରେ ଚାଲିଥିବା ବିଲି ଜିନ୍ କିଙ୍ଗ୍ କପ୍‌ରେ ଭାରତ ଶନିବାର ୧-୨ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ବିଲି ଜିନ୍ କିଙ୍ଗ୍ କପ୍ ହେଉଛି ମହିଳା ଟେନିସର ଅନ୍ୟତମ ଶ୍ରେଷ୍ଠ ଅନ୍ତର୍ଜାତୀୟ ଦଳୀୟ ପ୍ରତିଯୋଗିତା। ଅନ୍ତର୍ଜାତୀୟ ଟେନିସ ଫେଡେରେସନର ୫୦ତମ ବାର୍ଷିକୀ ପାଳନ ଅବସରରେ ଫେଡେରେସନ କପ୍ ଭାବେ ୧୯୬୩ରେ ଆରମ୍ଭ ହୋଇଥିଲା। କିନ୍ତୁ ୨୦୨୦ ସେପ୍ଟେମ୍ବରରେ ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ବିଲି ଜିନ୍ କିଙ୍ଗ୍‌ଙ୍କ ସମ୍ମାନ ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ତାଙ୍କ ନାମରେ ନାମିତ ହୋଇଥିଲା। ପ୍ଲେ- ଅଫ୍‌ରେ ସ୍ଥାନ ପାଇଥିଲେ ଭାରତ ପାଇଁ ଏହା ଏକ ଐତିହାସିକ ଉପଲବ୍ଧି ବିବେଚିତ ହୋଇଥାନ୍ତା। ୬ ଦଳ ବିଶିଷ୍ଟ ଏହି ଗ୍ରୁପ୍‌ରେ ଭାରତ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।



### ନ୍ୟୁଜିଲାଣ୍ଡଠୁ ୧-୨ରେ ହାରିଲା ଭାରତ

ଟୁର୍ଣ୍ଣାମେଣ୍ଟର ଏହି ୬୧ତମ ସଂସ୍କରଣରେ ଭାରତ ଗ୍ରୁପ୍-୧ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ସହ ପ୍ଲେ-ଅଫ୍‌ରେ ସ୍ଥାନ ହାସଲ କରିବାରେ ବିଫଳ ହୋଇଛି। ପ୍ରାରମ୍ଭିକ ଏକକ ମ୍ୟାଚ୍‌ରେ ବିଶ୍ୱର ୩୭୯ ନଂ ଖେଳାଳି ଋତୁଜା ଭୋସାଲେ ୬-୨, ୭-୬ ସେଟ୍‌ରେ ବିଶ୍ୱର ୬୩୨ ନଂ ଖେଳାଳି ମୋନିକ ବେରୀଙ୍କୁ ହରାଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ଅଙ୍କିତା ରାଇନା ଦ୍ୱିତୀୟ ଏକକ ମ୍ୟାଚ୍‌ରେ ବିଶ୍ୱର ୧୬୯ ନଂ ଖେଳାଳି ଲୁଲୁ ସୁନ୍‌ଙ୍କୁ ଭେଟିଥିଲେ ଓ ୨-୬, ୦-୬ ସିଧାସଳଖ ସେଟ୍‌ରେ ପରାସ୍ତ ହୋଇଥିଲେ। ଯଦି ଏହି ମ୍ୟାଚରେ ଅଙ୍କିତା ବିଜୟୀ ହୋଇଥାନ୍ତେ ତାହାଲେ ଭାରତ ପ୍ଲେ-ଅଫ୍‌ରେ ସ୍ଥାନ ପାଇ ଇତିହାସ ସୃଷ୍ଟି କରିଥାନ୍ତା। ଏହାପରେ ଯୁଗଳ ପ୍ରତିଯୋଗିତାରେ ଅଙ୍କିତା ଓ ପ୍ରାର୍ଥନା ଥୋମ୍ବାରେ ୧-୬, ୫-୭ ସେଟ୍‌ରେ ପେଗ୍ ହାଉରିଗାନ ଓ ଏରିନ୍ ରାଉଟଲିଫ୍‌ଙ୍କଠାରୁ ପରାସ୍ତ ହୋଇଥିଲେ।

# ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ନିଖତ



**ନୂଆଦିଲ୍ଲୀ,୧୩।୪(ଏଜେନ୍ସି):** ଭାରତୀୟ ତାରକା ମହିଳା ବକ୍ସର ନିଖତ ଜରିନ୍ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ତାଙ୍କ ପ୍ରସ୍ତୁତି ଜୋରଦାର କରିଛନ୍ତି। ଦୁଇଥର ବିଶ୍ୱ ବକ୍ସିଂ ଚାମ୍ପିଅନଶିପ୍ ଜିତିଥିବା ନିଖତ କିନ୍ତୁ ଏହା ପୂର୍ବରୁ କିମ୍ବଦନ୍ତୀ ମହିଳା ବକ୍ସର ମେରିକମ୍‌ଙ୍କ ଛାୟାରୁ ବାହାରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ମେରିକମ୍ ୬ଥର ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ପଦକ ଜିତିବା ସହ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରିଥିଲେ। ତେଣୁ ଭାରତୀୟ ମହିଳା ବକ୍ସିଂରେ ମେରିକମ୍‌ଙ୍କ ପ୍ରଭାବକୁ କେହି ଅସ୍ୱୀକାର କରିପାରିବେ ନାହିଁ। ନିଜର ସଂଘର୍ଷ ଓ କଠିନ ପରିଶ୍ରମ ବଳରେ ଭାରତୀୟ ମହିଳା ବକ୍ସିଂକୁ ନୂଆ ଦିଗ ଓ ରୂପ ଦେଇଛନ୍ତି। ମେରିକମ ଅବସର ନେଇ ସାରିଥିବାରୁ ଏବେ ଏହି ପରମ୍ପରାକୁ ନିଖତ ଆଗକୁ ବଢାଇ ନେବାକୁ ଚାହାନ୍ତି। ତେବେ ଏଥିପାଇଁ ସେ ମେରିକମ୍‌ଙ୍କ ଛାୟାର ବାହାରକୁ ଯିବାକୁ ଚାହାନ୍ତି ବୋଲି କହିଛନ୍ତି। କିନ୍ତୁ ଏଥିପାଇଁ ତାଙ୍କୁ ଅତିକମ୍‌ରେ ପ୍ୟାରିସ ଅଲିମ୍ପିକ୍ସରେ ପଦକ ହାସଲ କରିବାକୁ ହେବ। ଏହାକୁ ମଧ୍ୟ ସେ ହୃଦୟଙ୍ଗମ କରିଛନ୍ତି। ଏଥର ଅଲିମ୍ପିକ୍ସରେ ଜରିନ୍ ପ୍ରଥମଥର ପାଇଁ ଅଂଶଗ୍ରହଣ କରି ୫୦ କେଜି ବର୍ଗ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଅଲିମ୍ପିକ୍ସରେ ପଦକ ଜିତିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ନିଖତ କହିଛନ୍ତି। ୨୭ ବର୍ଷୀୟା ନିଖତ ଅଲିମ୍ପିକ୍ସ ପଦକ ସହ ଘରକୁ ଫେରିବେ ବୋଲି ତାଙ୍କ ପ୍ରଶିକ୍ଷକ ବ୍ଲାସ ଇଗ୍ଲେସିଆସ୍ ଫର୍ଣ୍ଣାଣ୍ଡିଜ ଆଶାପ୍ରକାଶ କରି କହିଛନ୍ତି। ବିଶ୍ୱ ଚାମ୍ପିଅନସିପ୍ ସଫଳତାକୁ ବାଦ୍ ଦେଲେ ନିଖତ ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୨୨ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ କାଂସ୍ୟ, ୨୦୧୯ ଏସିଆନ୍ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ହାସଲ କରିଥିଲେ।

# ୱାକାର ୟୁନିସ୍‌ଙ୍କ ଭାଇକୁ ବାହାହେଲେ କ୍ରିକେଟର ଆଲିଆ



**କରାଚୀ,୧୩।୪(ଏଜେନ୍ସି):** ପାକିସ୍ତାନ ମହିଳା କ୍ରିକେଟ ଅଲରାଉଣ୍ଡର ଆଲିଆ ରିୟାଜ୍ ଏବେ ନିଜ ବିବାହକୁ ନେଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। ଆଲିଆ କିମ୍ବଦନ୍ତୀ ପାକିସ୍ତାନ ଦ୍ରୁତ ବୋଲର ୱାକାର ୟୁନିସ୍‌ଙ୍କ ସାନଭାଇ ଅଲି ୟୁନିସ୍‌ଙ୍କୁ ବିବାହ କରିଛନ୍ତି। ଅଲି ମଧ୍ୟ ଜଣେ କ୍ରିକେଟ ଭାଷ୍ୟକାର ଭାବେ ବେଶ୍ ନାମ ଅର୍ଜନ କରିଛନ୍ତି। ଲାହୋରସ୍ଥିତ ଏକ ଘରୋଇ ଫାର୍ମ ହାଉସ୍‌ରେ ଏହି ହାଇପ୍ରୋଫାଇଲ ବିବାହ ଅନୁଷ୍ଠିତ ହୋଇଛି। ଏହି ବିବାହ ଉତ୍ସବରେ ନିଦା ଦର, ଆନମ ଅମିନ ଓ ଇରମ ଜାଭେଦଙ୍କ ଭଳି ମହିଳା କ୍ରିକେଟର ଯୋଗ ଦେଇଥିଲେ ଆଲିଆ ଓ ୟୁନିସ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନିଦା ଦାର ଏବେ ପାକିସ୍ତାନ କ୍ରିକେଟ ଦଳର ଅଧିନାୟିକା ଭାବେ ଦାୟିତ୍ୱ ବହନ କରୁଛନ୍ତି। ସେହିପରି ପାକିସ୍ତାନ ତାରକା ବ୍ୟାଟର ତଥା ଅଧିନାୟକ ବାବର ଆଜମ ମଧ୍ୟ ଏଥିରେ ଯୋଗ ଦେଇ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ଆଲିଆ ପାକିସ୍ତାନ ତରଫରୁ ପ୍ରତିନିଧିତ୍ୱ କରି ୬୨ଟି ଅନ୍ତର୍ଜାତୀୟ ଦିନିକିଆ ଓ ୮୩ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସ୍ଥିର ପ୍ରଦର୍ଶନ କରୁଥିବା ୩୧ ବର୍ଷୀୟା ଆଲିଆ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମହିଳା ଅଲରାଉଣ୍ଡର ଭାବେ ପରିଗଣିତ ହେଉଛନ୍ତି। ୨୦୧୮ ଓ ୨୦୨୦ ମହିଳା ଟି-୨୦ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଅଲି ସଦ୍ୟ ସମାପ୍ତ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ରେ କମେଣ୍ଟ୍ରି ଟିମ୍‌ରେ ସାମିଲ ଥିଲେ। ଚଳିତ ମାସ ପ୍ରାରମ୍ଭରେ ଆଲିଆ ଓ ଅଲିଙ୍କର ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା।

**କଳାହାଣ୍ଡି କପ୍: ଆକାଶ, ଶାଶ୍ୱତଙ୍କ ଶତକ**

# ଭଦ୍ରକ, ପାରାଦୀପ ବିଜୟୀ

ଭୁବନେଶ୍ୱର, ୧୩।୪ (ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃଜିଲ୍ଲା ବରିଷ୍ଠ କ୍ରିକେଟ୍ ପ୍ରତିଯୋଗିତା କଳାହାଣ୍ଡି କପ୍‌ରେ ଶନିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଗୋଲ୍ଡ-ଏ ବର୍ଗରେ ଏକଦିବସୀୟ ଫର୍ମାଟ୍‌ରେ ଖେଳାଯାଇଥିବା ଏହି ମ୍ୟାଚରେ ଭଦ୍ରକ, ପାରାଦୀପ ଓ ଅନୁଗୋଳ ବିଜୟୀ ହୋଇଛି। ଭଦ୍ରକର ଆକାଶ ମହାପାତ୍ର ଓ ପାରଦୀପର ଶାଶ୍ୱତ ମହାନ୍ତିଙ୍କ ଶତକ ଏବଂ ଅନୁଗୋଳର ଟୁକୁନା ସାହୁଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା।

**ଆକାଶଙ୍କ ୧୬୬ ରନ:** ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୧୨୧ ରନର ବୃହତ୍ ବ୍ୟବଧାନରେ ବରଗଡ଼କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭଦ୍ରକ ଆକାଶଙ୍କ ୧୬୬ ରନ ବଳରେ ୫୦ ଓଭରରେ ୫ ୱିକେଟ୍‌ରେ ୩୩୮ ରନ କରିଥିଲା। ଜବାବରେ ବରଗଡ଼ ପ୍ରବୀଣ ଲୁହାଙ୍କ ୬୩ ରନ ସତ୍ତ୍ୱେ ୪୮.୨ ଓଭରରେ ୨୧୭ ରନରେ ସୀମିତ ରହିଥିଲା।

**ଶାଶ୍ୱତଙ୍କ ୧୧୮ ରନ:** ସେହିଭଳି ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମୁକାବିଲାରେ ପାରାଦୀପ ୪ ୱିକେଟ୍‌ରେ କିଟ୍ ଦଳକୁ ପରାସ୍ତ କରିଛି। ସୁଦର୍ଶନ ସ୍ୱାଇଁ (୭୯) ଓ ମରୋଜୁ ପ୍ରଶାନ୍ତ (୬୭)ଙ୍କ ଅର୍ଦ୍ଧଶତକ ସହାୟତାରେ କିଟ୍ ପ୍ରଥମେ ବ୍ୟାଟିଂ କରି ୨୬୩ ରନ କରି ଅଲ୍‌ଆଉଟ୍ ହୋଇଥିଲା। ପ୍ରତିପକ୍ଷ ବୋଲର ଉଦୟ ସବ୍ୟସାଚୀ ୩ ଓ ଚିନ୍ମୟ ବିଶ୍ୱାଳ ୨ଟି ୱିକେଟ୍ ନେଇଥିଲେ। ଜବାବରେ ପାରାଦୀପ ୪୧.୨ ଓଭରରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଶାଶ୍ୱତ ୧୦୧ ବଲରେ ୧୧୮ ରନ କରି ଅପରାଜିତ ରହିଥିଲେ।

**ଟୁକୁନାଙ୍କ ୪ ୱିକେଟ୍ ଓ ୬୮ ରନ:** ଦିବସର ୩ୟ ମ୍ୟାଚରେ ଅନୁଗୋଳ ୮୬ ରନରେ ବୌଦ୍ଧକୁ ପରାସ୍ତ କରିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୪୪ ଓଭରରେ ୧୮୨ ରନରେ ସୀମିତ ରହିଥିଲା। ଟୁକୁନା ସାହୁ ସର୍ବାଧିକ ୬୮ ରନ କରିଥିଲେ। ଜବାବରେ ବୌଦ୍ଧ ୯୬ରେ ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ମଧ୍ୟ ଟୁକୁନା ୫ ଓଭରରେ ୨ ମେଡେନ ସହ ମାତ୍ର ୧୦ ରନ ବ୍ୟୟ କରି ୪ ୱିକେଟ୍ ଅକ୍ତିଆର କରିଥିଲେ।



ଆକାଶ ମହାପାତ୍ର



ଶାଶ୍ୱତ ମହାନ୍ତି



ଟୁକୁନା ସାହୁ

## ପାୱେଲ୍ ଓ ହେଟ୍‌ମାୟରଙ୍କ ବିସ୍ଫୋରକ ବ୍ୟାଟିଂ

# ରାଜସ୍ଥାନ ରୟାଲ୍ସର ୫ମ ବିଜୟ



ମୋହାଲି, ୧୩।୪(ଏଜେନ୍ସି)

ଦୁଇ ୱେଷ୍ଟଇଣ୍ଡିଜ୍ ଖେଳାଳି ସିମରନ୍ ହେଟମାୟର (୧୦ ବଲ୍‌ରେ ଅପରାଜିତ ୨୭ରନ୍) ଓ ରୋଭମ୍ୟାନ୍ ପାୱେଲ (୫ବଲ୍‌ରେ ୧୧ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଗୋଟିଏ ବଲ୍ ବାକି ଥାଇ ୩ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଛି। ଏହା ଫଳରେ ୬ଷ୍ଠ ମ୍ୟାଚ୍‌ରୁ ୫ମ ବିଜୟ ହାସଲ କରିଥିବା ରାଜସ୍ଥାନ ପଏଣ୍ଟ ସାରଣୀର ଶୀର୍ଷସ୍ଥାନ ବଜାୟ ରଖିଛି। ବୋଲରଙ୍କୁ ସହାୟତା ଦେଉଥିବା ମୁଲାନପୁରର ଏହି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ୮ ୱିକେଟରେ କରିଥିଲା୧୪୭ ରନ୍। ଜବାବରେ ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ପ୍ରତିପକ୍ଷ ରାଜସ୍ଥାନ ଲାଗି କଷ୍ଟକର ନ ଥିଲା। ଦଳ ପ୍ରଥମ ୱିକେଟରେ ଉଠାଇଥିଲା ୫୬ ରନ୍। ପ୍ରଥମ ୪ ବ୍ୟାଟର ଯଥା ତନୁସ କୋଟିଆନ (୨୪), ଯଶସ୍ୱୀ ଜୟସ୍ୱାଲ (୩୯), ସଞ୍ଜୁ ସାମସନ (୧୮) ଓ ରିଆନ ପରାଗ (୨୩) ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର କରି ପାରି ନଥିଲେ। ଏହି ସମୟରେ ଦଳ ୧୧୩ ରନ୍‌ରେ ଚତୁର୍ଥ ୱିକେଟ ହରାଇଥିଲା। ମିଡଲ ଅର୍ଡରରେ ଧ୍ରୁବ ଜୁରେଲ ୬, କେଶବ ମହାରାଜ ୧ ରନ କରି ଆଉଟ ହୋଇଥିଲେ। ଦଳର ତାରକା ବ୍ୟାଟର ଆଉଟ ହୋଇଥିଲାବେଳେ ଶେଷ ୩ ଓଭରରେ ବିଜୟ ଲାଗି ଦରକାର ଥିଲା ୩୪ ରନ୍। ଏହି ସମୟରେ ୧୮ତମ ଓଭର ବୋଲିଂ କରିଥିବା ହର୍ଷଲ ପଟେଲ ୧୪, ୧୯ତମ ଓଭର ବୋଲିଂ କରିଥିବା ସାମ କୁରାନ ୨ ୱିକେଟ ନେଇ ୧୦ ରନ୍ ଦେଇଥିଲେ। ଶେଷ ଓଭର ଅର୍ଥାତ୍ ୬ଟି ବଲ୍‌ରେ ୧୦ ରନ୍ ଦରକାର ଥିଲାବେଳେ ସିମରନ ହେଟମାୟର ଦୁଇଟି ଛକା ମାରି ଦଳକୁ ୩ ୱିକେଟରେ ବିଜୟୀ କରାଇଥିଲେ। ହେଟମାୟର ୧୦ ବଲ୍‌ରୁ ୧ଚୌକା ଓ ୩ଛକା ସହ ଅପରାଜିତ ୨୭ ରନ୍ କରି ଦଳକୁ ଜିତାଇଥିଲେ। ପଞ୍ଜାବ ପକ୍ଷରୁ କାଗିସୋ ରାବାଡ଼ା ଓ ସାମ କୁରାନ ୨ଟି ଲେଖାଏଁ ୱିକେଟ ନେଇଥିଲେ।

### ଭଲ ଖେଳିଲେ ଜିତେଶ, ଆଶୁତୋଷ

ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ପଞ୍ଜାବକୁ ଆମନ୍ତ୍ରଣ କରିଥିଲେ। ସାମସନଙ୍କ ବିଶ୍ୱାସ ଅନୁଯାୟୀ ବୋଲରମାନେ ପ୍ରଦର୍ଶନ କରିଥିଲେ। ଚତୁର୍ଥ ଓଭରରେ ନୂଆ ଓପନର ଅଥର୍ବ ତାଇଡେ (୧୫)ଙ୍କୁ ଆଉଟ କରି ଆଭେଷ ଖାନ୍ ବ୍ରେକ୍‌ଥ୍ରୁ ଦେଇଥିଲେ। ତାଙ୍କ ସ୍ଥାନରେ ବ୍ୟାଟିଂ କରିବାକୁ ଆସି ପ୍ରଭସିମରନ ସିଂ (୧୦) ଭଲ ଆରମ୍ଭ କରିଥିଲେ ମଧ୍ୟ ବେଶି ସମୟ ତିଷ୍ଠି ନ ଥିଲେ। ସଂଘର୍ଷ କରୁଥିବା ଜନି ବେୟାରଷ୍ଟୋ (୧୫) ଓ କାମଚଳା ଅଧିନାୟକ ସାମ କୁରାନ (୬) ରନ କରି ଆଉଟ ହୋଇଥିଲେ। କିନ୍ତୁ ୧୩ତମ ଓଭରର ପ୍ରଥମ ବଲ୍‌ରେ ଶଶାଙ୍କ ସିଂ ୯ବଲ୍‌ରେ ୯ ରନ୍ କରି ଆଉଟ ହୋଇଯିବା ଫଳରେ ପଞ୍ଜାବ ୭୦ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଜିତେଶ ଶର୍ମା ୨୪ ବଲ୍‌ରେ ୧ ଚୌକା ଓ ୨ଛକା ସହ ୨୯ ରନ୍ କରିଥିଲେ। ସେ ବଡ଼ ସଟ୍ ଖେଳିଥିଲେ ମଧ୍ୟ ବଡ଼ ପାଳି ଖେଳି ପାରି ନଥିଲେ। ଲିଆମ ଲଭିଙ୍ଗଷ୍ଟୋନ୍‌ଙ୍କ ମଧ୍ୟ ସମାନ ଅବସ୍ଥା ହୋଇଥିଲା। ସେ ମାତ୍ର ୧୪ ବଲ୍‌ରେ ୨୧ ରନ୍ କରି ଆଉଟ ହୋଇଥିଲେ। ୧୨୭ ରନ୍‌ରେ ୭ମ ୱିକେଟର ପତନ ହୋଇଥିଲା। ଏହା ଫଳରେ ପଞ୍ଜାବ ବାଧ୍ୟ ହୋଇ ଆଶୁତୋଷ ଶର୍ମାଙ୍କୁ ଇମ୍ପାକ୍ଟ ଖେଳାଳିଭାବେ ଆଣିଥିଲା। ସେ ମାତ୍ର ୧୬ ବଲ୍‌ର ସମ୍ମୁଖୀନ ହୋଇ ୧ ଚୌକା ଓ ୩ଟି ଛକା ସହ ୩୧ ରନ୍‌ରେ ଆଉଟ ହୋଇଥିଲେ। ସେ ଯଦି ଏହି ସ୍କୋର କରି ନଥାନ୍ତେ ଦଳ ଏତେ ବାଟ ଯାଇ ପାରି ନ ଥାନ୍ତା। ଏହା ପୂର୍ବରୁ ଗତ ଦୁଇଟି ମ୍ୟାଚ୍‌ରେ ଶଶାଙ୍କ ସିଂ ଓ ଆଶୁତୋଷ ଶର୍ମା ପଞ୍ଜାବ ଲାଗି ବେଶ ପ୍ରଭାବଶାଳୀ ବ୍ୟାଟିଂ କରିଥିଲେ।

ରାଜସ୍ଥାନ ପକ୍ଷରୁ ଯଦିଓ ପେସର ଆଭେଷ ଖାନ ଓ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ପାଇଥିଲେ, କିନ୍ତୁ ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଥିଲେ। ବିଶେଷ କରି ଆରମ୍ଭରେ ପେସ୍ ବୋଲର ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲାବେଳେ ମିଡଲ ଓଭରରେ ଯୁଜବେନ୍ଦ୍ର ଚହଲ ଓ ମହାରାଜ କାହାରିକୁ ହାତଖୋଲା ସଟ୍ ଖେଳିବାକୁ ଦେଇ ନ ଥିଲେ। ଏହା ଫଳରେ ପଞ୍ଜାବର ବ୍ୟାଟିଂ ଫେଲ ମାରିଥିଲା।

### ଧାୱନଙ୍କ ସ୍ଥାନରେ କୁରାନ

ଏହି ମ୍ୟାଚ୍‌ରେ ପଞ୍ଜାବର ନେତୃତ୍ୱ ନେଇଥିଲେ ଇଂଲଣ୍ଡ ଅଲରାଉଣ୍ଡର ସାମ କୁରାନ। ନିୟମିତ ଅଧିନାୟକ ଶିଖର ଧାୱନଙ୍କ ସମେତ ଅନେକ ଖେଳାଳି ପରିବର୍ତ୍ତନ କରାଯାଇଥିଲା। ଦଳର ବ୍ୟାଟିଂ ଫେଲ ହେବାରୁ ଆଶୁତୋଷ ଶର୍ମାଙ୍କୁ ବାଧ୍ୟ ହୋଇ ଇମ୍ପାକ୍ଟ ଖେଳାଳି ଭାବେ ନିଆଯାଇଥିଲା। ଲିଆମ ଲିଭିଙ୍ଗଷ୍ଟୋନଙ୍କୁ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ସେହିପରି ଜୋଶ ବଟଲରଙ୍କ ସ୍ଥାନରେ ତନୁଷ କୋଟିଆନ ରାଜସ୍ଥାନ ପକ୍ଷରୁ ପାଳି ଆରମ୍ଭ କରିଥିଲେ। ଏପରିକି ଜୟସ୍ୱାଲଙ୍କୁ ମଧ୍ୟ ରାଜସ୍ଥାନ ଇମ୍ପାକ୍ଟ ଖେଳାଳି ଭାବେ ନେଇଥିଲା।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**କୋଲକାତା- ଲକ୍ଷ୍ନୌ**
ସ୍ଥାନ-କୋଲକାତା, ସମୟ-ଅପରାହ୍ଣ ୩.୩୦

**ମୁମ୍ବାଇ- ଚେନ୍ନାଇ**
ସ୍ଥାନ- ମୁମ୍ବାଇ, ସମୟ- ରାତି ୭.୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

**ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୬ | ୫ | ୧ | ୧୦ | +୦.୭୬୭ |
| କୋଲକାତା | ୪ | ୩ | ୧ | ୬ | +୧.୫୨୮ |
| ଚେନ୍ନାଇ | ୫ | ୩ | ୨ | ୬ | +୦.୬୬୬ |
| ଲକ୍ଷ୍ନୌ | ୫ | ୩ | ୨ | ୬ | +୦.୪୩୬ |
| ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ | ୬ | ୩ | ୩ | ୬ | -୦.୬୩୭ |
| ମୁମ୍ବାଇ | ୫ | ୨ | ୩ | ୪ | -୦.୦୭୩ |
| ପଞ୍ଜାବ | ୬ | ୨ | ୪ | ୪ | -୦.୨୧୮ |
| ଦିଲ୍ଲୀ | ୬ | ୨ | ୪ | ୪ | -୦.୯୭୫ |
| ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |

## ବଟଲରଙ୍କ ପସନ୍ଦ ଶାହରୁଖ



**ମୁମ୍ବଇ, ୧୩।୪(ଏଜେନ୍ସି):** ବର୍ତ୍ତମାନ ଭାରତରେ ଲାଗିଛି ଆଇପିଏଲ୍ ଜ୍ୱର। ପ୍ରଚଣ୍ଡ ଗରମ ସାଙ୍ଗକୁ ନିର୍ବାଚନି ତାତି ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲାବେଳେ କ୍ରିକେଟପ୍ରେମୀ ମାନେ ଆନନ୍ଦ ଉଠାଉଛନ୍ତି। ଏଭଳି ସ୍ଥିତିରେ ରାଜସ୍ଥାନ ରୟାଲ୍ସର ଦୁଇ ବିଦେଶୀ ଖେଳାଳି ହାଲ୍‌କା ସମୟରେ କିଛି ଆଲୋଚନା କରୁଥିବାର ଏକ ଭିଡିଓ ଟିମ୍ ପକ୍ଷରୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଏଥିରେ ଦଳର ଓପନିଂ ବ୍ୟାଟର ତଥା ଇଂଲଣ୍ଡ ସୀମିତ ଓଭର ଦଳର ଅଧିନାୟକ ଜୋସ୍ ବଟଲର ଆଲୋଚନା ପ୍ରସଙ୍ଗରେ ତାଙ୍କ ପସନ୍ଦ ସମ୍ପର୍କରେ ମତ ଦେଇଛନ୍ତି। ଆଲୋଚନା ସମୟରେ ବଟଲରଙ୍କ ଆତ୍ମଜୀବନୀ ଉପରେ ଯଦି ଏକ ଚଳଚ୍ଚିତ୍ର ନିର୍ମାଣ କରାଯାଏ ତେବେ ଏହି ଭୂମିକା ବଲିଉଡ୍‌ର କେଉଁ କଳାକାର ଅଭିନୟ କରିବାକୁ ଆପଣ ପସନ୍ଦ କରିବେ ବୋଲି ପ୍ରଶ୍ନ କରାଯାଇଥିଲା। ସୁପରଷ୍ଟାର ଶାହରୁଖ ଖାନ୍ ତାଙ୍କର ପସନ୍ଦ ବୋଲି ବଟଲର ମତ ଦେଇଥିଲେ। ସେହିପରି 'ଫ୍ରେଣ୍ଡସ' ଟିଭି ସିରିଏଲ ତାଙ୍କର ପସନ୍ଦ ବୋଲି ମଧ୍ୟ ସେ କହିଛନ୍ତି। ଚଳିତ ଆଇପିଏଲ୍‌ରେ ବଟଲର ରାଜସ୍ଥାନ ପକ୍ଷରୁ ପ୍ରଥମ ୫ଟି ମ୍ୟାଚ୍‌ରେ ଖେଳି ୩୫.୭୫ ହାରରେ ୧୪୩ ରନ୍ କରିଥିଲେ। ଏହା ମଧ୍ୟରେ ଗୋଟିଏ ଶତକ ସାମିଲ ରହିଛି। ସେହିପରି ଟ୍ରେଣ୍ଟ ବୋଲ୍ଟଙ୍କୁ ବଟଲରଙ୍କ ପ୍ରଶ୍ନ ଥିଲା ମୋବାଇଲ୍‌ରେ କାହା ସମ୍ପର୍କରେ ସନ୍ଧାନ କରିଛ? ଉତ୍ତରରେ ବୋଲ୍ଟ କହିଥିଲେ 'ଟ୍ରେଣ୍ଟ ବୋଲ୍ଡ ଡିସମିସିଙ୍ଗ ଜୋସ୍ ବଟଲର'। ଏଥିରେ ଉଭୟ ଖେଳାଳି ହସିଥିଲେ। ସେହିପରି ଭାରତୀୟ ଖେଳାଳିଙ୍କ ମଧ୍ୟରେ ଲୋକେଶ ରାହୁଲ ତାଙ୍କର ପସନ୍ଦ ବୋଲି ବୋଲ୍ଟ କହିଥିଲେ।

## ଷ୍ଟାର୍କଙ୍କୁ ସମର୍ଥନ କରୁଛନ୍ତି ଗମ୍ଭୀର



ଚଳିତ ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଖେଳୁଥିବା ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଫର୍ମରେ ନାହାନ୍ତି। ସେ ନିଜ ଦକ୍ଷତା କିମ୍ବା ମାନ୍ୟତା ଅନୁଯାୟୀ ଖେଳ ପ୍ରଦର୍ଶନ କରିପାରି ନାହାନ୍ତି। ଏହାକୁ ନେଇ ସମାଲୋଚନା ହେବା ସ୍ୱାଭାବିକ୍। ଏହାକୁ କିନ୍ତୁ ଗୁରୁତ୍ୱ ଦିଅନ୍ତି ନାହିଁ ଦଳର ମେଣ୍ଟର ତଥା କିମ୍ବଦନ୍ତୀ କ୍ରିକେଟର ଗୌତମ ଗମ୍ଭୀର। ଗମ୍ଭୀରଙ୍କ ମତରେ ଦଳ ଯେତେବେଳ ଯାଏ ସଫଳତା ପାଉଥିବ ସେଥିରେ ଜଣେ ଖେଳାଳିଙ୍କ ବିଫଳତାକୁ ଗୁରୁତ୍ୱ ଦିଆଯାଏ ନାହିଁ। ଅବଶ୍ୟ ସେ ସ୍ୱୀକାର କରନ୍ତିଯେ ଜଣେ ଜଣେ ଖେଳାଳିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଯୋଗୁ ଦଳକୁ ସଫଳତା ମିଳିଥାଏ। ଫାଷ୍ଟ ବୋଲର ଷ୍ଟାର୍କଙ୍କୁ ୨୪.୭୫ କୋଟି ଟଙ୍କାରେ କିଣିଛି କୋଲକାତା। ଏତେ ଦାମ୍‌ରେ ଆସି ବିଫଳ ହେଲେ ସମାଲୋଚିତ ହେବା ସ୍ୱାଭାବିକ୍। ସେ ୪ଟି ମ୍ୟାଚ୍ ଖେଳି ଓଭର ପ୍ରତି ୧୧ ରନ୍ ବିନିମୟରେ ମାତ୍ର ୨ଟି ୱିକେଟ ପାଇଛନ୍ତି। କିନ୍ତୁ ଯେ ପ୍ରଭାବଶାଳୀ ହୋଇ ପାରୁ ନଥିବାରୁ ଟିମ୍‌ର ଚିନ୍ତା ବଢ଼ାଇଛନ୍ତି। ଟି-୨୦ କ୍ରିକେଟରେ ବୋଲରଙ୍କୁ ନିର୍ମମ ପ୍ରହାର କରିବା ସାଧାରଣ କଥା। କ୍ରିକେଟ ଭଳି ଦଳଗତ ଖେଳରେ ବ୍ୟକ୍ତିର ଭୂମିକା ନାହିଁ। ଷ୍ଟାର୍କ ଆଦୌ ଜଣେ ଖରାପ ବୋଲର ନୁହଁନ୍ତି ବୋଲି ଗମ୍ଭୀର କହିଛନ୍ତି।

## ଦିଲ୍ଲୀକୁ ଝଟ୍‌କା; ସ୍ୱଦେଶ ଫେରିଲେ ମାର୍ଶ

**ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଦଳକୁ ଝଟ୍‌କା ଲାଗିଛି। ଦଳର ତାରକା ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ମିଚେଲ ମାର୍ଶ ଆଘାତଜନିତ କାରଣ ଲାଗି ଶନିବାର ସ୍ୱଦେଶ ଫେରିଯାଇଛନ୍ତି। ତେଣୁ ଜୁନରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ସେ ସୁସ୍ଥ ହେବା ଲାଗି ଅଷ୍ଟ୍ରେଲିଆ ଫେରିଯାଇଥିବା ଜଣାପଡ଼ିଛି। ଚଳିତ ଆଇପିଏଲ୍‌ରେ ମାର୍ଶ ୩ଟି ମ୍ୟାଚରେ ମାତ୍ର ୬୧ ରନ କରିଥିଲେ।

# ବିଶ୍ୱକପ୍ ଟ୍ରଫି ସହ ଭାବପ୍ରବଣ ଧୋନି



ମୁମ୍ବଇ, ୧୩।୪ (ଏଜେନ୍ସି)

ଭାରତୀୟ କ୍ରିକେଟ୍ ଦଳର ସବୁଠାରୁ ସଫଳତମ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ଶନିବାର ବିଶ୍ୱକପ୍ ଟ୍ରଫି ସହ ଏକ ଭାବପ୍ରବଣ ମୁହୂର୍ତ୍ତରେ ଦେଖିବାକୁ ମିଳିଥିଲା। ଆଇପିଏଲ୍ ମ୍ୟାଚ୍ ଖେଳିବା ଲାଗି ମୁମ୍ବଇ ଗସ୍ତରେ ଥିବାବେଳେ ଧୋନି ଶନିବାର ସ୍ଥାନୀୟ ବିସିସିଆଇ ମୁଖ୍ୟାଳୟକୁ ଯାଇଥିଲେ। ଯେଉଁଠାରେ ସେ ୨୦୧୧ ବିଶ୍ୱକପ୍ ଟ୍ରଫିକୁ ଧରିଥିବାର ଦେଖିବାକୁ ମିଳିଥିଲା। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଏହାର ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଧୋନି ବିଶ୍ୱକପ୍ ଟ୍ରଫିକୁ ଧରିଥିବାର କେତୋଟି ଫଟୋ ସେୟାର କରିଥିଲା। ଯେଉଁଥିରେ 'ମେଡ୍ ଫର୍ ଇଚ୍ ଅଦର୍' ବୋଲି କ୍ୟାପସନ ଦିଆଯାଇଥିଲା। ଏହି ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି।

ଉଲ୍ଲେଖଯୋଗ୍ୟ, ଧୋନିଙ୍କ ନେତୃତ୍ୱରେ ଭାରତ ୨୦୦୭ରେ ଟି-୨୦ ଓ ୨୦୧୧ରେ ଏହି ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମରେ ଏକଦିବସୀୟ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ୨୦୧୧ ଏପ୍ରିଲ ୨ ତାରିଖରେ ମୁମ୍ବଇରେ ଖେଳାଯାଇଥିବା ବିଶ୍ୱକପ୍ ଫାଇନାଲରେ ଭାରତ ୬ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଧୋନିଙ୍କ ବ୍ୟାଟରୁ ବିଜୟସୂଚକ ଛକାଟି ବାହାରିଥିଲା। ଯାହାକୁ କି ଧୋନି ତାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ମୁହୂର୍ତ୍ତ ବୋଲି ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ଏହି ବିଜୟ ସହ ଭାରତ ଦୀର୍ଘ ୨୮ ବର୍ଷ ପରେ ୨ୟଥର ଲାଗି ଏକଦିବସୀୟ ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା।

**ଇଣ୍ଡିଆନ ସୁପର ଲିଗ୍**

## ଅନ୍ତିମ ଲିଗ୍ ମ୍ୟାଚ୍‌ରେ ହାରିଲା ଓଡ଼ିଶା ଏଫ୍‌ସି

ଗୌହାଟୀ,୧୩।୪(ଏଜେନ୍ସି)



ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ୧୦ମ ସଂସ୍କରଣରେ ଓଡ଼ିଶା ଏଫ୍‌ସି ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ପରାସ୍ତ ହୋଇଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥଲେଟିକ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ମୁକାବିଲାରେ ଓଡ଼ିଶା ୦-୩ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡଠାରୁ ପରାସ୍ତ ହୋଇଛି। ପ୍ରଥମାର୍ଦ୍ଧରେ ହିଁ ୩ଟି ଯାକ ଗୋଲ ସ୍କୋର ହୋଇଥିଲା। ନର୍ଥଇଷ୍ଟ ପାଇଁ ଦ୍ୱାଦଶ ମିନିଟ୍‌ରେ ପାର୍ଥୀବ ଗୋଗୋଇ, ୧୬ତମ ମିନିଟ୍‌ରେ ନେଷ୍ଟୋର ଅଲବାଇଆକ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମ୍‌ର ତୃତୀୟ ମିନିଟ୍‌ରେ କୋନସାମ ଫାଲଗୁନି ସିଂ ତୃତୀୟ ତଥା ଅନ୍ତିମ ଗୋଲ ଦେଇ ନର୍ଥଇଷ୍ଟର ଅଗ୍ରଣୀକୁ ବୃଦ୍ଧି କରିଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନହେବା କାରଣରୁ ଶେଷରେ ନର୍ଥ ଇଷ୍ଟ ବାଜି ମାରିଥିଲା। ଓଡ଼ିଶା ଗୋଟିଏ ହେଲେ ବି ଗୋଲ ଦେବାକୁ ସକ୍ଷମ ହୋଇ ନଥିଲା। ଓଡ଼ିଶା ପ୍ଲେ-ଅଫ୍ ଖେଳିବା ପୂର୍ବରୁ ସ୍ପଷ୍ଟ ହୋଇଛି। ତେବେ ବିଜୟ ସହ ନର୍ଥଇଷ୍ଟ ଅଭିଯାନ ଶେଷ କରିଛି। ଓଡ଼ିଶା ପ୍ରଥମ କ୍ଲବ ଭାବେ ପ୍ଲେ- ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଆସନ୍ତା ୧୯ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ନକ୍‌ଆଉଟ୍ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସିକୁ ଭେଟିବ।

ଓଡ଼ିଶା ଅଧିକ ସମୟ ବଲକୁ ଅକ୍ତିଆରରେ ରଖିଥିଲା। ପାସ୍ ଓ ପାସ୍ ଆକ୍ୟୁରେସିରେ ମଧ୍ୟ ଓଡ଼ିଶା ଆଗରେ ରହିଥିଲା। ତେବେ ସଟ୍ ଓ ସଟ୍ ଅନ୍ ଟାର୍ଗେଟରେ ନର୍ଥଇଷ୍ଟ ଆଗରେ ରହିଥିଲା। ଏଥିସହ ଓଡ଼ିଶା ୨୨ଟି ମ୍ୟାଚ୍ ଖେଳି ୧୧ ବିଜୟ, ୬ ଡ୍ର ସ ୫ ପରାଜୟ ସହ ୩୯ ପଏଣ୍ଟ ହାସଲ କରି ଅଙ୍କ ସାରଣୀର ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ନର୍ଥଇଷ୍ଟ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୬ ବିଜୟ ଓ ୮ଟି ଲେଖାଏ ଡ୍ର ଓ ପରାଜୟ ସହ ୨୬ ଅଙ୍କ ହାସଲ କରି ୭ମ ସ୍ଥାନରେ ରହିଛି। ଅନ୍ୟପଟେ ମୁମ୍ବାଇ ସିଟି ଏଫ୍‌ସି ଆଉ ଗୋଟିଏ ମ୍ୟାଚ୍ ବାକି ଥାଇ ୨୧ ମ୍ୟାଚରୁ ୧୪ ବିଜୟ, ୫ ଡ୍ର ଓ ୨ ପରାଜୟ ସହ ୪୭ ପଏଣ୍ଟ ହାସଲ କରି ଶୀର୍ଷରେ ରହିବା ସହ ଲିଗ୍ ଶିଲ୍ଡ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛି।

**ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ**

## ଫାଇନାଲରେ ସିତ୍‌ସିପାସ୍, ଜୋକୋଭିଚ୍‌ଙ୍କ ବିପର୍ଯ୍ୟାୟ

**ମଣ୍ଟେକାର୍ଲୋ,୧୩।୪(ଏଜେନ୍ସି):** ଏଠାରେ ଚାଲିଥିବା ମଣ୍ଟେକାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟର ଏକକ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଗ୍ରୀସ୍‌ର ଦ୍ୱାଦଶ ସିଡ୍ ଖେଳାଳି ଷ୍ଟିଫାନୋସ୍ ସତସିପାସ ଏକକ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ଟପ୍ ସିଡ୍ ସର୍ବିୟାର ନୋଭାକ ଜୋକୋଭିଚ୍ ସେମିରେ ଅଷ୍ଟମ ସିଡ୍ ନରୱେର କାସ୍ପେର ରୁଡ୍‌ଙ୍କୁଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ସିତସିପାସ ୬-୪, ୩-୬, ୬-୪ ସେଟ୍‌ରେ ଦ୍ୱିତୀୟ ସିଡ୍ ଇଟାଲୀର ଜାନିକ ସିନରଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ଫାଇନାଲରେ ସିତସିପାସ ଟାଇଟଲ ପାଇଁ ରୁଡ୍‌ଙ୍କୁ ଭେଟିବେ। ଅନ୍ୟଏକ ସେମିରେ ରୁଡ୍ ୬-୪, ୧-୬, ୬-୪ ସେଟ୍‌ରେ ଜୋକୋଭିଚ୍‌ଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ଫାଇନାଲରେ ପ୍ରବେଶ କରିଛନ୍ତି। ମଣ୍ଟେ କାର୍ଲୋ ମାଷ୍ଟର୍ସ ଯୁଗଳ ପ୍ରତିଯୋଗିତାରେ ବେଲଜିୟମ ଯୋଡି ସାଣ୍ଡର ଗିଲେ ଓ ଜୋର୍ଡାନ ଭିଲେଗେନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମି ଫାଇନାଲରେ ଏହି ଅଣସିଡ୍ ଯୋଡି ୭-୫, ୬-୪ ସିଧାସଳଖ ସେଟ୍‌ରେ ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଓ ସ୍ପେନ୍‌ର ମାର୍ସେଲ ଗ୍ରାନୋଲେର୍ସଙ୍କୁ ହରାଇ ଟାଇଟଲ ମୁକାବିଲା ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

# ଫେଡେରେସନ କପ୍ ସୁନ୍ଦର ସ୍ୱାସ୍ଥ୍ୟ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୩।୪ (ସମିସ)

ଗୋଆରେ ଅନୁଷ୍ଠିତ ଫେଡେରେସନ କପ୍ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶାର ୩ଜଣ ପ୍ରତିଯୋଗୀ ପଦକ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅମିତ କୁମାର ଭୂୟାଁ ସ୍ୱର୍ଣ୍ଣ, ବାଦଲ ବେହେରା ରୌପ୍ୟ ଓ ବିନ୍ଦୁସାଗର କଳସ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ପଦକ ବିଜେତାଙ୍କୁ ଓଡ଼ିଶା ସୁନ୍ଦରସ୍ୱାସ୍ଥ୍ୟ ସଂଘ ପକ୍ଷରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଉତ୍କଳ କରାଟେ ସ୍କୁଲରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ଉପସଭାପତି ବାବୁଲି ସ୍ୱାଇଁ, ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାପ୍ରଶାସକ ହରିପ୍ରସାଦ ପଟ୍ଟନାୟକ, ଚିତ୍ତରଞ୍ଜନ ସ୍ୱାଇଁ, ମନ୍ମଥ ମିଶ୍ର, ଗଞ୍ଜାମ ଜିଲ୍ଲାର ରାଜେଶ ବାବୁ ଆଚାରୀ, ପ୍ରଫୁଲ୍ଲ ଗୁରୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। କୃତିତ୍ୱ ଅର୍ଜନ କରି ରାଜ୍ୟର ଗୌରବ ବଢ଼ାଇଥିବା ଏହି ପ୍ରତିଯୋଗୀମାନଙ୍କୁ ଚାକିରି ପ୍ରଦାନ କରିଥିବାରୁ ରାଜ୍ୟସରକାରଙ୍କୁ ସଂଘ ପକ୍ଷରୁ ଅଶେଷ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA